# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୧୨/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 12/2020 | ★★★★
୪୬ଶ ଭାଗ ୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



## ପୁରସ୍କାର ଦୌଡ଼ରେ ତେନ୍ଦୁଲକର

ଲୌରେସ ସ୍ପୋର୍ଟିଂ ମୁଭମେଣ୍ଟ ୨୦୦୦-୨୦୨୦ ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାରେ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ନାମ ସ୍ଥାନ ପାଇଛି।

୧୪

୦୯

## ମୁଁ ବି ଜଣେ ଭଲ ମାଆ: ସାକ୍ଷୀ ତନ୍ୱର

ଛୋଟ ପରଦାରେ 'କହାନୀ ଘର ଘର କୀ'ରେ ଅଭିନୟ କରି ଲୋକପ୍ରିୟତା ଅର୍ଜନ କରିଥିବା ସାକ୍ଷୀ ତନ୍ୱର ନିଜକୁ ଜଣେ ଭଲ ମାଆ ବୋଲି କହିଛନ୍ତି।




ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ■ ସ୍ୱତନ୍ତ୍ର ସଂକଳ୍ପକୁ କ୍ୟାବିନେଟ ମୋହର

# ରାଜ୍ୟରେ ହେବ ଜାତିଭିତ୍ତିକ ଜନଗଣନା



ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଉଛନ୍ତି।

- ■ ସାମାଜିକ, ଆର୍ଥିକ, ପଛୁଆବର୍ଗଙ୍କୁ ସାମିଲ
- ■ ୨୦୨୧ରୁ ଏକାସଙ୍ଗେ ହେବ ଗଣନା
- ■ ୧୫୦ତମ ଜୟନ୍ତୀରେ ମହାତ୍ମା ଗାନ୍ଧୀଙ୍କୁ ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି: ମନ୍ତ୍ରୀ

**ଭୁବନେଶ୍ୱର, ୧୧।୧ (ବ୍ୟୁରୋ)**

ରାଜ୍ୟରେ ସାମାଜିକ, ଆର୍ଥିକ ଏବଂ ଜାତିଭିତ୍ତିକ ଜନଗଣନା ହେବ। ୨୦୨୧ ଜନସଂଖ୍ୟା ଗଣନା ବେଳେ ଏକା ସାଙ୍ଗରେ ଏହି ଗଣନା କରାଯିବ। ସାମାଜିକ, ଆର୍ଥିକ ପଛୁଆ ବର୍ଗ(ଏସଇବିସି), ଏସ୍‌ସି/ଏସ୍‌ଟିଙ୍କର ସ୍ୱତନ୍ତ୍ର ଗଣନା କରିବେ। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ନେଇ ଏକ ସଂକଳ୍ପକୁ ଅନୁମୋଦନ କରାଯାଇଛି। ଗତ ଦୁଇ ଦଶନ୍ଧି ଧରି ମାନବ ସୂଚକାଙ୍କରେ ରାଜ୍ୟ ଉଲ୍ଲେଖନୀୟ ପ୍ରଗତି କରିଥିଲେ ମଧ୍ୟ ସାମଗ୍ରିକ ଅଭିବୃଦ୍ଧି ପାଇଁ ଜାତିଭିତ୍ତିକ ଜନଗଣନା ଜରୁରୀ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

୨୦୨୧ ଜନଗଣନା ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିଲେ ମଧ୍ୟ ସାମାଜିକ, ଆର୍ଥିକ ଓ ଜାତିଭିତ୍ତିକ ଗଣନା ପାଇଁ କୌଣସି ବ୍ୟବସ୍ଥା ହୋଇ ନାହିଁ। ରାଜ୍ୟର ଦୁର୍ବଳ ବର୍ଗର ଲୋକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କର ପ୍ରକୃତ ସଂଖ୍ୟା ଗଣାଯାଇ ନ ଥିବାରୁ ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷେ ସମସ୍ୟା ସୃଷ୍ଟି ହେଉଛି। ୨୦୧୧ରେ ସାମାଜିକ, ଆର୍ଥିକ ଜନଗଣନା ହୋଇଥିଲେ ମଧ୍ୟ ତାହାକୁ ପ୍ରକାଶ କରାଯାଇ ପାରିନାହିଁ। ଏଥିଯୋଗୁ ଆସନ୍ତା ଜନଗଣନା ବେଳେ ଏଥିପାଇଁ ଏକ ସ୍ୱତନ୍ତ୍ର କଲମ ରହିବ। କ୍ୟାବିନେଟ ନିଷ୍ପତ୍ତି ପରେ ଏହାକୁ କେନ୍ଦ୍ର ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯିବ।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ସାମାଜିକ, ଆର୍ଥିକ ଓ ଜାତିଭିତ୍ତିକ ଗଣନା କରିବା ନେଇ ରାଜ୍ୟ ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ "ଯେତେବେଳେ ଅର୍ଥନୈତିକ ଏକତା ଦେଖାଦେବ ସେତେବେଳେ ପୂର୍ଣ୍ଣ ସ୍ୱାଧୀନତା ମିଳିପାରିବ। ଆମେ ସମାନ ଭାବେ ଜନ୍ମ ନେଇଛୁ, ଆମ ସମସ୍ତଙ୍କୁ ସମାନ ସୁଯୋଗ ମିଳିବା ଦରକାର।" ଗାନ୍ଧିଜୀଙ୍କ ଏହି ଚିନ୍ତାଧାରାକୁ ସମ୍ବିଧାନରେ ସ୍ଥାନିତ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୧୫(୪) ଅନୁଯାୟୀ ରାଜ୍ୟ ସରକାର ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପଛୁଆ ଥିବା ବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବ୍ୟବସ୍ଥା ରହିଛି। ଅନୁଚ୍ଛେଦ-୪୬ରେ ଦୁର୍ବଳ ଶ୍ରେଣୀଙ୍କ ସାମାଜିକ ଓ ଶିକ୍ଷାଗତ ଉନ୍ନତି ପାଇଁ ସ୍ୱତନ୍ତ୍ର ଯତ୍ନ ନେବାକୁ କୁହାଯାଇଛି। ଅନୁଚ୍ଛେଦ ୧୬(୪) ଅନୁଯାୟୀ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବାକୁ ବ୍ୟବସ୍ଥା ରହିଛି। ଗଣନା ହୋଇ ନ ଥିବାରୁ ସରକାରୀ ଚାକିରିରେ ସେମାନଙ୍କୁ ପର୍ଯ୍ୟାପ୍ତ ନିଯୁକ୍ତି ମିଳିପାରୁ ନାହିଁ। ଦେଶର ସାମାଜିକ ବ୍ୟବସ୍ଥା ମଧ୍ୟରେ ରାଜ୍ୟର ସାମାଜିକ ବିବିଧତା ☞ ପୃଷ୍ଠା-୪

### ବୋଇଂ ୭୩୭ ଦୁର୍ଘଟଣା ନେଇ ଦୋଷ ମାନିଲା ଇରାନ

# ଭୁଲ୍‌ରେ ଖସାଇଥିଲୁ ୟୁକ୍ରେନ ବିମାନ

**ତେହେରାନ, ୧୧।୧ (ଏଏଫ୍‌ପି/ ଆଇଏଏନ୍‌ଏସ୍)**

ଶେଷରେ ଦୋଷ ସ୍ୱୀକାର କରିଛି ଇରାନ। ୮ ତାରିଖରେ ୟୁକ୍ରେନ ବିମାନକୁ ଭୁଲବଶତଃ ମିଶାଇଲ ମାଡ଼ କରି ଖସାଇଦେଇଥିବା ଶନିବାର ମାନିଯାଇଛି। ତେବେ ଏହା ଉଦ୍ଦେଶ୍ୟମୂଳକ ଭାବେ ନୁହେଁ, ବରଂ ଅଜାଣତରେ ହୋଇଥିବା ମାନବକୃତ ତ୍ରୁଟି ବୋଲି ସଫେଇ ଦେଇଛି ଏହି ପଶ୍ଚିମ ଏସୀୟ ଇସ୍‌ଲାମିକ୍ ରାଷ୍ଟ୍ର। ରାଷ୍ଟ୍ରପତି ହାସନ ରୁହାନି ଏହାକୁ ଏକ ଅକ୍ଷମଣୀୟ ଭୁଲ ବୋଲି ସ୍ୱୀକାର କରିଥିବାବେଳେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନି ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ଘଟେ ସେଥିପାଇଁ ସତର୍କ ହେବାକୁ ସଶସ୍ତ୍ର ବଳକୁ ନିର୍ଦ୍ଦେଶ ଦେଇଛନ୍ତି। ୧୭୬ ଜଣଙ୍କ ଜୀବନ ଯାଇଥିବା ଏହି ମାନବକୃତ ଦୁର୍ଘଟଣା ପାଇଁ ଇରାନ କ୍ଷମାମାଗୁ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ୟୁକ୍ରେନ ଓ କାନାଡା ପକ୍ଷରୁ ଦାବି କରାଯାଇଛି।

ଇରାକ ରାଜଧାନୀ ବାଗଦାଦରେ ଥିବା ବିମାନବନ୍ଦରରେ ଗତ ୩ ତାରିଖରେ ଆମେରିକା ସେନା ରକେଟ ମାଡ଼ କରିଥିଲା। ଏଥିରେ ଇରାନ ସେନାର ଶକ୍ତିଶାଳୀ କମାଣ୍ଡର ଜେନେରାଲ କାସିମ ସୋଲେମାନୀ ଓ ଅନ୍ୟ କେତେଜଣ ଅଧିକାରୀ ନିହତ ହୋଇଥିଲେ। ଏହାର ସପ୍ତାହେ ନ ପୂରୁଣୁ ଇରାନ ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଇରାକସ୍ଥିତ ଆମେରିକାର ଦୁଇଟି ସେନାଘାଟିକୁ ଟାର୍ଗେଟ କରିଥିଲା। ଏହାର କିଛି ସମୟ ପରେ ୟୁକ୍ରେନ ବିମାନ ☞ ପୃଷ୍ଠା-୪

**ଚାପରେ ଭୁଲ୍ ସ୍ୱୀକାର**

- ■ କ୍ଷତିପୂରଣ ଦାବି କଲେ କାନାଡା ଓ ୟୁକ୍ରେନ
- ■ ଇରାନକୁ କହିଲେ କ୍ଷମା ମାଗ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ
- ■ ତେହେରାନ କହିଲା ଅନିଚ୍ଛାକୃତ ଭୁଲ୍ ପାଇଁ ଦୁଃଖିତ
- ■ ଶତ୍ରୁପକ୍ଷର ବିମାନ ଭାବି କରିଥିଲୁ ମିଶାଇଲ ମାଡ଼

**ଆଜିର ସମ୍ପାଦକୀୟ**

ବିପଜ୍ଜନକ ବର୍ଷ ହେବ

**ଆଜିର ମନ୍ତବ୍ୟ**

"ସମ୍ବିଧାନ ଏବଂ ନ୍ୟାୟ, ସ୍ୱାଧୀନତା, ସମାନତା, ଭ୍ରାତୃତ୍ୱ ଭଳି ଏହାର ମୂଲ୍ୟବୋଧକୁ ଆମେ ସୁରକ୍ଷା ଦେବୁ।

-ଜେନେରାଲ ଏମ୍.ଏମ୍. ନରୱଣେ, ସ୍ଥଳସେନା ମୁଖ୍ୟ

**କିଛି ତଥ୍ୟ**

ଚଳିତ ବର୍ଷ ନଭେମ୍ବରରେ ଦେଶର ଖଣି କ୍ଷେତ୍ର କାର୍ଯ୍ୟକଳାପ ପ୍ରଭାବିତ ହେବା ଯୋଗୁ ଉତ୍ପାଦନ ୧.୭% ହ୍ରାସ ଘଟିଛି।

-ଏନ୍‌ଏସ୍‌ଓ


Taste the difference! Vencobb FRESH CHICKEN

11.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 79 | 131 | 141 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 80 | 132 | 142 |
| BHM | 78 | 129 | 139 |

*Conditions Apply

Issued in the Interest of Consumers


# ଓଡ଼ିଶାର ଅଂଶୁମାନ ଆଇଇଏସ୍ ଟପ୍ପର




**ଭୁବନେଶ୍ୱର, ୧୧।୧ (ବ୍ୟୁରୋ)**

ଓଡ଼ିଆ ପୁଅ ଅଂଶୁମାନ କାମିଲା ଇଣ୍ଡିଆନ୍ ଇକୋନୋମିକ୍ ସର୍ଭିସ୍ (ଆଇଇଏସ୍) ଟପ୍ପର ହୋଇଛନ୍ତି। ଆଇଇଏସ୍ ୨୦୧୯ ପରୀକ୍ଷାରେ ଯୋଗ୍ୟ ବିବେଚିତ ୩୨ ଜଣଙ୍କ ମଧ୍ୟରେ ଅଂଶୁମାନ ଜଣେମାତ୍ର ଓଡ଼ିଆ। ସେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ସ୍କୁଲରେ ପାଠପଢ଼ା ଶେଷକରିବା ପରେ ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍‌ସ କଲେଜ୍‌ରୁ ଇକୋନୋମିକ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏଥିରେ ଗୋଲ୍ଡ ମେଡାଲ ପାଇବା ସହିତ ସେଣ୍ଟ ☞ ପୃଷ୍ଠା-୪






## ନିର୍ଭୟା ମାମଲା ୧୪ରେ କ୍ୟୁରେଟିଭ୍ ପିଟିଶନ୍‌ର ଶୁଣାଣି

**ନୂଆଦିଲ୍ଲୀ, ୧୧।୧ (ପି.ଟି.)**

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଫାଶୀଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ମଧ୍ୟରୁ ୨ ଜଣ ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ ଦାଏର କରିଥିବାବେଳେ ୧୪ରେ ଏହାର ଶୁଣାଣି ହେବ। ଜଷ୍ଟିସ୍ ଏନ୍.ଭି. ରମାନା, ଅରୁଣ ମିଶ୍ର, ଆର୍.ଏଫ୍. ନରିମାନ, ଆର୍. ବାନୁମଥୀ ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ ମଙ୍ଗଳବାର ଅପରାହ୍ଣ ୧ଟା ୪୫ରେ ପିଶିଟନ୍‌ର ଶୁଣାଣି କରିବେ। ବଳାତ୍କାରୀ ବିନୟ ଶର୍ମା (୨୬) ଓ ମୁକେଶ କୁମାର (୩୨) ଗୁରୁବାର କ୍ୟୁରେଟିଭ୍ ପିଟିଶନ ଦାଏର କରିଥିଲେ। ମୃତ୍ୟୁଦଣ୍ଡ ପାଇଥିବା ଅପରାଧୀଙ୍କ ପାଇଁ କ୍ୟୁରେଟିଭ୍ ପିଟିଶନ ହେଉଛି ଶେଷ ଆଶ୍ରୟ। ଅନ୍ୟ ଦୁଇ ଅପରାଧୀ ଅକ୍ଷୟ କୁମାର ସିଂ ଓ ପୱନ ଗୁପ୍ତା ପିଟିଶନ ଦାଏର କରିନାହାନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର କରାଯିବା ପରେ ରାସ୍ତାରେ ଫିଙ୍ଗିଦିଆଯାଇଥିଲା। ଦୁଇସପ୍ତାହ ଧରି ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଡିସେମ୍ବର ୨୯ରେ ସିଙ୍ଗାପୁରର ଏକ ହସ୍ପିଟାଲରେ ପୀଡ଼ିତା ଆଖିବୁଜିଥିଲେ। ଏହି ମାମଲାରେ ୪ ଅପରାଧୀଙ୍କୁ ଆସନ୍ତା ୨୨ରେ ଫାଶୀ ଦେବା ପାଇଁ ଦିଲ୍ଲୀର ଏକ ଅଦାଲତ ଗତ ମଙ୍ଗଳବାର ୱାରେଣ୍ଟ ଜାରି କରିଥିଲେ।






“ଧର୍ମ ଆଧାରରେ ନାଗରିକତ୍ୱ ପ୍ରଦାନ ସମ୍ବିଧାନର ନୀତି ବିରୁଦ୍ଧ। ବିବାଦୀୟ ସିଏଏକୁ ବିରୋଧ କରିବାର ଏହା ଯଥେଷ୍ଟ କାରଣ।

-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ

# ପିଓକେ ଫେରାଇ ଆଣିବାକୁ ପ୍ରସ୍ତୁତ

ନୂଆଦିଲ୍ଲୀ,୧୧।୧

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଦଖଲ କରିବାକୁ ଯଦି ନିର୍ଦ୍ଦେଶ ମିଳେ ତେବେ ସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେନାଧ୍ୟକ୍ଷ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ଶନିବାର କହିଛନ୍ତି। ପାକ୍ ଅଧିକୃତ ଅଞ୍ଚଳ ସମେତ ସମୁଦାୟ ଜମ୍ମୁ-କଶ୍ମୀର ଭାରତର ବୋଲି ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ ହେବା ଆବଶ୍ୟକ। ପାର୍ଲାମେଣ୍ଟ ଚାହିଁଲେ ପିଓକେ ଆମର ହୋଇପାରିବ। ପିଓକେରେ ବଡ଼ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସେନା ପ୍ରସ୍ତୁତ ହୋଇ ରହିଥିବା ଏକ ସାକ୍ଷାତ୍କାରରେ ସେନାଧ୍ୟକ୍ଷ କହିଛନ୍ତି। ଗତ ଅଗଷ୍ଟ ମାସରେ ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ଏହାକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ସେତେବେଳେ କେତେଜଣ ପୂର୍ବତନ ତଥା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ପିଓକେ ଆମର ବୋଲି ଦାବି ଉଠାଇଥିଲେ। ଗତ ସେପ୍ଟେମ୍ବରରେ




ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ, ପିଓକେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଦିନେ ଆମେ ଏହା ଉପରେ ଅଧିକାର ହାସଲ କରିବୁ। ଏନେଇ ସେନାଧ୍ୟକ୍ଷଙ୍କ ମତାମତ ଲୋଡାଯିବାରୁ ସେ ଉପରୋକ୍ତ ମତ ଦେଇଛନ୍ତି।

୧୩ ଲକ୍ଷ ଯବାନ ବିଶିଷ୍ଟ ଦେଶର ବିଶାଳ ସୈନ୍ୟବାହିନୀ ସମ୍ବିଧାନ ଓ ଏହାର ମୂଲ୍ୟବୋଧର ସୁରକ୍ଷା ପାଇଁ ପ୍ରତିବଦ୍ଧ। ସମ୍ବିଧାନର ମୁଖ୍ୟ ମୂଲ୍ୟବୋଧ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃଭାବ ଆମକୁ ମାର୍ଗଦର୍ଶନ ଦେବ ବୋଲି ଏକ ଖବରଦାତା ସମ୍ମିଳନୀରେ

## ସେନାଧ୍ୟକ୍ଷ ନରୱଣେ କହିଲେ

- ନିର୍ଦ୍ଦେଶ ମିଳିଲେ କାର୍ଯ୍ୟାନୁଷ୍ଠାନ ନେବୁ
- ସମ୍ବିଧାନ ମୂଲ୍ୟବୋଧର ସୁରକ୍ଷା କରିବୁ
- ସେନାରେ ସମନ୍ୱୟ ପାଇଁ ସିଡିଏସ୍ ସୃଷ୍ଟି ବଡ଼ ପଦକ୍ଷେପ



ଜେନେରାଲ ନରୱଣେ କହିଛନ୍ତି। ପୂର୍ବତନ ସେନାମୁଖ୍ୟ ଜେନେରାଲ ବିପିନ ରାୱତ୍‌ଙ୍କ ସମୟରେ ସେନାବାହିନୀର ରାଜନୀତୀକରଣ ନେଇ ଯେଉଁ ସମାଲୋଚନା ହୋଇଥିଲା, ତାହାକୁ ନରୱଣେ ଖଣ୍ଡନ କରି ଉପରୋକ୍ତ ମତ ଦେଇଛନ୍ତି। ଚାଇନା ସୀମାରେ ସମ୍ପୂର୍ଣ୍ଣ ପ୍ରସ୍ତୁତିର ପୁନଃସନ୍ତୁଳନ ରଖାଯାଇଛି। ସେନାମୁଖ୍ୟ ଭାବରେ ନିଷ୍ଠା, ବିଶ୍ୱାସ ଏବଂ ଦୃଢ଼ୀକରଣ ଉପରେ ତାଙ୍କର ଫୋକସ୍ ରହିବ ଏବଂ ସମ୍ବିଧାନର ପ୍ରମୁଖ ମୂଲ୍ୟବୋଧର ସୁରକ୍ଷା ତାଙ୍କ ବାହିନୀର ପ୍ରେରକ ଶକ୍ତି ହେବ ବୋଲି ଜେନେରାଲ ନରୱଣେ କହିଛନ୍ତି। ଯବାନ ହୁଅନ୍ତୁ କି ଅଫିସର ସମ୍ବିଧାନର ସୁରକ୍ଷା ପାଇଁ ସମସ୍ତେ ଶପଥ ନେଇଥାନ୍ତି। ଏହା ସବୁ ସମୟରେ ଆମର ସବୁ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ। ଦେଶର ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତାର ସୁରକ୍ଷା ପାଇଁ ଆମେ ସୀମାରେ ମୁତୟନ ରହିଛୁ। ଦେଶବାସୀ ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷାକୁ ସବୁବେଳେ ମନେରଖିବା ଉଚିତ ବୋଲି ସେ କହିଛନ୍ତି। ସେହିପରି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ୍) ପଦବୀ ସୃଷ୍ଟି ତିନିବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ବଡ଼ ପଦକ୍ଷେପ ବୋଲି ଜେନେରାଲ ନରୱଣେ କହିଛନ୍ତି। ଏହା ସେନାର ସଫଳତାକୁ ସୁନିଶ୍ଚିତ କରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି।

## ‘ତେବେ ବିଳମ୍ବ କାହିଁକି’

**ଅଜମେର,୧୧।୧:** ଭାରତୀୟ ସେନା ପ୍ରସ୍ତୁତ ହୋଇ ରହିଥିବାବେଳେ ପିଓକେକୁ ଫେରାଇ ଆଣିବାରେ ବିଳମ୍ବ କାହିଁକି ବୋଲି ଶନିବାର ଅଜମେର ଦରଘା ମୁଖ୍ୟ ଦିୱାନ ଜୈନୁଲ ଆବେଦିନ ଅଲି ଖାନ କହିଛନ୍ତି। ପିଓକେକୁ କଶ୍ମୀର ସହିତ ମିଶ୍ରଣ କରାଇ ‘ଅଖଣ୍ଡ କଶ୍ମୀର’ର ସ୍ୱପ୍ନ ସାକାର କରାଯାଉ ବୋଲି ଦାବି କରିଛନ୍ତି। ସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱଣେଙ୍କ ମନ୍ତବ୍ୟକୁ ସ୍ୱାଗତ କରି ରାଜସ୍ଥାନର ଅଜମେର ଦରଘା



ମୁଖ୍ୟ କହିଛନ୍ତି, ଯେହେତୁ ସେନା ପ୍ରସ୍ତୁତ ହୋଇ ରହିଛି ପିଓକେକୁ ଫେରାଇ ଆଣିବାରେ ଆଉ ଅପେକ୍ଷା କରାଯିବା ଅନୁଚିତ। ପିଓକେକୁ ଆଣିବା ଲାଗି ସେନାକୁ ପାର୍ଲାମେଣ୍ଟ ନିର୍ଦ୍ଦେଶ ଦେବା ଉଚିତ ବୋଲି ସେ ଟୁଇଟ୍ କରିଛନ୍ତି।

## ସିଡବ୍ଲ୍ୟୁସି ବୈଠକରେ ମୋଦି, ଶାହାଙ୍କୁ ସୋନିଆଙ୍କ ଟାର୍ଗେଟ

# ଏନ୍‌ପିଆର୍ ଏକ ଛଦ୍ମବେଶୀ ଏନ୍‌ଆର୍‌ସି

ନୂଆଦିଲ୍ଲୀ,୧୧।୧(ପି.ଟି.)



ଲୋକଙ୍କୁ ଧର୍ମ ଆଧାରରେ ବିଭାଜନ ପାଇଁ ଉଦ୍ଦିଷ୍ଟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ପ୍ରତ୍ୟାହାର କରି ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର)କୁ କେନ୍ଦ୍ର ସରକାର ବନ୍ଦ କରନ୍ତୁ ବୋଲି ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ଦାବି କରାଯାଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୈଠକରେ ଅଧ୍ୟକ୍ଷତା କରି ସିଏଏକୁ ଏକ ଭେଦଭାବପୂର୍ଣ୍ଣ ତଥା ବିଭାଜନକାରୀ ଆଇନ ଭାବେ ଅଭିହିତ କରିଛନ୍ତି। ଏହାସହ ଦେଶବ୍ୟାପୀ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ କରାଇବା ପାଇଁ ଏନ୍‌ପିଆର ଏକ ଛଦ୍ମରୂପ ବୋଲି ସମାଲୋଚନା କରିଛନ୍ତି।

ସିଡବ୍ଲ୍ୟୁସି ବୈଠକରେ ସମ୍ବୋଧିତ କରି ସୋନିଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ନାଗରିକତ୍ୱ ଆଇନ ଏବଂ ଏହି ପ୍ରସଙ୍ଗରେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଉଥିବା ନେଇ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ସିଏଏ ବିରୋଧୀ ବିକ୍ଷୋଭ ବେଳେ ଘଟିଥିବା ହିଂସାର ତଦନ୍ତ ପାଇଁ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଶନ ଗଠନ କରାଯାଉ। କାରଣ ଏହି ଆଇନକୁ ନେଇ କେତେକ ରାଜ୍ୟରେ ସ୍ଥିତି ସଙ୍ଗିନ ରହିଛି। ଉତ୍ତରପ୍ରଦେଶ ଓ ଦିଲ୍ଲୀ ଏଥିଯୋଗୁ ପୋଲିସ ଷ୍ଟେଟ୍‌ରେ ପରିଣତ ହୋଇଛି। ବିଶେଷକରି ଦିଲ୍ଲୀ ୟୁନିଭର୍ସିଟି, ଜେଏନ୍‌ୟୁ, ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ, ବନାରସ ହିନ୍ଦୁ ୟୁନିଭର୍ସିଟି ଓ ଅନ୍ୟ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ସିଏଏ ବିରୋଧୀ ବିକ୍ଷୋଭ ବ୍ୟାପକ ହୋଇଛି। ଏହାକୁ ଚପାଇଦେବା ପାଇଁ ମୋଦି ସରକାର ବଳ ପ୍ରୟୋଗ କରୁଛନ୍ତି। କେନ୍ଦ୍ର ସରକାର ପ୍ରଥମେ ଏନ୍‌ଆର୍‌ସିକୁ ଦେଶବ୍ୟାପୀ ଲାଗୁ କରାଇବା ପାଇଁ ଚିନ୍ତା କରୁଥିଲେ। କିନ୍ତୁ ଆସାମରେ ଏହାର ଭୟାବହ ପରିଣାମକୁ ଦେଖି ଏନ୍‌ପିଆର୍ ପରିକଳ୍ପନାକୁ ଆଗକୁ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ବାସ୍ତବରେ ଏନ୍‌ପିଆର ୨୦୨୦ ଏକ ଛଦ୍ମବେଶୀ ଏନ୍‌ଆର୍‌ସି। ଏହାକୁ ତୁରନ୍ତ ବନ୍ଦ କରାଯାଉ ବୋଲି ସୋନିଆ ଦାବି କରିଛନ୍ତି। ସିଡବ୍ଲ୍ୟୁସି ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସହ ପି. ଚିଦାମ୍ବରମ, ଆନନ୍ଦ ଶର୍ମା, ଏ.କେ. ଆଣ୍ଟୋନୀ, କେ.ସି. ବେଣୁଗୋପାଳ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଭଳି ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଥିରେ ଯୋଗଦେଇ ନ ଥିଲେ।



ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ଦୁଇଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟକୁ ଶନିବାର ବିସ୍ଫୋରଣରେ ଧ୍ୱସ୍ତ କରିଦିଆଯାଇଛି। ମରାଡୁ ମ୍ୟୁନିସିପାଲିଟିରେ ଥିବା ହୋଲି ଫେଥ୍‌କୁ ପୂର୍ବାହ୍ନ ୧୧ଟା ୧୮ରେ ଏବଂ ଟୁଇନ୍ ଟାୱାର ଆଲ୍ ଫା ସେରେନ ଆପାର୍ଟମେଣ୍ଟକୁ ୧୧ଟା ୪୬ ମିନିଟରେ ନିୟନ୍ତ୍ରିତ ବିସ୍ଫୋରଣ ପଦ୍ଧତିରେ ଭଙ୍ଗାଯାଇଛି। ଏହି ଦୁଇ ଅଟ୍ଟାଳିକାକୁ ବେଆଇନ ଭାବେ ନିର୍ମାଣ କରାଯାଇଥିଲା, ଯାହାକି କୋଷ୍ଟାଲ୍ ରେଗୁଲେଶନ ଜୋନ୍‌ର ନିୟମଗୁଡ଼ିକୁ ଉଲ୍ଲଂଘନ କରୁଥିଲା।

## ବୋଟ୍ ବୁଡ଼ି ୧୨ ଶରଣାର୍ଥୀଙ୍କ ମୃତ୍ୟୁ

ଏଥେନ୍ସ,୧୧।୧(ଏଏଫ୍‌ପି)

ଆୟୋନିଅନ ସାଗରରେ ଶନିବାର ଶରଣାର୍ଥୀମାନଙ୍କର ଏକ ବୋଟ୍ ବୁଡ଼ିଯିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଗ୍ରୀକ୍ ତଟରକ୍ଷୀ ବାହିନୀ ପକ୍ଷରୁ କୁହାଯାଇଛି। ବୋଟ୍‌ରେ ପାଖାପାଖି ୫୦ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ୧୨ଟି ମୃତଦେହ ମିଳିଛି। ସେମାନେ ଇଟାଲୀ ଅଭିମୁଖେ ଯାଉଥିବାବେଳେ ପାକ୍ସି ଦ୍ୱୀପ ନିକଟରେ ଦୁର୍ଘଟଣା ଘଟିଥିଲା। ଉଦ୍ଧାର କାର୍ଯ୍ୟରେ ୬ଟି ତଟରକ୍ଷୀ ପାଟ୍ରୋଲ ବୋଟ୍ ଓ ଦୁଇଟି ନୌସେନା ହେଲିକପ୍ଟର ନିୟୋଜିତ ହୋଇଛି। ୪ଟି ମାଲବାହୀ ଜାହାଜ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମମତା

# ସିଏଏ, ଏନ୍‌ଆର୍‌ସି ପ୍ରତ୍ୟାହାର ପାଇଁ କହିଲେ

କୋଲକାତା,୧୧।୧(ପି.ଟି.)

ପଶ୍ଚିମବଙ୍ଗ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶନିବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜଭବନରେ ଭେଟିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନର ବିଭିନ୍ନ ପ୍ରସଙ୍ଗ ଉପରେ ପୁନର୍ବିଚାର କରିବା ସହ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ପ୍ରତ୍ୟାହାର କରିନେବା ପାଇଁ ସେ ମୋଦିଙ୍କୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଆଲୋଚନା ପାଇଁ ଦିଲ୍ଲୀ ଯିବାକୁ ମୋଦି ତାଙ୍କୁ କହିଥିବା ମମତା ଖବରଦାତାମାନଙ୍କୁ ଜଣାଇଛନ୍ତି। ରାଜ୍ୟ ପାଇବାକୁ ଥିବା କେନ୍ଦ୍ରୀୟ ସହାୟତା ପ୍ରସଙ୍ଗ ମଧ୍ୟ ସେ ଉପସ୍ଥାପନ କରିଥିଲେ। ୨୮,୦୦୦ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଏପର୍ଯ୍ୟନ୍ତ ମିଳି ନ ଥିବା ନେଇ ସେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସିଏଏ ଏବଂ ଏନ୍‌ଆର୍‌ସିକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହାକୁ ସେ ବିରୋଧ କରୁଥିବା କହିବା ସହ ପ୍ରତ୍ୟାହାର ପାଇଁ ଦାବି ଜଣାଇଥିଲେ ବୋଲି ମମତା କହିଛନ୍ତି।

ସିଏଏ ବିରୋଧୀ ବିକ୍ଷୋଭ ମଧ୍ୟରେ ପ୍ରଧାନମନ୍ତ୍ରୀ ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଯାଇ ଶନିବାର ଅପରାହ୍ନରେ କୋଲକାତାର ଏନ୍‌ଏସ୍‌ସି ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ରାଜ୍ୟପାଳ ଜଗଦୀପ୍ ଧନ୍‌ଖର, କୋଲକାତା ମେୟର, ରାଜ୍ୟ ମନ୍ତ୍ରୀ ଫିରହାଦ ହାକିମ୍, ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ ଓ ଦଳର ବରିଷ୍ଠ ନେତାମାନେ ସ୍ୱାଗତ କରିଥିଲେ। ଶତାଧିକ ବିକ୍ଷୋଭକାରୀ କଳାପତାକା ଧରି କୋଲକାତା ବିମାନବନ୍ଦର ବାହାରେ ପ୍ରତିବାଦ ଜଣାଇଥିଲେ। ବିମାନବନ୍ଦରରୁ ଏକ ହେଲିକପ୍ଟର ଯୋଗେ ସେ ରୟାଲ କୋଲକାତା ଟର୍ଫ କ୍ଲବ୍ ଯିବା ପରେ ସେଠାରୁ ରାଜଭବନ ଯାଇଥିଲେ। ରବିବାର ପ୍ରଧାନମନ୍ତ୍ରୀ କୋଲକାତା ପୋର୍ଟ ଟ୍ରଷ୍ଟର ୧୫୦ତମ ବାର୍ଷିକୀ ଉତ୍ସବରେ ଯୋଗଦେବେ।



# ବଡ଼ୋଦରାରେ ବିସ୍ଫୋରଣ: ୮ ମୃତ

ବଡ଼ୋଦରା,୧୧।୧(ପି.ଟି.)

ଗୁଜରାଟର ବଡ଼ୋଦରା ଜିଲାସ୍ଥିତ ଏକ ମେଡିକାଲ ଗ୍ୟାସ୍ କାରଖାନାରେ ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ପଦ୍ରା ତହସିଲ ଅନ୍ତର୍ଗତ ଗାଭାସାଦ ଗାଁ ନିକଟରେ ଥିବା ଏମ୍ସ ଇଣ୍ଡଷ୍ଟ୍ରିଜ୍‌ରେ ଶନିବାର ପୂର୍ବାହ୍ନ ୧୧ଟାରେ ବିସ୍ଫୋରଣ ହୋଇଥିଲା। ମୃତକମାନେ ଉକ୍ତ କାରଖାନାର ଶ୍ରମିକ ଥିଲେ। ଆହତଙ୍କୁ ଅଟଲାଦରାସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଫୋରେନ୍‌ସିକ ଟିମ୍ ପହଞ୍ଚି ତଦନ୍ତ କରୁଛି। ସିଲିଣ୍ଡରରେ ଗ୍ୟାସ୍ ରିଫିଲିଂ ବେଳେ ବିସ୍ଫୋରଣ ହୋଇଥିବା କୁହାଯାଉଛି।

## [ଇତିହାସର ଆଇନାରେ] ଜାନୁୟାରୀ ୧୨ର ପ୍ରମୁଖ ଘଟଣା

୧୮୬୩ ଜାନୁୟାରୀ ୧୨ରେ ଭାରତୀୟ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ହୋଇଥିଲା। ସେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ଆମେରିକାର ଶିକାଗୋ ସହରରେ ବିଶ୍ୱ ଧର୍ମ ସଂସଦରେ ସେ ଭାରତର ପ୍ରତିନିଧିତ୍ୱ କରିଥିଲେ।

୧୯୯୧ ଜାନୁୟାରୀ ୧୨ରେ ଇରାକ ଉପରେ ସେନା କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକା କଂଗ୍ରେସ ମଞ୍ଜୁରୀ ଦେଇଥିଲା। ଏହା ପୂର୍ବରୁ ଇରାକ୍ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ କୁଏତ୍‌ରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଆମେରିକା କହିଥିଲା।

# ଓମାନ ସୁଲତାନଙ୍କ ପରଲୋକ

ମୁସ୍କାଟ୍,୧୧।୧(ଏଏଫ୍‌ପି)

ଆଧୁନିକ ଆରବ ଜଗତର ଦୀର୍ଘଦିନ କ୍ଷମତାରେ ଥିବା ନେତା ଓମାନ ସୁଲତାନ କାବୁସ୍ ବିନ୍ ସଇଦ୍‌ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ରୟାଲ କୋର୍ଟ ଶୋକବ୍ୟକ୍ତ କରିଛି। ୧୯୭୦ରେ ସେ ବିଦ୍ରୋହ ବଳରେ ତାଙ୍କ ବାପାଙ୍କୁ କ୍ଷମତାଚ୍ୟୁତ କରି ଶାସନ ଭାର ଗ୍ରହଣ କରିଥିଲେ ଓ ୫ ଦଶନ୍ଧି ହେଲା ଓମାନକୁ ଶାସନ କରିଆସୁଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ତାଙ୍କୁ କୋଲୋନ କ୍ୟାନ୍‌ସର ହୋଇଥିଲା ବୋଲି ବିଶ୍ୱାସ କରାଯାଏ। କାବୁସ୍



ଅବିବାହିତ ଥିଲେ। ତାଙ୍କର ସମ୍ପର୍କୀୟ ଭାଇ ହୈଥମ ବିନ୍ ତାରିକ୍ ଦେଶର ନୂଆ ସୁଲତାନ ଭାବେ ଶପଥ ନେଇଛନ୍ତି। ରାଜ ପରିବାରର ବୈଠକ ବସି ତାରିକ୍‌ଙ୍କୁ ନୂତନ ଶାସକ ମନୋନୀତ କରାଯାଇଥିଲା। ସୁଲତାନ କାବୁସ୍ ପୂର୍ବରୁ ତାଙ୍କୁ ଉତ୍ତରାଧିକାରୀ ବାଛିଥିଲେ।

## ନୂଆ ଶାସକ ଭାବେ ଶପଥ ନେଲେ ତାରିକ୍

ସୁଲତାନ କାବୁସ୍‌ଙ୍କ ପରଲୋକରେ ବିଭିନ୍ନ ଦେଶର ନେତା ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓମାନ ସୁଲତାନଙ୍କ ପରଲୋକରେ ଶୋକ ପ୍ରକାଶ କରିବା ସହ ତାଙ୍କୁ ଆରବ ଅଞ୍ଚଳରେ ଶାନ୍ତିର ଆଲୋକବର୍ତ୍ତିକା ବୋଲି କହିଛନ୍ତି।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ଶୁଖିଲା ପାଗ ସାଙ୍ଗକୁ ଶୀତ ଲହରି ଜାରି ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ପାଗ ଶୁଖିଲା ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୩.୬ | ୧୦.୦ |
| ଚାନ୍ଦବାଲି | ୨୩.୪ | ୧୩.୮ |
| କଟକ | ୨୫.୨ | ୧୧.୪ |
| ପାରାଦ୍ୱୀପ | ୨୩.୧ | ୧୫.୫ |
| ଭୁବନେଶ୍ୱର | ୨୫.୩ | ୧୪.୦ |
| ଗୋପାଳପୁର | ୨୫.୧ | ୧୭.୨ |
| ପୁରୀ | ୨୪.୫ | ୧୪.୦ |
| ଅନୁଗୋଳ | ୨୫.୧ | ୮.୬ |
| ବାରିପଦା | ୨୨.୦ | ୧୦.୪ |
| ଝାରସୁଗୁଡ଼ା | ୨୩.୬ | ୮.୬ |
| କେନ୍ଦୁଝର | ୨୨.୬ | ୯.୦ |
| ସମ୍ବଲପୁର | ୨୪.୨ | ୯.୫ |
| ସୁନ୍ଦରଗଡ଼ | ୨୩.୦ | ୧୦.୦ |
| ହୀରାକୁଦ | ୨୩.୬ | ୧୧.୯ |
| ତାଳଚେର | ୨୬.୪ | ୧୧.୩ |
| ଭବାନୀପାଟଣା | ୨୪.୮ | ୧୧.୨ |
| ବଲାଙ୍ଗୀର | ୨୫.୦ | ୧୧.୦ |
| କୋରାପୁଟ | ୨୫.୬ | ୧୨.୨ |
| ଫୁଲବାଣୀ | --- | ୮.୫ |
| ଟିଟିଲାଗଡ଼ | ୨୩.୪ | ୮.୬ |
| ମାଲକାନଗିରି | ୩୨.୦ | ୧୦.୦ |
| ସୋନପୁର | ୨୫.୬ | ୬.୮ |
| ଦାରିଙ୍ଗିବାଡ଼ି | ୨୨.୫ | ୯.୦ |

ଡିଗ୍ରୀ ସେଲ୍‌ସିୟସ୍

# ୫୮ ଦେଶରେ ଭାରତୀୟଙ୍କୁ ଲୋଡ଼ାନାହିଁ ଭିଜା

ନୂଆଦିଲ୍ଲୀ,୧୧।୧

ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସପୋର୍ଟ ସୂଚକାଙ୍କ ୨୦୨୦ରେ ଭାରତୀୟ ପାସ୍‌ପୋର୍ଟ ୮୪ତମ ସ୍ଥାନ ଅଧିକାର କରିଛି। ଏହି ପାସ୍‌ପୋର୍ଟ ରଖିଥିବା ଭାରତୀୟମାନେ ବିଶ୍ୱର ୫୮ ଦେଶରେ ଭିଜାମୁକ୍ତ ଯାତ୍ରା କରିପାରିବେ ବୋଲି ଏକ ନୂଆ ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ (ଆଇଏଟିଏ)ଠାରୁ ସଂଗୃହୀତ ତଥ୍ୟକୁ ଭିତ୍ତିକରି ହେନ୍‌ଲେ ଆଣ୍ଡ ପାର୍ଟନର୍ସ ପକ୍ଷରୁ ଏକ ପାସ୍‌ପୋର୍ଟ ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ପାସ୍‌ପୋର୍ଟଧାରୀ ବିନା ଭିଜାରେ କେତୋଟି ଦେଶ ବୁଲିପାରିବେ ସେହି ଅନୁସାରେ ଦେଶଗୁଡ଼ିକର ର‌୍ୟାଙ୍କିଂ ଏଥିରେ କରାଯାଇଛି। ନୂଆ ପାସ୍‌ପୋର୍ଟ ଇଣ୍ଡେକ୍ସ ଅନୁସାରେ ଜାପାନ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସ୍‌ପୋର୍ଟ ପ୍ରଦାନକାରୀ ଦେଶର ମାନ୍ୟତା ବଜାୟ ରଖିଛି। ଜାପାନର ପାସ୍‌ପୋର୍ଟ ବଳରେ ୧୯୧ଟି ଦେଶକୁ ଭିଜାମୁକ୍ତ ଯାତ୍ରା କରାଯାଇପାରିବ। ୨୦୧୯ରେ ଭାରତ ଏହି କ୍ଷେତ୍ରରେ ୮୨ତମ ସ୍ଥାନରେ ଥିବାବେଳେ ୨୦୨୦ରେ ୮୪ତମ ସ୍ଥାନକୁ ଖସିଆସିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ସିଙ୍ଗାପୁର (୧୯୦ ଦେଶ)। ତୃତୀୟରେ ଜର୍ମାନୀ ଓ ଦକ୍ଷିଣ କୋରିଆ (୧୮୯ ଦେଶ) ରହିଥିବାବେଳେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି ଫିନ୍‌ଲାଣ୍ଡ ଓ ଇଟାଲୀ। ଏହି ଦୁଇଦେଶର ପାସ୍‌ପୋର୍ଟଧାରୀ ୧୮୮ ରାଷ୍ଟ୍ରରେ ଭିଜାମୁକ୍ତ ଯାତ୍ରା କରିପାରିବେ। ସେହିପରି ଡେନ୍‌ମାର୍କ, ଲକ୍ସେମବର୍ଗ ଓ ସ୍ପେନ୍ (୧୮୭ ଦେଶ) ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଷଷ୍ଠ ସ୍ଥାନରେ ଥିବା ଫ୍ରାନ୍ସ ଓ ସ୍ୱିଡେନର ପାସ୍‌ପୋର୍ଟ ରଖିଥିବା ସେହି ଦେଶର ନାଗରିକ ୧୮୬ ରାଷ୍ଟ୍ରରେ ଭ୍ରମଣ କରିପାରିବେ। ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ନେଦରଲାଣ୍ଡସ, ପର୍ତ୍ତୁଗାଲ ଓ ସୁଇଜରଲାଣ୍ଡ ପାସ୍‌ପୋର୍ଟରେ ୧୮୫ ଦେଶ ବୁଲି ହେଉଥିବାବେଳେ ଅଷ୍ଟମ ସ୍ଥାନରେ ରହିଛନ୍ତି ବେଲ୍‌ଜିୟମ, ଗ୍ରୀସ୍, ନରୱେ, ବ୍ରିଟେନ ଓ ଆମେରିକା (୧୮୪ ଦେଶ)। ଅଷ୍ଟ୍ରେଲିଆ, କାନାଡା, ଚେକ୍ ରିପବ୍ଲିକ୍, ମାଲ୍‌ଟା, ନ୍ୟୁଜିଲାଣ୍ଡ (୧୮୩ ଦେଶ) ଏହି କ୍ଷେତ୍ରରେ ନବମ ସ୍ଥାନରେ ଅଛନ୍ତି। ସେହିପରି ଦଶମ ସ୍ଥାନରେ ଥିବା ହଙ୍ଗେରି, ଲିଥୁଆନିଆ ଓ ସ୍ଲୋଭାକିଆ ପାସ୍‌ପୋର୍ଟରେ ୧୮୧ ରାଷ୍ଟ୍ରରେ ଭିଜାମୁକ୍ତ ଯାତ୍ରା ସମ୍ଭବ ବୋଲି ଏହି ଇଣ୍ଡେକ୍ସରେ ଉଲ୍ଲେଖ କରାଯାଇଛି।




## ୨୦୨୦ରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସ୍‌ପୋର୍ଟ

### ଭାରତର ର‌୍ୟାଙ୍କିଂ

ଭାରତ ଗତବର୍ଷ ତୁଳନାରେ ଏବର୍ଷ ଦୁଇଟି ସ୍ଥାନ ତଳକୁ ଖସିଛି। ୨୦୨୦ରେ ଭାରତ ଭଳି ୮୪ତମ ସ୍ଥାନରେ ରହିଛନ୍ତି ମରିଟାନିଆ ଓ ତାଜିକିସ୍ତାନ। ୭୧ତମ ସ୍ଥାନରେ ଥିବା ଚାଇନାର ପାସ୍‌ପୋର୍ଟ ଭାରତଠାରୁ ଅଧିକ ପ୍ରଭାବଶାଳୀ। ଆଫଗାନିସ୍ତାନ ପାସ୍‌ପୋର୍ଟକୁ ଏଥିରେ ସବୁଠୁ ନିକୃଷ୍ଟ ପାସ୍‌ପୋର୍ଟ ବୋଲି ଦର୍ଶାଯାଇଛି। ପାକିସ୍ତାନର ପାସ୍‌ପୋର୍ଟ ହେଉଛି ଚତୁର୍ଥ ନିକୃଷ୍ଟ। ଭରତୀୟ ପାସ୍‌ପୋର୍ଟ ରଖିଥିବା ନାଗରିକମାନେ ଭୁଟାନ, କାମ୍ବୋଡିଆ, ଇଣ୍ଡୋନେସିଆ, ମାଳଦ୍ୱୀପ, ମ୍ୟାନ୍‌ମାର, ନେପାଳ, କେନିଆ, ଉଗାଣ୍ଡା ଭଳି ୫୮ଟି ଦେଶରେ ଭିଜାମୁକ୍ତ ଯାତ୍ରା କରିପାରିବେ। ତେବେ କେତେକ ଦେଶରେ ପହଞ୍ଚିବା ମାତ୍ରେ ଭିଜା ଆବଶ୍ୟକ ହୋଇଥାଏ।

ସଡ଼କ ସୁରକ୍ଷା ସପ୍ତାହ




# ମା'ଙ୍କୁ ମୁଖାଗ୍ନି ଦେବାକୁ ପୁଞ୍ଜିଲାଲଙ୍କୁ ଅନୁମତି

**ବଲାଙ୍ଗୀର ଅଫିସ, ୧୧।୧**


ପୁଞ୍ଜିଲାଲ ମେହେର।

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ଶଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କ ମା' ଇନ୍ଦୁମତୀ ମେହେର(୭୨)ଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ମୁଖାଗ୍ନି ଦେବାକୁ ପୁଞ୍ଜିଲାଲଙ୍କୁ ପାଟଣାଗଡ଼ ଏଡିଜେ କୋର୍ଟରୁ ଅନୁମତି ମିଳିଛି। ପୁଞ୍ଜିଲାଲଙ୍କୁ ଜେଲରୁ ଜାମିନ୍‌ରେ ଆଣି ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିବାକୁ ପରିବାର ଲୋକେ ଚେଷ୍ଟା କରିଥିଲେ। ଫଳରେ ପୁଞ୍ଜିଲାଲଙ୍କ ଓକିଲଙ୍କ ଜରିଆରେ ପାଟଣାଗଡ଼ ଏଡିଜେ ଏବଂ ଏସ୍‌ଡିଜେଏମ୍ କୋର୍ଟରେ ତାଙ୍କ ଜାମିନ ଆବେଦନ କରାଯାଇଥିଲା। ପୁଞ୍ଜିଲାଲଙ୍କ ଜାମିନ୍ ଆବେଦନକୁ ଏଡିଜେ ଶିଖାରାଣୀ ରଥ ଖାରଜ କରିଦେଇଥିଲେ। ହେଲେ ପୁଞ୍ଜିଲାଲା ଏକମାତ୍ର ପୁଅ ହୋଇଥିବାରୁ ମା' ଇନ୍ଦୁମତୀଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଇ ମୁଖାଗ୍ନି ଦେବାକୁ ଦିନକ ପାଇଁ ଏଡିଜେ ରଥ ଜାମିନ ପ୍ରଦାନ କରିଛନ୍ତି। ଏନେଇ ପୁଞ୍ଜିଲାଲଙ୍କ ଓକିଲ ଶ୍ରୀମତ୍ ପାଣିଗ୍ରାହୀଙ୍କୁ ପଚାରିବାରୁ ପୁଞ୍ଜିଲାଲ ମେହେରଙ୍କ ମା' ଇନ୍ଦୁମତୀଙ୍କ ମୃତ୍ୟୁ ପରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବା ସକାଶେ ପୁଞ୍ଜିଲାଲଙ୍କୁ ଅନୁମତି ଦିଆଯାଉ ବୋଲି ପାଟଣାଗଡ଼ ଏଡିଜେ ଏବଂ ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ କରାଯାଇଥିଲା। ତେବେ ଜାମିନ ଆବେଦନକୁ ଏଡିଜେ ଖାରଜ୍ କରି ଅନ୍ତ୍ୟେଷ୍ଟିକ୍ରିୟାକୁ ଆସି ମୁଖାଗ୍ନି ଦେବାକୁ ଅନୁମତି ଦେଇଥିବା କହିଛନ୍ତି। ଅନୁମତି ମିଳିବା ପରେ ପୁଞ୍ଜିଲାଲ କେବଳ ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ମୁଖାଗ୍ନି ଦେବାକୁ ଆସିବେ ଓ ଏହା ପରେ ପୁଣି ତାଙ୍କୁ ବଲାଙ୍ଗୀର ଜେଲକୁ

## ଦିନକ ପାଇଁ ମିଳିଲା ଜାମିନ

ଫେରାଇ ନିଆଯିବ ବୋଲି ସେ କହିଛନ୍ତି। ମୃତା ଇନ୍ଦୁମତୀଙ୍କ ମୃତଦେହ ବଲାଙ୍ଗୀର ହସ୍ପିଟାଲ ଶବାଗାରରେ ରଖାଯାଇଛି। ରବିବାର ତାଙ୍କ ମୃତଦେହକୁ ପାଟଣାଗଡ଼ ରାମପୁରକୁ ଅଣାଯିବ। କଡା ସୁରକ୍ଷା ବ୍ୟବସ୍ଥାରେ ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ସେଠାକୁ ନିଆଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୨ ତାରିଖରେ ପାଟଣାଗଡ଼ ପାର୍ଶଲ ବୋମା ବିସ୍ଫୋରଣ ଘଟିଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ମେହେରଙ୍କୁ କ୍ରାଇମବ୍ରାଞ୍ଚ ୨୦୧୮ ଏପ୍ରିଲ ୨୫ରେ ଗିରଫ କରିଥିଲା। ସେହିଦିନରୁ ପୁଞ୍ଜିଲାଲ ପାଟଣାଗଡ଼ ଉପକାରାଗାରରେ ରହିଥିଲେ। ତେବେ ଜେଲରୁ ଫେରାର ମାରିବାକୁ ଚେଷ୍ଟା କରିବା ଅଭିଯୋଗ ହେବା ପରେ ପୁଞ୍ଜିଲାଲଙ୍କୁ ୨୦୧୯ ଫେବୃୟାରୀ ୮ତାରିଖରେ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିଦିନରୁ ସେ ବଲାଙ୍ଗୀର ଜେଲରେ ଅଛନ୍ତି।




# ବଢ଼ିଲା ଶୀତ, ଆଉ ଦୁଇଦିନ

## ୧୦ ଡିଗ୍ରୀ ତଳେ ୮ ସହର

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

ରାଜ୍ୟରେ ଶୁକ୍ରବାର ଠାରୁ ଶୀତର ପ୍ରକୋପ ବୃଦ୍ଧି ପାଇଛି। ରାଜ୍ୟର ୮ଟି ଜିଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮.୬, ଝାରସୁଗୁଡା ୮.୬, କେନ୍ଦୁଝରେ ୯, ସମ୍ବଲପୁର ୯.୫, ଫୁଲବାଣୀ ୮.୫, ଟିଟିଲାଗଡ ୮.୬ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ଯାଏ ରାଜ୍ୟର କେତେକ ସ୍ଥାନରେ ଶୀତ ଲହରି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମିଳିଥିବା ସୂଚନାନୁଯାୟୀ ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ଅନୁଗୋଳ, କେନ୍ଦୁଝର, ବାଲେଶ୍ୱର ଏବଂ ପୁରୀ ଜିଲାରେ ଶୀତ ଲହରି ଜାରି ରହିବ। ସେହିପରି କେତେକ ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ଆସନ୍ତା ୧୨ ତାରିଖରେ ଅନୁଗୋଳ, ଦେବଗଡ, ସୋନପୁର, ବୌଦ୍ଧ ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଥଣ୍ଡା ପବନ ବହିବ। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଏଲୋ୍ୱାର୍ଣ୍ଣିଂ ଜାରି କରାଯାଇଛି।

# ହାସଲ ହୋଇପାରୁନି ଧାର୍ଯ୍ୟ ଲକ୍ଷ୍ୟ

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

**ପିଏମ୍‌ଜିଏସ୍‌ୱାଇ**

- କଣ୍ଟା ସାଜୁଛନ୍ତି ପୋଲିସ, ତହସିଲଦାର
- ରାସ୍ତା କାମ ସମୀକ୍ଷାକୁ ଜୋରଦାର କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଅବହେଳା କରୁଥିବା ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପିଏମ୍‌ଜିଏସ୍‌ୱାଇ)ର କାର୍ଯ୍ୟ ଆଶାନୁରୂପ ହେଉ ନାହିଁ। ବର୍ଷ ବର୍ଷ ଧରି ସଡକ ନିର୍ମାଣ କାର୍ଯ୍ୟ ଶେଷ ହେଉ ନାହିଁ। ସାଧାରଣ ନିର୍ବାଚନ, ବାତ୍ୟା ଫନୀ, ସରକାରୀ କର୍ମଚାରୀ ଓ ଠିକାଦାରଙ୍କ ଅବହେଳା ଏବଂ ନିର୍ମାଣ ସାମଗ୍ରୀ ଅଭାବ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ଜିଲାପାଳମାନେ ସମୀକ୍ଷା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ପ୍ରଦୀପ ଜେନା ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ଯେଉଁ ଯନ୍ତ୍ରୀମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନେକ ସମୟରେ ରାସ୍ତା ନିର୍ମାଣ ପାଇଁ ବାଲି, ମୋରମ, ମାଟି, ପଥର ନେଇ ଯାଉଥିବା ଗାଡିକୁ ଅଯଥାରେ ଦୀର୍ଘ ସମୟ ଧରି ପୋଲିସ ଓ ତହସିଲଦାରମାନେ ଅଟକାଉଥିବା ଦୃଷ୍ଟିକୁ ଆସିଛି। ଯଦିଓ କଣ୍ଟ୍ରାକ୍ଟରମାନଙ୍କ ଠାରୁ ରୟାଲ୍‌ଟି ଆଦାୟ କରାଯାଉଛି ତଥାପି ସେମାନଙ୍କୁ ଜାଣିଶୁଣି ହଇରାଣ ହରକତ କରାଯାଉଛି। ଏଥିପାଇଁ ତୁରନ୍ତ ସମସ୍ତ ଠିକାଦାର ଓ କ୍ଷେତ୍ର ସ୍ଥଳରେ କାର୍ଯ୍ୟ କରୁଥିବା ଯନ୍ତ୍ରୀମାନଙ୍କୁ ଡାକି ଏକ ସମୀକ୍ଷା ବୈଠକ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ସଂସ୍ଥାଗୁଡିକ କାର୍ଯ୍ୟ ଶେଷ କରିବାରେ ବିଳମ୍ବ କରୁଛନ୍ତି ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରିବା ସହ କଳାତାଲିକାଭୁକ୍ତ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସେହିପରି ଯେଉଁ ଯନ୍ତ୍ରୀ ନିଜର ଦାୟିତ୍ୱ ତୁଲାଇବାରେ ବିଫଳ ହେଉଛନ୍ତି ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ନିର୍ମାଣ ସାମଗ୍ରୀ ଯୋଗାଇବାରେ ସହଯୋଗ କରିବା ସହ ଜମି ଓ ଜଙ୍ଗଲ ସମ୍ପର୍କିତ ବିଷୟକୁ ଶୀଘ୍ର ଫଇସଲା କରିବାକୁ ଜିଲାପାଳଙ୍କୁ କୁହାଯାଇଛି।

ବିଭାଗୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପିଏମ୍‌ଜିଏସ୍‌ୱାଇ-୧)ରେ ୩୩୬୪.୪୯ କିଲୋମିଟର ରାସ୍ତା ପାଇଁ ୨୫୧୬.୩୮ କୋଟିର ଅନୁଦାନ ବ୍ୟୟ ଅଟକଳ ରଖାଯାଇଥିଲା। ସେଥିରୁ ୨୦୧୯ ନଭେମ୍ବର ଶେଷ ସୁଦ୍ଧା ୫୬୩.୬୭ କିଲୋମିଟର ରାସ୍ତା ନିର୍ମାଣ ହୋଇଥିବା ବେଳେ ୧୧୩୬.୭୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ୧୬.୭୫ ପ୍ରତିଶତ ରାସ୍ତା ନିର୍ମାଣ ଲକ୍ଷ୍ୟ ହାସଲ ହୋଇଥିବା ବେଳେ ଧାର୍ଯ୍ୟ ଅର୍ଥର ୪୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ଜଣାପଡିଛି। ୮୩.୨୫ ପ୍ରତିଶତ କାର୍ଯ୍ୟ ବାକି ରହିଛି। ଏହି ମର୍ମରେ ଶୁକ୍ରବାର ପ୍ରଦୀପ ଜେନା ରାଜ୍ୟର ସମସ୍ତ ଜିଲାର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।







# ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ୍ତ କଲେ କଂସ

**ପୁରୀ ଅଫିସ, ୧୧।୧**



## ମହାପ୍ରଭୁଙ୍କୁ କ୍ଷମା ମାଗିଲେ, ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଲେ

ବରଗଡ଼ ଧନୁଯାତ୍ରା ଶୁକ୍ରବାର ଶେଷ ହୋଇଛି। ଏଥିରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ଶନିବାର ପୁରୀ ଆସି ପବିତ୍ର ମହୋଦଧିରେ ସ୍ନାନ ସାରି ପ୍ରାୟଶ୍ଚିତ୍ତ କରିଛନ୍ତି। ଅଭିନୟରେ ଭଗବାନ କୃଷ୍ଣ ବଳାରାମଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିନ୍ଦା ସୂଚକ ଶବ୍ଦ ପାଇଁ ଅନୁତାପ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ଏଥିସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପାଖରେ ଭୁଲ ସ୍ୱୀକାର କରି ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି।

ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱର ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ। ପୀଠର ଇଷ୍ଟ ଦେବୀ ମା' ବିମଳା, ଗୋବର୍ଦ୍ଧନ ନାଥଙ୍କ ଦର୍ଶନ କରିଥିଲେ। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ କରି ଅଭିନୟରେ କୃଷ୍ଣ ବଳାରାମଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦେଇଥିଲେ ସେଥିପାଇଁ ପଶ୍ଚାତାପ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଯାଇ ମହୋଦଧିରେ ସ୍ନାନ କରିବା ସହ ପଇତା ବିସର୍ଜନ କରିଥିଲେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଧନୁଯାତ୍ରା ଶେଷ ହେବା ପରେ ଶ୍ରୀକ୍ଷେତ୍ର ଆସିବା ସମ୍ପର୍କରେ ଭୁବନେଶ୍ୱର କହିଛନ୍ତି, ଧନୁଯାତ୍ରାର ଅନ୍ତିମ ଦିବସରେ କୃଷ୍ଣ ବଳାରାମଙ୍କ ସହ ମୋର ଯୁଦ୍ଧ ହେଲା। ତ୍ରାହି ପାଇଗଲି ରାକ୍ଷସ ଜନ୍ମରୁ। ଧନୁଯାତ୍ରାର ୧୧ ଦିନ ଧରି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମସ୍ତେ ଭକ୍ତି କରୁଥିବାବେଳେ ମୁଁ ତାଙ୍କୁ ଗାଳି, ଈର୍ଷା ଆଉ କଟୁ ମନ୍ତବ୍ୟ ଦେଇ ବଦନାମ କରିଛି। ଏପରିକି ବଧ କରିବା ଲାଗି ତାଙ୍କ ଉପରକୁ ଖଣ୍ଡା ମଧ୍ୟ ଉଠାଇଛି। ଏହି କଳିଯୁଗରେ ଯଦି ଭଗବାନଙ୍କ ସହ ଏପରି ଆଚରଣ କେହି କରେ ତେବେ ତାହାଠୁ ବଳି ମହାପାପୀ ଆଉ ଦୁନିଆରେ କେହି ନୁହନ୍ତି। ତେଣୁ ସେହି ପାପରୁ ତ୍ରାହି ପାଇବା ପାଇଁ ଆଜି ମହୋଦଧିରେ ସ୍ନାନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶୀର୍ବାଦ ନେଇଛି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପାପରୁ ମୁକ୍ତି ପାଇବା ପାଇଁ କ୍ଷମାପ୍ରାର୍ଥନା କରିଛି। ଅନ୍ୟପକ୍ଷରେ ପୁରୀକୁ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଆସିଥିବା ଖବର ପାଇବା ପରେ ତାଙ୍କୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ମହୋଦଧିରେ ସ୍ନାନବେଳେ ଅଧିକାଂଶ ପର୍ଯ୍ୟଟକ ତାଙ୍କ ସହ ସେଲ୍‌ଫି ଉଠାଇଥିଲେ। ଶ୍ରୀମନ୍ଦିର ନିକଟରେ ମଧ୍ୟ ତାଙ୍କୁ ଦେଖିବାକୁ ଭିଡ଼ ଜମିଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଲେକ୍ସ
ପରିବାରବର୍ଗ


ଅମରେନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଭାଜିଲି ଝାଇଁ
ଦି' ସଉତୁଣୀ ଜଗି ବସିଛୁ
ଗୋସେଇଁ ଆସିବା ପାଇଁ।**

ଦି' ସଉତୁଣୀ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାର ଶିରୀ ଦେଖି ସହିପାରି ନ ଥାନ୍ତି। ସ୍ୱାମୀ ଆଗରେ ନିଜରପଣିଆ ଦେଖେଇ ହେବାକୁ ଯାଇ କେହି କାହାଠାରୁ ପଛରେ ପଡ଼ିଯିବାକୁ ଚାହିଁ ନ ଥାନ୍ତି। ଏପରିସ୍ଥଳେ ପତି ସୋହାଗିନୀ ଜାହିର କରିବାକୁ ନେଇ ପରସ୍ପର ମଧ୍ୟରେ ଟଣାଓଟରା ବା ପ୍ରତିଦ୍ୱନ୍ଦ୍ୱିତା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି,
ଚୋରି ଉପରେ ହେମା ଜୋରି।**

କେତେକ ମାନସମ୍ମାନ ଭୁଲି ଚୋରି ଭଳି ଘୃଣ୍ୟ ପନ୍ଥା ଆପଣେଇଥାନ୍ତି। ସର୍ବ ସମ୍ମୁଖରେ ତାଙ୍କୁ ଚୋର ବୋଲି ଆଖ୍ୟା ଦେଲେ ନିଜକୁ ସଚ୍ଚୋଟ ଦେଖେଇ ହେବାକୁ ଯାଇ ଗାଲୁ ମାରିଥାନ୍ତି। ଚୋରିକରି ତହିଁରେ ଲଜ୍ଜିତ ନ ହୋଇ ମୁହଁ ଫୁଟାଣି ମାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ...

କେଉଁ ଅନାଦି କାଳରୁ ରହି ଆସିଛି। ଗତ ୮୩ ବର୍ଷ ଧରି ଦେଶର ଆଧୁନିକ ରାଜ୍ୟ ଭାବେ ଓଡ଼ିଶା ଅନେକ କ୍ଷେତ୍ରରେ ପ୍ରଗତି କରିଛି। ଗତ ଦୁଇ ଦଶନ୍ଧି ଧରି ରାଜ୍ୟର ପ୍ରଗତି ହୋଇଛି। ତେବେ ୧୯୩୧ ପରଠାରୁ ଜନଗଣନାରେ ଜାତିଭିତ୍ତିକ ଗଣନାକୁ ପ୍ରାଧାନ୍ୟ ଦିଆଯାଇ ନାହିଁ। ଆସନ୍ତା ଜନଗଣନାରେ ଏସ୍ଇବିସି, ଏସ୍‌ସି/ଏସ୍‌ଟି ବର୍ଗ ପାଇଁ ସ୍ୱତନ୍ତ୍ର ଗଣନା କରାଯିବ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏହାକୁ କାର୍ଯ୍ୟକାରୀ କରିପାରିଲେ ବାପୁଙ୍କ ଚିନ୍ତାଧାରାକୁ ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ସାମାଜିକ, ଅର୍ଥନୈତିକ ଓ ଜାତିଭିତ୍ତିକ ଜନଗଣନା କରିବାକୁ ମହାରାଷ୍ଟ୍ର ବିଧାନସଭାରେ ଅନୁମୋଦନ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଭୁଲ୍‌ରେ...

ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବିମାନରେ ଥିବା ସମସ୍ତ ୧୭୬ ଯାତ୍ରୀ ପ୍ରାଣ ହରାଇଥିଲେ। ଇରାନ ସମେତ ଅନ୍ୟ ଦେଶଗୁଡ଼ିକ ପ୍ରଥମେ ଏହାକୁ ଯାନ୍ତ୍ରିକ ତ୍ରୁଟିଜନିତ ବୋଲି ଧରିନେଇଥିଲେ। କିନ୍ତୁ ଇରାନର ମିଶାଇଲ ଆକ୍ରମଣ ପରେ ବିମାନ ଦୁର୍ଘଟଣା ଘଟିଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ଆମେରିକା ଏହି ଦୁର୍ଘଟଣାରେ ଇରାନର ହାତ ଥିବା କହୁଥିବାବେଳେ ଅଭିଯୋଗକୁ ବାରମ୍ବାର ଖଣ୍ଡନ କରୁଥିଲା ତେହେରାନ। ତେବେ ଶୁକ୍ରବାର ନ୍ୟୁୟର୍କ ଟାଇମ୍ସ ଏବଂ ସିଏନ୍‌ଏନ୍ ସମେତ କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ ବିମାନ ଦୁର୍ଘଟଣା ବେଳର ଭିଡିଓ ଜାରି କରାଯିବାର ଦିନକ ପରେ ଇରାନ ନିଜ ଦୋଷ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି। ଇରାନର ସଶସ୍ତ୍ର ବଳ ଜେନେରାଲ ଷ୍ଟାଫ୍ ପକ୍ଷରୁ ଏକ ବିବୃତିରେ ଶନିବାର କୁହାଯାଇଛି ଯେ ବୁଧବାର ବିମାନ ଦୁର୍ଘଟଣା ଘଟିବା ସମୟରେ ସୁରକ୍ଷା ବଳ ହାଇଏଷ୍ଟ ଆଲର୍ଟରେ ରହିଥିଲା। ସ୍ଥିତି ଅତ୍ୟନ୍ତ ଜଟିଳ ଥିବାବେଳେ ଆମେରିକା ନିର୍ମିତ ବୋଇଂ ୭୩୭-୮୦୦ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ସାମରିକ କେନ୍ଦ୍ରର ଅତି ସମ୍ବେଦନଶୀଳ ଅଞ୍ଚଳର ନିକଟତର ହୋଇଥିଲା। ଏଥିଯୋଗୁ ଏହା ଶତ୍ରୁପକ୍ଷର ବିମାନ ବୋଲି ମନେକରି ଏହାକୁ ମିଶାଇଲ ଆକ୍ରମଣ କରାଯାଇଥିଲା। ଆଗକୁ ଯେମିତି ଏଭଳି ଭୁଲ ନ ହେବ ସେ ଦିଗରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯିବ। ଇରାନର ବହିର୍ବ୍ୟାପାର ମନ୍ତ୍ରୀ ମହମ୍ମଦ ଜାଭେଦ ଜରିଫ ଏହି ଭୁଲ ପାଇଁ କ୍ଷମାମାଗିଛନ୍ତି। ଆମେରିକା ଦ୍ୱାରା ସୃଷ୍ଟି କରାଯାଇଥିବା ସଙ୍କଟ ଯୋଗୁ ଏହି କୃତ୍ରିମ ଦୁଃସାହିକ ପଦକ୍ଷେପ ନିଆଯାଇଥିଲା, ଯାହାକି ବିପର୍ଯ୍ୟୟ ଆଣିଦେଇଥିଲା ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ରୁହାନି ମଧ୍ୟ ଟୁଇଟ୍ କରି ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ଶୋକସନ୍ତପ୍ତ ପରିବାରଗୁଡ଼ିକୁ ସମବେଦନା ଜଣାଇଛନ୍ତି। ଏହି ଅକ୍ଷମଣୀୟ ଭୁଲ୍ ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ସୁନିଶ୍ଚିତ କରିବା ଲାଗି ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ୟୁକ୍ରେନ ଓ କାନାଡା ଏହି ଦୁର୍ଘଟଣା ପାଇଁ ଇରାନକୁ ଉତ୍ତରଦାୟୀ କରାଯାଉ ବୋଲି ଦାବି କରିଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବିମାନ ଖସାଇଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରିଛନ୍ତି। ଇରାନ ଖୁବ୍‌ଶୀଘ୍ର ଦୋଷୀଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଇବା ନେଇ ସେ ଆଶାବାଦୀ ଥିବା ଭୋଲୋଡିମିର ଫେସ୍‌ବୁକରେ ପୋଷ୍ଟ କରିଛନ୍ତି। ସେହିପରି କାନାଡା ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ମଧ୍ୟ ଦୁର୍ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଦୁର୍ଘଟଣାକୁ ସେ କାନାଡାବାସୀଙ୍କ ପାଇଁ ଏକ ଜାତୀୟ ବିପର୍ଯ୍ୟୟ ଭାବେ ଅଭିହିତ କରିଛନ୍ତି। ପ୍ରକାଶ ଯେ, ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୭୬ ମୃତକଙ୍କ ମଧ୍ୟରେ ଇରାନର ୮୨ ଏବଂ କାନାଡାର ୬୩ ଜଣ ଥିଲେ। ସେହିପରି ସ୍ୱିଡେନର ୧୦, ଆଫଗାନିସ୍ତାନର ୪, ଜର୍ମାନୀର ୩, ଓ ବ୍ରିଟେନର ୩ ଜଣଙ୍କ ଜୀବନ ଯାଇଛି। ୯ ବିମାନ କର୍ମଚାରୀଙ୍କ ସମେତ ୧୧ ଜଣ ହେଉଛନ୍ତି ୟୁକ୍ରେନ ବାସିନ୍ଦା। ଦୁର୍ଘଟଣାଗ୍ରସ୍ତ ବିମାନ ୨୦୧୬ରେ ନିର୍ମିତ ହୋଇଥିଲା ଏବଂ ବୋଇଂ ଫ୍ୟାକ୍ଟ୍ରିରେ ଦୁଇଦିନ ତଳେ ଏହାକୁ ଯାଞ୍ଚ କରାଯାଇଥିଲା ବୋଲି ୟୁକ୍ରେନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

## ଓଡ଼ିଶାର...

ଷ୍ଟିଫେନ୍‌ସ ସେଣ୍ଟେନାରୀ ମେଡାଲ ୱିନର ମଧ୍ୟ ହୋଇଥିଲେ। ଏହାପରେ ସେ ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହ 'ଡ. ମନମୋହନ ସିଂ ସ୍କଲାର' ପାଇଥିଲେ। ଜେଏନ୍‌ୟୁରେ ଇକୋନୋମିକ୍ସରେ ଏମ୍‌ଫିଲ୍ ଶେଷ କରିବା ପରେ ଅଂଶୁମାନ ବର୍ତ୍ତମାନ ଆର୍‌ବିଆଇର ଇକୋନୋମିକ ଆଣ୍ଡ୍ ପଲିସି ରିସର୍ଚ୍ଚ ବିଭାଗର ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ଅଂଶୁମାନଙ୍କ ଘର ବାଲେଶ୍ୱର ଜିଲାର ଚୋରମରାରେ। ସେ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ ପୋଷ୍ଟାଲ ସର୍ଭିସର ସଦସ୍ୟ ତଥା ଓଡ଼ିଶାର ପୂର୍ବତନ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ସନ୍ତୋଷ କାମିଲା ଓ ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀ ତଥା ଅର୍ଥଶାସ୍ତ୍ର ପ୍ରଫେସର ମିତାଲି ଚିନାରାଙ୍କ ପୁଅ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଂଶୁମାନଙ୍କ ସଫଳତା ପାଇଁ ତାଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ଆଇଇଏସ୍ ପରୀକ୍ଷା ୨୦୧୯ ଜୁନ୍ ୨୮ରୁ ୩୦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିକଟରେ ପର୍ସୋନାଲିଟି ଟେଷ୍ଟ ବା ବ୍ୟକ୍ତିତ୍ୱ ପରୀକ୍ଷା ସରିଥିଲା। ମୋଟ ୩୨ ସିଟ୍ ପାଇଁ ଏହି ପରୀକ୍ଷା ହୋଇଥିଲା। ଏଥିରେ ସାଧାରଣବର୍ଗରେ ୧୪ ସିଟ୍ ଥିବାବେଳେ ଇଡବ୍ଲ୍ୟୁଏସ୍‌ରେ ୩, ଓବିସିରେ ୮, ଏସ୍‌ସିରେ ୫ ଓ ଏସ୍‌ଟିରେ ୨ ସିଟ୍ ରହିଛି। ଏହି ପରୀକ୍ଷାରେ ଦ୍ୱିତୀୟରେ ଶ୍ରୁତି ସିଂ ଓ ତୃତୀୟରେ ରାଧିକା ଶର୍ମା ରହିଛନ୍ତି।

## ମା'ବାପାଙ୍କ ପ୍ରେରଣା ସଫଳତା ଦେଲା : ଅଂଶୁମାନ


ମାତା ପିତାଙ୍କ ସହ ଅଂଶୁମାନ।

ଆଇଇଏସ୍ ୨୦୧୯ର ରେଜଲ୍ଟ ବାହାରିବା ପରେ ଅଂଶୁମାନ ବହୁ ଖୁସି ବ୍ୟକ୍ତ କରିବା ସହିତ ଏହାର ଶ୍ରେୟ ମା'ବାପା, ଅଜା, ଗୁରୁଜନ ଓ ସାଙ୍ଗସାଥୀଙ୍କୁ ଦେଇଛନ୍ତି। ଦୁଇଥର ବିଫଳ ହେବା ପରେ ତୃତୀୟ ଚେଷ୍ଟାରେ ସେ ଏହି ସଫଳତା ପାଇଛନ୍ତି। ପରିବାରର ସହଯୋଗ ତାଙ୍କୁ ସଫଳତା ହାସଲ ଲାଗି ଉତ୍ସାହିତ କରି ଆସିଛି ବୋଲି ସେ କହିଛନ୍ତି। ମା' ଅର୍ଥନୀତି ବିଭାଗ ପ୍ରଫେସର ଓ ବାପା ପ୍ରଶାସନିକ ଅଧିକାରୀ। ତେଣୁ ଅର୍ଥନୀତିକୁ ସିଭିଲ ସର୍ଭିସରେ କିପରି କାମରେ ଲଗାଇ ହେବ ସେଥିନିମନ୍ତେ ଉଭୟଙ୍କ ନିକଟରୁ ପ୍ରେରଣା ମିଳିଥିଲା। ଏଥିପାଇଁ ମା' ପାଠ ପଢ଼ିବାକୁ ପ୍ରେରଣା ଦେଇଥିବାବେଳେ ଏହାକୁ କିପରି କାମରେ ଲଗାଇହେବ ବାପା ସେ ବିଷୟରେ ଶିକ୍ଷା ଦେଇଛନ୍ତି। ସମାଜ ପାଇଁ କିଛି କରିବାକୁ ଉଭୟେ ମୋତେ ସବୁବେଳେ ପରାମର୍ଶ ଦେଇଛନ୍ତି। ନିଜ ମାଟି ପାଇଁ କିଛି କରିବାକୁ ଆଶା ରଖି ଚେଷ୍ଟା ଜାରି ରଖିଥିଲି। ଟପ୍ପର ହୋଇଥିବା ଖବର ପାଇବା ପରେ ମା'ବାପା ବହୁତ ଖୁସି ହୋଇଥିବାରୁ ମୁଁ ବି ବହୁତ ଖୁସି ବୋଲି କହିଛନ୍ତି ଅଂଶୁମାନ।

### 'ସିଲାବସ୍ ଅନୁଯାୟୀ ଭଲ ଭାବେ ପଢ଼ନ୍ତୁ'

ନିଜ ଅଭିଜ୍ଞତାରୁ ସିଭିଲ ସର୍ଭିସ୍ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ ସେ କହିଛନ୍ତି ଯେ, ଯାହା ବି ସିଲାବସ୍ ଅଛି ତାହାକୁ ଫଲୋ କରନ୍ତୁ। ଅଳ୍ପକିଛି ପଢ଼ି ପରୀକ୍ଷାରେ ପାସ୍ କରିବାର ଇଚ୍ଛା ରଖିବା ଉଚିତ ନୁହେଁ। ସିଲାବସ୍ ଅନୁଯାୟୀ, ଭଲ ଭାବେ ସବୁଦିନ ପଢ଼ିଲେ ନିହାତି ଭାବେ ମେରିଟ୍ ଲିଷ୍ଟରେ ବହୁତ ଓଡ଼ିଆ ସ୍ଥାନ ପାଇପାରିବେ। ଆଗକୁ ମୁଁ ଆଶା କରିବି ଏହି ପରୀକ୍ଷାରେ ଅନେକ ଓଡ଼ିଆ ସ୍ଥାନ ପାଆନ୍ତୁ। ମାନ୍ଦାବସ୍ଥାର ପ୍ରଭାବ ଅନ୍ତର୍ଜାତୀୟ ସ୍ତରରେ ଦେଖାଦେଇଥିବା ଯୋଗୁ ଭାରତରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଏଥିନିମନ୍ତେ ଭାରତ ସରକାର, ରାଜ୍ୟ ସରକାର ଓ ରିଜର୍ଭ ବ୍ୟାଙ୍କ ଚେଷ୍ଟା ଚଳାଇଥିବା ଆଇଇଏସ୍ ଟପ୍ପର ଅଂଶୁମାନ କହିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ମୌସୁମୀ ନାୟକ


ପୀୟୂଷ ଦାଶ


ଭାଗୀରଥି ମହାପାତ୍ର


ଇନ୍ଦୁମତୀ ସାମନ୍ତରାୟ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ୯୮୩ ରେଳ ଷ୍ଟେଶନ ଜଗିବ ଆଇପି କ୍ୟାମେରା

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ପୂର୍ବତଟ ରେଳପଥର ପ୍ରମୁଖ ଷ୍ଟେଶନଗୁଡ଼ିକରେ ଖୁବ୍‌ଶୀଘ୍ର ସୁରକ୍ଷା ବ୍ୟବସ୍ଥା ବଢ଼ିବ। ରାଜ୍ୟର ବଡ଼ ରେଳ ଷ୍ଟେଶନରେ ଆଇପି ସର୍ଭେଲାନ୍ସ କ୍ୟାମେରା ଲାଗିବ। ଏଥିପାଇଁ ରେଲ୍‌ୱେ ବୋର୍ଡ଼ ଅନୁମତି ଦେଇସାରିଛି। ଷ୍ଟେଶନ ପ୍ରତୀକ୍ଷାଳୟ, ଟିକଟ କାଉଣ୍ଟର, ପାର୍କିଂ, ପ୍ରବେଶ ଦ୍ୱାର, ପ୍ରସ୍ଥାନ ଦ୍ୱାର, ପ୍ଲାଟଫର୍ମ, ଫୁଟ୍ ଓଭରବ୍ରିଜ୍, ବୁକିଂ କାର୍ଯ୍ୟାଳୟରେ ଇଣ୍ଟରନେଟ୍ ପ୍ରୋଟୋକଲ ଭିଡ଼ିଓ ସର୍ଭେଲାନ୍ସ ବ୍ୟବସ୍ଥା କରାଯିବ ବୋଲି ରେଲ୍‌ୱେ ସୂତ୍ରରୁ ଜଣାପଡିଛି। ନିର୍ଭୟା ଫଣ୍ଡରୁ ରେଲ୍‌ୱେକୁ ମିଳିଥିବା ୨୫୦ କୋଟି ଟଙ୍କାରେ ଦେଶର ୯୮୩ ଷ୍ଟେଶନରେ ଏହି କ୍ୟାମେରା ଲଗାଇବାକୁ ରେଲ୍‌ୱେ ସ୍ଥିର କରିଛି। ପ୍ରଥମ ପର୍ଯ୍ୟାୟରେ ଦେଶର ୨୦୦ ଷ୍ଟେଶନରେ ଏହି

**ନିର୍ଭୟା ଫଣ୍ଡରୁ ମିଳିଛି ୨୫୦ କୋଟି**

କ୍ୟାମେରା ଲଗାଯିବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୮୧ ଷ୍ଟେଶନରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। କ୍ୟାମେରାରେ ରେକର୍ଡ଼ ହେଉଥିବା ଚିତ୍ରକୁ ଅଧିକ ସ୍ପଷ୍ଟ କରିବା ପାଇଁ ୪ ପ୍ରକାର କ୍ୟାମେରା ଲଗାଯିବ। ଡୋମ୍ ଟାଇପ୍, ବୁଲେଟ୍ ଟାଇପ୍, ପାନ୍ ଟିଲ୍ଟ ଟାଇପ୍, ଅଲ୍‌ଟ୍ରା-୪କେ କ୍ୟାମେରା ଲଗାଯିବ। ଏହାକୁ ଆର୍‌ପିଏଫ ପରିଚାଳନା କରିବ। ପ୍ରତ୍ୟେକ କ୍ୟାମେରା ୧ଟିବି ଓ ୪କେ କ୍ୟାମେରା ୪ଟିବି ଡାଟା ରଖିପାରିବ। ଏହି ଭିଡ଼ିଓ ମାତ୍ର ୩୦ଦିନ ପାଇଁ ରଖାଯିବ। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିଲେ ଅଧିକ ଦିନ ପାଇଁ ରଖାଯାଇପାରିବ। ତେବେ ଏହି କାର୍ଯ୍ୟ ରେଲ୍‌ୱେର ପିଏସ୍‌ୟୁ ୟୁନିଟ୍ ରେଲ୍‌ଟେଲକୁ ଦିଆଯାଇଛି।

### ଭାରସାମ୍ୟ ହରାଇ ଗଛରେ ପିଟିହେଲା କାର

# ପରିବାରର ୩ ସଦସ୍ୟଙ୍କ ସହ ଚାଳକ ମୃତ

**ନୟାଗଡ଼ ଅଫିସ,୧୧।୧**

■ ସ୍ୱାସ୍ଥ୍ୟ ପରୀକ୍ଷା କରି ଗ୍ରାମକୁ ଫେରୁଥିଲେ
■ କରଡା ଛକ ନିକଟରେ ଘଟିଲା ଦୁର୍ଘଟଣା
■ ଗୋଟିଏ ଜୁଇରେ ଜଳିଲା ଦମ୍ପତିଙ୍କ ମୃତଦେହ


ଦୁର୍ଘଟଣାଗ୍ରସ୍ତ କାର୍

ନୟାଗଡ଼ ଜିଲା ଶରଣକୁଳ ଥାନା ଅନ୍ତର୍ଗତ କରଡ଼ାଛକଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଭାରସାମ୍ୟ ହରାଇ ଏକ କାର ଗଛରେ ପିଟିହେବା ଫଳରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୩ ଜଣ ଥିବା ବେଳେ ଅନ୍ୟ ଜଣେ ଚାଳକ ରହିଛନ୍ତି। ସେମାନେ ହେଲେ ଓଡ଼ଗାଁ ଥାନା ନନ୍ଦିଘୋର ଗ୍ରାମ ନେଳିଆସାହିର ଚିରଞ୍ଜୀବୀ ସାହୁ (୪୪), ତାଙ୍କ ସ୍ତ୍ରୀ ମଧୁସ୍ମିତା ସାହୁ (୩୫), ପୁଅ ଆଦିତ୍ୟ କୁମାର ସାହୁ (୧୧) ଓ ଉକ୍ତ ଗ୍ରାମର ଚାଳକ ସନ୍ତୋଷ କୁମାର ନାୟକ। ଚିରଞ୍ଜୀବୀ ଜଣେ ରାଇସ ମିଲ୍ ମାଲିକ ବୋଲି ଜଣାପଡିଛି।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ସକାଳେ ଚିରଞ୍ଜୀବୀ ନିଜ ଗାଡି ହ୍ୟୁଣ୍ଡାଇ କ୍ରେଟା (ନଂ.ଓଡି୦୨ ଏଏନ୍ ୭୨୩୭) ଯୋଗେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ସହ ଦଶପଲ୍ଲାରେ ରହୁଥିବା ଶଳୁ ଦେବାଶିଷ ସାହୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ କଟକର ଏକ ମେଡିକାଲକୁ ଯାଇଥିଲେ। ସେମାନଙ୍କ ସହ ଚିରଞ୍ଜୀବୀଙ୍କ ସ୍ତ୍ରୀ, ପୁଅ, ଝିଅ ଓ ଦେବାଶିଷଙ୍କ ସ୍ତ୍ରୀ, ଭୁବନେଶ୍ୱରରୁ ଚିରଞ୍ଜୀବୀଙ୍କ ଅନ୍ୟ ଜଣେ ଶଳୁ ମନୋରଞ୍ଜନ ସାହୁ ଏବଂ ତାଙ୍କ ସ୍ତ୍ରୀ ଉକ୍ତ ଗାଡିରେ ବସି କଟକ ଯାଇଥିଲେ। ଚାଳକ ସନ୍ତୋଷ ଗାଡି ଚଳାଉଥିଲେ। କଟକର ଏକ ମେଡିକାଲରେ ଚିରଞ୍ଜୀବୀ ଓ ଦେବାଶିଷ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଅପରାହ୍ନରେ ଭୁବନେଶ୍ୱର ଫେରିଥିଲେ। ସେଠାରେ ବୁଲାବୁଲି କରିବା ପରେ ମନୋରଞ୍ଜନ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱରରେ ରହି ଯାଇଥିଲେ। ପରେ କାର୍‌ରେ ଅନ୍ୟମାନେ ନୟାଗଡ଼କୁ ଫେରିଥିଲେ। ରାତି ୧୧ଟାରେ ନୟାଗଡ଼ କଚେରି ଛକଠାରେ ଦେବାଶିଷ ଓ ତାଙ୍କ ସ୍ତ୍ରୀ ଆଉ ଏକ କାର୍‌ରେ ଦଶପଲ୍ଲାକୁ ଫେରି ଯାଇଥିଲେ। ଚିରଞ୍ଜୀବୀ ଝିଅଙ୍କୁ ନୟାଗଡ଼ରେ ପଢୁଥିବା ଏକ ଘରୋଇ କଲେଜରେ ଛାଡ଼ି ଦେଇ ଗ୍ରାମକୁ ବାହାରିଥିଲେ। ଘରେ ଖାଇବା ପାଇଁ ବାଟରେ ଥିବା ଏକ ହୋଟେଲରୁ ଖାଦ୍ୟ ପାର୍ସଲ ନେଇଥିଲେ। ଘରେ ପହଞ୍ଚିବାକୁ ଆଉ ମାତ୍ର କିଛି କିଲୋମିଟର ବାକି ଥିବା ବେଳେ କରଡ଼ା ଛକଠାରେ ଚାଳକ ଜଣଙ୍କ ଭାରସାମ୍ୟ ହରାଇ ଗାଡ଼ିଟିକୁ ରାସ୍ତାର ଡାହାଣ ପଟେ ଥିବା ଏକ ଗଛରେ ପିଟି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ମଧୁସ୍ମିତାଙ୍କୁ ଉଦ୍ଧାର କରି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶନିବାର ସକାଳେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଶରଣକୁଳ ଥାନା ପୋଲିସ ମୃତଦେହ ଜବତ କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ୪/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଶରଣକୁଳ ଥାନା ଅଧିକାରୀ କିରଣ ହେମ୍ବ୍ରମ ପ୍ରକାଶ କରିଛନ୍ତି। ଚିରଞ୍ଜୀବୀଙ୍କ ଘସାଦେଇପୁରଠାରେ ଏକ ରାଇସ ମିଲ୍ ରହିଛି। ଘଟଣାକୁ ନେଇ ନନ୍ଦିଘୋର ଗ୍ରାମ ନେଳିଆସାହିରେ ଶୋକର ଛାୟା ଖେଳିଯାଇଛି। ଚିରଞ୍ଜୀବୀ ଓ ତାଙ୍କ ସ୍ତ୍ରୀଙ୍କ ମୃତଦେହ ଗୋଟିଏ ଜୁଇରେ ଜଳିଥିବା ଜଣାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ସ୍ୱଗୃହୀ ଚନ୍ଦ୍ର ପ୍ରଭାବରୁ ପରିବାର ଓ କର୍ମକ୍ଷେତ୍ର ଶୃଙ୍ଖଳିତ ରହିବ। ସାମାଜିକ ସ୍ତରରେ ଲୋକଙ୍କ ଖାତିର ରହିବ ଓ ଏକାଦଶସ୍ଥ ଶୁକ୍ର ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଖର୍ଚ୍ଚଭାର ବୃଦ୍ଧି, ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ ସମସ୍ୟା, କଚେରି ମାମଲା ଯୋଗୁ ଚିନ୍ତାପ୍ରକଟ କରିବେ।

**ବୃଷ** ମିତ୍ରଗୃହୀ ରାଶ୍ୟାଧିପଙ୍କ ସୁପ୍ରଭାବରେ କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତିର ମାର୍ଗ ସୁଗମ ହେବ। ଅଫିସରେ ଭଲ୍ ସମ୍ପର୍କ ନ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। କିନ୍ତୁ ମୃଗଶିରା ନକ୍ଷତ୍ର ସକାଶେ ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ** ଧନସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଆର୍ଥିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। କୁଟୀରଶିଳ୍ପ, ବ୍ୟବସାୟ ଓ ପରିବହନରେ ରହିଥିବା ପ୍ରତିବନ୍ଧକ ଦୂର ହୋଇଯିବ। କେତେକ ଅବହେଳିତ ସ୍ଥଗିତ କାର୍ଯ୍ୟ ସକାଶେ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ ନାହିଁ।

**କର୍କଟ** ଶୁଭଗ୍ରହ ପ୍ରଭାବରୁ ଦୈହିକ ସୁସ୍ଥତା ସଙ୍ଗକୁ ମାନସିକ ପ୍ରସନ୍ନତା କର୍ମକ୍ଷେତ୍ରରେ ଉତ୍ସାହିତ କରାଇବ। ଆନୁଷ୍ଠାନିକ କାମ, ସଭାସମିତି, ସଙ୍ଗଠନ ଓ ରାଜନୀତି କ୍ଷେତ୍ର ସକାଶେ ଦିନଟି ବହୁତ ଭଲ। ଅଶ୍ଳେଷା ନକ୍ଷତ୍ର କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଶିକ୍ଷା,ପରୀକ୍ଷା, ଋଣ ପରିଶୋଧ ଓ ଦୂରଯାତ୍ରାରେ ଆଶାଜନକ ସୁଫଳ ପାଇବେ।

**ସିଂହ** କର୍ମାଧିପ ରାଶିକୁ ଦେଖୁଥିବାରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବା ସକାଶେ ତତ୍ପରତା ପ୍ରକାଶ କରିବେ। ଆର୍ଥିକ ଅନଟନଜନିତ ଧାର ଉଧାର କରିବାକୁ ପଡ଼ିପାରେ। ସାହିତ୍ୟ ଚର୍ଚ୍ଚା, ଗବେଷଣା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ନିଜର ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ପଶ୍ଚାତାପ କରିବାକୁ ପଡ଼ିପାରେ।

**କନ୍ୟା** ଚନ୍ଦ୍ର ଓ ମଙ୍ଗଳଙ୍କ ପ୍ରଭାବରେ ଭାଇ,ବନ୍ଧୁ ଓ ପଡ଼ୋଶୀଙ୍କ ସହିତ ସୁସମ୍ପର୍କ ସ୍ଥାପିତ ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନ୍ୟମାନଙ୍କ ସକାଶେ ଅସନ୍ତୋଷର କାରଣ ହୋଇପାରେ। ବାଣିଜ୍ୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତିର ସମ୍ଭାବନା ରହିଛି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ତୁଳା** ଚନ୍ଦ୍ରଙ୍କ ଚତୁର୍ଥଭାବକୁ ଦୃଷ୍ଟି ଯୋଗୁ ବନ୍ଧୁମିଳନ, ଯାନବାହନ ଲାଭ ଏବଂ ପାରିବାରିକ ସୁସମ୍ପର୍କ ସୃଷ୍ଟି କରିବ। ହାତକୁ ନେଇଥିବା କାମଗୁଡ଼ିକ ମଧ୍ୟ ସୁରୁଖୁରୁରେ ସମ୍ପନ୍ନ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ। କିନ୍ତୁ ତୃତୀୟଭାବରେ ଏକାଧିକଗ୍ରହ ଯୋଗୁ ପାଖ ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନି।

**ବିଛା** ଅନୁକୂଳ ଗ୍ରହସ୍ଥିତିରୁ ସାମଗ୍ରିକ ସୁଖ, ସୁବିଧା ମଧ୍ୟରେ ଦୈହିକ ଓ ମାନସିକ ସ୍ଥିତି ଭଲ ରହିବ। କିନ୍ତୁ କୌଣସି ବନ୍ଧୁଙ୍କ ବିଚ୍ଛେଦାତ୍ମକ ସ୍ଥିତି ଅନୁରାଧା ପାଇଁ ସାମୟିକ ମନଦୁଃଖର କାରଣ ହୋଇପାରେ। ସମସ୍ୟା ରହିଥିଲେ ମଧ୍ୟ କୌଣସି ନୂତନ କର୍ମାରମ୍ଭ କରି ଆନନ୍ଦ ଅନୁଭବ କରିପାରନ୍ତି। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରି ସମସ୍ୟା ସୃଷ୍ଟି କରିବେ।

**ଧନୁ** ମନ ମୁତାବକ କାର୍ଯ୍ୟସାଧନ କରିବାରେ ସିଦ୍ଧହସ୍ତ ହେବେ କିନ୍ତୁ ସାଧାରଣ କଥାରେ ପାରିବାରିକ କଳହ ଲାଗିବ। ବିଶେଷଭ୍ରମଣ ଓ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। କୃତୀ ଓ କୃତିତ୍ୱ ସାଙ୍ଗକୁ କାର୍ଯ୍ୟଦକ୍ଷତାକୁ ନେଇ ପଡ଼ୋଶୀମାନେ ଭୂରି ଭୂରି ପ୍ରଶଂସା କରିପାରନ୍ତି।

**ମକର** ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଯାହା ଇଚ୍ଛା କରୁଛନ୍ତି ତାହା ପାଇବେ ଓ କାମ ହାସଲରେ ସଫଳତା ମିଳିବ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ତଥା ରାଜନୀତିରେ ଚେଷ୍ଟା ସଫଳ ହେବ। ମାତ୍ର ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଶାରୀରିକ ସୁସ୍ଥତାକ୍ରମଶଃ ଫେରି ଆସିବ ଓ ବନ୍ଧୁମାନଙ୍କ ସାହାଯ୍ୟ ପାଇବେ।

**କୁମ୍ଭ** ଶୁକ୍ରଙ୍କ ଶୁଭତ୍ୱରୁ ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ସମ୍ମାନଜନକ ସ୍ଥିତିରେ ରହିବେ। ଈର୍ଷାପରାୟଣ ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ସାମୟିକ ବିରକ୍ତି ପ୍ରକାଶ କରିପାରନ୍ତି। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଆର୍ଥିକ ସ୍ଥିତି ପୂର୍ବପରି ଅପରିବର୍ତ୍ତିତ ରହିବାରୁ ଧନିଷ୍ଠା ନକ୍ଷତ୍ର ଖୁସି ରହିବେ।

**ମୀନ** କର୍ମଭାବରେ ଗ୍ରହଯୋଗ ପ୍ରଭାବରୁ ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ କର୍ମକ୍ଷେତ୍ରରେ ପ୍ରଗତି ମନୋବଳ ବୃଦ୍ଧି କରିବ। ପାରିବାରିକ ସମର୍ଥନ ହାସଲ କରିବା କାରଣରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା ରହିଛି।

ଆଜି ଜାନୁୟାରୀ ୧୨ ତାରିଖ, ଜାତୀୟ ଯୁବ ଦିବସ, ପୁଷ୍ୟାଭିଷେକ, ରାଜାଭିଷେକ, ଶ୍ରୀନଅରରେ ଉତ୍ସବ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ, ମାଘ କୃଷ୍ଣ ଦ୍ୱିତୀୟା ରବିବାର, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମେଷ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୧୧ମି. ଗତେ ଘ୯।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୪।୦୦ମି. ଗତେ ଘ୫।୨୧ମି. ମଧ୍ୟେ ରାହୁକାଳ।



## ଜିଲ୍ଲା ଚିଠି
### ବରଗଡ଼

## ଅଲୋଡ଼ା ଶିଶୁକନ୍ୟା

ଶିଶୁକନ୍ୟାଙ୍କ ସୁରକ୍ଷା, ଭବିଷ୍ୟତ ସକାଶେ ରାଜ୍ୟ, କେନ୍ଦ୍ର ସରକାର ବହୁବିଧ ଯୋଜନା ହାତକୁ ନେଇଛନ୍ତି। ଏଥିପାଇଁ ସରକାର ବିଭିନ୍ନ ଆଇନ ମଧ୍ୟ ପ୍ରଣୟନ କରିଛନ୍ତି। ବର୍ଷର ବିଭିନ୍ନ ସମୟରେ ଚାଲିଛି ସଚେତନତା କାର୍ଯ୍ୟକ୍ରମ। ହେଲେ ସେଭଳି କିଛି ଆଶାନୁରୂପ ସୁଫଳ ମିଳୁନାହିଁ। ଗୋଟିଏ ପଟେ କିଛି ଲୋକଙ୍କ ମାନବିକତା ହଜିଯାଇଛି। ଆଉ କିଛି ମଣିଷଙ୍କ ବିକୃତ ମାନସିକତା ଯୋଗୁ ଶିଶୁକନ୍ୟାଟିଏ ଆଜି ଅନ୍ଧକାର ଭବିଷ୍ୟତ ନେଇ ଗତି କରୁଛି। ବରଗଡ଼ ଜିଲ୍ଲାରେ ଗତ କିଛିଦିନ ତଳେ ଘଟିଥିବା ୩ ଅଭାବନୀୟ ଘଟଣାରୁ ଏହା ସହଜରେ ଅନୁମେୟ। ଗତ ଡିସେମ୍ବର ମାସରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୩ ନବଜାତ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ଜିଲ୍ଲାର ପଦ୍ମପୁର ଅଞ୍ଚଳରେ ଏକ ଡ୍ରେନରୁ ଅଖାରେ ଭର୍ତ୍ତି ଶିଶୁକନ୍ୟା ଉଦ୍ଧାର କରାଯାଇଥିବା ବେଳେ ବରପାଲି ନିକଟ ରେଳଧାରଣା ପାଖରୁ ବ୍ୟାଗରୁ ଅନ୍ୟଜଣେ ଶିଶୁକନ୍ୟା ମିଳିଥିଲା। ସେହିପରି ଭଟଲି ଅଞ୍ଚଳର ଏକ ନାଳାରୁ ଆଉ ଏକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିଲା। ମାସକ ମଧ୍ୟରେ ୩ ଶିଶୁକନ୍ୟା ମା' କୋଳ ବଦଳରେ ଡ୍ରେନ, ରେଳଧାରଣା ଏବଂ ନାଳା ଭିତରକୁ ଅଖା,ବ୍ୟାଗରେ ଭର୍ତ୍ତି ଅବସ୍ଥାରେ ମିଳିବା କେବଳ ଚିନ୍ତାଜନକ କିମ୍ବା ଆଲୋଡ଼ନର ବିଷୟ ନୁହେଁ, ଏଥିରୁ ସରକାରଙ୍କ ଶିଶୁ ସୁରକ୍ଷା, ଅଧିକାର ଆଇନ କିଭଳି ଫଳବତୀ ହୋଇଛି, ତାହା ସ୍ପଷ୍ଟ ହୋଇଛି। ଏତେ ସଚେତନତା ସତ୍ତ୍ୱେ ଶିଶୁକନ୍ୟାକୁ ଜନ୍ମ ଦେଇଥିବା ମା, ବାପାଙ୍କ ମାନସିକତା କେଉଁସ୍ତରକୁ ପହଞ୍ଚି ସାରିଛି, ତାହା ଅନୁମେୟ। ତେବେ ଏଭଳି ସ୍ଥଳେ ଯେଉଁ ଶିଶୁକନ୍ୟା ସହୃଦୟ ଲୋକଙ୍କ ଦୃଷ୍ଟିରେ ପଡୁଛି, ସେ ନିଜ ମା, ବାପାଙ୍କ ପରିଚୟ ପାଇ ନ ପାରିଲେ ସୁଦ୍ଧା ଅନ୍ୟ କାହାକୋଳରେ ରହି ଦୁନିଆ ଦେଖି ପାରୁଛି। କିନ୍ତୁ ଯେଉଁଠି ସେଭଳି ଡ୍ରେନ, ନାଳା କିମ୍ବା ପରିତ୍ୟକ୍ତ ସ୍ଥାନରେ ପଡ଼ିଥିବା ଶିଶୁକନ୍ୟା ଲୋକଙ୍କ ଦୃଷ୍ଟି ଆଢୁଆଳେ ରହି ଯାଉଛନ୍ତି, ସେମାନଙ୍କ ଭବିଷ୍ୟତ ସେଠାରେ ହିଁ ଦୁନିଆ ଚିହ୍ନିବା ପୂର୍ବରୁ ସରିଯାଉଛି। ତେବେ ଆଶ୍ଚର୍ଯ୍ୟର ବିଷୟ, ଏଭଳି ଶିଶୁକନ୍ୟାଙ୍କୁ ଜନ୍ମ ପରେ ଫିଙ୍ଗା ଫୋପଡ଼ା କରିଥିବା ମା, ବାପାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, ସେମାନଙ୍କୁ ଚିହ୍ନଟ କରିବାରେ ମଧ୍ୟ କେହି ସକ୍ଷମ ହେଉନାହାନ୍ତି। ଆଜିର ସମାଜରେ ଏପରି ମାନସିକତା ଏକ ଭୁଲ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

– ପ୍ରେମାନନ୍ଦ ଖମାରୀ

## କାଲିକି ମୁଁ ଆଉ ନ ଥିବି...

**କଟକ ଅଫିସ, ୧୧।୧**

କାଲିକି ମୁଁ ଆଉ ନ ଥିବି। ଏହା ଥିଲା ମନୋଜ ସ୍ୱାଇଁ ନାମକ ଜଣେ ଯୁବକଙ୍କ ଶେଷ ବାକ୍ୟ। ପ୍ରେମିକା ନିକଟରୁ ପ୍ରତାରଣାର ଶିକାର ହେବା ପରେ ସେ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିଲେ। ଏଭଳି ଏକ ଅଭାବନୀୟ ଘଟଣା ଶନିବାର ଦେଖିବାକୁ ମିଳିଛି କଟକ ଜିଲ୍ଲା ମଧୁପାଟଣା ଥାନା ଅଧୀନ ତାଳଦଣ୍ଡା କେନାଲ ନିକଟ ଟ୍ରେନ୍ ଲାଇନରେ। ମନୋଜଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିବାବେଳେ ସେ ମୃତ୍ୟୁ ପୂର୍ବରୁ ନିଜ ମୋବାଇଲ ଫୋନରେ ଏକ ଭିଡିଓ ଉତ୍ତୋଳନ କରିଥିଲେ। ଯେଉଁଥିରେ ତାଙ୍କ ପ୍ରେମିକା କିପରି ତାଙ୍କ ସହ ପ୍ରତାରଣା କରିଛନ୍ତି ତାହା ସେ କହୁଥିବା ଦେଖିବାକୁ ମିଳିଛି। ଖବରପାଇ କଟକ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏ ନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ମନୋଜଙ୍କ ଘର ନିଆଳି ଅଞ୍ଚଳରେ। ସେ କଟକ ରାଉସାପାଟଣାରେ ଘର ଭଡା ନେଇ ରହୁଥିବାବେଳେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ଏହି ସମୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପଢୁଥିବା ଯାଜପୁର ଜିଲ୍ଲାର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢି ଉଠିଥିଲା। ପ୍ରାୟ ୩ବର୍ଷ ପ୍ରେମ ସମ୍ପର୍କ ଭିତରେ ମନୋଜ ଉକ୍ତ ଯୁବତୀଙ୍କ ଅତି ନିକଟତର ହୋଇଯାଇଥିଲେ। ଯୁବତୀଙ୍କୁ ବିବାହ କରିବାକୁ ସ୍ୱପ୍ନ ଦେଖିଥିଲେ। ମାତ୍ର ଏଇ କିଛିଦିନ ହେବ ଯୁବତୀ ଜଣକ ତାଙ୍କ ଠାରୁ ଦୂରତା ରକ୍ଷା କରୁଥିବା କଥା ମନୋଜ ହୃଦୟଙ୍ଗମ କରିଥିଲେ। ସେ ଆଗ ଭଳି ମନୋଜଙ୍କ ଫୋନ୍‌ର ଉତ୍ତର ଦେଉ ନ ଥିଲେ। ଫଳରେ ମନୋଜ ଏହାକୁ ନେଇ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ପରବର୍ତ୍ତୀ ସମୟରେ ମନୋଜ କୌଣସି ମତେ ଯୁବତୀଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ତେବେ ଯୁବତୀ ଜଣକ ଅନ୍ୟ ଏକ ପୁଅକୁ ଭଲ ପାଉଛନ୍ତି ଓ ସେ ଯୁବକଙ୍କ ସହ ତାଙ୍କର ବାହାଘର ହେବ ବୋଲି ମନୋଜଙ୍କୁ କହିଥିଲେ। ଏପରି କି ଆଗକୁ ତାଙ୍କ ସହ ଆଉ କୌଣସି ପ୍ରକାର ସମ୍ପର୍କ ନ ରଖିବାକୁ ସେ ତାଗିଦ୍ କରିଥିଲେ। ଏଥିରେ ମନୋଜ ଖୁବ୍ ଭାଙ୍ଗିପଡିଥିଲେ। ପରିବାର ଓ ସାଙ୍ଗସାଥୀଙ୍କ ସହ ମଧ ଭଲରେ ମିଳାମିଶା କରୁ ନ ଥିଲେ। ତେବେ ଶୁକ୍ରବାର ରାତିରେ ସେ ଟ୍ରେନ୍‌ଲାଇନ୍‌ରେ ବୁଲାବୁଲି କରୁଥିବାର ଏକ ଭିଡିଓ ନିଜ ଫେସ୍‌ବୁକରେ ଅପଲୋଡ କରିଥିଲେ। ଏହା ଦେଖି ତାଙ୍କ ସାଙ୍ଗସାଥୀ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ଟ୍ରେନ୍‌ଲାଇନରୁ ତାଙ୍କ ମୃତଦେହ ମିଳିଥିଲା। ସେ ପ୍ରେମରେ ସାଂଘାତିକ ଭାବେ ପ୍ରତାରଣାର ଶିକାର ହୋଇଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି। ଏହି ପ୍ରତାରଣା ପାଇଁ ସେ ନ୍ୟାୟ ଭିକ୍ଷା କରିଛନ୍ତି।



- ପ୍ରେମରେ ପ୍ରତାରଣା ପରେ ଆତ୍ମହତ୍ୟା
- ଆତ୍ମହତ୍ୟା ପୂର୍ବରୁ ପ୍ରସ୍ତୁତ କରିଥିଲେ ଭିଡିଓ
- ଚିଠିରେ ନ୍ୟାୟ ଭିକ୍ଷା

### ଭିଡିଓରେ କ'ଣ କହିଥିଲେ, ଚିଠିରେ କ'ଣ ଲେଖିଥିଲେ

ଜୀବନରେ କାହାରିକୁ ମୋ ଭଳି ହୃଦୟ୍ ଦେଇ ଭଲ ପାଅନାହିଁ। ଟ୍ରେନ୍ ଶବ୍ଦ ସାଙ୍ଗକୁ ମନୋଜଙ୍କ ବାଷ୍ପରୁଦ୍ଧ କଣ୍ଠ ସ୍ୱରରୁ ଶୁଭୁଛି ଏହିଭଳି କିଛି କଥା। କାଲି ଏତେବେଳକୁ ମୁଁ ଆଉ ନ ଥିବି। ମୋତେ ଭଲ ପାଇ ସେ(ଯୁବତୀଙ୍କ ନାଁ ନେଇ) ଠକିଦେଲା। ୩ବର୍ଷର ସମ୍ପର୍କକୁ ପାଦରେ ଆଡେଇ ଦେଇ ଆଉ ଜଣଙ୍କୁ ବିବାହ କରିବ। ଅର୍ଥ, ପ୍ରତିପତ୍ତି ଓ ଜାତି ଆଗରେ ମୋ ପ୍ରେମ ହାରିଗଲା। ପ୍ରେମ ଯେଉଁଠି ହାରିଯାଇଛି, ସେଠି ବଞ୍ଚି ଆଉ ଲାଭ କ'ଣ। ଏହାପରେ ଧନ୍ୟବାଦ ସହ ମନୋଜ ଭିଡିଓଟିକୁ ବନ୍ଦ କରିଦେଉଛନ୍ତି। ସେହିପରି ଚିଠିରେ ମଧ ମନୋଜ କେତେକ କୋହଭରା କଥା ଲେଖିଛନ୍ତି। ମୋ ମୃତ୍ୟୁ ପାଇଁ କେବଳ ସେ (ପ୍ରେମିକା) ଦାୟୀ। ମୋ ମୃତ୍ୟୁର ନ୍ୟାୟ ମିଳୁ।

## ଜେଡ୍‌ଏସ୍‌ଆଇ ସହ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଏମ୍‌ଓୟୁ

**କଟକ ଅଫିସ,୧୧।୧**

ଭାରତର ଏକ ପୁରାତନ ତଥା ୧୦୩ ବର୍ଷର ସଂସ୍ଥା ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆ(ଜେଡ୍‌ଏସ୍‌ଆଇ)ର ବିଶିଷ୍ଟ ବୈଜ୍ଞାନିକମାନଙ୍କ ନିକଟରୁ ଶିକ୍ଷା ହାସଲ କରିବାର ସୁଯୋଗ ଏବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ପାଇବେ। ଏ ନେଇ ଜେଡ୍‌ଏସ୍‌ଆଇ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମଧରେ ଶନିବାର ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଜେଡ୍‌ଏସ୍‌ଆଇ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ସମେତ ବାୟୋ ଟେକ୍ନୋଲୋଜି, ବାୟୋ କେମେଷ୍ଟ୍ରି ବିଭାଗର ବିଦ୍ୟାର୍ଥୀମାନଙ୍କୁ ଏହି ବିଶେଷ ସୁବିଧା ମିଳିବ। ଉକ୍ତ ବିଭାଗଗୁଡ଼ିକରେ ସ୍ନାତକୋତ୍ତର, ଏମ୍‌ଫିଲ୍ ଓ ପିଏଚ୍‌ଡି କରୁଥିବା ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜେଡ୍‌ଏସ୍‌ଆଇର କଲିକତାସ୍ଥିତ କେନ୍ଦ୍ରକୁ ପଠାଯିବ। ଏପରି କି ଜେଡ୍‌ଏସ୍‌ଆଇର ବୈଜ୍ଞାନିକମାନେ ମଧ ଆଗାମୀ ଦିନରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ଅତିଥି ଅଧ୍ୟାପକ ଭାବେ ଆସିବେ ବୋଲି କୁହାଯାଇଛି। ଜେଡ୍‌ଏସ୍‌ଆଇ ଓଡ଼ିଶାରେ ପ୍ରଥମଥର ନିମନ୍ତେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସହ ଏପରି ଏମ୍‌ଓୟୁ ସ୍ୱାକ୍ଷର କରିଛି ବୋଲି ଏହାର ନିର୍ଦ୍ଦେଶକ ଡ. କୈଳାସ କହିଥିଲେ।

## ବନ୍ଦ ଘରୁ ମିଳିଲା ୪ ମୃତଦେହ

**ରାଜଗାଙ୍ଗପୁର, ୧୧।୧(ଡି.ଏନ.ଏ.)**

- ଦମ୍ପତିଙ୍କ ସମେତ ଝିଅପୁଅଙ୍କ ମୃତଦେହ ଉଦ୍ଧାର
- ପୋଲିସ,ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ
- ମୃତ୍ୟୁର କାରଣ ଅସ୍ପଷ୍ଟ
- ୨ଦିନ ହେବ ଘରର କବାଟ ବନ୍ଦ ରହିଥିଲା

ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅଧୀନ ରାଜଗାଙ୍ଗପୁର ଆଇଟି କଲୋନୀରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏକ ବନ୍ଦ ଘରୁ ପୋଲିସ ୪ ଗଳିତ ମୃତଦେହ ଜବତ କରିଛି। ମୃତକମାନେ ହେଲେ କାଂସବାହାଲ ଗୋଶାଳାପଡାର ରଞ୍ଜିତ ପ୍ରସାଦ,ତାଙ୍କ ସ୍ତ୍ରୀ ବୁନୁ, ୩ବର୍ଷର ଝିଅ କନକ ଓ ଦେଢ଼ବର୍ଷ ପୁଅ(ନାମ ଜଣାପଡିନାହିଁ)। ଗତ ୪ ମାସ ହେବ ଆଇଟି କଲୋନୀରେ ପ୍ରମୋଦ ରାଉତଙ୍କ ଘରେ ଏହି ପରିବାର ଭଡ଼ାରେ ରହୁଥିଲେ। ପ୍ରମୋଦ ସ୍ଥାନୀୟ ଏକ ଘରୋଇ କାରଖାନାରେ କାମ କରନ୍ତି। ରଞ୍ଜିତ ମଧ୍ୟ ସେହି କାରଖାନାରେ କାମ କରୁଥିଲେ। ଗତ ଦୁଇ ଦିନ ହେବ ରଞ୍ଜିତ ରହୁଥିବା ଘରର କବାଟ ଭିତର ପଟୁ ବନ୍ଦ ଥିଲା। ଶନିବାର ସେହି ଘରୁ ଦୁର୍ଗନ୍ଧ ବାହାରୁଥିବା ପଡ଼ିଶା ଲୋକେ କହିବା ପରେ ରାଜଗାଙ୍ଗପୁର ଥାନା ପୋଲିସକୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ, ଏସ୍‌ଡିପିଓ ବିଜୟ କୁମାର ନନ୍ଦ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ରୀନା ନାଏକଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ। ଘର ଭିତର ବିଛଣା ଉପରେ ଦମ୍ପତି ଓ ତାଙ୍କ ୨ ପିଲାଙ୍କ ମୃତଦେହ ପଡିଥିଲା। ମୃତଦେହ ଉପରେ କମ୍ବଳ ଘୋଡାହେବା ଅବସ୍ଥାରେ ଥିଲା। ଘର ଭିତରେ ଏକ ତାଟିଆରେ ରଖାଯାଇଥିବା କ୍ଷୀର ଓ କ୍ଷୀରକୁ ଗରମ କରାଯାଇଥିବା କଡ଼େଇ ସମେତ କିଛି ରନ୍ଧାଖାଦ୍ୟ ରହିଥିଲା। ପୋଲିସ ସେହି ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। କେଉଁ କାରଣରୁ ଏହି ପରିବାର ସଦସ୍ୟଙ୍କ ମୃତ୍ୟୁ ଘଟିଛି ତା'ର କାରଣ ଜଣାପଡି ନାହିଁ। ହେଲେ କୌଣସି କାରଣରୁ ସମସ୍ତେ ବିଷ ପିଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଘର ଭିତର ଏକ ପାତ୍ରରେ ଜାଳେଣି କୋଇଲା ଜଳାଯାଇଥିବା ଦେଖିବାକୁ ମିଳିଛି। ଶୀତରୁ ରକ୍ଷା ପାଇବା ପାଇଁ ଏହି ଦମ୍ପତି କୋଇଲା ଜଳାଇ ଘର ଭିତରେ ରଖି ଶୋଇପଡିଥିବା ଅନୁମାନ କରାଯାଉଛି। ସେହି ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୪ଜଣଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି। ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ଓ ସାଇଣ୍ଟିଫିକ ଟିମ୍ ଘର ଭିତରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ପରେ ସବୁ ସ୍ପଷ୍ଟ ହେବ ବୋଲି ଏସ୍‌ପି ମିଶ୍ରା କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ପୋଲିସ ପଠାଇଛି ।




## ପୁଅ କାଠଫାଳିଆ ମାଡ଼ରେ ବାପା ମୃତ

**ତୁମୁଡ଼ିବନ୍ଧ,୧୧।୧(ଡି.ଏନ୍.ଏ.):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ବେଲଘର ଥାନା ଝାଲିପଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ପୁଅର କାଠଫାଳିଆ ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ହେଲେ ଅଗାଧୁ ନାୟକ (୫୦)। ପ୍ରକାଶ ଯେ, ଝାଲିପଡା ଗ୍ରାମର ଅଗାଧୁ ଓ ଲକ୍ଷ୍ମୀଙ୍କ ପୁଅ ବେଲାରସେନ (୩୦)ଙ୍କର ପ୍ରାୟ ୮ ଦିନ ହେବ ମାନସିକ ବିକୃତି ଦେଖାଦେଇଥିଲା। ସେ ଏଣେତେଣେ ପଳାଉଥିଲେ। ଫଳରେ ପରିବାର ଲୋକେ ରାତିଦିନ ତାଙ୍କୁ ଜଗି ରହୁଥିଲେ। ଶୁକ୍ରବାର ରାତିରେ ବେଲାରସେନ ଶୋଇଥିବାବେଳେ ବାପା ଅଗାଧୁ ଓ ମା' ଲକ୍ଷ୍ମୀ ତାଙ୍କୁ ଜଗି ରହିଥିଲେ। ଭୀଷଣ ଶୀତ ହେଉଥିବାରୁ ରାତି ପ୍ରାୟ ୨ଟାବେଳେ ଅଗାଧୁ ଓ ଲକ୍ଷ୍ମୀ ଘର ବାହାରେ କାଠଜାଳି ନିଆଁ ପୋଉଁଥିଲେ। ଏତିକିବେଳେ ବେଲାରସେନ ଘରୁ ଉଠିଆସି ଏକ କାଠଫାଳିଆରେ ପଛପଟୁ ବାପା ଅଗାଧୁଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମା'ଙ୍କୁ ମଧ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ସକାଳେ ପୋଲିସ ଗାଁରେ ପହଞ୍ଚି ବେଲାରସେନଙ୍କୁ ନେଇଥିଲା।




## ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗ ର ନିରାକରଣ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର.ବି.ଆଇ) ଦେଶ ସାରା ନିଜର କାର୍ଯ୍ୟାଳୟ ରେ ଅଭିଯୋଗ ର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ର ଧାରା ୪୫-IA ଅନୁଯାୟୀ ପଞ୍ଜିକୃତ) ଅଣବ୍ୟାଙ୍କିଙ୍ଗ ସଂସ୍ଥା ମାନଙ୍କର ଡିଜିଟାଲ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧିନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର କମ୍ପ୍ଲେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସି.ଏମ୍.ଏସ୍) ୱେବ୍‌ସାଇଟ୍ https://cms.rbi.org.in>>File a complaint ମାଧ୍ୟମରେ ତାଙ୍କ ଅଭିଯୋଗ ର ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଅଭିଯୋଗ ଉପରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିପାରୁନାହାନ୍ତି, ତେବେ ନିମ୍ନ ଲିଖିତ ଠିକଣା ରେ ତାଙ୍କ ଅଭିଯୋଗ କୁ ପୋଷ୍ଟ /ବ୍ୟକ୍ତିଗତ କିମ୍ବା ଇମେଲ ମାଧ୍ୟମରେ ଦାଖଲ କରିପାରିବେ ।

୧. **ଉପଭୋକ୍ତା ଶିକ୍ଷା ଏମଂ ସୁରକ୍ଷା କକ୍ଷ (CEPC)**
(ଭା.ରି.ବ୍ୟାଙ୍କ ର ଲୋକପାଳ ଯୋଜନା ଅନ୍ତର୍ଗତ ଅଭିଯୋଗ ର ନିରାକରଣ ପାଇଁ)
ଅଧିକାରୀଙ୍କ ନାମ ଏବଂ ପଦବୀ : ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୦୦୭୪, ଇ-ମେଲ : cms.cepcbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

୨. **ବ୍ୟାଙ୍କ ଲୋକପାଳ, ଯୋଜନା (BO Scheme, 2006)**
(ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
ବ୍ୟାଙ୍କିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ, (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

୩. **ଲୋକପାଳ ଯୋଜନା - ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
ଲେକାପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବକ୍ଷେତ୍ର)*
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ୧୫, ନେତାଜୀ ସୁଭାଷ ମାର୍ଗ, କୋଲକାତା-୭୦୦୦୦୧
ଟେଲିଫୋନ ନମ୍ବର : ୦୩୩-୨୩୩୦୪୯୮୨, ଫ୍ୟାକ୍ସ ନଂ୦୩୩-୨୨୩୦୫୮୯୯
ଇ-ମେଲ୍ : cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୪୫ ରୁ ଅପରାହ୍ନ ୫.୩୦ ଘଣ୍ଟା

**ଟିପ୍ପଣୀ* :** କଲିକତା ପୂର୍ବ କ୍ଷେତ୍ର ପାଇଁ ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ହେତୁ ଲୋକପାଳ ର କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣା ଚଳ ପ୍ରଦେଶ, ମଣିପୁର , ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡଖଣ୍ଡ ସାମିଲ୍ ଅଛି ।

୪. **ଡିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ.ଡି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ଓ.ଏସ.ଡି.ଟି ର ଧାରା ୮ ରେ ସୂଚିତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
ଲୋକପାଳ, ଡିଜିଟାଲ ନେଣଦେଣ (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭/୨୩୯୬୦୦୮, ଫ୍ୟାକ୍ସ ନଂ.୨୩୯୩୯୦୬
ଇ-ମେଲ୍ : cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

୫. **ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**
ସାଧାରଣ ବ୍ୟକ୍ତି ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ କୁ ନିମ୍ନୋକ୍ତ ଠିକଣା/ଇ-ମେଲ ମାଧ୍ୟମରେ ଦାଖଲ କରିପାରିବେ :
ଜମା ବୀମା ଓ ଋଣ ନିକ୍ଷେପ ନିଗମ (DICGC)
ମହାପ୍ରବନ୍ଧକ,
ଜମା ବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ,
୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲ୍‌ୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ମହାପ୍ରବନ୍ଧକ ଶ୍ରୀମତି ରୀତା ସରକାର ମୋରିଆ ଙ୍କୁ ମଧ ଟେଲିଫୋନ ନମ୍ବର - ୦୨୨-୨୩୦୧୯୬୩୩, ବିସ୍ତାର ସଙ୍ଖ୍ୟା-୮୨୦୧ କିମ୍ବା ଇ-ମେଲ : dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ ।

**ଟିପ୍ପଣୀ ୧ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟା ପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ । ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ/ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଲୋକପାଳ ଯୋଜନା ର ଧାରା-୮ ଅନ୍ତର୍ଗତ ସେବା ଅବହେଳା ସମ୍ପର୍କିତ/ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତି ର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସମ୍ପୃକ୍ତ ଲୋକପାଳ ଙ୍କୁ ଅଭିଯୋଗ କରିପାରିବେ ।

**ଟିପ୍ପଣୀ-୨ :** ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ବ୍ୟାଙ୍କ ଲୋକପାଳଙ୍କ ଠାରେ ଅଥବା ବ୍ୟାଙ୍କ, ପଦ୍ଧତି ଅଂଶଗ୍ରହଣକାରୀଙ୍କ ବିରୁଦ୍ଧରେ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷରେ ଅଭିଯୋଗ, ଯାହା ସେହି କମ୍ପାନୀ ର ଶାଖା କ୍ଷେତ୍ରର ସ୍ଥାନ ଆଧାରରେ କରାଯାଇପାରିବ । କେନ୍ଦ୍ରିୟ ପରିଚାଳନା କିମ୍ବା ବିତ୍ତୀର କମ୍ପାନୀ ବିରୁଦ୍ଧରେ ଗ୍ରାହକ ରହୁଥିବା ସ୍ଥାନ ଏବଂ ବିଲିଂ ଠିକଣା ଆଧାରରେ ଅଭିଯୋଗ ମଞ୍ଚରେ ଦାଖଲ କରିପାରିବେ ।

**ଲୋକପାଳଙ୍କ ନିଷତ୍ତିର ପୁର୍ନବିଚାର ପାଇଁ ଆବେଦନ :**
ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ଡିଜିଟାଲ ନେଣ-ଦେଣ ଲୋକପାଳଙ୍କ ନିଷତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି /ଅଭିଯୋଗଟି ଏହି ଯୋଜନା ରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ । ଏହି ପୁନର୍ବିଚାର ଆବେଦନ ସମ୍ବନ୍ଧିତ ଲୋକପାଳଙ୍କ ନିଷତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ଆର.ବି.ଆଇ ୱେବ୍‌ସାଇଟ୍ https://cms.rbi.org.in>>File an appeal ଦ୍ୱାରା କିମ୍ବା ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରିୟ କାର୍ଯ୍ୟାଳୟ, ଅମର ଭବନ, ସାର.ପ.ଏମ୍ ରୋଡ ପୋଷ୍ଟ : ମୁମ୍ବାଇ-୪୦୦୦୦୧ ରେ ଦାଖଲ କରିପାରିବେ ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ ନଂ/ମୋବାଇଲ ନମ୍ବର /ଅଭିଯୋଗରେ ଦର୍ଶାଇବାପାଇଁ ଅନୁରୋଧ**

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଲଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ।
–ଶ୍ରୀମା



# ବିପଜ୍ଜନକ ବର୍ଷ ହେବ



ଆକାର ପଟେଲ

ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ ବିଜ୍ଞପ୍ତି ଜାରି ହେବା ସହ ଏହା କାର୍ଯ୍ୟକାରୀ ହେବା ଆରମ୍ଭ ହୋଇଯାଇଛି। ଏହାକୁ ଲାଗୁକରିବା ପାଇଁ ସରକାରଙ୍କ ଦୃଢ଼ ନିଷ୍ପତ୍ତି ଆଗରେ ଦେଶ ସାରା ପ୍ରଦର୍ଶିତ ପ୍ରତିବାଦ ଅର୍ଥହୀନ ହୋଇପଡ଼ିଲା। ଏହି ଆଇନ ବିରୋଧରେ ସୁପ୍ରିମ୍‌କୋର୍ଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଯୋଧ୍ୟା ଓ କଶ୍ମୀର ପ୍ରସଙ୍ଗରେ କୋର୍ଟ ଯେପରି ରାୟ ଦେଲେ, ସେଥିରୁ ମନେହେଉଛି ଏହି ରାୟ ମଧ୍ୟ ସରକାରଙ୍କ ଚାହିଁବା ମୁତାବକ ହେବ।

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଆକ୍ରମଣ ଘଟଣାରେ ଛାତ୍ରୀମାନଙ୍କ ଉପରେ, ବିଶେଷତଃ ଛାତ୍ର ସଂସଦ ନେତାଙ୍କ ଉପରେ ଆକ୍ରମଣ କରାଗଲା। ସେମାନଙ୍କୁ ନ୍ୟାୟ ମିଳୁ ବୋଲି ଦାବି ହେଉଛି। କିନ୍ତୁ ବାସ୍ତବରେ ଯିଏ ଆକ୍ରମଣର ଶିକାର ହୋଇଛନ୍ତି, ତାଙ୍କୁ ହିଁ ପୋଲିସ ଦୋଷୀ ବୋଲି କହିବା ସହ ଆକ୍ରମଣକାରୀମାନଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଛି। ପୋଲିସକୁ ପ୍ରଶାସନଠାରୁ ଅଲଗା ବୋଲି ବିବେଚନା କରାଯାଏ, ମାତ୍ର ବାସ୍ତବରେ ତାହା ସତ ନୁହେଁ। ଥିଓରୀ ଅନୁସାରେ ବି ପୋଲିସ ଆଉ ପ୍ରଶାସନଠାରୁ ଅଲଗା ନୁହେଁ। ସରକାର ଯାହା କହିବେ ପୋଲିସ ସେଇଆ କରିବ। ଯେହେତୁ ଦିଲ୍ଲୀ ପୋଲିସ ସ୍ଥାନୀୟ ଅରବିନ୍ଦ କେଜ୍‌ରିୱାଲ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ନୁହେଁ, ବରଂ କେନ୍ଦ୍ର ସରକାର ଏହାକୁ ନିୟନ୍ତ୍ରଣ କରୁଛନ୍ତି, ତେଣୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଇସାରାରେ ହିଁ ଦିଲ୍ଲୀ ପୋଲିସ କାର୍ଯ୍ୟ କରୁଛି। ଯେତେବେଳେ ଜମ୍ମୁ ଓ କଶ୍ମୀରକୁ ଅଲଗା କରାଗଲା ଏବଂ ସେଠାରେ କେନ୍ଦ୍ରୀୟ ସୁରକ୍ଷା ବଳ ପଇଁତରା ମାରୁଥିଲେ, ସେତେବେଳେ ମୁଁ ଜଣେ ସ୍ଥାନୀୟ ସାମ୍ବାଦିକଙ୍କୁ ପଚାରିଲି, ଏବେ କେନ୍ଦ୍ର ସରକାରଙ୍କ ରଣନୀତି କ'ଣ। ସେ କହିଲେ ଯେ, କିଛି ନୂଆ କଥା ନାହିଁ, କିନ୍ତୁ କେନ୍ଦ୍ରୀୟ ସୁରକ୍ଷା ପରାମର୍ଶଦାତା ଡୋଭାଲଙ୍କଠାରୁ ସ୍ଥାନୀୟ ଲୋକଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ଲାଗି ପ୍ରଶାସନକୁ ନିର୍ଦ୍ଦେଶ ମିଳିଛି। ସେଇଆ ବାସ୍ତବରେ ଘଟିଛି। ବିନା ଅଭିଯୋଗ ବା ବିନା ଅପରାଧରେ ରାଜ୍ୟର ନେତାମାନଙ୍କୁ ଅଟକ ରଖାଯାଇଛି। ଅନେକ ସାଧାରଣ ନାଗରିକଙ୍କୁ ବି ଅଟକ ରଖାଯାଇଛି। ସେମାନଙ୍କ ସ୍ୱାଧୀନ ଗତିବିଧିକୁ ବନ୍ଦ କରିଦିଆଯାଇଛି। ସେମାନଙ୍କର ଶାନ୍ତିପୂର୍ଣ୍ଣ ଭାବେ ମେଳି କରିବାର ଅଧିକାର ନାହିଁ। ସେମାନଙ୍କର ସବୁ ଯୋଗାଯୋଗ ସୁବିଧାକୁ ବନ୍ଦ କରିଦିଆଯାଇଛି। ସେମାନଙ୍କ ଦରଜା ବାହାରେ ସଶସ୍ତ୍ର ବାହିନୀ ସର୍ବଦା ପହରା ଦେଉଛନ୍ତି। ଭବିଷ୍ୟତରେ ଏ କଟକଣା ହଟାଇଦିଆଯିବାର କୌଣସି ପ୍ରତିଶ୍ରୁତି ବା କାର୍ଯ୍ୟାନୁଷ୍ଠାନ ବି ନାହିଁ। ଅଥଚ ଏ ପ୍ରସଙ୍ଗକୁ ଭାରତୀୟମାନେ ତଥା ବିଶ୍ୱ ସମୁଦାୟ କେଉଁ ଦୃଷ୍ଟିରେ ଦେଖିବେ ତାହାକୁ ନରେନ୍ଦ୍ର ମୋଦି ଓ ଅମିତ ଶାହା ହିଁ ପରିଚାଳନା କରୁଛନ୍ତି। ନାଗରିକତ୍ୱ ପ୍ରସଙ୍ଗ ଉପରେ ମୋଦି ଓ ଶାହାଙ୍କ ବକ୍ତବ୍ୟରୁ ଆମେ ସେମାନଙ୍କ ଆଭିମୁଖ୍ୟ ସହଜରେ ବୁଝିପାରିବା। ପ୍ରତିବାଦ ଜୋରଦାର ହେବା ଦେଖି ମୋଦି ତାହାକୁ ରୋକିବା ପାଇଁ କହିଲେ ଯେ ସାରା ଦେଶରେ ଏନ୍‌ଆର୍‌ସି ଲାଗୁ କରିବା ପାଇଁ ଆଲୋଚନା କରାଯାଇ ନାହିଁ। କିନ୍ତୁ ଏହା ଲାଗୁ ହେବନାହିଁ ବୋଲି ସେ କହି ନ ଥିଲେ। ଯେଉଁମାନେ ଆସାମ ପରି ସବୁ ରାଜ୍ୟରେ ଏନ୍‌ଆର୍‌ସି ଲାଗୁ କରାଯିବା ନେଇ ଉଦ୍‌ବିଗ୍ନ ଥିଲେ ଏହା ସେମାନଙ୍କୁ ଆଶ୍ୱସ୍ତି ଦେଇ ନ ଥିଲା। ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି ଅନ୍ତର୍ଜାତୀୟ ସ୍ତରରେ ଭାରତର ସୁନାମରେ ଯେଉଁ ଆଞ୍ଚ ଆସୁଛି ତାକୁ ହଜମ କରିଦେବା ପାଇଁ। ତାଙ୍କର ଅନୁମୋଦନ ମିଳି ନ ଥିଲେ ବିଦେଶ ମନ୍ତ୍ରୀ ଜୟଶଙ୍କର ଆମେରିକାରେ ଅନୁଷ୍ଠିତ ବୈଠକରୁ ଉଠିଆସି ନ ଥାନ୍ତେ। ଆଗକୁ ଏହା ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ। ଆସନ୍ତା ଏପ୍ରିଲ ପହିଲାରୁ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ସକାଶେ ତଥ୍ୟ ସଂଗ୍ରହ ପାଇଁ କର୍ମଚାରୀମାନେ ଘର ଘର ବୁଲିବେ, ଯାହା ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ କରିବାର ପ୍ରଥମ ପଦକ୍ଷେପ। ଯେତେବେଳେ ଲକ୍ଷ ଲକ୍ଷ ଲୋକ ନିଜର ନାଗରିକତ୍ୱ ଓ ସ୍ୱାଧୀନତା ଚାଲିଯିବା ନେଇ ଭୟଭୀତ ହୋଇପଡ଼ିବେ, ସେତେବେଳେ ବର୍ତ୍ତମାନ ଦେଖାଯାଉଥିବା ପ୍ରତିବାଦଠାରୁ ପ୍ରତିକ୍ରିୟା ଆହୁରି ଭୟଙ୍କର ହୋଇଉଠିବ। ସେତେବେଳେ ବିଶ୍ୱ ସମୁଦାୟ ଚୁପ୍ ହୋଇ ବସିବ ନାହିଁ।

ଡୋନାଲ୍‌ଡ ଟ୍ରମ୍ପ ହୁଏତ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ନ ହୋଇପାରନ୍ତି ଏବଂ ଏ ବର୍ଷ ହେବାକୁ ଥିବା ନିର୍ବାଚନରେ ଜଣେ ଡେମୋକ୍ରାଟ ଆମେରିକାର ରାଷ୍ଟ୍ରପତି ହୋଇପାରନ୍ତି। ଭାରତ ନିଜ ଦେଶରେ ସଂଖ୍ୟାଲଘୁଙ୍କ ପ୍ରତି ନିର୍ମମ ଆଚରଣ କରୁଥିବା ଦେଖି ସେ ମୋଦି ତଥା ଭାରତ ସହ ବନ୍ଧୁଭାବାପନ୍ନ ନ ହୋଇପାରନ୍ତି। ତା'ପରେ କ'ଣ ହେବ ? ବର୍ତ୍ତମାନ ସରକାର ଭାବୁଛନ୍ତି, ଏବେ ଯାହାକିଛି ଘଟୁଛି ତା' ଉପରେ ତାଙ୍କର ନିୟନ୍ତ୍ରଣ ଅଛି। ଉତ୍ତରପ୍ରଦେଶରେ ପୋଲିସ ଏକ ଡଜନରୁ ଊର୍ଦ୍ଧ୍ୱ ମୁସଲମାନ ପ୍ରତିବାଦକାରୀଙ୍କୁ ହତ୍ୟା କରିଥିବା ବେଳେ ସାଧାରଣ ସମ୍ପତ୍ତି ନଷ୍ଟ ହେବାକୁ ନେଇ ସୁପ୍ରିମ୍‌କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜେଏନ୍‌ୟୁଠାରୁ ଆରମ୍ଭ କରି କଶ୍ମୀର ପର୍ଯ୍ୟନ୍ତ ନାଗରିକଙ୍କ ଅଧିକାର ଉପରେ ମୋଦି ସରକାର ନିଜର ଅଧିକାର ଜାହିର କରୁଛନ୍ତି। ତେବେ ତାଙ୍କ ପାଇଁ ଭଲକଥା ହେଲା ମୋଦିଙ୍କୁ ବିରୋଧ କରିବା ପାଇଁ ତାଙ୍କ ସରକାରରେ କେହି ନାହାନ୍ତି। ସେ ଯାହା କହୁଛନ୍ତି ବା କରୁଛନ୍ତି, ୩୦୦ରୁ ଊର୍ଦ୍ଧ୍ୱ ଲୋକ ସଭା ଏମ୍‌ପି ତାହାର ସମର୍ଥନ ଓ ପ୍ରଶଂସା କରୁଛନ୍ତି। ସୁପ୍ରିମ୍‌କୋର୍ଟ ଏ ନେଇ ଉଦ୍‌ବେଗ ପ୍ରକାଶ କରିବାର କୌଣସି କାରଣ ନାହିଁ, ଯାହା ଆମେ ଦେଖିଆସୁଛୁ। ତେବେ ମୋଦି ସରକାର ନିଜର ଆଦର୍ଶଗତ କାର୍ଯ୍ୟସୂଚୀ ଦେଶ ଉପରେ ଥୋପିବାକୁ ଚେଷ୍ଟା କରୁଥିବା ବେଳେ ପୀଡ଼ିତ ନାଗରିକମାନେ ନିଜର ସୁରକ୍ଷା ପାଇଁ ଯାହା ଇଚ୍ଛା କରିପାରନ୍ତି ଏବଂ ଏହି କାରଣରୁ ୨୦୨୦ ଏକ ବିପଜ୍ଜନକ ବର୍ଷ ହେବାକୁ ଯାଉଛି।

Email: aakar.patel@gmail.com

# ଯୁବପିଢ଼ି ଓ ବିବେକାନୁସରଣ



ଜିତେନ୍ଦ୍ର କୁମାର ନାୟକ

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଯୁବ ଦିବସ ଭାବେ ପାଳନ କରାଯାଉଛି। ଜାନୁୟାରୀ ୧୨ ଆସିଲେ ଦେଶ ଓ ବିଦେଶର ଅସଂଖ୍ୟ ସଙ୍ଗଠନ ଏହି ଦିବସକୁ ମନେ ପକାଇଥାଆନ୍ତି। ବିବେକାନନ୍ଦଙ୍କ ନାମ ପୂର୍ବରୁ ଯୋଗଜନ୍ମା, ଯୋଗୀ, ପ୍ରଜ୍ଞାପୁରୁଷ, ଯୁବ ସନ୍ନ୍ୟାସୀ ଆଦି ଅନେକ ବିଶେଷଣ ଲଗାଯାଇଥାଏ। ଶ୍ରୀରାମକୃଷ୍ଣ ପରମହଂସଙ୍କୁ ଜୀବନରେ ଗ୍ରହଣ କରି ସେ ଏପରି ହୋଇପାରିଥିଲେ। କିନ୍ତୁ ଆଜିର ଯୁବପିଢ଼ି ବିନା ଆଦର୍ଶରେ ସଫଳତା ପାଇବାକୁ ପ୍ରୟାସ କରୁଛି, ଯାହାଫଳରେ ସେ ବିଶୃଙ୍ଖଳିତ ଓ ଉଦ୍‌ଭ୍ରାନ୍ତ ହୋଇପଡୁଛି। ଏଭଳି ସନ୍ଧିକ୍ଷଣରେ ବିବେକାନୁସରଣର ପ୍ରାସଙ୍ଗିକତା ରହିଛି।

ଯୁବାବସ୍ଥା ହେଉଛି ଜୀବନର ସବୁଠାରୁ ମୂଲ୍ୟବାନ ସମୟ। ଏହାକୁ ଯିଏ ଭଲ ଭାବେ ଉପଯୋଗ କରିପାରିଛି ସେ ତାହାର ମହାର୍ଘ ଉପଲବ୍‌ଧି ପାଇଛି। ସ୍ୱାମିଜୀଙ୍କ ଶରୀର ଗଠନ, ପ୍ରଜ୍ଞା, ଧୀଶକ୍ତି ଓ ଦୃଢ଼ମନା ବ୍ୟକ୍ତିତ୍ୱ ପ୍ରତ୍ୟେକ ଯୁବପ୍ରାଣକୁ ପ୍ରଭାବିତ କରିଥାଏ। ହେଲେ ଆଜିର ପିଢ଼ି ପଢ଼ାବହି ବ୍ୟତୀତ ଶିକ୍ଷଣୀୟ ସାହିତ୍ୟ କିମ୍ବା ପ୍ରେରଣାଦାୟୀ ପୁସ୍ତକ ପଢ଼ିବାକୁ ଅମଙ୍ଗ ହୋଇପଡ଼ିଛି। ଆଣ୍ଡ୍ରଏଡ୍ ଫୋନ୍‌କୁ ସବୁକିଛିର ବିକଳ୍ପଭାବେ ଧରିନେଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଯୋଗାଯୋଗ ଓ ସମୃଦ୍ଧିର ଏହା ଉନ୍ନତ ମାଧ୍ୟମ ପାଲଟିଥିବାରୁ ଏହାର ଆବଶ୍ୟକତାକୁ ଖୁଣି ହେଉ ନାହିଁ। ଅବଶ୍ୟ ଏହା ଅନେକେ ସ୍ୱୀକାର କରିବେ ଯେ ସେହି ଯନ୍ତ୍ରଟି ଭିତରୁ ଯେତେ ମାତ୍ରାରେ ଜ୍ଞାନ ଆହରଣ କରାଯାଇପାରନ୍ତା, ଆଜିର ପିଢ଼ି ତାହାକୁ ସାଉଁଟିପାରୁ ନାହିଁ। ଦିନର ଜୀବନଚର୍ଯ୍ୟା ସେହି ଯନ୍ତ୍ରରୁ ଆରମ୍ଭ ହୋଇ ରାତିରେ ଶଯ୍ୟାକୁ ଗଲା ଯାଏ ଏହା ସାଥୀ ପାଲଟୁଛି। ସେଥିରେ ବ୍ୟାୟାମ ସମ୍ପର୍କିତ ତଥ୍ୟ ମିଳିପାରୁଛି। କିନ୍ତୁ ଫୋନ୍‌ଧାରୀ ତାହାର ସଦୁପଯୋଗ କରୁନାହିଁ। ସ୍ୱାଇଡ୍ ଗେମ୍ସ ଖେଳାଯିବାଠାରୁ ଆରମ୍ଭ କରି ମନୋରଞ୍ଜନର ସମସ୍ତ ମାଧ୍ୟମକୁ ଅତି ନିଖୁଣ ଭାବେ ବ୍ୟବହାର କରାଯାଉଛି। ହେଲେ ଭବିଷ୍ୟତ ପିଢ଼ି ଦେହରେ ଯେ କେତେ ବଡ଼ କ୍ଷତ ସୃଷ୍ଟି ହୋଇଯାଉଛି ତାହାକୁ ଅନେକେ ନିରୀକ୍ଷଣ କରିପାରୁ ନାହାନ୍ତି। କାରଣ ବିବେକାନନ୍ଦ ଯେଉଁ ଆଦର୍ଶ, ବିଚାର, ଦର୍ଶନ, ଶିକ୍ଷା, ଶାରୀରିକ କସରତ ଓ ଖେଳ ଉପରେ ଗୁରୁତ୍ୱ ଦେଇ 'ମୋ ଭାରତ'ର କଥା କହି ପାଶ୍ଚାତ୍ୟରେ ଚର୍ଚ୍ଚିତ ହୋଇଥିଲେ, ସେସବୁ ଆଉ ଯୁବପିଢ଼ିଙ୍କ ଭିତରେ ପ୍ରତିଫଳିତ ହେଉନାହିଁ। କେବଳ ଏକ ମାନସିକ ବା ଭର୍ଚୁଆଲ ଦୌଡ଼ ଚାଲିଛି। 'ପ୍ରତିଦ୍ୱନ୍ଦ୍ୱିତାସର୍ବସ୍ୱ' ଏ ଦୌଡ଼ର ଲକ୍ଷ୍ୟ ସବୁ କିଛି କମ୍ ସମୟ ଭିତରେ ନିଜକୁ ମିଳିଯାଉ। ଅନ୍ୟକୁ ଯେନତେନ ପ୍ରକାରେଣ ଟପିଯିବାର ଏ ଯେଉଁ ନିଶା ଯୁବତୀଯୁବକଙ୍କୁ ଘାରିଛି ତା'ର ମୂଳରେ ରହିଛି ଉଚ୍ଚାକାଂକ୍ଷା। କିନ୍ତୁ କେହି ମନେରଖୁ ନାହାନ୍ତି ଯେ, ନିଜ କଳ୍ପନାଠାରୁ ବହୁଉଚ୍ଚକୁ ଲମ୍ୱିଥିବା ଏକ ଶୂନ୍ୟତାର ଅନ୍ୟନାମ ଦୁଃଖ। ଯେତେବେଳେ ଈପ୍ସିତ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ ସେତେବେଳେ ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ଏଠାରେ ଭାରତବର୍ଷର ସବୁଠାରୁ ସମ୍ମାନଜନକ ଆଇଆଇଟି ଓ ଆଇଆଇଏମ୍‌ରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ଉଦାହରଣ ନିଆଯାଇପାରେ। କୁହାଯାଉଛି ଏମାନେ ସବୁଠୁ ଉଚ୍ଚଶିକ୍ଷିତ, ବୁଦ୍ଧିଆ, ବ୍ୟାବହାରିକ ଜ୍ଞାନରେ ଗରୀୟାନ୍ ଏବଂ ଦେଶ ନିର୍ମାଣ ଓ ପରିଚାଳନା କରିବାରେ ସର୍ବାଧିକ ଦକ୍ଷତା ରଖିଛନ୍ତି। ଏଥିରେ ଥିବା ପାଠ୍ୟକ୍ରମ ଯୁବତୀଯୁବକଙ୍କୁ ନୂଆ ଦିଗ୍‌ଦର୍ଶନ ଦେଇଥାଏ। ଅନେକେ ମୋଟିଭେଶନାଲ ସ୍ପିକର ବା ପ୍ରେରଣାଦାୟୀ ବକ୍ତା ଓ ଦୁନିଆରେ ବିଭିନ୍ନ କ୍ଷେତ୍ରରେ ନାମ ଓ ସମ୍ମାନ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ମଧ୍ୟ ସେମାନଙ୍କ ଶ୍ରେଣୀକକ୍ଷ ମଣ୍ଡନ କରିଥାଆନ୍ତି। ତଥାପି ସେମାନଙ୍କ ମଧ୍ୟରୁ କତିପୟ ଦୁର୍ବଳମନା ଜୀବନକୁ ବୁଝିବାରେ ଅସଫଳ ହେବା ହେତୁ ପ୍ରାଣ ହରାଇ ଦେଉଛନ୍ତି। ୪ ଡିସେମ୍ବର ୨୦୧୯ରେ ପାର୍ଲାମେଣ୍ଟରେ ଏହି ମେଧାବୀ ଛାତ୍ରଙ୍କ ଆତ୍ମହତ୍ୟା ନେଇ ଏକ ପ୍ରଶ୍ନ ଉଠାଯାଇଥିଲା। ମାନବସମ୍ବଳ ବିକାଶ ମନ୍ତ୍ରୀ ଉତ୍ତର ରଖିଥିଲେ ଯେ ଗତ ୫ ବର୍ଷ ମଧ୍ୟରେ ୬୦ ଜଣ ଆଇଆଇଟି ଓ ଆଇଆଇଏମ୍ ଛାତ୍ର ଆତ୍ମହତ୍ୟା କରି ଜୀବନ ହାରିଦେଇଛନ୍ତି। ଅଭାବୀ ବିକ୍ରି ଆଦି ଯୋଗୁ କରଜ ଶୁଝି ନ ପାରି କୃଷକଙ୍କ ଆତ୍ମହତ୍ୟା ସାମାଜିକ ବ୍ୟବସ୍ଥାରେ ଦେହସୁହା ହୋଇଯାଇଛି। ସାଧାରଣତଃ ଏମାନଙ୍କ ମଧ୍ୟରୁ ଅନେକେ ଅପାଠୁଆ ଥିବେ। ତେବେ ଉଚ୍ଚଶିକ୍ଷିତ ଯୁବତୀଯୁବକଙ୍କ ମୃତ୍ୟୁ ପଛର ଅଧିକାଂଶ କାହାଣୀ ଖୋଜିଲେ ମୋଟା ଅଙ୍କର ଦରମା ନ ମିଳିବା ଓ ଅନ୍ୟ ସହ ତୁଳନା କରି ପଛରେ ପଡ଼ିଯିବା ଦୁଃଖରେ ଅନେକେ ମ୍ରିୟମାଣ। ପ୍ରେମରେ ଅସଫଳତା ମଧ୍ୟ ଜୀବନ ହାରିବାର ଅନ୍ୟ ଏକ କାରଣ। ସମ୍ଭବତଃ ମୂଲ୍ୟବୋଧ ଓ ଉତ୍ତମ ଚରିତ୍ରର ଅଭାବ ଯୋଗୁ ଯୁବପିଢ଼ି ପଥହରା ହୋଇପଡ଼ିଛି।

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ



ଏକଦା ବିବେକାନନ୍ଦଙ୍କୁ ଦେଖି ଓ ଦର୍ଶନ ପଢ଼ି ପାଶ୍ଚାତ୍ୟ ଜଗତ ଆଚମ୍ବିତ ହୋଇଥିଲା। ସେଠାକାର ଅନେକ ବିଶ୍ୱବିଦ୍ୟାଳୟରେ ସ୍ୱାମିଜୀଙ୍କ ଉପରେ ଗବେଷଣା କରାଯାଉଛି। ହେଲେ ଏଠି ଭାରତୀୟ ଯୁବତୀଯୁବକ ଭଗ୍ନମନ ନେଇ ଘୂରି ବୁଲୁଛନ୍ତି। ଅବଶ୍ୟ ଏଥିଲାଗି ସବୁ ଦୋଷ ଯୁବପିଢ଼ି ଉପରେ ଅଜାଡ଼ି ଦେଲେ ଅନ୍ୟାୟ ହେବ। କାରଣ ଅଧିକାଂଶ ଗୁରୁଜନ ସେମାନଙ୍କୁ ପିଲାଟି ବେଳୁ ଠିକ୍‌ଭାବେ ଦିଗ୍‌ଦର୍ଶନ ଦେଇପାରୁ ନାହାନ୍ତି। ଭାରତୀୟ ମାନସିକତା ପାଠ ପଢ଼ି ଚାକିରି କରିବାକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ୩୦ ବର୍ଷ ତଳେ ଖେଳକୁଦ କରିବାକୁ ଆଗ୍ରହ ରଖୁଥିବା ପିଲାକୁ ଭଲଭାବେ ନ ବୁଝି ମାତାପିତା ଜୋରଜବରଦସ୍ତ ବହିରେ ତା' ମୁହଁକୁ ମାଡ଼ି ଦେଉଥିଲେ। ଆଜି କେତେକ ଅଭିଭାବକଙ୍କ ଚିନ୍ତାରେ ପରିବର୍ତ୍ତନ ଆସି ପିଲାଙ୍କୁ ଖେଳପଢ଼ିଆକୁ ଛାଡୁଥିଲେ ହେଁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। ସୃଜନଶୀଳତା ବର୍ଗରେ ଚାକିରିର ସିଧାସଳଖ ସୁଯୋଗ ନ ଥିବାରୁ ତାହାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଔଦ୍ୟୋଗିକ ଚିନ୍ତା ଓ ରାଜନୀତି ଭଳି କ୍ୟାରିୟରକୁ 'କେଉଁଥିରେ କିଛି ନ ହେଲେ ପିଲାମାନେ ଏଥିରେ ଯାଆନ୍ତି' ବୋଲି ଧରି ନିଆଯାଇଥିବାରୁ ତାହାର ଆଦର ବଢୁ ନାହିଁ। ଏପରି ସ୍ଥଳେ ସାମାଜିକ ନେତୃତ୍ୱ କିମ୍ବା ଥିଙ୍କ୍‌ଟ୍ୟାଙ୍କ ଗଢ଼ି ରାଷ୍ଟ୍ରର ମଙ୍ଗଳ ଦିଗରେ ଚିନ୍ତା ଓ ଯୁକ୍ତିନିଷ୍ଠ ସମାଧାନର ବାଟ ଦେଖାଇବାର ଦକ୍ଷତା ରଖିଥିବା ଯୁବତୀଯୁବକଙ୍କୁ କେଉଁଆଡୁ ସହଯୋଗ ମିଳିବ! ଅନ୍ୟପକ୍ଷରେ ପାଶ୍ଚାତ୍ୟରେ ଅଭିନବତ୍ୱ ଓ ନୂଆ କିଛି କରିବାରେ ଯିଏ କ୍ୟାରିୟର କରି ସଫଳତାକୁ ଧରି ରଖିପାରୁଛନ୍ତି ସେମାନେ ସେଲିବ୍ରିଟି ପାଲଟି ଯାଉଛନ୍ତି। ଅର୍ଥାତ୍ ଗୋଟିଏ ଆଇଡିଆ ବା ବିଚାରଧାରା ସେମାନଙ୍କୁ ଆଇକନ୍ ବା ଆଦର୍ଶସ୍ଥାନରେ ନେଇ ବସାଇ ଦେଉଛି। ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କ ଭଳି ପ୍ରଜ୍ଞାବାନ୍ ବ୍ୟକ୍ତିଙ୍କ ସମୟକୁ କିଏ ଦେଖିଛି ବୋଲି ପ୍ରଶ୍ନ ବାଢୁଥିବା ଯୁବପିଢ଼ିଙ୍କୁ ପାଶ୍ଚାତ୍ୟର ଏବର ମାର୍କ ଜୁକରବର୍ଗମାନେ ମଧ୍ୟ ଅନୁକରଣୀୟ ମନେ ହେଉନାହାନ୍ତି। 'ଫେସ୍‌ବୁକ୍'ରେ ଘଣ୍ଟାଘଣ୍ଟା ସମୟ ବିତାଉଥିବା ଭାରତୀୟ ଯୁବବର୍ଗଙ୍କ ମଧ୍ୟରୁ କେହି ଜଣେ ବାହାରି ସେହି ପାଶ୍ଚାତ୍ୟର ଯୁବତୀଯୁବକଙ୍କ ମନରେ ବସାବାନ୍ଧିଲା ଭଳି ବ୍ୟକ୍ତିତ୍ୱଟିଏ କାହିଁକି ହୋଇପାରୁ ନାହିଁ। ଏହାର କାରଣ ଭାରତରେ ବାସ୍ତବଧର୍ମୀ ଓ ପ୍ରୟୋଗାତ୍ମକ ଦିଗକୁ ସେଭଳି ଗୁରୁତ୍ୱ ଦିଆଯାଉ ନାହିଁ।

ବିବେକାନନ୍ଦଙ୍କ ସର୍ବୋତ୍କୃଷ୍ଟ ସନ୍ଦେଶ ଥିଲା– "ଗୋଟିଏ ଆଇଡିଆ ବା ଆଦର୍ଶ ବା ବିଚାରଧାରାକୁ ଧରି ରଖ। ତାହାକୁ ହିଁ ତୁମେ ଜୀବନର ପାଥେୟ କର। ଚିନ୍ତା କର, ସ୍ୱପ୍ନ ଦେଖ। ମସ୍ତିଷ୍କ, ମାଂସପେଶୀ, ସ୍ନାୟୁସତ୍ତା ଓ ଶରୀରର ସମସ୍ତ ଅବୟବ ସେହି ଧାରଣାର ବଶବର୍ତ୍ତୀ ହେଉ। ତା' ବ୍ୟତୀତ ଅନ୍ୟସବୁକୁ ତୁଚ୍ଛ କରିଦିଅ। ଏହା ହେଉଛି ସଫଳତାର ଚାବିକାଠି।" ସମ୍ଭବତଃ ଏହାକୁ ପାଶ୍ଚାତ୍ୟ ଯୁବତୀଯୁବକ ଅନୁସରଣ କରି କାମରେ ଲଗାଇଲେଣି। ଅଥଚ ଭାରତୀୟ ଯୁବପିଢ଼ି ମଧ୍ୟରୁ ଅନେକେ ସେହି ଚିନ୍ତାଧାରାରୁ ନିଜକୁ ପୃଥକ୍ କରିନେଲେଣି। ବୁଢ଼ା ହେବା ପାଇଁ ସର୍ବଦା ୬୦ ବର୍ଷ ବୟସ ଲୋଡ଼ା ନ ଥାଏ। ଆଜି ଭାରତୀୟ ଯୁବପିଢ଼ିଙ୍କୁ ଯେଉଁ ପ୍ରକାର ଅବାସ୍ତବ ଚିନ୍ତା ଘାରିଛି, ଘରୁ ଓ ବାହାରୁ ଯେଭଳି ଚାପ ପଡୁଛି ସେଥିରେ ପରିବର୍ତ୍ତନ ଆସିବ ବୋଲି ଭାବିହେଉ ନାହିଁ। ବାତାବରଣ ଓ ଯୁଗୋପଯୋଗୀ ଚିନ୍ତାଧାରାରେ ଭିନ୍ନତା ପରିଲକ୍ଷିତ ହୋଇପାରେ। କିନ୍ତୁ ଲକ୍ଷ୍ୟ ହାସଲ କରିବା ଲାଗି ଯେଉଁ ଦୁର୍ବାର ପ୍ରୟାସଟି ଅନାଦି କାଳରୁ ରହି ଆସିଛି, ସମୟ ଗଡ଼ି ଚାଲିଲେ ମଧ୍ୟ ସେଥିରେ କଦାପି କସ୍‌ମେଟିକ୍ ବୋଳା ଯାଇପାରିବ ନାହିଁ। ତାହା ହିଁ ନିଷ୍ଠୁର ସତ୍ୟ। କାରଣ ସେହି ସମୟରେ ବି ବିବେକାନନ୍ଦଙ୍କୁ କେତେକ ଗ୍ରହଣ କରି ନ ଥିବେ। ଏବର ଯୁବପିଢ଼ି ଯିଏ ଯେଉଁ କ୍ଷେତ୍ରରେ ଅଛନ୍ତି, ଉତ୍କର୍ଷ ଲଭିବାକୁ ଚେଷ୍ଟା କରିବା ଉଚିତ। କାହାର ବିଚାର ବା ଆଦର୍ଶକୁ ଭଲଭାବେ ଜୀବନରେ ପରୀକ୍ଷାନିରୀକ୍ଷା ନ କରି ଗ୍ରହଣ କରିବା ଠିକ୍ ନୁହେଁ। ରାମକୃଷ୍ଣ ପରମହଂସଙ୍କୁ ବୁଝିବା ସକାଶେ ବିବେକାନନ୍ଦଙ୍କୁ କମ୍ ଶ୍ରମ ସ୍ୱୀକାର କରିବାକୁ ପଡ଼ି ନାହିଁ। କେବଳ ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ଏମାନଙ୍କୁ ଗ୍ରହଣ କରିବାକୁ ଭାରତୀୟ ଯୁବପିଢ଼ିଙ୍କୁ ଅନେକେ ଉପଦେଶ ଦେଇଥାଆନ୍ତି। ମାତ୍ର ଏଭଳି ମହାପୁରୁଷଙ୍କୁ ବାସ୍ତବ ଜୀବନରେ ଅନୁସରଣ କରିଚାଲିଲେ ଜୀବନର ସର୍ବତୋମୁଖୀ ଉନ୍ନତି ହୋଇଥାଏ।

ମୋ–୯୪୩୭୨୨୯୨୫୯

# ମହାକାଶ କନ୍ୟା

ବ୍ୟକ୍ତିତ୍ୱ



କ୍ରିଷ୍ଟିନା କୋଚ୍

ପିଲାଦିନୁ କ୍ରିଷ୍ଟିନା ମହାକାଶ ଯିବାର ସ୍ୱପ୍ନ ଦେଖିଥିଲେ। ତାହା ୧୪ ମାର୍ଚ୍ଚ, ୨୦୧୯ରେ ସାକାର ହୋଇଥିଲା। ଏହି ଦିନ ସେ ମିଶନ ସୋୟୁଜ ଏମ୍‌ଏସ୍–୧୨ରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପହଞ୍ଚିଥିଲେ। ପରେ ସାଥୀ ମହିଳା ମହାକାଶଚାରୀଙ୍କ ସହ ମହାକାଶରେ ଚାଲି ଇତିହାସ ସୃଷ୍ଟି କରିଥିବା କ୍ରିଷ୍ଟିନା ଥରକରେ ସବୁଠାରୁ ବେଶି ୨୮୯ ଦିନ ରହିବାରେ ବିଶ୍ୱର ପ୍ରଥମ ମହିଳା ଭାବେ ମଧ୍ୟ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିପାଇଁ କେବଳ ଆମେରିକାରେ ନୁହେଁ, ସାରା ବିଶ୍ୱରେ ସେ ପାଲଟିଛନ୍ତି ଜଣେ ଚର୍ଚ୍ଚିତ ଓ ବଳିଷ୍ଠ ବ୍ୟକ୍ତିତ୍ୱ। ମହାକାଶ ଦୌଡ଼ରେ ସାମିଲ ସବୁ ଦେଶର ମହିଳାମାନଙ୍କ ପାଇଁ କ୍ରିଷ୍ଟିନାଙ୍କ ଏହି ସାହସ ପ୍ରେରଣାର ଉତ୍ସ ପାଲଟିଛି।

କ୍ରିଷ୍ଟିନା ମିଶିଗାନର ଗ୍ରାଣ୍ଡ୍ ରେପିଡ୍‌ରେ ୨୯ ଜାନୁୟାରୀ, ୧୯୭୯ରେ ଜନ୍ମଗ୍ରହଣ କରିଥିଲେ। ମାତା ବାର୍‌ବରା ଜନ୍‌ଶନ ଓ ପିତା ଡ. ରୋନାଲ୍ଡ ହାମୋକଙ୍କ କନ୍ୟା କ୍ରିଷ୍ଟିନା ଏବେ ପାଲଟିଯାଇଛନ୍ତି ମହାକାଶ କନ୍ୟା। ତାଙ୍କ ପିଲାଦିନ କଟିଥିଲା ନର୍ଥ କାରୋଲିନାର ଜ୍ୟାକ୍‌ଶନ ଭିଲିରେ। ଡରହାମ୍‌ର ନର୍ଥ କାରୋଲିନା ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ମାଥମେଟିକ୍ସରୁ ୧୯୯୭ରେ ଶିକ୍ଷା ଶେଷ କରିବା ପରେ ରେଲିଘଷ୍ଟ ନର୍ଥ କାରୋଲିନା ଷ୍ଟେଟ୍ ୟୁନିଭର୍ସିଟିରୁ ୨୦୦୧ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରି ଆଣ୍ଡ୍ ଫିଜିକ୍ସରେ ଡିଗ୍ରୀ କରିବା ପରେ ଏହି ୟୁନିଭର୍ସିଟିରୁ ୨୦୦୨ରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ମେଧାର ପରିଚୟ ଦେଇଥିଲେ। କିନ୍ତୁ ଏହା ପୂର୍ବରୁ ଗୋଡାର୍ଡ ସ୍ପେସ୍ ଫ୍ଲାଇଟ ସେଣ୍ଟର (ଜିଏସ୍‌ଏଫ୍‌ସି)ରେ ନାସା ଏକାଡେମୀ ପ୍ରୋଗ୍ରାମରୁ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥିଲେ। ପରେ ୨୦୦୨ରୁ ୨୦୦୪ ଯାଏ ନାସା ଜିଏସ୍‌ଏଫ୍‌ସିର ଲାବୋରେଟୋରି ଫର୍ ହାଇ ଏନର୍ଜି ଆଷ୍ଟ୍ରୋଫିଜିକ୍ସରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରିବା ସମୟରେ ନାସାର ବିଭିନ୍ନ ମିଶନ ଲାଗି ପ୍ରସ୍ତୁତ କରାଯାଇଥିବା ଯନ୍ତ୍ରାଂଶ ବିକାଶ କରିବାରେ ତାଙ୍କର ଯୋଗଦାନ ତାଙ୍କୁ ମହାକାଶ ରହସ୍ୟ ଭେଦ କରିବାକୁ ଆହୁରି ଉତ୍ସାହିତ କରିଥିଲା। ଏଠାରୁ ବି ସେ ଆଷ୍ଟ୍ରୋଫିଜିକ୍ସ ଓ କସ୍‌ମୋଲୋଜି ବିଷୟରେ ଶିକ୍ଷା ଲାଭ କରିଥିଲେ।

୪୦ ବର୍ଷୀୟା କ୍ରିଷ୍ଟିନା ତାଙ୍କ ଜୀବନର ଲକ୍ଷ୍ୟରେ ପହଞ୍ଚିବା ଲାଗି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଯୋଗ କରିଛନ୍ତି। ସେ ଆମେରିକାର ଆଣ୍ଟାର୍କଟିକା ପ୍ରୋଗ୍ରାମରେ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ ୨୦୦୪ରୁ ୨୦୦୭ ଯାଏ କାର୍ଯ୍ୟ କରି ସାଢେ ତିନି ବର୍ଷ ମେରୁ ଓ ଆଣ୍ଟାର୍କଟିକା ଅଞ୍ଚଳରେ ଯାତ୍ରା କରିଛନ୍ତି। ଏହି ସମୟରେ ମାଇନସ୍ ୧୧୧ଡିଗ୍ରୀ ତାପମାତ୍ରାରେ ରହିବା ଓ ମାସ ମାସ ଧରି ସୂର୍ଯ୍ୟଙ୍କୁ ନ ଦେଖିବା ପରିବେଶ ତାଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଅଧିକ ମଜଭୁତ କରିପାରିଥିଲା। ଏତିକିରେ ତାଙ୍କ ପ୍ରସ୍ତୁତି ଶେଷ ହୋଇନଥିଲା। ସେ ୨୦୦୭ରୁ ୨୦୦୯ ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟିର ସ୍ପେସ୍ ଡିପାର୍ଟମେଣ୍ଟ ଅଫ୍ ଆପ୍ଲାଏଡ ଫିଜିକ୍ସ ଲାବୋରେଟୋରିରେ ମହାକାଶ ବିଜ୍ଞାନ ଉପକରଣ ବିକାଶ ଲାଗି କାର୍ଯ୍ୟ କରି ନାସାର ଜୁନୋ ଓ ଭାନ ଆଲେନ ପ୍ରୋବ୍‌ସର ଯନ୍ତ୍ରାଂଶ ଲାଗି କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଥିଲେ। ୨୦୧୨ରେ ଆମେରିକାର ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟମୋସ୍ପିୟରିକ ଆଡ୍‌ମିନିଷ୍ଟ୍ରେଶନ (ଏନ୍‌ଓଏଏ)ରେ ପ୍ରଥମେ ଫିଲ୍ଡ ଇଞ୍ଜିନିୟର ଓ ପରେ ଷ୍ଟେଶନ୍ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ।

୨୦୧୩ରେ ତାଙ୍କ ନିଷ୍ଠା ଓ ଏକାଗ୍ର ସାଧନାକୁ ନାସା ସ୍ୱୀକୃତି ଦେଇ ୨୧ ଜଣିଆ ମହାକାଶଚାରୀଙ୍କ ମଧ୍ୟରେ ସାମିଲ କରିଥିଲା। ସେ ସ୍ପେସ ଷ୍ଟେଶନ ସିଷ୍ଟମ୍, ସ୍ପେସୱାକ୍, ରୋବୋଟିକ୍ସ, ସାଇକୋଲୋଜିକାଲ ଟ୍ରେନିଂ, ପାଣି ଓ ଜଙ୍ଗଲିଆ ଅଞ୍ଚଳରେ ରହିବାର ପ୍ରଶିକ୍ଷଣ ଜୁଲାଇ ୨୦୧୫ରେ ଶେଷ କରିଥିଲେ। ଆଷ୍ଟ୍ରୋନଟ୍ ସ୍କଲାରଶିପ୍ ଫାଉଣ୍ଡେସନ ପକ୍ଷରୁ ତାଙ୍କ ଆଷ୍ଟ୍ରୋନଟ୍ ସ୍କଲାର୍ ଭାବେ ସମ୍ମାନିତ କରାଯାଇଥିଲା। ୨୦୦୯ରେ ଜନ୍ସ ହପକିନ୍ସ ୟୁନିଭର୍ସିଟିରୁ ଇନ୍‌ଭେନ୍‌ସନ ଅଫ୍ ଦି ଇୟର ନୋମିନି ଓ ସେହି ବର୍ଷ ୟୁନାଇଟେଡ୍ କଂଗ୍ରେସ ଆଣ୍ଟାର୍କଟିକା ସର୍ଭିସ ମେଡାଲ ଏବଂ ୨୦୦୫, ୨୦୧୨ରେ ନାସାର ବିଭିନ୍ନ ମିଶନ୍‌ରେ ଉଲ୍ଲେଖନୀୟ ଯୋଗଦାନ ଲାଗି ଗ୍ରୁପ୍ ଆଚିଭ୍‌ମେଣ୍ଟ ଆୱାର୍ଡ ତାଙ୍କ କର୍ମମୟ ଜୀବନର ସ୍ୱୀକୃତି।

ଟେକ୍ସାସ୍‌ରେ ତାଙ୍କ ସ୍ୱାମୀ ରବର୍ଟ କୋଚଙ୍କ ସହ ରୁହନ୍ତି କ୍ରିଷ୍ଟିନା। ସେ ଯୋଗ ଉପରେ ଗୁରୁତ୍ୱ ଦେଇଥାନ୍ତି। ଏହା ବ୍ୟତୀତ ପାହାଡ଼ ଚଢ଼ିବା, ନୌଚାଳନା, ରନିଂ ଓ ସାଇକେଲିଂକୁ ଭଲ ପାଆନ୍ତି। ଫଟୋଗ୍ରାଫି ଓ ଦୂରଯାତ୍ରା ମଧ୍ୟ ତାଙ୍କର ପସନ୍ଦ। ଏସବୁ ଭିତରେ ସେ ସମାଜ ସେବାରେ ବି ସମୟ ଦେଇଥାନ୍ତି। ଫେବୃୟାରୀ, ୨୦୨୦ରେ ପୃଥିବୀକୁ ୩୨୮ ଦିନ ପରେ ଫେରିବେ। ତେବେ ମହାକାଶ ରହଣିର ରେକର୍ଡଧାରୀ କ୍ରିଷ୍ଟିନା ପୃଥିବୀକୁ ଫେରିବା ପରେ ତାଙ୍କ ଅନୁଭୂତି ସମ୍ପର୍କରେ ଜାଣିବାକୁ ବିଶ୍ୱବାସୀ ଉତ୍ସୁକତାର ସହ ଚାହିଁ ରହିବା ସ୍ୱାଭାବିକ।

–ଶିବ ପ୍ରସାଦ ପୁହାଣ

## ଏଇ ଭାରତରେ

ସମାଜସେବାରେ ସାରା ଜୀବନ ବିତାଇଦେବା ଲୋକଙ୍କ ସଂଖ୍ୟା କିଛି କମ୍ ନାହିଁ। ଏମାନଙ୍କ ମଧ୍ୟରୁ ମହାରାଷ୍ଟ୍ର ପୁଣେ ନିବାସୀ ପଦ୍ମିନୀ ଷ୍ଟମ୍ପ୍ ଅନ୍ୟତମ। ସେ ଏବେ ୯୦୦ ବୁଲା କୁକୁର, ଦେଢ଼ଶହ ବିଲେଇ ଓ ୧୦୦ରୁ ଊର୍ଦ୍ଧ୍ୱ ଗାଈ ଓ ମଇଁଷିଙ୍କ ପାଳିକା ମା' ପାଲଟିଯାଇଛନ୍ତି। ଏମାନଙ୍କ ଲାଗି ସେ ନିଜ ଘର ଖୋଲି ଦେଇଛନ୍ତି। ଏହା ବ୍ୟତୀତ ଦୁଇଟି ଆଶ୍ରୟସ୍ଥଳୀ ବି ନିର୍ମାଣ କରିଛନ୍ତି। ୬୦ ବର୍ଷୀୟା ପଦ୍ମିନୀ ପୁଣେର ପ୍ରଥମ ସୁପର୍ ମଡେଲ ଥିଲେ। ଦେଶବିଦେଶରେ ବହୁ ମଡେଲିଂ ଶୋ'ରେ ମଧ୍ୟ ଭାଗ ନେଇଥିଲେ। ବୟସର ସାୟାହ୍ନରେ ଉପନୀତ ପଦ୍ମିନୀ ଅନ୍ୟର ସାହାରା ଲୋଡିବା ସମୟରେ ହଜାର ଜୀବଙ୍କୁ ସେବା ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ୨୦୦୬ରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଏକମାତ୍ର ପୁଅଙ୍କୁ ହରାଇବା ପରେ ସେ ଭାଙ୍ଗିପଡିଥିଲେ। ତା'ପରେ ଘର ପାଖରେ ଏକ ରୋଗଗ୍ରସ୍ତ କୁକୁରକୁ ଦେଖି ତାକୁ ଘରକୁ ଆଣି ସେବା କରିଥିଲେ। ପରେ ସେ 'ମିଶନ ପଶିବଲ୍' ନାମକ ସଂସ୍ଥା ଗଢି ତା'ମାଧ୍ୟମରେ ଅସହାୟ ପ୍ରାଣୀଙ୍କ ସେବା ଆରମ୍ଭ କରିଛନ୍ତି।

## ଚିରନ୍ତନୀ

ଗର୍ବ ଭରେ ବିଶ୍ୱମୟ ମଣେ ମୁହିଁ ରେଣୁ,
ଶତ୍ରୁ ମିତ୍ର ପ୍ରିୟାପ୍ରିୟ ଆତ୍ମୀୟ ସ୍ୱଜନ
କୋଟି କୋଟି ବଂଶଧର ଦେଖଇ ନୟନେ
ତୋହରି କରୁଣାବଳେ, ତୁ ଯେ ବିଶ୍ୱ–ସୃଷ୍ଟି
କୋମଳ ଚରଣେ ରୁକ୍ଷ କଣ୍ଟକିତ ବନ
ଚାଲୁଅଛୁ ବରିନେଇ ଦୁଃଖ ଏ ଭୁବନେ
ବିଷମୟ ବିଶ୍ୱେ ସଦା ସୁଧା କରି ବୃଷ୍ଟି!
(ପୁରୁଷ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଜାନୁୟାରୀ ୧୯୯୫**

- କଂଗ୍ରେସ ହାଇକମାଣ୍ଡ ତାମିଲନାଡୁ ପ୍ରଦେଶ କଂଗ୍ରେସ ସଭାପତି ପଦରୁ କେ. ରାମମୂର୍ତ୍ତିଙ୍କୁ ବହିଷ୍କାର କରିଛନ୍ତି।
- ଓଜୋନ ସ୍ତରର ସୁରକ୍ଷା ପାଇଁ ଇଣ୍ଡୋନେସିଆକୁ ୧୭ ମିଲିୟନମାର୍କିନଡଲାରଦେବାଲାଗିବିଶ୍ୱବ୍ୟାଙ୍କରନିଷ୍ପତ୍ତି।

## ସୁଡୋକୁ

su|do|ku
Puzzles by Srikant Ghosh

ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରେ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରୋପ୍‌ୱେ ଦ୍ୱାରା ଦର୍ଶନ ବ୍ୟବସ୍ଥା ହେଉ

ମହାଶୟ,

ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିରର ଉନ୍ନତି ଓ ସୁନ୍ଦରୀକରଣ ଏବେ ସରକାରଙ୍କ ପ୍ରାଥମିକ କାର୍ଯ୍ୟର ଶ୍ରେଣୀଭୁକ୍ତ ହୋଇଛି। ସାରା ପୃଥିବୀର କୋଣଅନୁକୋଣରୁ ଲକ୍ଷ ଲକ୍ଷ ଭକ୍ତ, ଦର୍ଶକ ଠାକୁରଙ୍କ ଦର୍ଶନ ପାଇଁ ନିତି ପୁରୀ ଓ ଭୁବନେଶ୍ୱର ଆସୁଛନ୍ତି। ଧର୍ମୀୟ କଟକଣା ଯୋଗୁ ଅନେକ ଭକ୍ତ ମନ୍ଦିର ଭିତରକୁ ଯାଇପାରୁନାହାନ୍ତି। ଇସ୍‌କନର ପ୍ରଚାର ପ୍ରସାର ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବିଦେଶୀ ଭକ୍ତଙ୍କ ଆଗ୍ରହ ବଢ଼ିଛି। ସରକାର ଏହାର ଉନ୍ନତି ପାଇଁ ଚେଷ୍ଟିତ ଥିଲାବେଳେ ଯଦି ଦୁଇ ସ୍ଥାପତ୍ୟର ଚାରିପଟେ ରୋପୱେ ଦ୍ୱାରା ଦର୍ଶନ ବ୍ୟବସ୍ଥା କରାଯାଇପାରନ୍ତା ତେବେ ବିଦେଶୀ ଭକ୍ତଙ୍କ ପାଇଁ ଏହା ଖୁବ୍ ସହାୟକ ହୁଅନ୍ତା। ମନ୍ଦିର ଭିତରକୁ ନ ଯାଇ ମଧ୍ୟ ସେମାନେ ପ୍ରଭୁଙ୍କ ଦର୍ଶନ ଲାଭ କରିପାରନ୍ତେ।

ରାଧାକାନ୍ତ ପଟ୍ଟନାୟକ, ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର

### ସମ୍ପୂର୍ଣ୍ଣ ନିଶା ନିବାରଣ ହେଉ

ଆମ ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ତଥା ଜନସାଧାରଣଙ୍କ ତରଫରୁ ଦୀର୍ଘ ବର୍ଷ ଧରି ଦାବି, ଆନ୍ଦୋଳନ, ଶୋଭାଯାତ୍ରା ଇତ୍ୟାଦି କରାଯାଇ ଆସୁଛି। ମାତ୍ର ଆମ ରାଜ୍ୟ ସରକାର ଏଥିପାଇଁ ତିଳେହେଲେ ଚିନ୍ତିତ ଥିବା ପରି ମନେହୁଏ ନାହିଁ ବରଂ ମଦ୍ୟପାନକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି, ଯାହା ଏକ ଜନପ୍ରିୟ ସରକାର ପକ୍ଷେ ଆଦୌ ଶୋଭାପାଏ ନାହିଁ। ମଦ୍ୟପାନ ତଥା ନିଶା ସେବନ ପାଇଁ ଅଧିକାଂଶ ଗାଡି ଦୁର୍ଘଟଣା ଏବଂ ବଳାତ୍କାର ପରି ଘଟଣା ଘଟୁଥିଲେ ମଧ୍ୟ ନେତା, ମନ୍ତ୍ରୀ ତଥା ସରକାରୀ ଅଧିକାରୀମାନେ କ'ଣ ଏହି ସାମାନ୍ୟ କଥାଟା ବୁଝିପାରୁନାହାନ୍ତି ? ଦେଶର କେତେକ ରାଜ୍ୟ ନିଶା ନିବାରଣ ଆଇନ ପ୍ରଣୟନ କରି ସଫଳତାର ସହିତ କାର୍ଯ୍ୟକାରୀ କରାଇପାରିଛନ୍ତି। ମାତ୍ର ରାଜ୍ୟ ସରକାର ଅଧିକ ରାଜସ୍ୱ ଆଳରେ ଏହାକୁ ଅଧିକ ପ୍ରୋତ୍ସାହିତ କରିବା ଦୁର୍ଭାଗ୍ୟର ବିଷୟ। ଯାହାଙ୍କ ହାତରେ କ୍ଷମତା ଅଛି, ସେମାନେ ନିଶାଖୋର ହୋଇଥିବାରୁ ଏପରି ଆଇନ ପ୍ରଣୟନ ପାଇଁ କୁଣ୍ଠିତ ହେଉଛନ୍ତି କି ?

ଡ. ନିରଞ୍ଜନ ସାହୁ, ସାହୁପଡା, ବରୀ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୋରରୁ ଚମ୍ପଟ, ଅପରାହ୍ନରେ ଗିରଫ

■ଏସ୍‌ସିବି ଆଇସିୟୁରୁ ଫେରାର ହୋଇଯାଇଥିଲେ ଅଭିଯୁକ୍ତ
■ପୋଲିସ ଟଙ୍କା ନେଇ ଫେରାର କରିଥିବା ଅଭିଯୋଗ

**କଟକ ଅଫିସ,୧୧।୧**

ଶନିବାର ଭୋର ସମୟରେ ଏସ୍‌ସିବି ମେଡିକାଲର ସେଣ୍ଟ୍ରାଲ ଆଇସିୟୁରୁ ଚମ୍ପଟ ମାରିଥିଲେ ଅଭିଯୁକ୍ତ ଆଲୋକ ସାହୁ। କିନ୍ତୁ ମଙ୍ଗଳାବାଗ ପୋଲିସ ତାଙ୍କୁ ଅପରାହ୍ନରେ ଜଣେ ଓକିଲଙ୍କ ଘରୁ ଗିରଫ କରିଥିଲା। ୫ମହଲା ଉପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଆଇସିୟୁ ଭିତରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିବା ନେଇ ଅନେକ ସନ୍ଦେହ ସୃଷ୍ଟି ହୋଇଛି। ତାଙ୍କୁ ଫେରାର କରାଇବା ପଛରେ ପୋଲିସର ହାତ ରହିଥିବା ନେଇ ଆଲୋଚନା ହେଉଛି। ଏପରି କି ପୋଲିସ ୫୦ଟଙ୍କା ଲାଞ୍ଚ ନେଇ ଫେରାର ହୋଇଯିବାକୁ କହିଥିବା ଅଭିଯୁକ୍ତ ଆଲୋକ ଗଣମାଧ୍ୟମ ସାମ୍ନାରେ କହିଛନ୍ତି ।

ସୂଚନା ଅନୁଯାୟୀ, ଆଲୋକଙ୍କ ଘର ପୁରୀ ଜିଲା କୋଣାର୍କ ଥାନା ଅଧୀନ ଧନିତ୍ରୀ ଅଞ୍ଚଳରେ। ଗତବର୍ଷ ଅକ୍ଟୋବର ୨୯ରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଅଞ୍ଚଳର ଏକ ମଦ ଦୋକାନରୁ ଚୋରି ହୋଇଥିଲା। ଏହି ଅଭିଯୋଗରେ ସ୍ପେଶାଲ ସ୍କ୍ୱାଡ୍ ଗତ ୩ରେ ରାତିରେ ଆଲୋକଙ୍କୁ ଗିରଫ କରି ଆଣି ରଘୁନାଥପୁର ଥାନାରେ ରଖିଥିଲା। ପୋଲିସ ହେପାଜତରେ ଥିବା ସମୟରେ ଆଲୋକ ଫିନାଇଲ ପିଇଦେଇ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଗତ ୪ ତାରିଖରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଣ୍ଟ୍ରାଲ ଆଇସିୟୁରେ ସେ ଚିକିତ୍ସିତ ହେଉଥିବାବେଳେ ଚମ୍ପଟ ମାରିଥିଲେ। ଏହାପରେ ସେ ସହରର ପୁରୀଘାଟ ଥାନା ଅଞ୍ଚଳର ଜଣେ ଓକିଲଙ୍କ ଘରେ ଥିବା ମଙ୍ଗଳାବାଗ୍ ପୋଲିସ ଜାଣିବାକୁ ପାଇଥିଲା। ସେଠାରୁ ସାଦା ପୋଷାକଧାରୀ ପୋଲିସ ତାଙ୍କୁ କାବୁ କରି ଆଣୁଥିବା ବେଳେ ସମ୍ପୃକ୍ତ ଓକିଲ ବିରୋଧ କରି ମଙ୍ଗଳାବାଗ ଥାନାକୁ ଜଣାଇଥିଲେ। ଏହାପରେ ମଙ୍ଗଳାବାଗ ଓ ପୁରୀଘାଟ ଥାନା ପୋଲିସ ପହଞ୍ଚି ଆଲୋକଙ୍କୁ ଗିରଫ କରି ଆଣିଥିଲେ। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ମଙ୍ଗଳାବାଗ ଥାନା ଆଇଆଇସି ଅଭିତାଭ ମହାପାତ୍ର କହିଛନ୍ତି ।

ଅନ୍ୟପକ୍ଷରେ ରଘୁନାଥପୁର ଥାନାରେ ତାଙ୍କୁ ନିର୍ଯାତନା ଦିଆଯିବାରୁ ସେ ଫିନାଇଲ ପିଇଦେଇଥିବା ଆଲୋକ ଅଭିଯୋଗ କରିଛନ୍ତି। ତାଙ୍କ ବାପା ବସନ୍ତଙ୍କ କହିବାନୁଯାୟୀ, ଗତ ଡିସେମ୍ବର ୧୨ରେ ଅଲୋକ ନିଜ ଟ୍ରାକ୍ଟର ନିମନ୍ତେ ଡିଜେଲ ଆଣିବା ପାଇଁ ଯାଇଥିଲେ। ମାତ୍ର ବାଟରେ ଏକ ବୋଲେରୋରେ କେତେଜଣ ବ୍ୟକ୍ତି ଆଲୋକଙ୍କୁ ଉଠାଇ ନେଇଥିଲେ। ଆଲୋକ ଘରକୁ ନ ଫେରିବାରୁ ଗତ ଡିସେମ୍ବର ୧୪ରେ ବସନ୍ତ କୋଣାର୍କ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଜଗତ୍‌ସିଂହପୁର ଜିଲା ପୋଲିସ ଆଲୋକକୁ ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ। ଏହାପରେ ବସନ୍ତ ଜଗତ୍‌ସିଂହପୁର ଜିଲାର ଏ ଥାନାରୁ ସେ ଥାନା ଘୂରିବୁଲିଥିଲେ। ଜାନୁୟାରୀ ୧୦ରେ ରଘୁନାଥପୁର ପୋଲିସ ପକ୍ଷରୁ ବସନ୍ତଙ୍କ ନିକଟକୁ ଏକ ଫୋନ୍ କରି କୁହାଯାଇଥିଲା ଯେ, ଏକ ଚୋରି ମାମଲାରେ ପଚରା ଉଚରା କରୁଥିବାବେଳେ ଆଲୋକ ଅସୁସ୍ଥ ହୋଇପଡିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି । ମାତ୍ର ଶନିବାର ସକାଳେ ବସନ୍ତ ମେଡିକାଲକୁ ଆସି ଦେଖିବାରୁ ତାଙ୍କ ପୁଅ ଫେରାର ହୋଇଯାଇଥିବା ଜାଣିବାକୁ ପାଇଥିଲେ। ପ୍ରାୟ ୧ମାସ ଧରି ଆଲୋକଙ୍କୁ ପୋଲିସ ନିର୍ଯାତନା ଦେଉଥିବା ବସନ୍ତ କହିଛନ୍ତି। ଅପରପକ୍ଷରେ ଆଲୋକଙ୍କୁ ନିର୍ଯାତନା ଅଭିଯୋଗକୁ ରଘୁନାଥପୁର ଥାନା ଆଇଆଇସି ବବିତା ଦଳେଇ ଖଣ୍ଡନ କରିଛନ୍ତି।

## ସଂକ୍ଷେପରେ

### ସିଦ୍ଧ ଗୋସ୍ୱାମୀ ପୀଠରେ ପୁଷ୍ୟାଭିଷେକ

**ବିରିଡି,୧୧।୧(ଡି.ଏନ.ଏ.):** ବିରିଡି ବ୍ଲକ ଅନ୍ତର୍ଗତ ବାଲିଆ ଗୋପୀନାଥପୁର ଝୁଲା ଗୋପୀନାଥପୁର ମନ୍ଦିର ନିକଟରେ ଥିବା ସିଦ୍ଧ ଗୋସ୍ୱାମୀ ପୀଠରେ ପୁଷ୍ୟାଭିଷେକ ଓ ହରିଖଳା ଅନୁଷ୍ଠିତ ହୋଇଯାଇଛି। କେଉଁ ଆବହମାନ କାଳରୁ ଏହି ସିଦ୍ଧ ସାଧୁ ପୁଷ୍ୟ ପୂର୍ଣ୍ଣିମାରେ ଅଖଣ୍ଡ ଧୂନି ସ୍ଥାପନ କରିଥିଲେ। ପରେ ସେ ସିଦ୍ଧି ପ୍ରାପ୍ତ ହୋଇ ପୂର୍ଣ୍ଣବ୍ରହ୍ମ ପ୍ରାପ୍ତି ହୋଇଥିଲେ। ସେହି ଦିନରେ ଏହି ପୀଠକୁ ବହୁ ସାଧୁ ସନ୍ଥଙ୍କ ଆଗମନ ହୋଇଥିଲା। ସାଧୁ ଜଣଙ୍କୁ ଏଠାରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ଏକତ୍ରିତ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ପଙ୍‌କ୍ତି ଭୋଜନ କରାଉଥିଲେ। ଏହାକୁ ହରିଖଳା ବୋଲି କୁହାଯାଏ। ପ୍ରତ୍ୟେକ ଲୋକ ବାଡି ପନିପରିବା ଦାନ କରି ଏଠାରେ ପଙ୍‌କ୍ତି ଭୋଜନ କରାଇଥାନ୍ତି। ସେବେଠାରୁ ଏହି ହରିଖଳାରେ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇ ଦିନସାରା ଭଜନ କୀର୍ତ୍ତନ ଓ ପୂଜାର୍ଚ୍ଚନା କରାଯାଇଥାଏ। ଏଥିରେ ବାଲିଆ ଗୋପୀନାଥପୁର ଗ୍ରାମର ସମସ୍ତ ଗ୍ରାମବାସୀ, ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

### ଫେବୃୟାରୀ ୯ରେ ବାଲିଘର ସାହିତ୍ୟୋତ୍ସବ

**ତିର୍ତ୍ତୋଲ,୧୧।୧ (ଡି.ଏନ୍.ଏ.):** ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ୩୦ତମ ବାର୍ଷିକ ସାହିତ୍ୟୋତ୍ସବ ଓ ସାରସ୍ୱତ ମହାମିଳନ ଫେବୃୟାରୀ ୯ରେ ଅନୁଷ୍ଠିତ ହେବ। ପଣ୍ଡୁଆ ପଞ୍ଚାୟତ ମୁଣ୍ଡିଦା ଗ୍ରାମରେ ଅନୁଷ୍ଠାନର ମୁଖ୍ୟକାର୍ଯ୍ୟାଳୟରେ ଏହି ଉତ୍ସବ ଆୟୋଜନ କରାଯିବ। ଏନେଇ ଆୟୋଜିତ ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସ୍ଥାୟୀ ସଭାପତି ଅଜୟ ବେହେରା ସଭାପତିତ୍ୱ କରିଥିଲେ । ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ଉପସଭାପତି ବିପ୍ଳବ ଚୌଧୁରୀ, ଉପଦେଷ୍ଟା ହେମନ୍ତ କୁମାର ନାୟକ, ସହସମ୍ପାଦକ ଡ. ସଂଗ୍ରାମ କେଶରୀ ସ୍ୱାଇଁ, ଆଶୁତୋଷ ଧଳ ଓ ଆଇନ ପରାମର୍ଶଦାତା ବୀରନାରାୟଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ଆଲୋଚନାଚକ୍ର, ବାଲିଘର ବାର୍ଷିକ ସଂଖ୍ୟା ଉନ୍ମୋଚନ, ବାଲିଘର ଶିଶୁ ସାହିତ୍ୟ ସମ୍ମାନ, ବାଲିଘର ପ୍ରବନ୍ଧ ସମ୍ମାନ ଓ ବାଲିଘର ସମାଜସେବା ସମ୍ମାନ ଦିଆଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

# ଛତା-ତିଲକପୁର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



ବିଧାୟିକା ଶିଳାନ୍ୟାସ କରୁଛନ୍ତି।

**ଡେରାବିଶ,୧୧।୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତ ଅନ୍ତର୍ଗତ ଛତା ଛକ ଠାରେ ଶନିବାର ଅପରାହ୍ନରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ପୂର୍ତ୍ତ ବିଭାଗ ଅଧୀନ ଛତା-ତିଲକପୁର ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ଅବସରରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଭବାନୀ ଶଙ୍କର ରଥ ୨କି.ମି. ୨ଶହ ମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୨କୋଟି ୩୨ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ଆସନ୍ତା ୬ମାସ ମଧ୍ୟରେ ରାସ୍ତା କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ପାଇଁ ଠିକା ସଂସ୍ଥା ସହିତ ଚୁକ୍ତି ହୋଇଥିବା ସୂଚନା ଦେଇଥିଲେ। ସ୍ଥାନୀୟ ଜନସାଧାରଣ ଏହି କାର୍ଯ୍ୟ ଶୀଘ୍ର ଶେଷ ପାଇଁ ସହଯୋଗ କରିବାକୁ କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ଦାସ ଆଶାପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜ କାନ୍ତ ସାହୁ, ଜିଲା ପରିଷଦ ସଭ୍ୟା ମନୋରମା ସାହୁ, ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ଚନ୍ଦ୍ରକାନ୍ତ ପ୍ରଧାନ, ଉମାକାନ୍ତ ନାୟକ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଗଣେଶ୍ୱର ବେହେରା, ଭବାନୀ ଓଝା, ମହେନ୍ଦ୍ର କୁମାର ସିଂହ, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ସାହୁ, ହଳଧର ଦାଶ, ସୁଶାନ୍ତ ମିଶ୍ରଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ।

# ଇଚ୍ଛାଶକ୍ତି ଜାଗ୍ରତ ହେଲେ ଜିଲାର ବିକାଶ ସମ୍ଭବ

**ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା**

**କେନ୍ଦ୍ରାପଡା ଅଫିସ, ୧୧।୧**

କେନ୍ଦ୍ରାପଡା ଜିଲା ଗଠନକୁ ଇତିମଧ୍ୟରେ ୨୫ ବର୍ଷ ବିତିଛି । ଏହି ସମୟ ମଧ୍ୟରେ ସମସ୍ତଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଗମନାଗମନ ପରି ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଶିଳ୍ପ ବିକାଶର ମାଧ୍ୟମ ହୋଇଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇ ନାହିଁ । ଅର୍ଥନୈତିକ ବିକାଶ କ୍ଷେତ୍ରରେ ରାଜ୍ୟର ୨୬ ତମ ଜିଲାର ମାନ୍ୟତା ମିଳିଛି। ତେବେ ଅବିଭକ୍ତ କଟକରୁ ଅଲଗା ପରେ ଜିଲା ବିକାଶର ଅଗ୍ରଗତି ଆରମ୍ଭ ହୋଇଛି। ସାମଗ୍ରିକ ବିକାଶ ପାଇଁ ଜନତା, ରାଜନେତା ଓ ପ୍ରଶାସକଙ୍କ ଇଚ୍ଛାଶକ୍ତି ଆବଶ୍ୟକ ବୋଲି ଶନିବାର ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ମତ ରଖିଛନ୍ତି । ସହରର ମହିପାଳ ଟେଲିକମ ଗ୍ରାଉଣ୍ଡ ଠାରେ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଆୟୋଜିତ ପୁସ୍ତକମେଳାର ଷଷ୍ଠ ସନ୍ଧ୍ୟାରେ ବିକାଶର ଆଇନାରେ କେନ୍ଦ୍ରାପଡା ଓ ଆମେ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କେମ ସଭାପତି ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଭାଜପା ନେତା ଅଲେଖ ଜେନା, ବାମପନ୍ଥୀ ନେତା ବାବାଜୀ ଧଳ, କଂଗ୍ରେସ ନେତା ଜ୍ଞାନଦେବ ବେହୁରା, ସାମାଜିକ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ, ସ୍ତମ୍ଭକାର ଶ୍ରୀରାମ ଦାସ, ଡ. ନଟବର ଖୁଣ୍ଟିଆ ,ପୂର୍ବତନ ପ୍ରଶାସକ ଅଲେଖ ପଢ଼ିଆରୀ ଭାଗ ନେଇଥିଲେ । ଏଥିରେ ସେମାନେ ବ୍ୟକ୍ତି ଚେତନାର ଅବକ୍ଷୟ ହୋଇଥିବା ପ୍ରକାଶ କରିଥିଲେ । ପର୍ଯ୍ୟଟନ ଶିଳ୍ପ ଠାରୁ ଆରମ୍ଭ କରି ମାନବ ସମ୍ବଳର ବିନିଯୋଗକୁ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଜିଲାର ଅର୍ଥନୈତିକ ବିକାଶ ପାଇଁ ଉପଯୋଗୀ ପରାମର୍ଶ ଦେଇଥିଲେ। ଏହାକୁ ବୁଦ୍ଧିଜୀବୀ ମାତୃଦତ୍ତ ମହାନ୍ତି ପରିଚାଳନା କରିଥିଲେ । ପୁସ୍ତକ ମେଳା ପରିସରରେ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ଓ ସେଣ୍ଟ ଜାଭିୟର ସ୍କୁଲ ପକ୍ଷରୁ ବେଟୀ ପଢ଼ାଓ, ବେଟୀ ବଚାଓ ସହ ସଡକ ସୁରକ୍ଷା ସମ୍ପର୍କିତ ନାଟକ ପରିବେଷଣ ହୋଇଥିଲା।




ପୁସ୍ତକ ମେଳାରେ ଉପସ୍ଥିତ ଅତିଥିମାନେ।

# ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର

**ପାଟକୁରା,୧୧।୧(ଡି.ଏନ.ଏ.)**

ଗୁରୁବାର ପାଟକୁରା ଥାନା ଅନ୍ତର୍ଗତ ଅନ୍ତେଇସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପକ୍ଷରୁ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଜଗନ ମୋହନ ସାହୁ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟର ଅଧାପିକା ପୁଷ୍ପିତା ସାହୁ ,ଅଧାପକ ଶୁଭେନ୍ଦୁ କୁମାର ବିଶ୍ୱାଳ ଓ ଅଧାପକ ଅଜୟ କୁମାର ଭୋଇ ଉପସ୍ଥିତ ରହି ବାଳିକାମାନଙ୍କ ପ୍ରଶିକ୍ଷଣରେ ସହଯୋଗ କରିଥିଲେ। ଏହି ଅବସରରେ ବାଳିକାମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀର ଛାତ୍ରୀମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ ।

# ତହସିଲ କୋଠା ଭାଙ୍ଗିବା ମସୁଧା ପ୍ରତିବାଦରେ ଗଣଧାରଣା

**ରାଜକନିକା,୧୧।୧(ଡି.ଏନ୍.ଏ.)**

କନିକା ତହସିଲରେ ଥିବା ଐତିହ୍ୟ ସମ୍ପନ୍ନ ପୁରୁଣା କୋଠା ଭାଙ୍ଗିବା ପାଇଁ ମସୁଧା ଚାଲିବା ପ୍ରତିବାଦରେ କନିକା ବାର ଆସୋସିଏଶନ ପକ୍ଷରୁ ଶନିବାର ଠାରୁ ତହସିଲ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି । ସୂଚନାଯୋଗ୍ୟ ଯେ, କନିକା ତହସିଲରେ ଥିବା ୧୫୦ ବର୍ଷର ପୁରୁଣା କୋଠାକୁ ଭାଙ୍ଗିବା ପାଇଁ ତହସିଲଦାର ଆଗ୍ରହ ପ୍ରକାଶ କରି ଏହାକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ କେତେକ ମନ୍ତବ୍ୟ ଦେଇଥିଲେ । ଏହାକୁ ବିରୋଧ କରି ଗତ ୯ ତାରିଖରେ ବାର ଆସୋସିଏଶନ ପକ୍ଷରୁ ଏତଲା ଦିଆଯାଇଥିଲା । ତେବେ ଏହି କୋଠାକୁ ନ ଭାଙ୍ଗିବା ଓ ଏଥିରେ ମହଜୁଦ ଥିବା ବହୁ ପୁରୁଣା ଜମିଜମା କାଗଜପତ୍ର ଫେରାଇ ଆଣିବା ଦାବିରେ ଏହି ଗଣଧାରଣା ଦିଆଯାଇଛି। ବାର ଆସୋସିଏଶନ ସଭାପତି ରଞ୍ଜନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ଗଣଧାରଣା ଚାଲିଛି। ସଂପାଦକ ଖଗେଶ୍ୱର ନାୟକଙ୍କ ସମେତ ସମସ୍ତ ଆଇନଜୀବୀ, ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଗଣଧାରଣାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି ।



ତହସିଲ ଆଗରେ ଗଣଧାରଣା ଦିଆଯାଇଛି।

# ସମବାୟ ସମିତି ସମସ୍ୟାର ସମାଧାନ ହେବ

**ବାଲିକୁଦା,୧୧।୧(ସ୍ୱ.ପ୍ର.)**

ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଶନିବାର ବୋରିକିନା ସେବା ସମବାୟ ସମିତିର ଧାନ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସମିତି କାର୍ଯ୍ୟାଳୟ ପରିସରରେ ସଭାପତି ଭୀମସେନ ମୁଦୁଲିଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ମନ୍ତ୍ରୀ ଯୋଗଦେଇ ସମବାୟ ସମିତିରେ ଲାଗି ରହଥିବା ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ବୋରିକିନା ସରପଞ୍ଚ ସାଧୁ ଚରଣ ସାହୁ, ସମିତିସଭ୍ୟା ସାଗରିକା ପରିଡା, ବାଲିକୁଦା ଯୋଗାଣ ନିରୀକ୍ଷକ ବିଜୟ ସିଂ, ସମିତି ସମ୍ପାଦକ ଶରତ ଲେଙ୍କା, କଟକ କେନ୍ଦ୍ରୀୟ ବ୍ୟାଙ୍କ ସମ୍ପାଦକ ସଦାଶିବ ଷଡ଼ଙ୍ଗୀ, ସିସିବି ବାଲିକୁଦା ଶାଖା ପରିଚାଳକ ଚୌଧୁରୀ ଅଜିତ ଦାସ ପ୍ରମୁଖ ଯୋଗଦେଇ ଚାଷୀ ସମବାୟ କ୍ଷେତ୍ରରୁ ସବୁ ସହଯୋଗ ପାଇ ପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ରତ୍ନାକର ନାୟକ, ଶିକ୍ଷାବିତ ବିଷ୍ଣୁଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ସମିତିର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସମୀର ପରିଡା, ଅମୂଲ୍ୟ ସେନାପତି, ବୁଦ୍ଧଦେବ ଦାସ, ଦେବେନ୍ଦ୍ର କାଲୁଆ, ବଂଶୀଧର ମହାନ୍ତି, କ୍ଷେତ୍ରମୋହନ ମଲ୍ଲିକ, ରବିନ୍ଦ୍ର ମଲ୍ଲିକ ହେମଲତା ମଲ୍ଲିକ, ଭୀମସେନ ମୁଦୁଲି, ରେଣୁବାଳା ସେନାପତି, କାଶିନାଥ ବେହେରା, ବିଷ୍ଣୁ ଚରଣ ସ୍ୱାଇଁ, ସୁଦୀପ୍ତ ଦାସ, ମମତା ପରିଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ସଦସ୍ୟ ବିଷ୍ଣୁଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାନେତ୍ରୀ ହେମଲତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା

**ରଘୁନାଥପୁର,୧୧।୧ (ଡି.ଏନ.ଏ)**

କନ୍ଧମାଳ ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଜାତୀୟ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ଆଗାମୀ ଓଡ଼ିଶା' ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ରଘୁନାଥପୁର ଅଞ୍ଚଳର ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା। ଦଳିତ ବର୍ଗର ଛାତ୍ରୀଛାତ୍ରଙ୍କୁ ଶିକ୍ଷାକ୍ଷେତ୍ରରେ ସମସ୍ତ ସହଯୋଗ କରିଆସିଥିବା ପ୍ରଫେସର ସାମନ୍ତ ଜଣେ ସମ୍ମାନାସ୍ପଦ ବ୍ୟକ୍ତି ଥିଲେ ବୋଲି ସଭାପତି ବିଜୟ କୁମାର ସ୍ୱାଇଁ କହିଥିଲେ। ପ୍ୟାରୀ ମୋହନ ପଟ୍ଟନାୟକ, ଅଧ୍ୟାପକ ଶରତ କୁମାର ରାଉତରାୟ, ପୂର୍ବତନ ଅଧ୍ୟକ୍ଷ ଅଜୟ ଦାସ, ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତି, ପ୍ରଫେସର ଦେବେନ୍ଦ୍ରନାଥ ବାରିକ, ସୁରେଶ ଚନ୍ଦ୍ର ରାଉତଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

**ଏସ୍.ଇ. ରେଳପଥ ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ସେଣ୍ଟ୍ରାଲ-୧୯-୨୦-୪୩, (୨) ସିକେପି-ଇଷ୍ଟ-୧୯-୨୦-୫୬, (୩) ସିକେପି-ଇଷ୍ଟ-୧୯-୨୦-୫୮। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଇଏମଡି** ଏହି ଅନୁଯାୟୀ ହେବ: (୧) ଏଡିଇଏନ/ବିଏନଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ କିମି ୪୪୭.୬୮୦ଠାରେ ବ୍ରିଜ୍ ନଂ.୯୭, କିମି ୪୪୮.୩୪୮ଠାରେ ବ୍ରିଜ୍ ନଂ. ୯୮ର ବିଦ୍ୟମାନ ବ୍ରିଜ୍ ସ୍ଲାବ୍ ଗୁଡ଼ିକୁ ପ୍ରିକାଷ୍ଟ ଆର୍.ସି.ସି. ବ୍ରିଜ୍ ସ୍ଲାବ୍‌ରେ ବଦଳାଇବା, ₹୩୪,୬୫,୪୫୪.୪୦, ₹୬୯,୩୦୦/-। (୨) ଏଡିଇଏନ/।/ଟାଟା ଅଧୀନରେ ଟାଟାନଗର-ବାଦାମପାହାଡ଼ ମଧ୍ୟରେ କିମି ୩୧୫/୮-୯ଠାରେ ବ୍ରିଜ୍ ନଂ.୨୭ର ଆରସିସି ଜ୍ୟାକେଟିଂ, ₹୨,୩୮,୯୫,୬୨୯.୯୦, ₹୨,୬୯,୫୦୦/-। (୩) ଏଡିଇଏନ(॥)/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ୪୭ ଗୋଟି ପାଇଁ ଥ୍ରୋ ଟର୍ନଆଉଟ୍ ନବୀକରଣ (ଟିଡବ୍ଲ୍ୟୁଏସ୍ + ଡବ୍ଲ୍ୟୁସିଏମ୍‌ଏସ୍‌ସି), ₹୫୬,୧୫,୮୯୦.୫୪, ₹୧,୧୨,୩୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୩,୦୦୦/-, କ୍ର.ସଂ. ୨ ପାଇଁ ₹୧୦,୦୦୦/- ଏବଂ କ୍ର.ସଂ. ୩ ପାଇଁ ₹୫,୦୦୦/- । **ଖୋଲାଯିବା ତାରିଖ:** କ୍ର.ସଂ. ୧ରୁ ୩ ପାଇଁ ତା୦୩।୦୨।୨୦୨୦ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। PR-1228

**ଏସ୍.ଇ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ ଏବଂ ଇ.ଏମ୍.ଡି.: (୧) ଏମ୍‌ଇସିଏଚ୍‌ସିକେପି-୧୯-୨୦-୪୬, ତାରିଖ: ୦୯।୦୧।୨୦୨୦।** ଏଡିଏମ୍‌ଇ/ବିଏନ୍‌ଡିଏମ୍‌ଙ୍କ ବ୍ୟବହାର ପାଇଁ ଡ୍ରାଇଭର ସହିତ ଗୋଟିଏ ସଡ଼କ ବାହନ (ଟାଟା ସୁମୋ ଗ୍ରାଣ୍ଡେ, ସ୍କୋର୍ପିଓ କିମ୍ବା ସମାନ ଧରଣ) ଭଡ଼ା ସୂତ୍ରରେ ନେବା, ୨ ବର୍ଷ ଅବଧି ପାଇଁ ଚବିଶ ଘଣ୍ଟିଆ ଖୋଲା ଟେଣ୍ଡର ମାଧ୍ୟମରେ। ₹୯,୪୬,୯୯୭/-, ₹୧୮,୯୦୦/-। **(୨) ଏମ୍‌ଇସିଏଚ୍‌ସିକେପି-୧୯-୨୦-୪୪, ତାରିଖ: ୦୭।୦୧।୨୦୨୦।** ୧ ବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ ସି ଆଣ୍ଡ ଡବ୍ଲ୍ୟୁ/ଡିପିଏସ୍‌ଠାରେ ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ ଏବଂ ହାଉସ୍-କିପିଂ। ₹୬୦,୬୧,୪୫୮/-, ₹୧,୨୧,୨୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୨,୦୦୦/- ଓ କ୍ର.ସଂ. ୨ ପାଇଁ ₹୫,୦୦୦/- । **ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଏମ୍‌ଇ/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ତା୩୧।୦୧।୨୦୨୦ରିଖ ୧୫.୦୦ ଘଟିକା ଏବଂ କ୍ର.ସଂ. ୨ ପାଇଁ ତା୨୯।୦୧।୨୦୨୦ରିଖ ୧୫.୦୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1245)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-ART-ARME-19-20-29

**କାର୍ଯ୍ୟର ନାମ :** ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ 09 ସଂଖ୍ୟକ BG କୋଚ୍ (ଅର୍ଥାତ୍ 04 ଷ୍ଟାଫ୍ ଭ୍ୟାନ୍, 03 ଉପକରଣ ଭ୍ୟାନ୍ ଏବଂ 02 ମେଡ଼ିକାଲ ଭ୍ୟାନ) ଗୁଡ଼ିକୁ ART / ARME କୋଚ୍‌ରେ ପରିବର୍ତ୍ତନ ନିମନ୍ତେ କଳଙ୍କି ମରାମତି, ଗଠନ ସମ୍ବନ୍ଧୀୟ ରୂପାନ୍ତରଣ ଏବଂ ବିଭାଜନ କାର୍ଯ୍ୟ ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 26,22,981.50, EMD (ଟଙ୍କାରେ): ₹ 52,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,600.00, କାର୍ଯ୍ୟ ସମାପ୍ତିର ଅବଧି : 6 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା 14.01.2020 ରିଖ,

**ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ :** ତା 28.01.2020 ରିଖ 1500 ଘଟିକା ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଡ଼େପୁଟି ଚିଫ୍ ମେକାନିକାଲ୍ ଇଞ୍ଜିନିୟର (P), ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର

PR-641/K/19-20

**ପୂର୍ବ ତଟ ରେଳପଥ**

**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2020001, ତା: 07.01.2020

**କାର୍ଯ୍ୟର ନାମ :** ଶାଳଗାଁ ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧିତ ଢ଼େଙ୍କାନାଳ ଷ୍ଟେସନ (ସହିତ) ଠାରୁ ବୁଢ଼ାପଙ୍କ ଷ୍ଟେସନ (ବ୍ୟତୀତ) ପର୍ଯ୍ୟନ୍ତ ଟ୍ରାକ୍ କୁ ଯୋଡ଼ିବା, ପଏଣ୍ଟ ଓ କ୍ରସିଙ୍ଗ୍‌ର ସନ୍ନିବେଶନ ଏବଂ ବିଛାଇବା, ରେଳର ଫ୍ଲାସ୍ ବଟ୍ ଏବଂ ଆଲୁମିନୋ ଥର୍ମିଟ୍ (AT) ୱେଲ୍‌ଡ଼ିଂ, P.Way ସାମଗ୍ରୀ ଗୁଡ଼ିକର ପରିବହନ, ବାଲାଷ୍ଟକୁ ଗୋଟିଏ ସ୍ଥାନରୁ ହଟାଇ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ନେବା ଏବଂ ବିଛାଇବା କାର୍ଯ୍ୟ ଭଳି P.Way ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 4106.94ଲକ୍ଷ, EMD : ₹ 22,03,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 18(ଅଠର)ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 07.02.2020ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-107/CC/19-20

**ଭାରତୀୟ ସାଂଖ୍ୟିକୀୟ ସଂସ୍ଥାନ**
୨୦୩, ବି.ଟି. ରୋଡ୍, କୋଲକାତା-୭୦୦୧୦୮
**ନାମଲେଖା ବିଜ୍ଞପ୍ତି**
ଅଧିବେଶନ ୨୦୨୦-୨୧

150 YEARS OF CELEBRATING THE MAHATMA

ଭାରତୀୟ ସାଂଖ୍ୟିକୀୟ ସଂସ୍ଥାନ ଦ୍ୱାରା ବିଭିନ୍ନ ଡିଗ୍ରୀ/ଡିପ୍ଲୋମା କାର୍ଯ୍ୟକ୍ରମ ଏବଂ ଗବେଷଣା ଫେଲୋଶିପ୍ ନିମନ୍ତେ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି:
ବିସ୍ତୃତ ନାମଲେଖା ବିଜ୍ଞପ୍ତି ତଥା ବିବରଣ ପତ୍ରିକା ୨୦୨୦-୨୧ ଆନୁଷ୍ଠାନିକ ନାମଲେଖା ୱେବ୍‌ସାଇଟ୍ http://www.isical.ac.in/~admission ରେ ଉପଲବ୍ଧ ।
ପ୍ରତ୍ୟେକ କାର୍ଯ୍ୟକ୍ରମର ବିଷୟ ପରିସର, ଅବଧି, ଯୋଗ୍ୟତା, ଷ୍ଟାଇପେଣ୍ଡ/ଫେଲୋଶିପ୍, ଦରଖାସ୍ତ ଦେୟ ଇତ୍ୟାଦି ବିବରଣ ପତ୍ରିକା ୨୦୨୦-୨୧ରେ ଉପଲବ୍ଧ ।
ପ୍ରାର୍ଥୀମାନେ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଆନୁଷ୍ଠାନିକ ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ।

| | |
|---|---|
| ଅନ୍-ଲାଇନ୍ ଆବେଦନ ଆରମ୍ଭ | ୦୭ ଫେବୃୟାରୀ, ୨୦୨୦ |
| ଅନ୍-ଲାଇନ୍ ଆବେଦନ ସମାପ୍ତ | ୦୮ ମାର୍ଚ୍ଚ, ୨୦୨୦ |
| ଆଇଏସ୍‌ଆଇ ନାମଲେଖା ପରୀକ୍ଷା | ୧୦ ମେ, ୨୦୨୦ |

davp 39103/11/0005/1920

**ପ୍ରକୃତ ପ୍ରେମର ଆରମ୍ଭ,**
**ଏଚ୍.ଆଇ.ଭି.ର ଏକ ପରୀକ୍ଷା ସହିତ**




ଏହି ପରୀକ୍ଷା ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ବିନାମୂଲ୍ୟରେ ଉପଲବ୍ଧ ।

ଅସୁରକ୍ଷିତ ଯୌନ ସଂପର୍କରୁ ଦୂରେଇ ରୁହନ୍ତୁ
ଏଚ୍.ଆଇ.ଭି. ସଂକ୍ରମିତ ଛୁଂଚି ବ୍ୟବହାର କରନ୍ତୁ ନାହିଁ
ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତି ନିୟମିତ ଔଷଧ ସେବନ କରି ସୁସ୍ଥ ରୁହନ୍ତୁ

ଅଧିକ ଜାଣିବା ପାଇଁ ଦେୟମୁକ୍ତ ଟେଲିଫୋନ ନମ୍ବର **1097** ରେ ଯୋଗାଯୋଗ କରନ୍ତୁ

ୱେବସାଇଟ- www.osacs.nic.in
OSACS ଓଡ଼ିଶା ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତି (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା ସରକାର)

DSPL - 223
10009/13/0003/1920

# ୟୁନିସେକ୍ସ ୱିଣ୍ଟର ଫ୍ୟାଶନ...

**ଶୀତଦିନେ ଶୀତରୁ ରକ୍ଷା ସହିତ ଷ୍ଟାଇଲିସ୍ ଲୁକ୍ ପାଇବା ଯେମିତି ଯୁବପିଢିଙ୍କ ଲାଗି ପାଲଟିଯାଏ ବଡ଼ ଚ୍ୟାଲେଞ୍ଜ। ହେଲେ ଏହାର ସମାଧାନ ଲାଗି ବର୍ତ୍ତମାନ ମାର୍କେଟ୍‌ରେ ଉପଲବ୍ଧ ବିଭିନ୍ନ ପ୍ରକାର ୱିଣ୍ଟର ଆଉଟ୍‌ଫିଟ୍। ଆଉ ଯାହାମଧ୍ୟରୁ କେତେକ ଜେଣ୍ଡର ନ୍ୟୁଟ୍ରାଲ ବା ୟୁନିସେକ୍ସ ୱିଣ୍ଟର ଆଉଟଫିଟ୍ ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ...**











ବର୍ତ୍ତମାନ କେବଳ ଶୀତରୁ ରକ୍ଷା ପାଇବା ଲାଗି ନୁହେଁ ବରଂ ୱିଣ୍ଟର ଆଉଟଫିଟ୍ କିଭଳି ଟ୍ରେଣ୍ଡି ଏବଂ ଫ୍ୟାଶନେବଲ୍ ହୋଇପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି ଯୁବପିଢି। ତେବେ ଏମିତିରେ ବର୍ତ୍ତମାନ କେତେକ ଜେଣ୍ଡର ନ୍ୟୁଟ୍ରାଲ ବା ୟୁନିସେକ୍ସ ୱିଣ୍ଟର ଫ୍ୟାଶନ୍ ଲାଟେଷ୍ଟ ଫ୍ୟାଶନ୍ ପାଲଟିଥିବା ଦେଖିବାକୁ ମିଳୁଛି...

**ବମ୍ବର ଜ୍ୟାକେଟ୍:** ବର୍ତ୍ତମାନ ୱିଣ୍ଟର ଆଉଟ୍‌ଫିଟ୍‌ରେ ବମ୍ବର ଜ୍ୟାକେଟ୍ ପପୁଲାର୍ ଟ୍ରେଣ୍ଡ ପାଲଟିଛି। ଏହି ଷ୍ଟ୍ରିଟ୍ ଷ୍ଟାଇଲ୍ କାଜୁଆଲ୍ ଗେଟ୍‌ଅପ୍ ଉଭୟ ଯୁବତୀ ଏବଂ ଯୁବକ ବ୍ୟବହାର କରୁଛନ୍ତି। ଏହାକୁ ପ୍ରାୟତଃ ସବୁ ପ୍ରକାରର ମଡର୍ନ ଆଉଟ୍‌ଫିଟ୍ ସହିତ ପେୟାର କରି ପିନ୍ଧାଯାଇ ପାରୁଛି। ଏହା ନା କେବଳ ଦେଖିବାକୁ ଷ୍ଟାଇଲିଶ୍ ବରଂ କ୍ୟାରୀ କରିବାକୁ ମଧ୍ୟ ଖୁବ୍ ସହଜ ଏବଂ ଆରାମ ଦାୟକ।

**ଲଙ୍ଗ୍ କୋଟ୍:** ଜିନ୍ସ-ଟପ୍ସ ଭଳି ମଡର୍ନ ହେଉକି ଶାଢି ଭଳି ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ସହିତ ଲଙ୍ଗ୍ ୱିଣ୍ଟର କୋଟ୍‌ର କମ୍ବିନେଶନ୍ ଯୁବତୀମାନେ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳେ। ହେଲେ ବର୍ତ୍ତମାନ ଫ୍ୟାଶନ୍ ଲଭର ଯୁବକମାନଙ୍କ ପାଇଁ ମଧ୍ୟ ଏହି ଲଙ୍ଗ୍ କୋଟ୍ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି।

**ପୋଞ୍ଚୋ:** ଯେତେବେଳେ କେଉଁ ଡ୍ରେସ୍ ସହିତ କେଉଁ ୱିଣ୍ଟର କୋଟ୍ ବା ସ୍ୱେଟର ପେୟାର କରିବେ କନ୍‌ଫ୍ୟୁଜ୍ ହେଉଛନ୍ତି ତେବେ ପୋଞ୍ଚୋ ସବୁଠୁ ବେଷ୍ଟ ଚଏସ୍। ବର୍ତ୍ତମାନ କେବଳ ଯୁବତୀ ନୁହନ୍ତି ଡିଫରେଣ୍ଟ ଏବଂ ଷ୍ଟାଇଲିସ୍ ଲୁକ୍ ପାଇବା ଲାଗି ଯୁବକମାନେ ମଧ୍ୟ ଏହାକୁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଯାହାକୁ ଆଖିଆଗରେ ରଖି ବର୍ତ୍ତମାନ ୱିଣ୍ଟର ମାର୍କେଟରେ ବିଭିନ୍ନ କଲର, ପ୍ରିଣ୍ଟ ଏବଂ ଡିଜାଇନ୍‌ର ପୋଞ୍ଚୋ ବିକ୍ରି ହେଉଛି। ଅନ୍‌ଲାଇନ୍ ମାର୍କେଟିଂ ସାଇଟ୍‌ଗୁଡ଼ିକରେ ମଧ୍ୟ ଏହା ମିଳିପାରୁଛି।

**କ୍ୟାପ୍, ସ୍କାର୍ଫ ଏବଂ ଷ୍ଟୋଲ୍:** ୱିଣ୍ଟରରେ ୟୁନିସେକ୍ସ ଫ୍ୟାଶନ୍ କଥା ଆସିଲେ ସବୁଠୁ ଆଗରେ ରହିବ କ୍ୟାପ୍, ସ୍କାର୍ଫ ଏବଂ ଷ୍ଟୋଲ୍। କାରଣ ବର୍ତ୍ତମାନ ଏସବୁକୁ ଉଭୟ ଯୁବତୀ ଏବଂ ଯୁବକ ଏକପ୍ରକାରର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଯେକୌଣସି ଆଉଟ୍‌ଫିଟ୍ ସହିତ ଏହାକୁ ବ୍ୟବହାର କରିବା ଦ୍ୱାରା ଏହା ନା କେବଳ ଶୀତରୁ ରକ୍ଷା କରୁଛି ବରଂ ଗ୍ଲାମର୍ସ ଲୁକ୍ ବି ଦେଉଛି।

**ଡେନିମ୍ ଜ୍ୟାକେଟ୍:** ଏକ କାଜୁଆଲ୍ ଏବଂ ଫ୍ୟାଶନେବଲ୍ ଲୁକ୍ ପାଇଁ ୱିଣ୍ଟରରେ ଡେନିମ୍ ଜ୍ୟାକେଟ୍ ଭଳି ଭଲ ଅପ୍ସନ ଆଉ କ'ଣ ବା ହୋଇପାରେ। ଏହା ଉଭୟ ଯୁବକ ଏବଂ ଯୁବତୀ ପିନ୍ଧିଲେ ଭଲ ଲାଗିଥାଏ। ବିଶେଷ କରି ମଡର୍ନ ତଥା ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହିତ ଡେନିମ୍ ଜ୍ୟାକେଟ୍‌ର କମ୍ବିନେଶନ୍ ଆଟ୍ରାକ୍ଟିଭ୍ ଲୁକ୍ ଦେଉଥିବାରୁ ଯୁବପିଢି ଏହାକୁ ବେଶ୍ ପସନ୍ଦ କରିଥାନ୍ତି।

**ଲେଦର ଜ୍ୟାକେଟ୍:** ଦେଖିବାକୁ ଖୁବ୍ ଆଟ୍ରାକ୍ଟିଭ୍ ଏବଂ ଫ୍ୟାଶନେବଲ୍ ଲାଗୁଥିବାରୁ ଏହା ୟୁନିସେକ୍ସ ୱିଣ୍ଟର ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଥିବା ଦେଖିବାକୁ ମିଳୁଛି।

**ବୁଟ୍:** ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ପ୍ରକାରର ଏବଂ ବ୍ରାଣ୍ଡର ୱିଣ୍ଟର ସୁଜ୍ କଲେକ୍ସନ୍ ମିଳୁଛି। ଯାହା ମଧ୍ୟରେ ଏମିତି କିଛି ବୁଟ୍ ରହିଛି ଯାହାକି ଉଭୟ ଝିଅ ଏବଂ ପୁଅ ବ୍ୟବହାର କରି ପାରିବେ। ଆଙ୍କେଲ୍ ଲେନ୍ଥ ବୁଟ୍ ବିଶେଷ କରି ଟିମ୍ବରଲାଣ୍ଡ ବୁଟ୍ ଏବେ ୟୁନିସେକ୍ସ ଫ୍ୟାଶନ୍ ପାଲଟିଛି। ଏହାକୁ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଅପେକ୍ଷାକୃତ ଷ୍ଟାଇଲିସ୍ ଲୁକ୍ ମିଳୁଛି।

## ଏ ସପ୍ତାହର ପ୍ରଶ୍ନ

୧- ବିସିସିଆଇ ପକ୍ଷରୁ ଚଳିତ ବର୍ଷ ସିକେ ନାୟୁଡୁ ଆଚିଭ୍‌ମେଣ୍ଟ ଆୱାର୍ଡ ପାଇଁ ............. ମନୋନୀତ ହୋଇଛନ୍ତି ?

୨- ଭଗ୍ ମାଗାଜିନ୍ ପକ୍ଷରୁ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ୨୦୧୯ ପୁରସ୍କାର ପାଇଥିବା ଭାରତୀୟ ଖେଳାଳି......... ?

୩- ନାରୀ ସଶକ୍ତୀକରଣ ଲକ୍ଷ୍ୟରେ............ ରାଜ୍ୟରେ କନ୍ୟାଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ?

୪- ଜାତୀୟ ନୃତ୍ୟ ଶିରୋମଣି ପୁରସ୍କାର ୨୦୧୯.............. ଙ୍କୁ ମିଳିଛି ?

୫- କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ଉପଲବ୍ଧ ପେନ୍‌ସନ୍ ଯୋଜନା........... ?

## ଗତ ଥରର ଉତ୍ତର

୧ 'ନୋ ଭେଇକଲ୍ ଡେ'

୨ ଖ୍ରୀଷ୍ଟିନା କୋଚ୍

୩ ଲାଲ୍ ବାହାଦୂର ଶାସ୍ତ୍ରୀ

୪ ଡିସେମ୍ବର ୨୪

୫ ଜବାହରଲାଲ ନେହେରୁ

## ଉତ୍ତର ଦାତା



ଧୀରେନ୍ଦ୍ର ମଲ୍ଲିକ୍
ଯାଜପୁର



ଶେଖ୍ ୟାକୁବ୍
ଗୋପ, ପୁରୀ



ପିନାକ୍ଷୀ ନାୟକ
ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

## ସୌରଭଙ୍କ ନୂଆ ସ୍ୱପ୍ନ




ନୂଆ ନୂଆ ଜାଗା ବୁଲିଯିବା, ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ସେ ପିଲାବେଳୁ ଖୁବ୍ ଭଲ ପାଆନ୍ତି। ତା'ଛଡ଼ା ପାହାଡ଼ ଚଢ଼ିବା, ନଈ ପହଁରିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରିବାରେ ବି ତାଙ୍କୁ ମିଳେ ଆନନ୍ଦ। ବୟସ ବଢ଼ିବା ସହ ଧୀରେ ଧୀରେ ଏହା ତାଙ୍କର ନିଶା ପାଲଟିଗଲା ଏବଂ ମାତ୍ର ୧୮ ବର୍ଷ ବୟସରେ ହିଁ ସେ 'ଟ୍ରାଭେଲାଇଟ୍ସ' ନାମକ ଏକ ସଂସ୍ଥା ଆରମ୍ଭ କଲେ। ଆଉ ଏହା ସାହାଯ୍ୟରେ କେବଳ ନିଜେ ନୁହେଁ ଅନ୍ୟମାନଙ୍କୁ ମଧ୍ୟ ଏଭଳି ରୋମାଞ୍ଚକର ଅନୁଭୂତି ସାଉଁଟିବାର ସୁଯୋଗ ଦେବାକୁ ଅଣ୍ଟା ଭିଡ଼ିଲେ। ସେ ହେଉଛନ୍ତି ଭୁବନେଶ୍ୱର ଶିଶୁପାଳଗଡ଼ରେ ରହୁଥିବା ମା' ସୌଭାଗ୍ୟଲକ୍ଷ୍ମୀ ଏବଂ ବାପା ସରୋଜ କୁମାର ଦତ୍ତଙ୍କ ପୁଅ ସୌରଭ ସ୍ୱପ୍ନିଲ୍। ନିଜର ଏହି ନିଆରା ରୁଚିକୁ ପୂରଣ କରିବା ସହ ନିଜ ସଂସ୍ଥାର ଅଧିକ ଉନ୍ନତି ଲାଗି ସେ ବର୍ତ୍ତମାନ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ୍ ଟ୍ରାଭେଲ୍ ମ୍ୟାନେଜ୍‌ମେଣ୍ଟରେ ଟୁରିଜମ୍ ମ୍ୟାନେଜ୍‌ମେଣ୍ଟ ଶିକ୍ଷା ଗ୍ରହଣ କରୁଛନ୍ତି। ସେ କୁହନ୍ତି, ବାପାଙ୍କର ଚାକିରିରେ ଯେଉଁଯେଉଁ ନୂଆ ସ୍ଥାନକୁ ବଦଳି ହୁଏ ଆମେ ସେଠାକାର ନୂଆ ପରିବେଶ ବୁଲିବାକୁ ଯାଉ। ସେହିଠାରୁ ହିଁ ମୋର ଏଥିପ୍ରତି ଆଗ୍ରହ ବଢ଼ିଲା ଏବଂ ଅଳ୍ପ ବୟସରୁ ହିଁ ନିଜର ଏକ ଟ୍ରାଭେଲ୍ ଏବଂ ଟୁରିଜମ୍ ଆରମ୍ଭ କରିବାରେ ସଫଳ ହେଲି। ଏଥିରେ ନିଜ ଅଭିଭାବକଙ୍କ ପ୍ରେରଣା ଏବଂ ସହଯୋଗ ମୋତେ ଆଗକୁ ବଢ଼ିବାରେ ସାହାଯ୍ୟ କଲା। ସୌରଭ୍ ପ୍ରତିବର୍ଷ ଶୀତଦିନେ ଅର୍ଥାତ୍ ଡିସେମ୍ବର ଏବଂ ଜାନୁୟାରୀ ମାସରେ ସୁଦୂର ଜଗପତି ଜିଲାର ଦୁର୍ଗମ ଅଞ୍ଚଳ ମହେନ୍ଦ୍ରଗିରିଠାରେ ନେଚର କ୍ୟାମ୍ପ୍ ଆୟୋଜନ କରୁଛନ୍ତି। ସେଠାରେ ଉତ୍ସାହୀ ଭ୍ରମଣକାରୀମାନଙ୍କୁ କ୍ୟାମ୍ପ୍‌ରେ ଦୁଇ ଦିନ ଏବଂ ଏକ ରାତି ରହିବା ସହ କ୍ୟାମ୍ପିଙ୍ଗ୍, ବନ୍‌ଫାୟାର୍, ଟ୍ରେକିଙ୍ଗ୍, ଷ୍ଟାର ଗେଜିଂ ଭଳି ବିଭିନ୍ନ ଇଭେଣ୍ଟର ମଜା ନେବାର ସୁଯୋଗ ଆଣି ଦେଉଛନ୍ତି। କେବଳ ଏତିକି ନୁହେଁ ସେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଇକୋ ଟୁରିଜମ୍ କ୍ୟାମ୍ପ୍ ଆୟୋଜନ କରି ସ୍ଥାନୀୟ ବେକାର ଯୁବକମାନଙ୍କୁ ଏଥିରେ ସାମିଲ କରି ସେମାନଙ୍କୁ ଅସ୍ଥାୟୀ କର୍ମସଂସ୍ଥାନ ଯୋଗାଇ ଦେଇ ପାରୁଛନ୍ତି। ତା'ଛଡ଼ା ଭୁବନେଶ୍ୱରର କେତେଜଣ ଯୁବକଙ୍କୁ ମଧ୍ୟ ନିଜ ସଂସ୍ଥାରେ ସାମିଲ କରି ରୋଜଗାର ପନ୍ଥା ଯୋଗାଇ ଦେଇଛନ୍ତି। ଭବିଷ୍ୟତରେ ଏ ଦିଗରେ ହାୟରଷ୍ଟଡି କରି ନିଜ ସଂସ୍ଥାକୁ ବଢ଼ାଇବା ସହ ଅଧିକରୁ ଅଧିକ ଭ୍ରମଣକାରୀଙ୍କୁ ଅହୁରି ନୂଆ ନୂଆ ରୋମାଞ୍ଚକର କାର୍ଯ୍ୟର ମଜା ନେବାର ସୁଯୋଗ ଦେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି ସୌରଭ।

-ପୌର୍ଣ୍ଣମାସୀ

# ସ୍ୱଚ୍ଛ ଏବଂ ଆଦର୍ଶ ଗ୍ରାମ ଗଢ଼ିବାର ଲକ୍ଷ୍ୟ

**ୟୁଥ୍ କ୍ଲବ**
**ମା' ବୀଣାପାଣି ଯୁବକ ସଂଘ**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଜୁଣଗଡି ଗ୍ରାମରେ ରହିଛି ଗ୍ରାମରେ ଥିବା ମା' ବୀଣାପାଣି ଯୁବକ ସଂଘ। ୨୦୧୩ ମସିହାରେ ମାତ୍ର କେତେଜଣ ସ୍ଥାନୀୟ ଯୁବକଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ସଂଘର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୨୩। କୌଣସି ସରକାରୀ ପ୍ରୋତ୍ସାହନ ଉପରେ ନିର୍ଭର କରୁ ନ ଥିବା ଏହି କ୍ଲବର ସଦସ୍ୟମାନେ ସର୍ବଦା ଜନସେବାରେ ବ୍ରତୀ। ବର୍ତ୍ତମାନ ସମୟରେ ବଢୁଥିବା ଗଛକଟା ଏବଂ ଜଙ୍ଗଲ କ୍ଷୟ ଯେଗୁ ହେଉଥିବା ପରିବେଶ ପ୍ରଦୂଷଣ ରୋକିବାକୁ ସେମାନେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିବା ସହ ବ୍ୟାପକ ଲୁଣା ଜଙ୍ଗଲ ସୃଷ୍ଟି ଲାଗି ଅନ୍ୟମାନଙ୍କୁ ସଚେତନ ମଧ୍ୟ କରାଉଛନ୍ତି। ଗ୍ରାମର ପରିବେଶ ସଫା ରଖିବା ଲାଗି ସେମାନେ ଗ୍ରାମର ଛକ, ମୁଖ୍ୟ ରାସ୍ତା, ପୋଖରୀ, ନଳକୂପ ଆଦି ସ୍ଥାନ ସଫେଇ କରିବା ସହ ରାସ୍ତାକଡ଼ରେ ଏଣେ ତେଣେ ଆବର୍ଜନା ନ ଫିଙ୍ଗିବା ଲାଗି ଡଷ୍ଟବିନ୍ ବ୍ୟବସ୍ଥା କରିଛନ୍ତି। ଅନୁଷ୍ଠାନର ସଭାପତି ଶୁକଦେବ ଲେଙ୍କା କୁହନ୍ତି, 'ଆମେ ନିଜ ଗ୍ରାମ ସମେତ ଆଖପାଖ ଅଞ୍ଚଳକୁ ନିଶାମୁକ୍ତ ରଖିବା ଲାଗି ସେମାନେ ଅନେକ ସମୟରେ ସେଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛୁ। ଏହା ବ୍ୟତୀତ ପ୍ଲାଷ୍ଟିକ ବ୍ୟାଗ୍ ବର୍ଜନ, ଦୀପାବଳିରେ ବାଣଫୁଟାଇ ପ୍ରଦୂଷଣ ନ କରି ମାଟି ଦୀପ ଜାଳିବା, ହୋଲିରେ କେମିକାଲଯୁକ୍ତ ରଙ୍ଗ ବଦଳରେ ପ୍ରାକୃତିକ ଅବିର ବ୍ୟବହାର କରିବା ଆଦି ଦିଗରେ ସଚେତନ କରାଇଥାଉ। ବେଳେବେଳେ ଘୋଡ଼ାନାଚ, ପାଲା, ଚକୁଳିଆ ପଣ୍ଡା, ଦାସକାଠିଆ ଆଦି ମାଧ୍ୟମରେ ବି ଜନସାଧାରଣଙ୍କ ନିକଟରେ ବିଭିନ୍ନ ସଚେତନତା ବାର୍ତ୍ତା ପହଞ୍ଚାଇଥାଉ।'






ସଂଘର ସଦସ୍ୟମାନେ ଅସହାୟଙ୍କ ସହାୟତା ଲାଗି ସର୍ବଦା ତତ୍ପର। ଫନୀ, ବୁଲ୍‌ବୁଲ୍ ଭଳି ବାତ୍ୟା ସମୟରେ ରାସ୍ତାରେ ପଡ଼ି ରହିଥିବା ଗଛ କାଟି ସଫା କରିବା ସହ ବିପନ୍ନମାନଙ୍କୁ ସାହାଯ୍ୟ କରିଥାନ୍ତି। ତା'ଛଡ଼ା ସ୍ଥାନୀୟ ଅଞ୍ଚଳବାସୀଙ୍କ ଲାଗି ମାଗଣା ସ୍ୱାସ୍ଥ୍ୟ ଶିବିର ଠାରୁ ଆରମ୍ଭ କରି ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। ଖରାଦିନେ ଜଳଛତ୍ର ଖୋଲି ଯାତ୍ରୀମାନଙ୍କ ଶୋଷ ମେଣ୍ଟାଇଥାନ୍ତି। ନିଜ ତଥା ଆଖ ପାଖ ଗାଁରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଲାଗି ନୂଆବର୍ଷରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥାନ୍ତି। ଏହା ବ୍ୟତୀତ ସରସ୍ୱତୀ ପୂଜାରେ ଗ୍ରାମବାସୀଙ୍କ ମନୋରଞ୍ଜନ ଲାଗି ସ୍ଥାନୀୟ ପିଲାମାନଙ୍କୁ ନେଇ କ୍ଲବ୍ ପକ୍ଷରୁ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥାଏ। ରଜ ପର୍ବରେ ରଜମଉଜ ନାମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରି ଦିନକୁ ଦିନ ହଜିଯାଉଥିବା ଖେଳଗୁଡ଼ିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଏ ବୋଲି ପ୍ରକାଶ କରନ୍ତି କ୍ଲବ୍‌ର ସମ୍ପାଦକ ଦେବେନ୍ଦ୍ର ରାଉଳ। ଭବିଷ୍ୟତରେ ନିଜ ଗ୍ରାମର ଯୁବତୀଯୁବକମାନଙ୍କୁ ସ୍ୱାବଲମ୍ବୀ କରିବା, ଭାଗବତ ଟୁଙ୍ଗୀର ପୁନରୁଦ୍ଧାର କରିବା, ନିଶାମୁକ୍ତ କରିବା, ସବୁଜିମା ଭରା କରି ଏକ ସ୍ୱଚ୍ଛ ଏବଂ ଆଦର୍ଶ ଗ୍ରାମରେ ପରିଣତ କରିବା ଆମ ସଂଘର ଲକ୍ଷ୍ୟ ବୋଲି ମତ ଦିଅନ୍ତି କୋଷାଧ୍ୟକ୍ଷ ଅଜିତ୍ ନାଥ।

- ଭାସ୍କର ରାଉତରାୟ



ଶୁକ୍ରବାର ବଲିଉଡ୍ ଫିଲ୍ମ 'ଛପାକ' ଏବଂ 'ତାନାଜୀ' ରିଲିଜ୍ ହୋଇଛି। 'ଛପାକ'ର ଓପନିଂ କଲେକ୍ସନ ୪କୋଟି ରହିଥିବାବେଳେ 'ତାନାଜୀ'ର ପ୍ରଥମ ଦିନ ଆୟ ୧୫ କୋଟି ଟଙ୍କା ରହିଛି।

# ନାସାର ମହାକାଶଯାତ୍ରୀ ଟିମ୍‌ରେ ଭାରତୀୟ ବଂଶୋଦ୍ଭବ

**ୱାଶିଂଟନ:** ଆମେରିକା ବାୟୁସେନାରେ କଲୋନେଲ୍ ଭାବେ କାର୍ଯ୍ୟରତ ଥିବା ଭାରତୀୟ ବଂଶୋଦ୍ଭବ ରାଜା ଜନ୍ ଭୁରପୁଟୁର ଚାରୀ(୪୧) ଦୀର୍ଘ ଦୁଇ ବର୍ଷ ଧରି ମହାକାଶଯାତ୍ରୀ ପାଇଁ ଜାରି ରହିଥିବା ପ୍ରଶିକ୍ଷଣକୁ ସଫଳତାର ସହ ଶେଷ କରିଛନ୍ତି। ଏହାସହ ସେ ନାସାର ୧୧ ଜଣିଆ ମହାକାଶଯାତ୍ରୀ ପ୍ରତିନିଧି ଟିମ୍‌ରେ ସାମିଲ ହୋଇଛନ୍ତି। ଏହାପରେ ସେ ଆମେରିକାର ଏହି ମହାକାଶ ସଂସ୍ଥାର ଭବିଷ୍ୟତର ମହତ୍ତ୍ୱାକାଂକ୍ଷୀ ମିଶନର ଅଂଶ ହୋଇଛନ୍ତି। ୨୦୧୭ରେ ନାସା ଦ୍ୱାରା ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ଘୋଷଣା ହୋଇଥିଲେ। ୧୮,୦୦୦ ଆଶାୟୀଙ୍କ ମଧ୍ୟରୁ ଏହି ମହାକାଶଯାତ୍ରୀମାନେ ସଫଳତା ହାସଲ କରିଛନ୍ତି। ୨୦୧୭ରେ ଚାରୀ(୪୧) ମହାକାଶଯାତ୍ରୀ ପ୍ରାର୍ଥୀ ରୂପେ ନାସା ଦ୍ୱାରା ଚୟନ ହୋଇଥିଲେ। ଏହାପରେ ସେ ଅଗଷ୍ଟ ମାସରେ ନିଜ କାମରେ ଯୋଗ ଦେଇଥିଲେ। ସଫଳତାର ସହ ପ୍ରଶିକ୍ଷଣ ଶେଷ କରିବା ପରେ ସେ ଏବେ ଭବିଷ୍ୟତର ମିଶନ ପାଇଁ ଯୋଗ୍ୟ ହୋଇଛନ୍ତି । ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଫଳତା ହାସଲ କରିଥିବା ସମସ୍ତ ମହାକାଶଯାତ୍ରୀଙ୍କୁ ପରମ୍ପରା ଅନୁଯାୟୀ ରୁପା ପିନ୍ ଦିଆଯାଇଛି। ୧୯୫୯ରେ ପ୍ରଥମଥର ପାଇଁ ୭ ମହାକାଶଯାତ୍ରୀଙ୍କୁ ରୁପା ପିନ୍ ଦିଆଯାଇଥିଲା। ଏହା ପରଠାରୁ ଏହି ପରମ୍ପରା ଯୋଡ଼ିହୋଇଥିଲା।

ହ୍ୟୁଷ୍ଟନରେ ନାସାର ପରିଚାଳକ ଜିମ୍ ବ୍ରିଡେନ୍‌ଷ୍ଟାଇନ ସଂସ୍ଥାର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ପ୍ରତିକ୍ରିୟା ରଖି କହିଛନ୍ତି, ବର୍ଷ ୨୦୨୦ ଆମେରିକା ମାଟିରୁ, ଆମେରିକାର ରକେଟ୍‌ରେ ଆମେରିକାର ମହାକାଶଯାତ୍ରୀଙ୍କ ଯାତ୍ରାର ସାକ୍ଷୀ ରହିବ। ଚଳିତବର୍ଷ ସଂସ୍ଥାର ମିଶନ ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଏହାସହ ସେ କହିଛନ୍ତି, ସଫଳତା ହାସଲ କରିଥିବା ଏହି ବ୍ୟକ୍ତିବିଶେଷମାନେ ଆମେରିକାର



ସବୁଠାରୁ ଦକ୍ଷତାସମ୍ପନ୍ନ ଲୋକଙ୍କୁ ପ୍ରତିନିଧିତ୍ୱ କରୁଛନ୍ତି। ଏବଂ ଏକ ଅଭୂତପୂର୍ବ ସମୟରେ ସେମାନେ ଆମ ମହାକାଶଯାତ୍ରୀ ଟିମରେ ସାମିଲ ହୋଇଛନ୍ତି। ଏହି ମହାକାଶଯାତ୍ରୀଙ୍କ ପ୍ରଥମ ମହାକାଶ ଯାତ୍ରାପରେ ପ୍ରତ୍ୟେକଙ୍କୁ ସୁନା ପିନ୍ ଦିଆଯିବ । ମହାକାଶଯାତ୍ରୀ ଭାବେ ସେମାନେ ମହାକାଶଯାନକୁ ବିକଶିତ କରିବେ, ବର୍ତ୍ତମାନ ସମୟରେ ମହାକାଶରେ ଥିବା ଟିମ୍‌କୁ ସାହାଯ୍ୟ କରିବେ ଏବଂ ଶେଷରେ ମହାକାଶ ଯାଇଥିବା ୫୦୦ ଜଣଙ୍କ ମଧ୍ୟରେ ସାମିଲ ହେବେ। ଏହି ମହାକାଶଯାତ୍ରୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ପ୍ରଥମ ସାଧାରଣ ସମାରୋହରେ ଟେକ୍ସାସର ସିନେଟର ଜନ୍ କର୍ନିନ ଏବଂ ଟେଡ୍ କ୍ରୁଜ ସାମିଲ ହୋଇଥିଲେ।

# ଓଟିରେ ନାସା ଅନୁଭୂତି

**ରାୟପୁର:** ଅପରେଶନ ଥିଏଟର (ଓଟି)ରେ ମିଳିବ ନାସାର ଅନୁଭୂତି। ଦେଖିବାକୁ ମିଳିବେ ସ୍ପେସ୍ ସୁଟ୍ ପିନ୍ଧା ଡାକ୍ତର। ଖାଲି ଏତିକି ନୁହେଁ, ଏଠାରେ ବ୍ୟବହୃତ ହୋଇଥିବା ପ୍ରତିଟି ଯନ୍ତ୍ରାଂଶ ରୋଗୀଙ୍କୁ ଦେବ ସଂକ୍ରମଣରୁ ସୁରକ୍ଷା। ଛତିଶଗଡ଼ର ରାଜଧାନୀ ରାୟପୁରର ଏକ ହସ୍ପିଟାଲରେ ଆରମ୍ଭ ହୋଇଛି ଏପରି ଅତ୍ୟାଧୁନିକ ଅପରେଶନ ଥିଏଟର। ଏହା ମଧ୍ୟ ଭାରତରେ ପ୍ରଥମ ବୋଲି କୁହାଯାଉଛି।

ନାସାର ମାନକ ଅଧାରରେ ଓଟିକୁ ପ୍ରସ୍ତୁତ କରାଯାଇଛି। ଅପରେଶନ ଥିଏଟରରେ ଏପରି ଅତ୍ୟାଧୁନିକ ବ୍ୟବସ୍ଥା କରିବା ପଛର ପ୍ରମୁଖ କାରଣ ଜଏଣ୍ଟ ରିପ୍ଲେସ୍‌ମେଣ୍ଟ ସର୍ଜରି ସମୟରେ ରୋଗୀଙ୍କୁ ସଂକ୍ରମଣରୁ ସୁରକ୍ଷିତ ରଖିବା। ଖଞ୍ଜା ପ୍ରତ୍ୟାରୋପଣ ସମୟରେ ସଂକ୍ରମଣର ବିପଦ ବେଶି। ସର୍ଜରିରେ ନିୟୋଜିତ ଡାକ୍ତରଙ୍କ ଶରୀରରେ ଥିବା ବ୍ୟାକ୍ଟେରିଆ ରୋଗୀ ଦେହକୁ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସର୍ବୋତ୍ତମ ସ୍ୱଚ୍ଛତା ବଜାୟ ରଖିବା ସତ୍ତ୍ୱେ ରୋଗୀ ସଂକ୍ରମଣରହିତ ରହିବେ ତାହାର କିଛି ଗ୍ୟାରେଣ୍ଟି ନ ଥାଏ। ତେଣୁ ନାସାର ୧୦୦ ମାନକ ପ୍ରୟୋଗ କରି ଉକ୍ତ ଓଟିକୁ ପ୍ରସ୍ତୁତ କରାଯାଇଛି। ସଂକ୍ରମଣରୁ ସୁରକ୍ଷା ଲାଗି ଡାକ୍ତରମାନେ ବ୍ୟବହାର କରୁଥିବା ସ୍ପେସ୍ ସୁଟ୍ ଆମେରିକାର ଏକ କମ୍ପାନୀରୁ ଅଣାଯାଉଛି। ଏହାକୁ ପ୍ରତିଥର ବଦଳାଇବା ଅନାବଶ୍ୟକ। ତେବେ ଏଥିରେ ବ୍ୟବହୃତ ଡିସ୍ପୋଜେବଲ ହେଲ୍‌ମେଟକୁ ବଦଳାଇବାକୁ ପଡ଼େ। ଗୋଟିଏ ସ୍ପେସ୍ ସୁଟ୍‌ର ଦାମ ୫ରୁ ୬ ଲକ୍ଷ ଟଙ୍କା। ନାସାର ମାନକ ଆଧାରରେ ବ୍ୟବସ୍ଥିତ ହୋଇଥିବାରୁ ଉକ୍ତ ଓଟିରେ ଖର୍ଚ୍ଚ ହୋଇଛି ପାଖାପାଖି କୋଟିଏ ଟଙ୍କା।



ଏ ନେଇ ଜଏଣ୍ଟ ରିପ୍ଲେସମେଣ୍ଟ ସର୍ଜନ ଡା. ଅଙ୍କୁର ସିଂଘଲ କୁହନ୍ତି, ଜର୍ମାନୀ, ଇଂଲଣ୍ଡରେ ଖଞ୍ଜା ପ୍ରତ୍ୟାରୋପଣ ସାଧାରଣ କଥା। ଏବେ ଭାରତରେ ମଧ୍ୟ ଏହାକୁ ସଫଳତାର ସହ କରାଗଲାଣି। ଜର୍ମାନୀରେ ଟ୍ରେନିଂ ନେଉଥିବାବେଳେ ଏପରି ଓଟି କଥା ମୁଣ୍ଡକୁ ଜୁଟିଥିଲା। ଅପରେଶନ ଥିଏଟର ପରିସରରେ ବିଶୁଦ୍ଧ ବାୟୁ ଚଳାଚଳ, ଜୀବାଣୁ ପ୍ରତିରୋଧୀ ବ୍ୟବସ୍ଥା କରାଯାଇଛି। ଡାକ୍ତରମାନେ ସ୍ପେସ୍ ସୁଟ୍ ପିନ୍ଧି ଅପରେଶନ କରୁଛନ୍ତି, ଯାହା ରୋଗୀଙ୍କୁ ସଂକ୍ରମଣରୁ ରକ୍ଷାକରିବ।



ସାକ୍ଷୀ ତନ୍ୱର

# ବାହା ନ ହୋଇ ମା' ହୋଇଛନ୍ତି

ଛୋଟପରଦାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ହେଉଛନ୍ତି ସାକ୍ଷୀ ତନ୍ୱର। ଜାନୁୟାରୀ ୧୨ ତାରିଖ ଅର୍ଥାତ୍ ରବିବାର ସେ ତାଙ୍କର ୪୭ତମ ଜନ୍ମଦିବସ ପାଳନ କରିବେ। ଏହି ପରିପ୍ରେକ୍ଷୀରେ ତାଙ୍କ ବିଷୟରେ ଜାଣନ୍ତୁ କିଛି ଖାସ୍ କଥା...

ଛୋଟପରଦାରେ 'କହାନୀ ଘର୍ ଘର୍ କୀ'ରେ ଅଭିନୟ କରି ବେଶ୍ ଲୋକପ୍ରିୟ ହୋଇଥିଲେ ସାକ୍ଷୀ। ରାଜସ୍ଥାନରେ ଜନ୍ମିତ ସାକ୍ଷୀଙ୍କ ବାପା ରାଜେଶ ସିଂହ ତନୱର ଜଣେ ସିବିଆଇ ଅଫିସର ଥିଲେ। ସାକ୍ଷୀ ୩ ଭାଇଭଉଣୀଙ୍କ ମଧ୍ୟରେ ସବୁଠୁ ଛୋଟ। ୧୯୮୮ରେ ସେ ଦୂରଦର୍ଶନର ଏକ କାର୍ଯ୍ୟକ୍ରମ 'ଉଲ୍‌ବେଲା ସୁର୍ ମେଲା' ଜରିଆରେ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ୨୦୧୧ରେ ଏକତା କପୁରଙ୍କ ସିରିୟଲ 'କହାନୀ ଘର୍ ଘର୍ କୀ'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହା ବ୍ୟତୀତ 'ବଡ଼େ ଅଚ୍ଛା ଲଗତେ ହୈଁ'ରେ ମଧ୍ୟ କାମ କରିଥିଲେ। ଅମୀର ଖାଁଙ୍କ ସହିତ 'ଦଙ୍ଗଲ' ଫିଲ୍ମରେ ଅଭିନୟ କରିଥିଲେ ସାକ୍ଷୀ। ଫିଲ୍ମଟି ସୁପରହିଟ୍ ମଧ୍ୟ ହୋଇଥିଲା। ସନି ଦେଓଲଙ୍କ ସହ 'ମୋହଲା ଅସୀ'ରେ ମଧ୍ୟ ଅଭିନୟ କରିଥିଲେ। ସାକ୍ଷୀ ବିବାହ ନ କରି ଏକ କନ୍ୟାସନ୍ତାନର ମା' ହୋଇଛନ୍ତି। ତାଙ୍କ ଝିଅର ନାଁ ଦିତ୍ୟା। ଏକ ସାକ୍ଷାତ୍‌କାରରେ ସାକ୍ଷୀ କହିଛନ୍ତି, ମା' ହେବା ପରେ ମୋ' ଜୀବନରେ ଅନେକ ପରିବର୍ତ୍ତନ ଆସିଛି। ବିବାହ କଲେ ଯେ ଜଣେ ମା' ହେବ ଆଉ ଜଣେ ହୋଇପାରିବନି ମୁଁ କାହିଁକି ତାହା ଅନୁଭବ କରୁନି। ମୁଁ ବି ଜଣେ ଭଲ ମା'। ମୋ ପରିବାରର ଆଶୀର୍ବାଦ ଏବଂ ସପକ୍ଷ ଯୋଗୁ ଏକ ୯ ମାସର କନ୍ୟାକୁ କୋଳେଇ ନେଇ ମୁଁ ଗର୍ବିତ।

# ମଙ୍ଗଳ ଗ୍ରହରୁ ଶୁଖିବାରେ ଲାଗିଛି ଜଳୀୟ ଅଂଶ

**ୱାଶିଂଟନ:** ମଙ୍ଗଳରେ ଜୀବନ ଥିବା ନେଇ ମହାକାଶ ବିଜ୍ଞାନୀମାନେ ଦାବି କରିଥିବାବେଳେ ଏବେ ଜଣାପଡ଼ିଛି ଯେ ଧୀରେଧୀରେ ଏଠାରେ ଥିବା ଜଳୀୟ ଅଂଶ ଶୁଖିବାରେ ଲାଗିଛି। ଏକ୍ସୋ ମାର୍ସ ମିଶନରୁ ଏହା ଜଣାପଡ଼ିଛି। ଫ୍ରେଞ୍ଚ୍ ନ୍ୟାସନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚ ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, ମଙ୍ଗଳ ଗ୍ରହର ବାୟୁମଣ୍ଡଳର ଉପର ଭାଗରେ ଥିବା ଜଳୀୟ ଅଂଶ ଆବଶ୍ୟକତା ଅନୁସାରେ ଶୀଘ୍ର ଶୁଖିବାରେ ଲାଗିଛି। ଏଭଳି କାହିଁକି ହେଉଛି ସେ ନେଇ ଅଧିକ ଗବେଷଣା ଜାରି ରହିଥିବା ମହାକାଶ ବିଜ୍ଞାନୀ ପ୍ରକାଶ କରିଛନ୍ତି। ଜଳକଣାର ରାସାୟନିକ ବିଘଟନ ହୋଇ ଉଦ୍‌ଜାନ ଏବଂ ଅମ୍ଳଜାନ ସୃଷ୍ଟି ହେଉଛି। ମଙ୍ଗଳ ଗ୍ରହର ମାଧ୍ୟାକର୍ଷଣ ଶକ୍ତି ଏଭଳି ପ୍ରକିୟାକୁ ରୋକିବାରେ ଅସଫଳ ହେଉଥିବା ଅନୁମାନ କରାଯାଉଛି। ୨୦୨୦ରେ ଛଡ଼ାଯିବାକୁ ଥିବା ମାର୍ସ ରୋଭର ମଙ୍ଗଳ ଗ୍ରହରେ ଜୀବନ ଖୋଜିବା ସହିତ ଭବିଷ୍ୟତରେ ଏଠାରେ ମଣିଷ ବସତି ସ୍ଥାପନ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୃଥିବୀକୁ ପ୍ରେରଣ କରିବ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ୨ ଶହ ୟାର୍ଡ ପର୍ଯ୍ୟନ୍ତ ଘୁରବୁଲି ଏହି ରୋଭର ୨୩ଟି କ୍ୟାମେରା ଦ୍ୱାରା ମଙ୍ଗଳ ଭୂପୃଷ୍ଠ ସମ୍ପର୍କରେ ଚିତ୍ର ଉତ୍ତୋଳନ କରି ପୃଥିବୀକୁ ପ୍ରେରଣ କରିବାକୁ ସକ୍ଷମ ହେବ।



# ଶୁଭ କାର୍ଯ୍ୟରେ ଗଣେଶଙ୍କୁ ଚିଠି ଦେଇ ଲୋକେ କରନ୍ତି ନିମନ୍ତ୍ରଣ

## ନିଆରା ବିଶ୍ୱାସ

ଯୋଧପୁର: ଭାରତର ବିଭିନ୍ନ ସ୍ଥାନରେ ଥିବା ମନ୍ଦିରରେ ଭିନ୍ନ ଭିନ୍ନ ରୋଚକ ତଥ୍ୟ ଦେଖିବାକୁ ମିଳିଥାଏ। ରାଜସ୍ଥାନ ରନ୍ଥଭୋରରେ ରହିଛି ପ୍ରଭୁ ଶ୍ରୀଗଣେଶଙ୍କ ମନ୍ଦିର। ମନ୍ଦିରରେ ଥିବା ଗଣେଶ ମୂର୍ତ୍ତିଙ୍କର ୩ ଆଖି ରହିଛି। ପ୍ରଭୁଙ୍କ ସହିତ ଆସ୍ଥାନରେ ଶ୍ରୀଗଣେଶଙ୍କ ପତ୍ନୀ ରିଦ୍ଧି, ସିଦ୍ଧି ଏବଂ ପୁତ୍ର ଶୁଭ-ଲାଭଙ୍କର ମୂର୍ତ୍ତି ମଧ୍ୟ ରହିଛି। ପାଖରେ ବାହନ ମୂଷିକ ମଧ୍ୟ ରହିଛନ୍ତି। ଶୁଭକାର୍ଯ୍ୟରେ ପ୍ରଭୁଙ୍କ ପାଖକୁ ଲୋକେ ନିମନ୍ତ୍ରଣ ପତ୍ର ପଠାଇଥାନ୍ତି। ତେଣୁ ପ୍ରଭୁଙ୍କ ଆସ୍ଥାନ ନିକଟରେ ନିମନ୍ତ୍ରଣ ପତ୍ର ଗଦା ହୋଇ ରହିଥାଏ। ଏହାଦ୍ୱାରା ସମସ୍ତ କାର୍ଯ୍ୟ ମଙ୍ଗଳ ହୋଇଥାଏ ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରିଥାନ୍ତି। ୧୦ମ ଶତାବ୍ଦୀରେ ମନ୍ଦିରର ନିର୍ମାଣ ରନ୍ଥଭୋରର ରାଜା ହମିରଙ୍କ ଦ୍ୱାରା ହୋଇଥିଲା। ଏକ ଯୁଦ୍ଧ ସମୟରେ ପ୍ରଭୁ ରାଜାଙ୍କୁ ସ୍ୱପ୍ନରେ ଆସି ତାଙ୍କୁ ବିଜୟୀ ହେବାର ଆଶୀର୍ବାଦ ଦେଇଥିଲେ। ରାଜା ଯୁଦ୍ଧରେ ବିଜୟୀ ମଧ୍ୟ ହୋଇଥିଲେ। ଏହା ପରେ ମନ୍ଦିରର ମହିମା ବଢ଼ିବାରେ ଲାଗିଥିଲା। ଲୋକ ମନ୍ଦିରକୁ ଶ୍ରୀ ଗଣେଶ, ରନ୍ଥଭୋର କିଲ୍ଲା, ଜିଲା- ସବାଇ ମାଧୋପୁର, ରାଜସ୍ଥାନ ଠିକଣାରେ ନିଜ ମାନସିକ ପୂରଣ ପାଇଁ ଚିଠି ଦିଅନ୍ତି। ଏସବୁକୁ ପୂଜାରୀ ପ୍ରଭୁଙ୍କୁ ପଢ଼ି ଶୁଣାଇବା ସହିତ ଶ୍ରୀଚରଣରେ ରଖି ଦିଅନ୍ତି। ଏହାଦ୍ୱାରା ମାନସିକ ପୂରଣ ହୋଇଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ପ୍ରତିବର୍ଷ ଗଣେଶ ଚତୁର୍ଥୀରେ ମନ୍ଦିରରେ ସ୍ୱତନ୍ତ୍ର ପୂଜା ସମ୍ପନ୍ନ ହୋଇଥାଏ।



# ମନ୍ଦିର ବାହାରେ ଭିକ୍ଷା ମାଗୁଥିଲେ କୋଟିପତିଙ୍କ ପୁଅ

**ଅମ୍ବାଲା:** ଫିଲ୍ମ କାହାଣୀ ପରି ହରିୟାଣାରେ ଏକ ନିଆରା ଘଟଣା ଘଟିଛି। ଏଠାରେ ଅମ୍ବାଲାର ଏକ ମନ୍ଦିର ବାହାରେ ବସି ଭିକ୍ଷା କରୁଥିବା ଜଣେ ବ୍ୟକ୍ତି କୋଟିପତିଙ୍କ ପୁଅ ବୋଲି ଜଣାପଡ଼ିଛି। ଜଣେ କୋଟିପତି ମାନସିକ ଭାରସାମ୍ୟ ହରାଇ ଘରୁ ପଳାଇ ଆସି ମନ୍ଦିର ବାହାରେ ବସି ଭିକ୍ଷା ମାଗୁଥିଲେ। ତେବେ ଗୁରୁବାର ତାଙ୍କର ଗୋଡ଼ରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଗୀତା ଗୋପାଳ ସ୍ୱେଚ୍ଛାସେବୀ ସଂସ୍ଥାର କିଛି ସଦସ୍ୟ ତାଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପଚରା ଉଚରା ସମୟରେ ତାଙ୍କ ନାମ ଧନଞ୍ଜୟ ଠାକୁର ଏବଂ ସେ ଉତ୍ତରପ୍ରଦେଶ ଆଜମ୍‌ଗଡ଼ର ବାସିନ୍ଦା ବୋଲି ଜଣାପଡ଼ିଥିଲା। ଧନଞ୍ଜୟ ଏକ ଫୋନ୍ ନମ୍ବର ମଧ୍ୟ ସଦସ୍ୟଙ୍କୁ ଦେଇଥିଲେ। ଫୋନ୍ କରିବାରୁ ଜଣାପଡ଼ିଥିଲା ଧନଞ୍ଜୟଙ୍କ ପିତା ରାଧେଶ୍ୟାମ ସିଂ ଜଣେ କୋଟିପତି। ଫୋନ୍ ପରେ ଧନଞ୍ଜୟଙ୍କ ଭଉଣୀ ନେହା ସିଂ ତାଙ୍କୁ ନେବା ପାଇଁ ପହଞ୍ଚିଥିଲେ। ଧନଞ୍ଜୟଙ୍କୁ ସ୍ଥାନୀୟ ଲୋକେ ଜଟାଧାରୀ ବୋଲି ଡାକୁଥିଲେ। ସେ ଗତ ୨ ବର୍ଷ ହେଲା ମନ୍ଦିର ବାହାରେ ଗଛତଳେ ରହୁଥିଲେ।





## ଘରେ ପହଞ୍ଚାଇଲା ସ୍ୱେଚ୍ଛାସେବୀ ସଂଗଠନ



# ଟ୍ରାଫିକ୍ ସଚେତନତା ଦାୟିତ୍ୱରେ ୫୮ ବର୍ଷୀୟା

**ଇନ୍ଦୋର:** ୟୁରୋପ ଏବଂ ଆମେରିକାର ଯାତାୟାତ ବ୍ୟବସ୍ଥାକୁ ଦେଖି ନ୍ୟାୟନଗରରେ ରହୁଥିବା ୫୮ ବର୍ଷୀୟା ବୃନ୍ଦା ନାମକ ଜଣେ ମହିଳା ସ୍ୱେଚ୍ଛାକୃତ ଭାବେ ପ୍ରତିଦିନ ୨ ଘଣ୍ଟା ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଉଛନ୍ତି। ଏପରି ଦୃଢ଼ ସଂକଳ୍ପ ନେଇ ବୃନ୍ଦା ପ୍ରତିଦିନ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ରାସ୍ତା ଉପରେ ଠିଆ ହୋଇ ହାତ ଯୋଡ଼ି ଗାଡ଼ିଚାଳକଙ୍କୁ ଅଟକାଇ ବିନମ୍ର ନିବେଦନ କରୁଛନ୍ତି। ହେଲ୍ମେଟ ପିନ୍ଧିବା, ସିଟ ବେଲ୍ଟ ବାନ୍ଧିବା, ଟ୍ରାଫିକ ସିଗ୍ନାଲ ମାନିବା, ଗାଡ଼ି ଧୀରେ ଚଳାଇବା ପାଇଁ ସଚେତନ କରାଉଛନ୍ତି। ବୃନ୍ଦା କୁହନ୍ତି, ସହର ସ୍ୱଚ୍ଛତାରେ ୧ ନମ୍ବରରେ ରହିଛି। ଏବେ ଟ୍ରାଫିକ ନିୟମ ପାଳନରେ ମଧ୍ୟ ଏକ ନମ୍ବର ରହିବ ବୋଲି ଆଶା କରୁଛି। ୪ ବର୍ଷ ତଳେ କାଲିଫର୍ଣ୍ଣିଆ ଯାଇଥିଲେ। ସେଠାରେ ରାସ୍ତା ପୂରା ଖାଲିଥିଲା। ମାତ୍ର ଟ୍ରାଫିକ୍ରେ ରେଡ ଲାଇଟ ଜଳୁଥିବାରୁ ସେଠାକାର ଜଣେ ଡ୍ରାଇଭର ଟ୍ରାଫିକ ନିୟମ ଅନୁଯାୟୀ ଗାଡ଼ି ଅଟକାଇଥିଲେ। ଏହା ତାଙ୍କୁ ପ୍ରଭାବିତ କରିଥିଲା।

## ସଂକ୍ଷେପରେ

### ବୋଧେଇ, ଗୋବିନ୍ଦପୁରରେ ଧାନମଣ୍ଡି ଖୋଲିଲା

**ତିର୍ତ୍ତୋଲ, ୧୧।୧ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ ବୋଧେଇ ସମବାୟ ସମିତି ପରିସରରେ ଶୁକ୍ରବାରଠାରୁ ଧାନମଣ୍ଡି ଖୋଲିଛି। ବ୍ଲକ ଉପାଧ୍ୟକ୍ଷ ଆଶିଷ କୁମାର ସେଠୀ, ସମିତି ସଭାପତି ନୃସିଂହ ନାୟକ, ତିର୍ତ୍ତୋଲ ସିସିବି ପରିଚାଳକ ଦୋଳଗୋବିନ୍ଦ ଖଟୁଆ ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବୋଧେଇ ସରପଞ୍ଚ ସନ୍ତୋଷ ସେଠୀ, ସମିତି ସମ୍ପାଦିକା ରୋଜାଲିନ ମହାପାତ୍ର, ନିରଞ୍ଜନ ଲେଙ୍କା, କେଦାର ସ୍ୱାଇଁ, ଦୁର୍ଗାଚରଣ ସେଠୀ, ନିମାଇଁ ମଲ୍ଲ, ଦିଲିପ ମହାନ୍ତି, ଗନ୍ଧର୍ବ ଦାଶଙ୍କ ସମେତ ପରିଚାଳନା ବୋର୍ଡ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ସେହିପରି କୋଷ୍ଟିମଲ୍ଲିକାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୋବିନ୍ଦପୁର ସମବାୟ ସମିତିର ନୂତନ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତି ସଭାପତି ପ୍ରୀତିରଞ୍ଜନ ଦାଶ, ସିସିବି ପରିଚାଳକ ଖଟୁଆ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତି ସମ୍ପାଦକ ବିଜୟାନନ୍ଦ ନାୟକ, ବରିଷ୍ଠ ଚାଷୀ ଅଲେଖ ଚରଣ ସେଠୀ, ହରିଚରଣ ନାୟକଙ୍କ ସମେତ ସମିତି ପରିଚାଳନା ବୋର୍ଡ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ।

### ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବାଲିଆ,୧୧।୧:** ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତ ମଧ୍ୟଶାସନସ୍ଥିତ ମହାବୀରଙ୍କ ପ୍ରାଙ୍ଗଣରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ସ୍ଥାୟୀ ସଭାପତି ବିଭୁପ୍ରସାଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଷାଢ଼ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମହିଳା ମିଶନ ଶକ୍ତି ଜିଲା ସଭାପତି ସବିତା ଦାସ, ଉତ୍ତରଶାସନ ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ବେବିନା ସେଠୀ, ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ଲକ୍ଷ୍ମୀ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାରେ ଗ୍ରାମାଞ୍ଚଳରେ ପ୍ରତିଭାଙ୍କୁ ପରିଚୟ ପ୍ରଦାନ କରିବାରେ ଏହା ସହାୟକ ହେବ ବୋଲି ଅତିଥି ମତପ୍ରକାଶ କରିଥିଲେ। ଏଥିରେ ସଙ୍ଗୀତ, ବକ୍ତୃତା, କୁଇଜ, ଏକକ ଅଭିନୟ, ଚିତ୍ରାଙ୍କନ, ଝୋଟି, ପୁଚି ଆଦି ପ୍ରତିଯୋଗିତା କରାଯାଇଥିଲା। ସାନ୍ଧ୍ୟ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅକ୍ଷୟ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଗୀତାଞ୍ଜଳି ସାହୁ ଯୋଗଦେଇ ଏହାର ଉପାଦେୟତା ଉପରେ ପ୍ରତିଯୋଗୀଙ୍କୁ ବୁଝାଇଥିଲେ। ସଭାରେ ବିରିଡି ଅଞ୍ଚଳର କୃଷ୍ଣଚନ୍ଦ୍ର ସାହୁ, ଧୃତି ଜେନା, ରବୀନ୍ଦ୍ରନାଥ ସାହୁ ଓ ବିଭୁପ୍ରସାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାହିତ୍ୟ ଏକାଡେମୀ ସଦସ୍ୟ ରାଉତ ମଧ ଉପାଧ୍ୟକ୍ଷା ସାହୁ, କବି ମହାପାତ୍ର, ସଭାପତି ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଙ୍ଗୀତା ପଣ୍ଡା, ଅପରାଜିତା ରାଉତ, ମାଳତୀ ଦାଶ, ପ୍ରଶାନ୍ତ ପଣ୍ଡା, ସୁଶାନ୍ତ ପଣ୍ଡା, ଅଜୟ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ସୁଭ୍ରାଂଶୁ ଶେଖର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୦୦ ଶଯ୍ୟା ବିଶିଷ୍ଟ ମାତୃ, ଶିଶୁ ସ୍ୱାସ୍ଥ୍ୟ କୋଠା ପାଇଁ ବାଟ ଫିଟିଲା

# ଜମି ହସ୍ତାନ୍ତର କଲା ଜଳସେଚନ ବିଭାଗ

**ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ**
- ଦୀର୍ଘଦିନର ସମସ୍ୟା ଦୂରହେବ
- ଖର୍ଚ୍ଚ ହେବ ୧୭ କୋଟି ଟଙ୍କା

**ଜଗତ୍‌ସିଂହପୁର ଅଫିସ୍,୧୧।୧**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ ଶଯ୍ୟାବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ(ଏମ୍‌ସିଏଚ୍) କୋଠା ନିର୍ମାଣ ନେଇ ପାଖାପାଖି ୩ ବର୍ଷ ହେବ ପ୍ରକ୍ରିୟା ଚାଲିଥିଲେ ସୁଦ୍ଧା ଜମି ସମସ୍ୟା ଯୋଗୁ ତାହା ହୋଇପାରୁ ନ ଥିଲା। ବିଶେଷକରି ଜିଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଜଳସେଚନ ବିଭାଗ କର୍ମଚାରୀଙ୍କ କ୍ୱାର୍ଟର ଜମି ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ଆସିବାରେ ବିଳମ୍ବ ଯୋଗୁ ଏଭଳି ସମସ୍ୟା ଉପୁଜିଥିଲା। ତେବେ ବିଳମ୍ବରେ ହେଲେ ବି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଉଦ୍ୟମ ଯୋଗୁ ଏହି ସମସ୍ୟାର ସମାଧାନ ହୋଇଛି। ଜଳସେଚନ ବିଭାଗ ଅଧୀନରେ ଥିବା ୭୫ ଡିସିମିଲ ଜମି ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ଆସିପାରିଛି। ଏବେ ଏମ୍‌ସିଏଚ୍ କୋଠା ନିର୍ମାଣ ରାସ୍ତା ଫିଟିଥିବାରୁ ସାଧାରଣରେ ଉତ୍ସାହ ପରିଲକ୍ଷିତ ହୋଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟ ପାଖାପାଖି ୩ ଏକର ଜମିରେ ରହିଛି। ଜମି ପରିମାଣ କମ ଯୋଗୁ ଚିକିତ୍ସାଳୟ ଭିତ୍ତିଭୂମିରେ ଆଶାଜନକ ବିକାଶ କରାଯାଇ ପାରୁନାହିଁ। ତେଣୁ ଚିକିତ୍ସାଳୟକୁ ଲାଗିକରି ଥିବା ଜଳସେଚନ ବିଭାଗ କର୍ମଚାରୀଙ୍କ କ୍ୱାର୍ଟର୍ସ ଜମି ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ପାଇଁ ୩ ବର୍ଷ ପୂର୍ବରୁ ପଦକ୍ଷେପ ନିଆଯାଇଥିଲା। ଏଥିମଧ୍ୟରେ ଜଳସେଚନ ବିଭାଗର ୫୨ ଡିସିମିଲ୍ ଜମି ଚିକିତ୍ସାଳୟ ଅଧୀନକୁ ଆସିପାରିଛି। କିନ୍ତୁ ଅବଶିଷ୍ଟ ୭୫ ଡିସିମିଲ ଆସିବାରେ ବିଳମ୍ବ ହୋଇଥିଲା। ଏହି ଜମି ପାଇବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମ କରିଥିଲେ ସୁଦ୍ଧା କୌଣସି ସଫଳତା ମିଳିପାରି ନ ଥିଲା। ବର୍ତ୍ତମାନର ଜିଲାପାଳ ଏହି ଜମି ହସ୍ତାନ୍ତର ପାଇଁ ବିଶେଷ ତତ୍ପରତା ପ୍ରକାଶ କରିଥିଲେ। ସୌଭାଗ୍ୟ ଏହି ଜମି ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନକୁ ଆସି ଯାଇଥିବା ଜିଲାପାଳ ମହାପାତ୍ର ସୂଚନା ଦେଇଛନ୍ତି। ଏଣିକି ୧୨୭ ଡିସିମିଲ ଜମିରେ ୬ ତଳ ବିଶିଷ୍ଟ ଏମ୍‌ସିଏଚ୍ କୋଠା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ। ଏନେଇ ୧୭ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ପ୍ରସୂତି ୧ ଓ ଶିଶୁ ରୋଗ ୱାର୍ଡ ୧ଟି ତଳରେ ରହିବ। ଅସ୍ତ୍ରୋପଚାର ଗୃହ, ଲେବର ରୁମ୍, ଏସ୍‌ଏନ୍‌ସିୟୁ ଆଦି ମଧ୍ୟ ଅନ୍ୟ ଏକ ତଳରେ ରହିବ। ମୋଟାମୋଟି ଭାବେ କହିବାକୁ ଗଲେ ପ୍ରସୂତି, ଶିଶୁ ରୋଗ ୱାର୍ଡରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇପାରିବ। ୧୯୯୩ରେ ଜଗତ୍‌ସିଂହପୁର ଜିଲା ଜନ୍ମ ହୋଇଥିବା ବେଳେ ସେତେବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ୧୨୬ ଥିଲା। ସେଥିମଧ୍ୟରୁ ଭେଷଜରେ ୨୪, ସଲ୍ୟ ୨୪, ପ୍ରସୂତି ୨୪, ଶିଶୁରୋଗ ୨୪, ଟିବି/ସିଡି ୪, ଚକ୍ଷୁ ୨୦ ଓ ହଇଜାରେ ୬ଟି ଶଯ୍ୟା ରହିଛି। ଦୀର୍ଘ ୨୬ ବର୍ଷ ପରେ ମଧ୍ୟ ଏହି ସଂଖ୍ୟା ଅପରିବର୍ତ୍ତିତ ରହିଛି। ଅର୍ଥାତ୍ ଗୋଟିଏ ବି ଶଯ୍ୟା ବଢ଼ିନାହିଁ। ଯାହାକି ସବୁଠାରୁ ବଡ ସମସ୍ୟା ସୃଷ୍ଟି କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସର୍ବନିମ୍ନ ୩୦୦ ଶଯ୍ୟାର ଆବଶ୍ୟକତା ଥିବା ବେଳେ ଏତେ କମ ଶଯ୍ୟାରେ ରୋଗୀ କିପରି ସେବା ପାଉଥିବେ ତାହା ସହଜେ ଅନୁମେୟ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶଯ୍ୟା ସଂଖ୍ୟା କମ ଯୋଗୁ ଅଧିକାଂଶ ସମୟରେ ରୋଗୀ ବାରଣ୍ଡା, ଚଟାଣ ଆଦିରେ ଅସୁରକ୍ଷିତ ଭାବରେ ରହିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଭିତ୍ତିଭୂମିଜନିତ ଅଭାବ ପୂରଣ ପାଇଁ ଚିକିତ୍ସାଳୟ ପାର୍ଶ୍ୱ ଜଳସେଚନ ବିଭାଗ ଜମି ବିଭାଗ ଅଧିନକୁ ଆସିବା ଜରୁରୀ ଥିଲା। ଏବେ ଏହି ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇ ଯାଇଥିବାରୁ ଅନେକ ସମସ୍ୟା ଦୂର ହୋଇଯିବ ବୋଲି ଆଶା କରାଯାଉଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୨।୧।୨୦୨୦(ରବିବାର)**
- ପ୍ରସ୍ତାବିତ ପ୍ରାଇମେରି ସି ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ୍ ବିରୋଧରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା। ସ୍ଥାନ: ଜିରାଇଲୋ ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ଭିଏମ କ୍ଲବରେ ବିବେକାନନ୍ଦ ଜୟନ୍ତୀ ଓ ପ୍ରତିଭା ପ୍ରତିଯୋଗିତା। ସ୍ଥାନ: ସିହାଗ୍ରାମ ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ଜାତୀୟ ସଂହତି ଶିବିରରେ ବିବେକାନନ୍ଦଙ୍କ ଉପରେ ଆଲୋଚନାଚକ୍ର। ସମୟ: ପୂର୍ବାହ୍ନ ୧୧ଟା ସ୍ଥାନ: ଏସ୍.କେ. ଏକାଡେମୀ ଖେଳପଡିଆ।
- ଜିଲାସ୍ତରୀୟ ଜାତୀୟ ସଂହତି ଶିବିର ଉଦ୍‌ଯାପନୀ ସମାରୋହ। ସମୟ: ଅପରାହ୍ନ ୩ଟା ସ୍ଥାନ: ଏସ୍. କେ. ଏକାଡେମୀ ଖେଳପଡିଆ।
- ଜିଲାସ୍ତରୀୟ ଜାତୀୟ ସଂହତି ଶିବିରର ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ। ସମୟ: ସନ୍ଧ୍ୟା ୬ଟା ସ୍ଥାନ: ଏସ୍. କେ. ଏକାଡେମୀ ଖେଳ ପଡିଆ।

**୧୩।୧।୨୦୨୦(ସୋମବାର)**
- ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ସମୟ: ପୂର୍ବାହ୍ନ ୧୦ଟା ସ୍ଥାନ: ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସର।
- ଜିଲାସ୍ତରୀୟ ଜାତୀୟ ସଂହତି ଶିବିରରେ ସମୂହ ଜାତୀୟ ସଙ୍ଗୀତ ଓ ପତାକା ଅବତରଣ ଉତ୍ସବ। ସମୟ: ପୂର୍ବାହ୍ନ ୧୧ଟା ସ୍ଥାନ: ଏସ୍. କେ. ଏକାଡେମୀ ଖେଳ ପଡିଆ।
- ବ୍ଲକ ଶିକ୍ଷା ବିଭାଗର କାର୍ଯ୍ୟ ଉପରେ ତଦାରଖ। ସମୟ: ଅପରାହ୍ନ ୧ଟା ସ୍ଥାନ: ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର।
- ସମଗ୍ର ଶିକ୍ଷା ଅଭିଯାନ ଉପରେ ବୈଠକ। ସମୟ: ଅପରାହ୍ନ ୩ଟା ସ୍ଥାନ: ଜଗତ୍‌ସିଂହପୁରସ୍ଥିତଶ୍ରୀକୃଷ୍ଣ ଏକାଡେମୀ।
- ସ୍ୱଧାର ଗୃହ ଉପରେ ଜିଲାସ୍ତରୀୟ ବୈଠକ। ସମୟ: ଅପରାହ୍ନ ୫ଟା ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର।
- ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ଜରାଶ୍ରମ ସମିତି ବୈଠକ। ସମୟ: ଅପରାହ୍ନ ୫ଟା୩୦ ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର।

**୧୪।୧।୨୦୨୦(ମଙ୍ଗଳବାର)**
- ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା। ସମୟ: ପୂର୍ବାହ୍ନ ୧୦ଟା୩୦ ସ୍ଥାନ: ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ।
- ଟିଠା ପୋଷ୍ଟାଲ ଜୋନ୍ ପରିଚାଳନା ଯୋଜନା ଉପରେ ଜଣଶୁଣାଣି ସମୟ: ଅପରାହ୍ନ ୨ଟା୩୦ ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ।
- ଜିଲାଯୋଜନା ସମିତି ବୈଠକ ସମୟ: ଅପରାହ୍ନ ୩ଟା୩୦ ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ।
- ଜିଲାର ଉନ୍ନୟନମୂଳକ କାର୍ଯ୍ୟ ଉପରେ ସାପ୍ତାହିକ ସମୀକ୍ଷା। ସମୟ: ଅପରାହ୍ନ ୪ଟା ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର।
- ରାଜସ୍ୱ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ଉପରେ ସାପ୍ତାହିକ ସମୀକ୍ଷା। ସମୟ: ଅପରାହ୍ନ ୫ଟା ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର।
- ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କାର୍ଯ୍ୟ ଉପରେ ସମୀକ୍ଷା। ସମୟ: ସନ୍ଧ୍ୟା ୬ଟା ସ୍ଥାନ ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର।

**୧୫।୧।୨୦୨୦(ବୁଧବାର)**
- ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମାସିକ ସମୀକ୍ଷା। ସମୟ: ପୂର୍ବାହ୍ନ ୧୦ଟା୩୦ ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ।
- ଆଇସିଡିଏସ୍, ସମାଜ ମଙ୍ଗଳ,ମହିଳା ଓ ଶିଶୁଙ୍କ ଉନ୍ନୟନ ସଂକ୍ରାନ୍ତୀୟ ସମୀକ୍ଷା। ସମୟ: ଅପରାହ୍ନ ୪ଟା ସ୍ଥାନ ଜିଲାପାଳଙ୍କ କାର୍ଯ୍ୟାଳୟ ଅଫିସ ଚାମ୍ବର।
- ଅବକାରୀ ବିଭାଗ କାର୍ଯ୍ୟ ଉପରେ ସମୀକ୍ଷା। ସମୟ: ଅପରାହ୍ନ ୪ଟା୩୦ ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଚାମ୍ବର।
- ଜିଲା ଜଳସେଚନ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା। ସମୟ: ଅପରାହ୍ନ ୫ଟା ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର।
- ଶ୍ରମ କାର୍ଯ୍ୟକ୍ରମ ଉପରେ ସାପ୍ତାହିକ ବୈଠକ । ସମୟ: ସନ୍ଧ୍ୟା ୬ଟା୩୦ ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର।
- ଶିଆଳି ମହୋତ୍ସବ କମିଟି ପକ୍ଷରୁ ମକରମେଳା । ସ୍ଥାନ: ଶିଆଳି ବେଳାଭୂମି ସମୟ: ପୂର୍ବାହ୍ନ ୧୦ଟା।
- ସାହାଡା ସୁନ୍ଦରୀ ପୀଠରେ ମକରମେଳା। ସମୟ: ଅପରାହ୍ନ ୪ଟା ସ୍ଥାନ: ସିହାଗ୍ରାମ।
- ଝଙ୍କଡ ଶାରଳାଙ୍କ ପୀଠରେ ମକର ସଂକ୍ରାନ୍ତି ଉପଲକ୍ଷେ ସ୍ୱତନ୍ତ୍ର ପୂଜା ଓ ନୂଆ ଚାଉଳରେ ପ୍ରସ୍ତୁତ ମକର ଚାଉଳଲାଗି। ସ୍ଥାନ: ଝଙ୍କଡ ଶାରଳାଙ୍କ ପୀଠ ପରିସର

**୧୮।୧।୨୦୨୦(ଶନିବାର)**
- କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନା। ସମୟ: ଅପରାହ୍ନ ୩ଟା ସ୍ଥାନ: ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠ।

## ମହିଳା ଚାଷୀ ଉତ୍ପାଦକ ଗୋଷ୍ଠୀ ଗଠନ ନିମନ୍ତେ କର୍ମଶାଳା

# ଅମୃତଭଣ୍ଡା ଚାଷ ପାଇଁ ନିଷ୍ପତ୍ତି



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ମହିଳାମାନେ।

**ରଘୁନାଥପୁର, ୧୧।୧(ଡି.ଏନ.ଏ.):**

ରଘୁନାଥପୁର ବ୍ଲକ ରେଡ୍ଡୁଆ ନୂଆଗଡସ୍ଥିତ ଗୋରଖନାଥ କୃଷକ ମହାସଂଘ ସଭାକକ୍ଷରେ ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ଚାଷୀ ଉତ୍ପାଦକ ଗୋଷ୍ଠୀ ଗଠନ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରେଡ୍ଡୁଆ ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ସମ୍ପାଦିକା କାଦମ୍ବିନୀ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ପୂର୍ବତନ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ, ଓଡ଼ିଶା ଜୀବିକା ମିଶନର ବିଏଲସି ବିଶ୍ୱଜିତା ଦାଶ ପ୍ରମୁଖ ଉପସ୍ଥିତ ରହି ଏହାର ଉଦ୍ଦେଶ୍ୟ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଦୈନନ୍ଦିନ ଜୀବନରେ ବଳକା ସମୟରେ ମହିଳାମାନେ ନିଜ ଘରବାରିରେ ଅମୃତ ଭଣ୍ଡା ଚାଷ କରି ଲାଭବାନ ହେବା ସହ ଆଗାମୀଦିନରେ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବ ବୋଲି କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ଲାଲ(ଲିଭ ଆଣ୍ଡ ଲେଟଲିଭ)ର ମୁଖ୍ୟ କ୍ଷେତ୍ରମୋହନ ବେହେରା ଏହି ଡ୍ରିମ ପ୍ରୋଜେକ୍ଟ ସମ୍ପର୍କରେ ମତ ରଖିଥିଲେ। ଉପସ୍ଥିତ ୫୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସହମତି ପ୍ରକାଶ କରିଥିଲେ। ତେବେ ଏଥିପାଇଁ ନିଜ ଘର ସମ୍ମୁଖ କିମ୍ବା ଆଖପାଖରେ ୨ ଶହରୁ ୩ ଶହ ବର୍ଗଫୁଟ ଖୋଲା ସ୍ଥାନ ଥିବା ନିତ୍ୟାନ୍ତ ଆବଶ୍ୟକ। ଏହାଛଡା ପ୍ରତ୍ୟେକ ମହିଳାଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ୫ଟି ଲେଖାଏ ସ୍ୱପ୍ନା ଏଫ ୧ ଜାତୀୟ ଅମୃତଭଣ୍ଡା ଚାରା ଯୋଗାଇ ଦିଆଯିବ ବୋଲି ରିସର୍ଚ୍ଚ ପର୍ସନ ବେହେରା ପ୍ରକାଶ କରିଥିଲେ। ଯାହାକି ୩ ବର୍ଷ ମଧ୍ୟରେ ୬୦ କିଗ୍ରା ପର୍ଯ୍ୟନ୍ତ ଅମଳ ଦେବ ବୋଲି କୁହାଯାଇଥିଲା। ତେବେ ଏଥିପାଇଁ ଇଚ୍ଛୁକ ଥିବା ମହିଳାଙ୍କୁ ନେଇ ପ୍ରଥମେ ଉତ୍ପାଦକ ଗୋଷ୍ଠୀ ଗଠନ କରାଯିବା ସମ୍ପର୍କରେ ମହାସଂଘର ସମ୍ପାଦିକା ବେହେରା ମତ ରଖିଥିଲେ। ଓଏଲଏମ୍ ବିଏଲସି ଦାଶ ଏଥିପାଇଁ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ। କୃଷି ଅଧିକାରୀ ଦାଶ ଶିଶୁଙ୍କଠାରୁ ଆରମ୍ଭ କରି ସାଧାରଣଙ୍କ ପାଇଁ ଅମୃତ ଭଣ୍ଡା ଯଥେଷ୍ଟ ଉପାଦେୟ ଖାଦ୍ୟ। ଏହାର ବଜାର ଚାହିଦା ମଧ୍ୟ ରହିଛି। ଏହି ସ୍ଥାନରୁ ଆରମ୍ଭ ହୋଇଥିବା ଚାଷ କ୍ରମଶଃ ବ୍ୟାପୀ ହଜାର ସଂଖ୍ୟା ମହିଳା ଏହାକୁ ଆଣେଇବେ ଏବଂ ନାବାର୍ଡ ସମସ୍ତ ପ୍ରକାଶ ସୁବିଧା ଯୋଗାଇ ଦେବ ବୋଲି ଡିଡିଏମ୍ ମହାନ୍ତି କହିଛନ୍ତି। ଏଥିରେ ଶାନ୍ତିଲତା ଦ୍ୱିବେଦୀ, ପ୍ରଭାବତି ସ୍ୱାଇଁ ଓ ପ୍ରିୟଙ୍କା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ।

### ୨୦ରେ ଗହଣ ଦଳର ନାମବ୍ରହ୍ମ ମହୋତ୍ସବ

**କୁଜଙ୍ଗ,୧୧।୧(ଡି.ଏନ.ଏ.)**

ଗହଣ ଦଳ ଆନୁକୂଲ୍ୟରେ ଏହାର ସଂସ୍ଥାପକ ତଥା ମୁଖ୍ୟ ସଚେତକ ରାଜାଶ୍ରୀ ନରସିଂହଦେବଙ୍କ ଜନ୍ମ ଦିବସ ଅବସରରେ ଆସନ୍ତା ୨୦ରେ କଟକ ଜିଲା କିଶନନଗର ମହାନଦୀ କୂଳକେଶରୀ ନଗ୍ର ଉଆସସ୍ଥାନରେ ନାମବ୍ରହ୍ମ ମହୋତ୍ସବ ଅନୁଷ୍ଠିତ ହେବ। ଷୋହଳମଣ୍ଡଳ ଦ୍ୱାରା ଶହଶହ କୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମସଙ୍କୀର୍ତ୍ତନ କରିବେ। ଉକ୍ତ ମହୋତ୍ସବରେ ଶାରଳାମଣ୍ଡଳ ପକ୍ଷରୁ ସାଧୁ ସନ୍ଥ ଓ ଭକ୍ତ ଯୋଗଦେବେ। ମହୋତ୍ସବରେ ବହୁସଂଖ୍ୟାରେ ଆଧ୍ୟାତ୍ମିକ ପ୍ରେମୀ ଯୋଗଦେବା ପାଇଁ ଶାରଳା ମଣ୍ଡଳର ଅଧିକାରୀ ମଣୀରଞ୍ଜନ ପରିଜା ଓ ସଭାନେତ୍ରୀ ସ୍ୱର୍ଣ୍ଣଲତା ସ୍ୱାଇଁ କୁଜଙ୍ଗ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ନିବେଦନ କରିଛନ୍ତି।

## ପ୍ରସ୍ତାବିତ ପ୍ରାଇମେରି ସି ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ବିରୋଧରେ ଧାରଣା ଆଜିଠାରୁ

**ଏରସମା,୧୧।୧(ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତରେ ପ୍ରସ୍ତାବିତ ପ୍ରାଇମେରି ସି ଫୁଡ ପ୍ରୋସେସିଂ ପ୍ଲାଣ୍ଟ ବିରୋଧରେ ଲୋକେ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଏନେଇ ଶନିବାର ଜିରାଇଲୋ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ହରେକୃଷ୍ଣ ମହରଣାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଆଇ ନେତା ଅଭୟ ସାହୁ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଏରସମାର ପୂର୍ବତନ ସମିତିସଭ୍ୟ ଶଶିଭୂଷଣ ସ୍ୱାଇଁ, ବ୍ଲକ କଂଗ୍ରେସ ସଭାପତି ନିତ୍ୟାନନ୍ଦ ଦାସ, ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ ପ୍ରମୁଖ ଯୋଗଦେଇ ପ୍ଲାଣ୍ଟ ବିରୋଧରେ ରବିବାରଠାରୁ ଧାରଣା ଦିଆଯିବ ବୋଲି କହିଥିଲେ। ଏଠାରେ ପ୍ଲାଣ୍ଟ ହେବାଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହିତ ନିକଟସ୍ଥ ହାଇ ସ୍କୁଲ ଛାତ୍ରୀଛାତ୍ର ମଧ୍ୟ ପ୍ରଭାବିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଜିରାଇଲୋ ଛକଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବୈଷ୍ଣବ ସ୍ୱାଇଁ, ବିଜୟ ସାହୁ, ରବୀନ୍ଦ୍ର ମାଝି, ଜଟାଧାରୀ ସ୍ୱାଇଁ, ପରେଶ ପ୍ରଧାନ, କାଳନ୍ଦୀ ଛାଟୋଇ, ରବୀନ୍ଦ୍ର ପାଇଟାଳ ପ୍ରମୁଖ ଶତାଧିକ ଆନ୍ଦୋଳନକାରୀ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

# ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

**ଜଗତ୍‌ସିଂହପୁର ଅଫିସ୍, ୧୧।୧**

ଜିଲା ପ୍ରଶାସନ ଓ ଜଗତ୍‌ସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଗାନ୍ଧୀଛକ ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ପହଞ୍ଚିଥିଲା। ସେହିପରି ସଡକ ସୁରକ୍ଷା ସଚେତନତା ରଥ ବୁଲିବା ଆରମ୍ଭ କରିଛି। ଏହି ରଥ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ବୁଲି ଜନସାଧାରଣଙ୍କୁ ସଚେତନ କରିବ ବୋଲି କୁହାଯାଇଛି। ସପ୍ତାହ ପାଳନରେ ବିଶେଷକରି ୨ ଚକିଆ ଯାନ ଚଳାଉଥିବା ଲୋକେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ବୋଲି ପ୍ରଚାର ହେବ। ଏଥିସହ ୪ ଚକିଆ ଯାନ ଚାଳକ ସିଟ୍ ବେଲ୍ଟ ବାନ୍ଧିବା ଜରୁରୀ ବୋଲି କୁହାଯିବ। ନିଶା ସେବନ କରି ଗାଡି ଚଳାଇଲେ ଜୀବନ ହାନୀ ହେବାର ସମ୍ଭାବନା ଥିବାରୁ ଏଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯିବ। ଦ୍ରୁତ ଗତିରେ ଗାଡି ଚଳାଇଲେ ଦୁର୍ଘଟଣାର ସମ୍ମୁଖୀନ ହେବାର ଭୟ ଥିବାରୁ ସତର୍କ ରହିବାକୁ କୁହାଯିବ। ଏଥିସହ ଡ୍ରାଇଭିଂ ଲାଇସେନ୍ସ, ଟ୍ରାଫିକ୍ ନିୟମ ମାନିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ। ପୋଲିସ ଓ ଆଞ୍ଚଳିକ ପରିବହନ କର୍ମକର୍ତ୍ତାଙ୍କ ଦ୍ୱାରା ଯୁଗ୍ମ ତନଖି, ଡ୍ରାଇଭରଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ପରୀକ୍ଷା, ପାରାଦୀପରେ ଭାରିଯାନ ଚଳାଉଥିବା ଗାଡି ଚାଳକଙ୍କ ନିମନ୍ତେ ରିଫ୍ରେସର ତାଲିମ ଦିଆଯିବ। ପୋଲିସ ଓ ଆର୍‌ଟିଓ କର୍ମକର୍ତ୍ତାଙ୍କ ଦ୍ୱାରା ମୋଟର ସାଇକେଲ ଶୋଭାଯାତ୍ରା ଆଦି ଆୟୋଜନ ହେବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ କିଶୋର ପଣ୍ଡା ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଶୋଭାଯାତ୍ରାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ମୋଟର ଯାନ ନିରୀକ୍ଷକ ସର୍ମିଳା ମହାରଣାଙ୍କ ସମେତ ଟ୍ରାଫିକ ଇନ୍ସପେକ୍ଟର, ଜୁନିୟର ଏମ୍‌ଭିଆଇ, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଆଇଟିଆଇ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା କରାଯାଉଛି।

## ରୋହିଆ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ଭାରତର ଶିକ୍ଷାରୁ ହିଁ ଜନ୍ମିଥିଲା ତତ୍ତ୍ୱ, ଚିନ୍ତନ

**ନାଉଗାଁ,୧୧।୧(ସ୍ୱ.ପ୍ର.)**

ଭାରତର ତତ୍ତ୍ୱ, ଚିନ୍ତନ, ଭାରତର ଶିକ୍ଷାରୁ ହିଁ ଜନ୍ମିଥିଲା। ଏବିଶ୍ୱରେ ଯିଏ ଅଛନ୍ତି ସେ ସମସ୍ତେ ଭଉଣୀଭାଇ। ବିଶ୍ୱ ଭାତୃତ୍ୱକୁ ସ୍ୱାମୀ ବିବେକାନନ୍ଦ ଚିକାଗୋର ଏକ ସମ୍ମିଳନୀରେ କହିଥିଲେ, ସିଷ୍ଟର ଆଣ୍ଡ ବ୍ରଦର ଅଫ ଆମେରିକା। ଏହା ସାଧାରଣ କଥା ନ ଥିଲା। ବିବେକନନ୍ଦଙ୍କ ଏହି ଉକ୍ତିଟି ଭାରତର ତତ୍ତ୍ୱ, ଚିନ୍ତନ ଥିଲା। ଏପୃଥିବୀ ହେଉଛି ମା'। ମୁଁ ତାର ପୁତ୍ର। ଅନ୍ୟପାଖରେ ନିଜକୁ ଦେଖ। ତମ ପାଖରେ ଯେଉଁ ଶ୍ରଦ୍ଧା, ପ୍ରେମ ଅଛି ତାକୁ ବିନା ସର୍ତ୍ତରେ ପ୍ରଦାନ କର। ଆମେ ସବୁ ଜଗନ୍ନାଥଙ୍କ ଦାୟାଦ। ତେଣୁ ଦାର୍ଶନିକ ସାଧୁ ସନ୍ଥମାନେ କହିଛନ୍ତି, ଡର ସେତିକିବେଳେ ଆସେ ଯେତବେଳେ ଆମେ ନିଜକୁ ନିଜେ ଭାବୁ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମତବ୍ୟକ୍ତ କରିଛନ୍ତି। ଶନିବାର ରୋହିଆ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ଯୋଗଦେଇ




ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ, ଜିଲାପାଳ, ଏମ୍‌ପି, ବିଧାୟକ, ଏସ୍‌ପି ଓ ଅନ୍ୟ ଅତିଥି ଉପସ୍ଥିତ।

ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଭାରତ ଶାନ୍ତିର ବାର୍ତ୍ତା ପ୍ରଚାର କରେ। ଶାନ୍ତି ହେଉଛି ଏକତା ଓ ବଳ ବୋଲି କହିଥିଲେ। ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ ଯୋଗଦେଇ ଶିକ୍ଷା ହେଉଛି ଆମ ଜୀବନରେ ମାନ ଦଣ୍ଡ, ଆମ ସଭ୍ୟତାର ଚାବି କାଠି। ଆଧ୍ୟାତ୍ମିକ ନୈତିକତା, ମୂଲ୍ୟ ବୋଧକ ଶିକ୍ଷାକୁ ଉଦ୍‌ଜୀବିତ କରିପାରିଲେ ଛାତ୍ରୀଛାତ୍ର ଆଗକୁ ବଢ଼ିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକ ପ୍ରଶାନ୍ତ ମୁଦୁଲି ଛାତ୍ରୀଛାତ୍ର ଭଲ ମଣିଷ ହୋଇ ନିଜକୁ ଗଢି ତୋଳିପାରିଲେ ଅଞ୍ଚଳର ସୁନାମ ବୃଦ୍ଧି ପାଇବା ସହିତ ଶିକ୍ଷାନୁଷ୍ଠାନ ଗୌରବାନ୍ୱିତ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ।

ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଅଧ୍ୟକ୍ଷ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଅର୍ଜୁନ ଚରଣ ରାଉତ, ଜିଲା ଆରକ୍ଷୀ ଅଧୀକ୍ଷକ ଆର ରଙ୍ଗରାଜନ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ ସ୍ମୃତିସ୍ତମ୍ଭ ଉଦ୍‌ଘାଟନ କରାଯାଇଥିଲା। ପରେ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ଗିରିଧାରୀ ମହାନ୍ତି, ନୃସିଂହ ଚରଣ ମହାନ୍ତି ଓ ସନ୍ତୋଷ ରାଉତଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଅଭିନନ୍ଦନ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। ସୋମବାର ଏହାର ଉଦ୍‌ଯାପନ କରାଯିବ ବୋଲି ପୁରାତନ ଛାତ୍ର ସଂସଦ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ ବଜାରରୁ ଚୋରି, ୨ ଗିରଫ

**ପଟ୍ଟାମୁଣ୍ଡାଇ,୧୧।୧(ସ୍ୱ.ପ୍ର) :** ପଟ୍ଟାମୁଣ୍ଡାଇ ବଜାରରେ ଥିବା ଏକ ଚା’ ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଚଳିତ ମାସ ୭ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା । ଚା ଦୋକାନୀ ମନୋଜ ବେହେରାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ କେସ୍ ନଂ-୧୪/୨୦୨୦ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା । ତେବେ ଅଭିଯୋଗକାରୀ ମନୋଜଙ୍କ ସୂଚନା ଅନୁସାରେ ପୋଲିସ ଚଢାଉ କରି ବେଲତଲ ଗ୍ରାମର କାଳିଆ ଓରଫ ନିରଞ୍ଜନ ଦାଶଙ୍କୁ ଶୁକ୍ରବାର ଗିରଫ କରିଥିଲା । ପରେ ଏହି ଘଟଣାରେ ପୋଲିସ ରାଜନଗର ଥାନା ସାନବଡ ଗୋପାଳପୁର ଗ୍ରାମର ସୋମନାଥ ପ୍ରଧାନଙ୍କୁ ଚୋରି ଜିନିଷ ରଖିଥିବା ଅଭିଯୋଗରେ ଗିରଫ କରିଥିଲା । ଚୋରି ସାମଗ୍ରୀ ପୋଲିସ ଜବତ କରିଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି ।

### ଆସନ୍ତା ୧୩ ଓ ୩୧ରେ କ୍ରିକେଟ ଖେଳାଳି ଚୟନ

**କେନ୍ଦ୍ରାପଡା ଅଫିସ, ୧୧।୧:** ଓଡିଶା ରାଜ୍ୟ କ୍ରିକେଟ ଆସୋସିଏଶନ ନିର୍ଦ୍ଦେଶରେ କେନ୍ଦ୍ରାପଡା ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଜୁନିୟର ଓ ସିନିୟର ଖେଳାଳି ଚୟନ ହେବ । ୧୬ ଓ ୧୯ ବର୍ଷରୁ କମ ଜୁନିୟର ଟିମ ପାଇଁ ଆସନ୍ତା ୧୩ ଏବଂ ୩୧ ତାରିଖରେ ୨୩ ବର୍ଷ ଓ ସିନିୟର ଖେଳାଳିଙ୍କ ଚୟନ ହେବ । ଏହି ଦୁଇ ଚୟନ ପ୍ରକ୍ରିୟା କେନ୍ଦ୍ରାପଡା ଜିଲା ଇଚ୍ଛାପୁରସ୍ଥ ଷ୍ଟାଡିୟମ ଓ ଆଳି ଷ୍ଟାଡିଅମ ଠାରେ ଅନୁଷ୍ଠିତ ହେବ ବୋଲି ଜିଲା ଆସୋସିଏଶନ ସମ୍ପାଦକ ଶୁଭାଶୀଷ ସେନାପତି ଶନିବାର ସୂଚନା ଦେଇଛନ୍ତି । ଆଗ୍ରହୀ ଖେଳାଳିମାନେ ସକାଳ ୯ଟା ପୂର୍ବରୁ ଏହି ଷ୍ଟାଡିୟମରେ ପହଞ୍ଚିବାକୁ କୁହାଯାଇଛି ।

### ଓସ୍ତିଆ ପଞ୍ଚାୟତରେ କଂଗ୍ରେସ କର୍ମୀଙ୍କ ବୈଠକ

**ରାଜନଗର,୧୧।୧(ଡି.ଏନ.ଏ.) :** ରାଜନଗର ବ୍ଲକର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ରାଉତଙ୍କୁ କଂଗ୍ରେସ ଦଳରୁ ସସ୍‌ପେଣ୍ଡ କରାଯିବା ପରେ ଦଳୀୟ କନ୍ଦଳ ଥମିବା ପରିବର୍ତ୍ତେ ବଢିବାରେ ଲାଗିଛି। ଅରୁଣଙ୍କ ନିଜ ପଞ୍ଚାୟତ ଓସ୍ତିଆର କଂଗ୍ରେସ କର୍ମୀମାନେ ଅରୁଣଙ୍କ ସହ ରହିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଶନିବାର ରାଜନଗର ବ୍ଲକ ନଗଡ ଗାଁରେ କଂଗ୍ରେସ କର୍ମୀ ଭାଗବତ ପ୍ରଧାନଙ୍କ ପୌରୋହିତ୍ୟରେ ଓସ୍ତିଆ ପଞ୍ଚାୟତର କଂଗ୍ରେସ କର୍ମୀମାନେ ଏକାଠି ହୋଇଥିଲେ। ବୈଠକରେ ଓସ୍ତିଆ ପଞ୍ଚାୟତର ସମସ୍ତ ଗାଁର କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅରୁଣଙ୍କୁ ଦଳରୁ ସସପେଣ୍ଡ କରିବା ଘଟଣାକୁ ତୀବ୍ର ବିରୋଧ କରାଯାଇଥିଲା। ସେମାନେ ପିସିସି ସଭାପତିଙ୍କୁ ଚିଠି ଲେଖି ନିଷ୍ପତ୍ତିର ପୁନର୍ବିଚାର ପାଇଁ ନିବେଦନ କରିଛନ୍ତି। ଯଦି ନିଷ୍ପତ୍ତିର ପୁନର୍ବିଚାର କରା ନ ଯାଏ, ତେବେ ସେମାନେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ସହ ନ ରହି ଅରୁଣଙ୍କ ସହ ରହିବେ ବୋଲି ବୈଠକର ଆଲୋଚନାରୁ ଜଣାଯାଇଛି । ବୈଠକରେ କଂଗ୍ରେସ କର୍ମୀ ବସନ୍ତ କୁମାର ଜେନା, ନାରାୟଣ ପାତ୍ର, କମଳ ରାଉତ, ରମେଶ ପରିଡା, କରୁଣାକର ପାତ୍ର, ଶିବରାମ ରାଉତ, ମଦନ ବିଶ୍ୱାଳ, ବିଜୟ ଜେନା, ରବି ପ୍ରଧାନ, ଗୌତମ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ବିରୋଧ

**ଆଳି,୧୧।୧(ଡି.ଏନ.ଏ)**


ନିଆଳ-ଗୌଡପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ଆଳି ବ୍ଲକ ନିଆଳ ଗ୍ରାମ ପଞ୍ଚାୟତର ନିଆଳ-ଗୌଡପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିର୍ମାଣ ହେଉଥିବା ଦ୍ୱିତୀୟ ଅଙ୍ଗନୱାଡି କେନ୍ଦ୍ରକୁ ନିଆଳ ଗ୍ରାମବାସୀ ବିରୋଧ କରି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟର ସ୍ଥିତିବାନ ସମ୍ପତ୍ତି ଖାତା ନଂ ୬୪ ଏବଂ ପ୍ଲଟ ନଂ ୪୮୯/୬୮୧,୪୮୯ ରେ ବିଦ୍ୟାଳୟ ନିର୍ମାଣ ହୋଇ ଶିକ୍ଷାଦାନ ଚାଲିଥିଲା । ଗତ କିଛିଦିନ ହେବ ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହୋଇ ଯାଇଥିଲା। ଫାଙ୍କା ପଡିଥିବା ଏହି ପୁରୁଣା ବିଦ୍ୟାଳୟ ଗୃହକୁ ଗୌଡପାଟଣା ଗ୍ରାମର କେତେକ ବ୍ୟକ୍ତି ଭାଙ୍ଗି ସମସ୍ତ ସାମଗ୍ରୀକୁ ନେଇଯିବା ସହ ସେଠାରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣ କରିଥିଲେ । ପୁନଶ୍ଚ ଉକ୍ତ ପ୍ଲଟର ବଳକା ସ୍ଥାନରେ ଥିବା ବିଦ୍ୟାଳୟ ଘର ଓ ଅଫିସ ଗୃହକୁ ଭାଙ୍ଗି ଉକ୍ତ ମୌଜାର ଆଉ ଏକ ଅଙ୍ଗନଓଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ନିଆଳ ଗ୍ରାମବାସୀ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ବିରୋଧ କରି ନିଆଳ ଗ୍ରାମର କୀର୍ତ୍ତନ ପଲାଇ, ରାମଚନ୍ଦ୍ର ଅଧିକାରୀ, ଲକ୍ଷ୍ମୀଧର ପୂଝାରୀ, ନଳିନୀ କାନ୍ତ ମହାନ୍ତି, ପଦ୍ମଲୋଚନ ପଢିହାରୀଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଇତିମଧ୍ୟରେ ଆଳି ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାର ନକଲ କେନ୍ଦ୍ରାପଡା ଜିଲାପାଳ, ଆଳି ତହସିଲଦାର, ମଣ୍ଡଳ ଉନ୍ନୟନ ଅଧିକାରୀ, ନିଆଳ-ଗୌଡପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଆଳି ଥାନା ଆଇଆଇସିଙ୍କୁ ପ୍ରଦାନ କରାଯାଇଛି । ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏ ସଂପର୍କରେ ବ୍ଲକ ଶିକ୍ଷାଧିକାରୀ ସରୋଜକାନ୍ତ ବିହାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଘଟଣା ସଂପର୍କରେ ଅଭିଯୋଗ ପାଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛୁ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଳି ତହସିଲଦାର ଜୟନ୍ତ ପୃଷ୍ଟିଙ୍କୁ ପଚାରିବାରୁ ସେ କହିଥିଲେ ଯେ ସରକାରୀ ବିଦ୍ୟାଳୟରେ ସ୍ଥାନ ଫାଙ୍କାଥିଲେ ସେହି ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇ ପାରିବାର ସରକାରୀ ନିୟମ ରହିଛି । ଅଭିଯୋଗ ସଂପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୨।୧।୨୦୨୦ (ରବିବାର)**

- ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସ୍ୱର୍ଗତ ଭାଗବତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି। ସ୍ଥାନ-ଟାଉନ ହଲ, କେନ୍ଦ୍ରାପଡା, ସମୟ- ପୂର୍ବାହ୍ନ ୧୦ଟା।
- ରୟାଲ ଡ୍ୟାନ୍ସ ଏକାଡେମୀ ବାର୍ଷିକ ଉତ୍ସବ ପାଇଁ ସଙ୍ଗୀତ, ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତା। ସ୍ଥାନ-ସଞ୍ଜୀବନୀ ବିଦ୍ୟାମନ୍ଦିର, ମାରୁତି ଛକ, କେନ୍ଦ୍ରାପଡା, ସମୟ- ପୂର୍ବାହ୍ନ ୯ଟା।
- ପୁସ୍ତକ ମେଳାରେ ସାରସ୍ୱତ ଆସର। ସ୍ଥାନ- ମହିପାଳ ଟେଲିକମ ଗ୍ରାଉଣ୍ଡ, କେନ୍ଦ୍ରାପଡା, ସମୟ- ସନ୍ଧ୍ୟା ୬ଟା।

**୧୩।୧।୨୦୨୦ (ସୋମବାର)**

- ମିଳିତ ଜନଶୁଣାଣି ଶିବିର। ସ୍ଥାନ-ବ୍ଲକ କାର୍ଯ୍ୟାଳୟ, ଗରଦପୁର, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଜିଲା ଜୁନିୟର କ୍ରିକେଟ ଟିମ୍ ପାଇଁ ଖେଳାଳି ଚୟନ। ସ୍ଥାନ-କେନ୍ଦ୍ରାପଡା ଷ୍ଟାଡିୟମ ଓ ଆଳି ଷ୍ଟାଡିୟମ । ସମୟ- ପୂର୍ବାହ୍ନ ୯ଟା।
- ପୁସ୍ତକମେଳାର ଉଦ୍‌ଯାପନୀ ସନ୍ଧ୍ୟା। ସ୍ଥାନ-ମହିପାଳ ଟେଲିକମ ଗ୍ରାଉଣ୍ଡ, କେନ୍ଦ୍ରାପଡା, ସମୟ- ସନ୍ଧ୍ୟା ୬ଟା।

**୧୫।୧।୨୦୨୦ (ବୁଧବାର)**

- ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳ ମକର ମହୋତ୍ସବ। ସ୍ଥାନ-ପକ୍ଷୋଟ, କେନ୍ଦ୍ରାପଡା, ସମୟ- ଅପରାହ୍ନ ୫ଟା।
- ମକର ସଂକ୍ରାନ୍ତି ଉତ୍ସବ। ସ୍ଥାନ-ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, ଦଧିବାମନଜୀଉ ମନ୍ଦିର, ଚଉଦକୁଲାଟ, ସମୟ-ସକାଳ ୫ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ। ସ୍ଥାନ-ଅଙ୍ଗୁଳାଇ ହାଇସ୍କୁଲ ଖେଳପଡିଆ, ମାର୍ଶାଘାଇ, ସମୟ- ପୂର୍ବାହ୍ନ ୧୦ଟା।
- ଫକୀରମୋହନ ସେନାପତିଙ୍କ ଜୟନ୍ତୀ। ସ୍ଥାନ-କୋଷିଦା, ଡେରାବିଶ, ସମୟ- ପୂର୍ବାହ୍ନ ୧୦ଟା।

**୧୮।୧।୨୦୨୦ (ଶନିବାର)**

- ବ୍ଲକସ୍ତରୀୟ ଯୁବ ବିକାଶ ସମ୍ମିଳନୀ। ସ୍ଥାନ-ଦେଉଳି ପ୍ରାଥମିକ ବିଦ୍ୟାଳୟ, ବଡମୋହନପୁର, ପଟ୍ଟାମୁଣ୍ଡାଇ, ସମୟ- ପୂର୍ବାହ୍ନ ୯ଟା।

# ସଡ଼କ ନିରାପତ୍ତା ପାଇଁ ସଚେତନତା କାର୍ଯ୍ୟକ୍ରମ


ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଉଛି।

**କେନ୍ଦ୍ରାପଡା ଅଫିସ,୧୧।୧**

କେନ୍ଦ୍ରାପଡା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୩୧ତମ ସଡକ ନିରାପତ୍ତା ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଶନିବାର ଠାରୁ ଆରମ୍ଭ ହୋଇଛି । ଏଥିପାଇଁ ଏକ ସଚେତନତା ରଥ ଜିଲା ପ୍ରରିକ୍ରମା ପାଇଁ ବାହାରିଛି । ଏହାକୁ ପରିବହନ କାର୍ଯ୍ୟାଳୟ ଠାରେ ଏଡିଏମ ବସନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏଡିଏମ ରାଉତ ସଡକ ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ । ସେ କହିଥିଲେ ଯେ, ଦୈନନ୍ଦିନ ସଡକ ଦୁର୍ଘଟଣା ବଢ଼ି ଚାଲିଛି । ଏଥିପାଇଁ ଚାଳକଙ୍କ ଅସାବଧାନତା, ରାସ୍ତାର ଜବର ଦଖଲ ସମସ୍ୟା ମୁଖ୍ୟତଃ ଦାୟୀ । ଅନେକ ସ୍ଥାନରେ ରାସ୍ତା ନିକଟରେ ଢାବା ଖୋଲାଯାଇଛି । ଏଠାରେ ଗାଡିମୋଟର ରଖାଯିବା ସହିତ କେତେକ ବ୍ୟକ୍ତି ଘର ତିଆରି ସାମଗ୍ରୀ ରାସ୍ତା ଉପରେ ରଖୁଛନ୍ତି। ଏଭଳି ଜବରଦଖଲ ହଟାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବର୍ଷସାରା ଉଦ୍ୟମ ଜାରି ରହିବ । ସେହିପରି ଚାଳକଙ୍କ ସଚେତନତା ଅଭାବରୁ ବହୁ ଦୁର୍ଘଟଣା ଘଟୁଛି । ପରିବେଶ ଓ ସ୍ୱାସ୍ଥ୍ୟରକ୍ଷାକୁ ଗାଡି ଚାଳନା ସମୟରେ ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ । ଏହି ସଭାର ଅନ୍ୟତମ ଅତିଥି ସଦର ଆଇଆଇସି ପ୍ରମୋଦ କୁମାର ମଲ୍ଲିକ କହିଥିଲେ ଯେ, ସଡକ ଦୁର୍ଘଟଣା ସମୟରେ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି । ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ଧାରକାରୀଙ୍କୁ ସର୍ବଦା ସମ୍ମାନ ଦିଆଯାଉଛି । ଅତିରିକ୍ତ ପରିବହନ ଅଧିକାରୀ ଅକ୍ଷୟ କୁମାର ପରିଡା ଏହି ସପ୍ତାହର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କନିଷ୍ଠ ମୋଟରଯାନ ନିରୀକ୍ଷକ ପଦ୍ମଜା ମହାନ୍ତି, ନିର୍ମଳଚନ୍ଦ୍ର ଦାସ, କମଳ ଲୋଚନ ଦାସ, ବିଜୟ କୁମାର ମଲ୍ଲିକ, ମାନସ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟିର ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା ଅଫିସ,୧୧।୧**

ଆସନ୍ତା ୨୭ରେ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ୭୪ତମ ତିରୋଧାନ ଦିବସ । ଏହି ପରିପ୍ରେକ୍ଷୀରେ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ଗରାପୁର ଠାରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ସ୍ମୃତି କମିଟିର ସଭାପତି କରୁଣାକର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ତିରୋଧାନ ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ମୃତିଚାରଣ ଓ ଆନନ୍ଦ ଜେନାଙ୍କ ଆତ୍ମ ଜୀବନୀ ଉପରେ ପର୍ଯ୍ୟବେଶିତ କବିତା ପାଠୋତ୍ସବ କରାଯିବାକୁ ଏଠାରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ କମିଟିର ସଦସ୍ୟ ଓ କର୍ମକର୍ତ୍ତା ପ୍ରଦୀପ କୁମାର ଦାଶ, ରମଣୀ ରଞ୍ଜନ ରାଉତରାୟ, ସଞ୍ଜୟ କୁମାର ଜେନା, ଧୀରେନ୍ଦ୍ର କୁମାର ଦାସ, ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ପରିବେଶ ସଚେତନତା କାର୍ଯ୍ୟକ୍ରମ

**ମାର୍ଶାଘାଇ,୧୧।୧(ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ବେରୁହାଁ ପଞ୍ଚାୟତର ମିଳିମିଳା ପୀଠ ପରିସରରେ ମାଣିକପୁର ନୃସିଂହଜୀଉ ଉଚ୍ଚ ବିଦ୍ୟାଳୟର ୧୯୯୪ ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ବନ୍ଧୁତ୍ୱ ଜାଗରଣ ଉତ୍ସବ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ରୀ ଜ୍ଞାନମୟୀ ଦାସଙ୍କ ଆବାହକତ୍ୱରେ ପୁରାତନ ଛାତ୍ରୀଛାତ୍ରମାନେ ପ୍ରଥମେ ମିଳିମିଳା ପୀଠରେ ପୂଜାର୍ଚ୍ଚନା କରିସାରିବା ପରେ ବେରୁହାଁ ଓ ମଙ୍ଗରାଜପୁର ରାସ୍ତା ପାର୍ଶ୍ୱରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିଥିଲେ । ଏଥିରେ ପ୍ରାକ୍ତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ ।

# ମାର୍ଶାଘାଇ ମହିଳା ଜୁନିୟର କଲେଜରେ ବାର୍ଷିକ କ୍ରୀଡ଼ା



କ୍ରୀଡା ଉତ୍ସବ ଅବସରରେ ଅତିଥି ଓ ଅନ୍ୟମାନେ।

**ମାର୍ଶାଘାଇ,୧୧।୧(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମାର୍ଶାଘାଇ ମହିଳା ଜୁନିୟର କଲେଜର ୨୬ତମ ବାର୍ଷିକ କ୍ରୀଡା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋସ୍ନାମୟୀ ମହାପାତ୍ର କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଦୁଇଦିନ ଧରି କଲେଜର ଛାତ୍ରୀମାନଙ୍କ ମଧ୍ୟରେ ୧୦୦ ମିଟର ଦୌଡ, ୨୦୦ ମିଟର ଦୌଡ, ସଟପୁଟ, ଡିସକସ, ଜାଭଲିନ, ଲଙ୍ଗଜମ୍ପ, ହାଇଜମ୍ପ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। ଶନିବାର ଅପରାହ୍ନରେ ଉଦ୍‌ଯାପିତ ଏହି ଉତ୍ସବରେ ମାର୍ଶାଘାଇ ବ୍ଲକ ୨୫ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହାଣ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଗାହାଣ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଆଜିର ସମାଜରେ କ୍ରୀଡା ଏକମାତ୍ର ଶାରିରୀକ ବ୍ୟାୟାମ ଯାହା ଶରୀର ସୁସ୍ଥ ରଖିବା ସହିତ ମାନସିକ ବିକାଶରେ ସହାୟକ ହୋଇ ପାରିବ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧକ୍ଷାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଶାରୀରିକ ଶିକ୍ଷା ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃତି କ୍ରୀଡା ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଗାହାଣ ପୁରସ୍କାର ପ୍ରଦାନ କରିଥିଲେ। ଚଳିତବର୍ଷ +୨ର ପ୍ରଥମ ବର୍ଷର ଛାତ୍ରୀ ସିଲନ ସାମନ୍ତରାୟ ଆଥଲେଟିକ ଚମ୍ପିୟନ ଭାବେ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ମାର୍ଶାଘାଇ ମହିଳା ଜୁନିୟର ମହାବିଦ୍ୟାଳୟର ଦୀପକ କୁମାର ସ୍ୱାଇଁ, ହାଡିବନ୍ଧୁ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ନେଇ ଆଲୋଚନା

**ରାଜନଗର,୧୧।୧(ଡି.ଏନ.ଏ.)**

ରାଜନଗର ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃପାସିନ୍ଧୁ ସାମଲଙ୍କ ପୌରୋହିତ୍ୟରେ ହୋଇଥିବା ଏହି ବୈଠକରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ଏକ ଗୃହ ନିର୍ମାଣ, ବ୍ୟାଙ୍କ, ଡାକ୍ତରଖାନା ସହିତ ବିଭିନ୍ନ ସରକାରୀ ଦପ୍ତରରେ ବରିଷ୍ଠ ନାଗରିକଙ୍କମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସଂପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ମୌଳିକ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ମିଶ୍ର, ବନମାଳୀ ମିଶ୍ର, ଅନନ୍ତ ଚରଣ ମହାନ୍ତି, କଳ୍ପତରୁ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସଂପାଦକ ଦୁଃଶାସନ ନାୟକ, କୋଷାଧ୍ୟକ୍ଷ ଦାଶରଥି ଲେଙ୍କା, ସର୍ବେଶ୍ୱର ମହାନ୍ତି , ପ୍ରସନ୍ନ ଦାସ, ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ବିଧାୟକ ସାହୁଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ବ୍ଲକର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ମାର୍ଶାଘାଇର ୨ଟି କେନ୍ଦ୍ରରେ ନବୋଦୟ ପ୍ରବେଶିକା ପରୀକ୍ଷା

**ମାର୍ଶାଘାଇ,୧୧।୧(ଡି.ଏନ୍.ଏ.)**

ମାର୍ଶାଘାଇର ୨ଟି କେନ୍ଦ୍ରରେ ନବୋଦୟ ପ୍ରବେଶିକା ପରୀକ୍ଷା ଶନିବାର ହୋଇଛି। ମାର୍ଶାଘାଇ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୩୦୦ ପରୀକ୍ଷାର୍ଥୀଙ୍କ ପାଇଁ ତାଲିକା ଆସିଥିବା ବେଳେ ୩୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ପରୀକ୍ଷା ପରିଚାଳନା କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତାନନ୍ଦ ବରାଳ । ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ ବିଇଓ ଶତ୍ରୁଘ୍ନ ବେହେରା । ସେହିପରି ମାର୍ଶାଘାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ପାଇଁ ୨୧୯ ପରୀକ୍ଷାର୍ଥୀଙ୍କ ତାଲିକା ଆସିଥିବା ବେଳେ ସେଥିରୁ ୨୪ ଜଣ ଅନୁପସ୍ଥିତ ଥିଲେ ।

## ■ ନାଗରିକ ପରାମର୍ଶ ସଭା

# ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ୩୦୦ କୋଟି ଆବଶ୍ୟକ

**କେନ୍ଦ୍ରାପଡା ଅଫିସ, ୧୧।୧**


ସଭାରେ ଉପସ୍ଥିତ ବିଧାୟକ ଓ ବରିଷ୍ଠ ନାଗରିକମାନେ।

ରାଜ୍ୟର ସର୍ବପୁରାତନ କେନ୍ଦ୍ରାପଡା ପୌରାଞ୍ଚଳକୁ ଇତିମଧ୍ୟରେ ୧୫୦ ବର୍ଷ ପୂରିଛି । ଦେଶରେ ସ୍ୱାୟତ୍ତ ଶାସନ ଆରମ୍ଭ ପୂର୍ବରୁ ଏଠାରେ ସ୍ୱୟଂକ୍ରିୟ ବୋର୍ଡ ଗଠନ ହୋଇ ଶାସନ ଡୋରି ସହରବାସୀ ହାତକୁ ନେଇଛନ୍ତି । ତେବେ ଭିଜନ ଡକ୍ୟୁମେଣ୍ଟ ନ ଥିବାରୁ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରିନାହିଁ । ଏହି ପରିପ୍ରେକ୍ଷୀରେ ସହରର ଟାଉନ ହଲ ପରିସରରେ ବିଧାୟକ ଶଶିଭୂଷଣ ବେହେରାଙ୍କ ଆବାହକତ୍ୱରେ ଏକ ନାଗରିକ ପରାମର୍ଶ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତ୍ୟେକ ୱାର୍ଡରୁ ୫ ଜଣ ନାଗରିକଙ୍କର ମତାମତ ଗ୍ରହଣ କରାଯାଇଛି । ସହରର ରୂପରେଖ ପରିବର୍ତ୍ତନ ଓ ବିକାଶ ପାଇଁ ଅନ୍ୟୂନ ୩୦୦ କୋଟି ଟଙ୍କା ଆବଶ୍ୟକ ଅଛି ବୋଲି ପ୍ରାଥମିକ ଆକଳନ କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଦ୍ୟୁତ ସେବା, ପରିବେଶ ପରିମଳକୁ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ଷ୍ଟାଡିୟମ, ହର୍ବାଲ ପାର୍କ ସୌନ୍ଦର୍ଯ୍ୟକରଣ, ବସ୍ତିବାସିନ୍ଦାଙ୍କୁ ଥଇଥାନ ଆଦି ଆବଶ୍ୟକ ଥିବା ବରିଷ୍ଠ ନାଗରିକମାନେ ଦର୍ଶାଇଥିଲେ । ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ସ୍ୱତନ୍ତ୍ର ବଜାର, ଟ୍ରମା କେୟାର ସେଣ୍ଟର, ସହର ପାଖ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ଆଦି ପ୍ରସ୍ତାବ ଆଗତ କରାଯାଇଥିଲା । ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷାବିତ ନନ୍ଦ କିଶୋର ପରିଡା, ଡା.ବିଶ୍ୱ ପ୍ରକାଶ କାନୁନଗୋ, ଡ. ବାସୁଦେବ ଦାସ, ଗଣେଶ୍ୱର ମେକାପ, ଶଙ୍କର୍ଷଣ ପଣ୍ଡା, ସୁଧାଂଶୁ ଶେଖର ପଣ୍ଡା, ବିଜୟକୃଷ୍ଣ ସାହୁ, ରୋସ୍ନା ସାହୁ, ଦେବଦାସ ମହାନ୍ତି, ନିରଞ୍ଜନ ମେକାପ, ପରୀକ୍ଷିତ ପାତ୍ର, ସୁବାଶିଷ ସେନାପତି, ସବିତା ସାହୁଙ୍କ ସମେତ ଶତାଧିକ ନାଗରିକ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ ।

# ଡାମରପୁର ମତ୍ସ୍ୟଜୀବୀ ସମବାୟ ସମିତି ବୈଠକ

**ପଟ୍ଟାମୁଣ୍ଡାଇ,୧୧।୧(ସ୍ୱ.ପ୍ର)**


ବୈଠକରେ ଉପସ୍ଥିତ ମତ୍ସ୍ୟଜୀବୀମାନେ।

ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁର ମତ୍ସ୍ୟଜୀବୀ ସମବାୟ ସମିତିର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଡାମରପୁର ମତ୍ସ୍ୟଜୀବୀ ସମବାୟ ସମିତି କାର୍ଯ୍ୟାଳୟଠାରେ ହୋଇଥିବା ଏହି ବୈଠକରେ ସଂଘ ସଭାନେତ୍ରୀ କାନ୍ତି ସାହୁ ପୌରୋହିତ୍ୟ କରିଥିଲେ । ମତ୍ସ୍ୟଜୀବୀ ସମିତି ସମ୍ପାଦକ ସର୍ବେଶ୍ୱର ସେଠୀ ବାର୍ଷିକ ବିବରଣୀ ପାଠ କରିବା ସହିତ ସମିତିର ତଥା ମତ୍ସ୍ୟଜୀବୀମାନଙ୍କ ଉନ୍ନତି ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ସମିତିର ନିର୍ଦ୍ଦେଶକମାନେ ଯୋଗଦେଇ ଆଲୋଚନା ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ ଏକ ରିଜଲ୍ୟୁଶନ୍ ଲିପିବଦ୍ଧ ହୋଇଥିଲା । ଏଥିରେ ସମିତିକୁ ଆସିଥିବା ୨ ଲକ୍ଷ ଟଙ୍କାକୁ ୨୦ଜଣ ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ବଣ୍ଟନ କରାଯାଇଥିବା ବେଳେ ୧ଲକ୍ଷ ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ ବଜାରରେ ଏକ ମାଛ ବିକ୍ରି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ମାତ୍ର ୨ ଲକ୍ଷ ଟଙ୍କା ସହାୟତା ଦିଆଯାଇଥିବାରୁ ମତ୍ସ୍ୟଜୀବୀ ସମିତିରେ ଥିବା ୨ହଜାର ମତ୍ସ୍ୟଜୀବୀଙ୍କୁ ସହାୟତା ପ୍ରଦାନ କରିବା କଷ୍ଟକର ହୋଇଥିବା ବେଳେ ଅଧିକ ୨୦ଲକ୍ଷ ଟଙ୍କା ପ୍ରଦାନ ପାଇଁ ବୈଠକରେ ଦାବି ହୋଇଥିଲା । ସେହିପରି କାର୍ଯ୍ୟାଳୟ ଗୃହ ପରିଚାଳନା ନିମନ୍ତେ ୧ ଲକ୍ଷ ଟଙ୍କା ଓ ସ୍ଥାୟୀ ଅଫିସ ଗୃହ ନିର୍ମାଣ ପାଇଁ ୪ ଡେସିମିଲ୍ ଜମି ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ତହସିଲଦାର ଓ ଉପଜିଲାପାଳଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ଜମି ପ୍ରଦାନ କରା ନ ଯିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ହୁଡ୍‌ହୁଡ୍, ଫାଇଲିନ୍ ଓ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଶତାଧିକ ମତ୍ସ୍ୟଜୀବୀଙ୍କୁ ସାହାଯ୍ୟ ପ୍ରଦାନ କରା ନ ଯିବା ଯୋଗୁ ସେମାନେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ଏହାଛଡା ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ୪ଟି ସଇରାତକୁ ଆଳି ତହସିଲ ପକ୍ଷରୁ ନିଲାମ ଦିଆଯାଉଥିବା ନେଇ ବୈଠକରେ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା । ମତ୍ସ୍ୟଜୀବୀମାନଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ଜିଲା ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଦାବି ହୋଇଥିଲା । ପଟ୍ଟାମୁଣ୍ଡାଇ ମତ୍ସ୍ୟଜୀବୀ ସମବାୟ ସମିତିରେ ଥିବା ମତ୍ସ୍ୟଜୀବୀମାନଙ୍କୁ ବୀମାଭୁକ୍ତ କରିବା ଏବଂ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଜାଲ, ଡଙ୍ଗା ଯୋଗାଇ ଦେବାକୁ ଦାବି ହୋଇଥିଲା । ଏହି ବୈଠକରେ ନିର୍ଦ୍ଦେଶିକା ମମତା ମହାପାତ୍ର , ନିର୍ଦ୍ଦେଶକ ସତ୍ୟବ୍ରତ ବେହେରା, ତୀର୍ଥାନନ୍ଦ ସେଠୀ, ବନମାଳୀ ତରାଇ, ଗୋବିନ୍ଦ ସେଠୀ, କୁଳମଣି ସେଠୀ, କୈଳାଶ ଚନ୍ଦ୍ର ସେଠୀ, ସଦାଶିବ ସେଠୀ, ନୃସିଂହ ମାଝୀ, କଳାକାର ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ବାସୁଦେବ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ପ୍ରଭାତ ସେଠୀ ଧନ୍ୟବାଦ ଦେଇଥିଲେ ।

# SUNDAY classifieds




## BRIDE WANTED

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି, ଗୁଡ଼ିଆ, Bengali ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68227

Handsome Sundhi boy, 1988, MBA Asst. Manager Nationalised Bank. 9090703282. D-16080

Brahmin groom 45y/5'6" B.Com LLB, Marketing of industrial goods and also in Astrology, suitable candidate may contact 9556756352, 9831106142. D-16081

Son age 31 Brahmin B.Tech NIT Rourkela MBA XIMB working PSU Manager at Gurgaon 30 lakhs. 8144589551. D-16084

Son age 30 B.Tech IGIT Saranga MBA XIMB Govt. of India Assistant Manager RBI at Mumbai (caste-no-bar). 7008986005. D-16086

Wanted Brahmin homely Bride for 1980 born 5'9" Diploma Engineer Brahmin boy. Contact: 9437633089, 6370737397. D-68535

Suitable Brahmin Bride required for 39 years Brahmin Groom (company service). Contact: 8895491804. D-16083

## GROOM WANTED

ସବୁ ଜାତିର କନ୍ୟାପାତ୍ରୀ ପାଇଁ ବରପାତ୍ର ଆବଶ୍ୟକ। ଜାତକ, Bio data ସହ ଯୋଗାଯୋଗ। 7978736177. D-68226

ଜାତିବନ୍ଧନ ନାହିଁ। 32, 5.3, B.Sc Nursing, Staff Nurse, ମାସିକ ଆୟ 35,000/- ପାଇଁ ଛାଡ଼ପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16151

SC- (ପାଣ) ୨୫ବର୍ଷ- BA pass- ସୁଶ୍ରୀ କନ୍ୟା ପାଇଁ ବରପାତ୍ର ଆବଶ୍ୟକ। 9437068620. D-16079

Age 35, Bank Job, ବିଧବା, ନିଃସନ୍ତାନ, ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67926

Girl age 28 Brahmin B.Tech KIITS M.Tech Ph.D BITS PILANI working MNC at Bangalore. 6372748613. D-16085

Now Matrimonial ads. only on Wednesday & Sunday Book 1 Get 1 FREE




## SALE

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue ରାସ୍ତାଥାଇ 10,00,000/-ରେ Registration, Electry ସହିତ 12ଟି ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9439542019. D-16147

213 Decml yellowzone gharabari sthitiban plot on 60ft. road, close to 200ft. wideroad, Mouza- Sundarpur, Bhubaneswar. Contact Owner: 9338342502. D-68959

24000 sft gharabari plot with boundary just 6.5km from Phulnakhara towards Niali, ideal for plotting project- 8658182243. D-68047

**2800 sft. gharabari plot immediately sale at Bomikhal, Bhubaneswar, only buyer directly contact Deepak: 9937329999.** D-68048

2BHK Simplex 26,00,000/- finishing Hanspal, Lowcost gharabari plot Atala, 8093465134. D-68643

**720 decimal land on highway near Mendhasal, Bhubaneswar, Contact: 8249204856.** D-67274

Sale immediately royal type Bungalow at Sabitri Sadan, Rameswar Patna, Ratha Road, Bhubaneswar behind CERA Gallery having area 7114 sqft., built up area 3797sqft. Contact: 9437220545. D-67108

ଭୁବନେଶ୍ୱର ତମାଣ୍ଡୋ ବଜାର ପାଖରେ ଘରବାରି, **Boundary, Bank, Finance** ଥାଇ **plot** କିଣନ୍ତୁ **sqft.- 1800/-, 8480281029.** D-68459

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68453

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

**Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300.** D-68467

A four storied Building plot size 2805Sft. at Gopabandhu Nagar, Semiliguda, Koraput is for immediate sale. Houses fourteen independent families monthly rent Rs. 52,500/- Negotiable price 1.5Crore, owner mobiles 7977316634 and 9870325400. D-68645

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68749

3BHK flat with gated society for sale at Khandagiri just 400m from NH 9776475755. D-16143

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

Gharabari residential eastfacing plots Tankapaniroad Saimandir, sqft. 1600/-, possession immediately, boundary free. Booking 2BHK Simplex near B.J.E.M-(2), 16,80,000/- 7735738102. D-16126

**Bhubaneswar Kesura SBI** କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ **Airport**ରୁ **5k.m** ସୁନ୍ଦରପଦାରେ **plot** ମିଳୁଅଛି– **9078736851.** D-68471

Ready to move 3/2BHK flats near V2showroom Patrapada, Bhubaneswar. Contact: 9861037729, 9040337729. D-63972

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

**Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183.** D-68468

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68536

ଭୁବନେଶ୍ୱର **New Southcity**ରେ **Infocity-II, New Airport, NH-5** ପାଖାପାଖି ସଙ୍ଗେସଙ୍ଗେ ଘରୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। **9348906056.** D-68470

Gharabari yellozone BDA approved plot for sale at Ravitalkies Bhubaneswar and Uttara NH. 6371040313, 9337235066. D-16146

## PURCHASE

Urgently require commercial purpose genuine plot/house owner 3000/7000sft. Buyer 8456888081 (broker excuse). D-48722




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16130

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452




Hall area 30x70x14 install and run cold storage by own investment. 8917525377. D-16128

1BT flat at Main Road Soubhagya Nagar for office/ residence. 9000004523. D-67743

1BHK Q.No. A-53, Krishnagarden Phase-2, Jagamara, BBSR, 8249897201, 7328816804. D-16075

2000sqft. commercial space with two toilet in 1st floor near KIIT Campus 14, Central Library KIIMS Hospital. Contact: 6371665313. D-68537

Commercial plot with building NH roadside at Khordha for Bank, Godown, School purpose. 9337122647. D-67741

## LEASE

Plot available for poultry firm on leased basis at Balipatna. 9861048715, 9348251575. D-16149




Shivam logistic packers movers. Household/ car relocation countrywide. 9777044177, 9338461133. D-16087




Rejuvenate and ayurvedic full body massage by smart therapist. 9114402304. D-68946

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Ayurvedic full body massage ladies and gents. Contact: 9861064981. D-68746

Sai herbal spa refresh your body with smart, expert therapist. 7608062524. D-68954

Ayurvedic full body massage ladies & gents smart therapist, 9668814589. D-68750

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

## AFFIDAVIT

By virtue of affidavit no. 2577, Dt. 30.12.2019, I Deepak Kumar Mohapatra declared that my wife and two sons name changed- A. Wife- Neelima changed to Neelima Mohapatra. B. Son- Ankit Kumar Mahapatra changed to Ankit Kumar Mohapatra. C. Son- Amit Kumar Mahapatra changed to Amit Kumar Mohapatra. D-16150

I, Biswal Arpankumar Basantkumar, S/o Basant Kumar Biswal, R/o- B-206, Raini Residency, Raghunathpur, P.S Nandankanan, Bhubaneswar, have changed my name to Arpan Biswal by virtue of an affidavit at Executive Magistrate, Bhubaneswar. D-16148

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

### ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା



**ଆଲେକ୍ସ ସାମଲ**
**ଭୁବନେଶ୍ୱର**

ଧନ! ଆଜି ତୁମର ଦ୍ୱିତୀୟ ଶୁଭ ଜନ୍ମଦିନରେ ପ୍ରଭୁ ପରମେଶ୍ୱର ଯୀଶୁବାବାଙ୍କ ପାଖରେ ପ୍ରାର୍ଥନା କରୁଛି ତୁମ ଚଲାପଥକୁ କୁସୁମିତ କରନ୍ତୁ ଆଉ ତୁମକୁ ଦୀର୍ଘାୟୁ କରନ୍ତୁ।

–:ଶୁଭେଚ୍ଛା ସହ:–
ଆଣ୍ଟୋନୀ ଅଙ୍କଲ, ଶିବାଦିଦି, ରିଚାର୍ଡ ଭାଇ।

ଧ–୬୮୯୬୦




## SALE

TATA Indigo private Regd. No. personal use in good condition. 9439778849. D-67742

Tata Dumper Model 2011, Dala 12CM for sale Rs. 6,50,000, 7008503089. D-59868

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

### ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଡାକ୍ତର ପାସିନାପାଲ୍ଲୀ ତ୍ରିନାଥ ରାଓ
ଅବସରପ୍ରାପ୍ତ ବିଦ୍ୟାଳୟ ନିରୀକ୍ଷକ
ଆବିର୍ଭାବ: ୩୦।୦୫।୧୯୫୪
ତିରୋଧାନ: ୧୨।୦୧।୨୦୧୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପାସିନାପାଲ୍ଲୀ ପରିବାରବର୍ଗ।
ନରସିଂଗ ନଗର

ଧ–୧୬୧୫୨

ଭାଜପାର ଜନଜାଗରଣ ସଭାରେ ଗିରିରାଜଙ୍କ ଆହ୍ୱାନ

# ଭାରତରେ ରହିଲେ 'ବନ୍ଦେ ମାତରମ୍' କୁହ

**ସମ୍ବଲପୁର,୧୧।୧(ବ୍ୟୁରୋ)**

ଭାରତରେ ରହିଲେ ବନ୍ଦେ ମାତରମ୍ ନାରା କହିବାକୁ ହେବ। ଭାରତର ସ୍ୱାଧୀନତା ଲଢେଇରେ ବୀର ପୁରୁଷମାନେ ଏହି ସ୍ଲୋଗାନ ଦେଇ ଦେଶ ପ୍ରତି ଭକ୍ତି ପ୍ରକାଶ କରୁଥିଲେ। ହେଲେ ଆଜି ଦେଶରେ କେତେକ ଛୋଟ ଛୋଟ ଗ୍ୟାଙ୍ଗ୍ ରହିଛନ୍ତି। ସେମାନେ ବନ୍ଦେ ମାତରମ୍ କହିବାକୁ କୁଣ୍ଠାବୋଧ କରୁଛନ୍ତି। ଏମାନେ ଦେଶରେ ରହିବେ। ସମସ୍ତ ସୁବିଧା ସୁଯୋଗ ନେବେ। ସମସ୍ତ ମୌଳିକ ଅଧିକାର ପାଇଁ ଦାବି କରିବେ। ହେଲେ ଦେଶ ବିରୋଧୀ କାମ କରିବାକୁ ପଛାଇବେ ନାହିଁ। ସେମାନଙ୍କୁ କଂଗ୍ରେସ ଓ ଅନ୍ୟ କେତେକ ରାଜନୈତିକ ଦଳ ସମର୍ଥନ କରୁଛନ୍ତି। ସେମାନଙ୍କ ସମର୍ଥନରେ ଦେଶର ବିଭିନ୍ନ ସ୍ଥାନରେ ହିଂସା ସୃଷ୍ଟି ହେଉଛି। ଏହାର ଏକ ଉଦାହରଣ ଜବାହର ଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଓ ପଶ୍ଚିମବଙ୍ଗକୁ ନିଆଯାଇପାରେ। ବିରୋଧୀ ରାଜନୈତିକ ଦଳ ଏବେ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ ବିରୋଧ କରୁଛନ୍ତି। ଏହି ଆଇନ କାହାରି ନାଗରିକତ୍ୱ ଛଡାଇବା ପାଇଁ ନୁହେଁ ବରଂ ଏହା ନାଗରିକତ୍ୱ ଦେବା ପାଇଁ ତିଆରି କରାଯାଇଛି ବୋଲି କେନ୍ଦ୍ର ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି।

ସମ୍ବଲପୁର ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ଶନିବାର ଏକ ଜନ ଜାଗରଣ ସଭାର ଆୟୋଜନ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଏଥିରେ ଯୋଗଦେଇ କହିଲେ, ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ଆଜି ମଧ୍ୟ ସଂଖ୍ୟାଲଘୁ ହିନ୍ଦୁ, ଶିଖ୍, ଇସାଇ, ବୁଦ୍ଧିଷ୍ଟ, ଜୈନ ଭଳି ପରିବାରମାନେ ଧାର୍ମିକ ଉତ୍ପୀଡନର ଶିକାର ହେଉଛନ୍ତି। ସେମାନଙ୍କୁ ଭାରତକୁ ଫେରାଇ ଆଣି ନାଗରିକତ୍ୱ ଦେବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଭାରତରେ ରହୁଥିବା ମୁସଲମାନମାନେ ଭୟଭୀତ ହେବାର କୌଣସି କାରଣ ନାହିଁ। ଭାରତ–ପାକିସ୍ତାନ ବିଭାଜନ ଯଦି

■ ଧର୍ମ ଆଧାରରେ ଭାରତ-ପାକିସ୍ତାନ ବିଭାଜନ ହୋଇଥିଲେ
■ ସିଏଏର ଆବଶ୍ୟକ ପଡ଼ି ନ ଥାନ୍ତା
■ କିଛି ନ ବୁଝି, ନ ଜାଣି କେତେଜଣ ବିରୋଧୀ ବିଦ୍ରୋହ କରୁଛନ୍ତି
■ ସିଏଏ ନାଗରିକତ୍ୱ ଦେବା ପାଇଁ ଉଦ୍ଦିଷ୍ଟ, ଛଡ଼ାଇ ନେବାକୁ ନୁହେଁ

ଧର୍ମକୁ ନେଇ ହୋଇଥାନ୍ତା ତେବେ ଆଜି ଏହି ଆଇନର ଆବଶ୍ୟକ ନ ଥିଲା। ସେ ସମୟରେ ଯାହା ଚୁକ୍ତି ହୋଇଥିଲା ପାକିସ୍ତାନ ତାହା ପାଳନ କରୁନାହିଁ। ଆଜି ମଧ୍ୟ ସେଠାରେ ସଂଖ୍ୟାଲଘୁମାନଙ୍କୁ ଶୋଷଣ ଓ ଅତ୍ୟାଚାର କରାଯାଉଛି। ତେଣୁ ଏହି ଆଇନକୁ ସମର୍ଥନ କରିବାକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ଆହ୍ୱାନ କରିଥିଲେ।

ଏହି ସଭାରେ ଜିଲା ସଭାପତି ଗିରିଶ ପଟେଲ ଅଧ୍ୟକ୍ଷତା କରିଥିଲେ। ଭାଜପା ରାଜ୍ୟ ସଭାପତି ତଥା କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ବରଗଡ ଏମ୍‌ପି ତଥା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରି ନାଏକ, ରାଜ୍ୟ ପ୍ରବକ୍ତା ଗୋବିନ୍ଦ ଅଗ୍ରୱାଲ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ ପ୍ରବକ୍ତା ଦିଲୀପ ମଲ୍ଲିକ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ମେହେରଙ୍କ ସମେତ ଶିଖ୍, ମୁସଲମାନ ଧର୍ମାବଲମ୍ବୀ ଲୋକେ ଯୋଗଦେଇଥିଲେ। ପ୍ରଥମେ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାଲିବନ୍ଧା, ଲକ୍ଷ୍ମୀଟକିଜ ଛକରୁ ଶୋଭାଯାତ୍ରା ବାହାରିଥିଲା।

# ନିଖୋଜ ଇଞ୍ଜିନିୟରଙ୍କ ମୃତଦେହ ଉଦ୍ଧାର

**ବଡ଼ମ୍ବା,୧୧।୧(ଡି.ଏନ୍.ଏ.)**

ମହାନଦୀରେ ଡଙ୍ଗାବୁଡ଼ି ଘଟଣା

ବଡ଼ମ୍ବା ଥାନା ଅନ୍ତର୍ଗତ ମା'ଭଟ୍ଟାରିକାପୀଠ ନିକଟ ମହାନଦୀରେ ଶୁକ୍ରବାର ନୌବିହାର କରିବାକୁ ଯାଇ ୩ ଜଣ ସାଙ୍ଗ ଡଙ୍ଗା ସହ ବୁଡିଯାଇଥିଲେ। ସେମାନଙ୍କ ମଧ୍ୟରୁ ସ୍ଥାନୀୟ ଲୋକେ ୨ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଇଞ୍ଜିନିୟର ସୁନୀଲ କୁମାର ସାହୁ ନିଖୋଜ ହୋଇଯାଇଥିଲେ। ବଡ଼ମ୍ବା ଅଗ୍ନିଶମ ବିଭାଗ କର୍ମଚାରୀ ଶନିବାର ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୃତକଙ୍କ ଘର ଗଞ୍ଜାମ ଜିଲା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ହୋଇଥିବା ବେଳେ ପ୍ରାୟ ବର୍ଷେ ହେବ ଜଗତ୍‌ସିଂହପୁର ଜିଲା ରଘୁନାଥପୁରସ୍ଥିତ ସେସୁ ସହବନ୍ଧିତ ଏନ୍‌ଜେନ୍ ଗ୍ଲୋବାଲ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାର୍ଯ୍ୟକରୁଥିଲେ। ଖବରପାଇ ବଡମ୍ବା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବଡମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏହାପରେ ତାଙ୍କ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ ହୋଇଛି।

# ଭାରତୀୟ ନୌସେନା: ୨୯୮୩ ପ୍ରଶିକ୍ଷାର୍ଥୀ ନାବିକଙ୍କ ପାସିଂଆଉଟ୍ ପରେଡ୍

**ବାଲୁଗାଁ,୧୧।୧(ଡି.ଏନ୍.ଏ.)**

ଭାରତୀୟ ନୌସେନା ବିଭାଗ ଚିଲିକା ଶାଖା ତାଲିମ୍ କେନ୍ଦ୍ରରେ ଶନିବାର ୨୯୮୩ ପ୍ରଶିକ୍ଷାର୍ଥୀ ନାବିକଙ୍କ ପାସିଂଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ଏହାସହ ସେମାନଙ୍କୁ ସ୍ନାତକ ଉପାଧି ପ୍ରଦାନ କରାଯାଇଛି। ଦୀର୍ଘ ୨୧ ସପ୍ତାହ ଧରି ନାବିକଙ୍କ ଏହି ମୂଳ ପ୍ରଶିକ୍ଷଣର ପରେଡକୁ ଭାଇସ୍ ଆଡ୍‌ମିରାଲ୍ ତଥା ଦକ୍ଷିଣ ନୌସେନା ମୁଖ୍ୟ କମାଣ୍ଡ୍ ଏ.କେ. ଚାଓଲା ନିରୀକ୍ଷଣ କରିଥିଲେ। ଆଗାମୀ ଦିନରେ ନିଜର ପେଷାଗତ ଜ୍ଞାନକୁ ଦୃଢକରି ଜଣେ ଦକ୍ଷ କର୍ମକୁଶଳୀ ରୂପେ ଦେଶ ରକ୍ଷା ନିମନ୍ତେ ନିୟୋଜିତ ହେବାପାଇଁ ପ୍ରଶିକ୍ଷାର୍ଥୀଙ୍କୁ ଆଡ୍‌ମିରାଲ୍ ଚାଓଲା ଅଭିଭାଷଣ ପ୍ରସଙ୍ଗରେ କହିଥିଲେ। ଏଥିସହ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ନିଜର ଇଚ୍ଛାଶକ୍ତି ଓ ବଚନବଦ୍ଧକୁ ଭଲରୂପେ ଆଗାମୀ ଭବିଷ୍ୟତ ଜୀବିକାରେ ଶାଣିତ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଏହି ଅବସରରେ ମେଧାବୀ ପ୍ରଶିକ୍ଷାର୍ଥୀ କ୍ୟାପ୍‌ଟେନ୍ ଜେଶ୍ୱର ରାଓ (ଏମ୍‌ଆର) ଓ ନିଲେଶ ପଟେଲ (ନାବିକ)ଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଦେଶର କୋଣ ଅନୁକୋଣରୁ ପ୍ରଶିକ୍ଷାର୍ଥୀଙ୍କ ମାତାପିତା ଓ ଅଭିଭାବକ ଏଠାକୁ ଆସି ଉତ୍ସବରେ ଯୋଗଦେଇଥିଲେ। ଶୁକ୍ରବାର ପ୍ରଶିକ୍ଷାର୍ଥୀମାନଙ୍କ ଏକ ସାଂସ୍କୃତିକ ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷାର୍ଥୀ ନିଜନିଜର ଅସାଧାରଣ ପ୍ରତିଭାକୁ ଆଡ୍‌ମିରାଲ୍‌ଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଦ୍ୱିଭାଷୀ ପତ୍ରିକା 'ଅଙ୍କୁର'ର ଶୀତକାଳୀନ ସଂସ୍କରଣକୁ ଆଇଏନ୍‌ଏସ୍ ଚିଲିକାର କମୋଡର୍ ରତ୍ନରାଜ ସାହୁ ଓ ଚିଲିକା ମହିଳା କଲ୍ୟାଣ ସମିତି ସଭାପତି ସଙ୍ଗିତା ସାହୁ ଉନ୍ମୋଚନ କରିଥିଲେ।



ଇରାନ-ଆମେରିକା ତିକ୍ତତା ଲାଗି ରହିଥିଲେ ମଧ ଲୋକମାନେ ତେଲ ଦର ନେଇ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ।
– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ



ବିଏସ୍-୬ ନିୟମ ଲାଗୁ ହେଲେ ବାଣିଜ୍ୟିକ ଯାନ ମୂଲ୍ୟ ୮ରୁ ୧୦% ବଢ଼ିବାର ସମ୍ଭାବନା ରହିଛି।
– ରାଜନ ୱାଧେରା, ସିଆମ୍ ସଭାପତି

## ସଂକ୍ଷେପରେ

### ସିଏଏର ବିରୋଧ ଯୋଗୁ ରେଳପଥର ୮୪ କୋଟି କ୍ଷତି



**ନୂଆଦିଲ୍ଲୀ,୧୧-୧:** ପଶ୍ଚିମବଙ୍ଗରେ ନାଗରିକ ସଂଶୋଧନ ଆଇନ (ସିଏଏ) ଏବଂ ଏନ୍‌ଆର୍‌ସିର ବିରୋଧ ଯୋଗୁ ରେଳପଥ ୮୪ କୋଟି ଟଙ୍କାର କ୍ଷତି ସହିଛି। ୧୩ ଡିସେମ୍ବରରୁ ୧୫ ଡିସେମ୍ବର ମଧ୍ୟରେ ଏହି କ୍ଷତି ହୋଇଥିବା ରେଳପଥ ପକ୍ଷରୁ କୁହାଯାଇଛି। ଏଥି ସଂକ୍ରାନ୍ତ ଏକ ରିପୋର୍ଟ ରେଳପଥ କଲିକତା ହାଇକୋର୍ଟରେ ଦାଖଲ କରିଛି। ସିଆଲଦା ଡିଭିଜନରେ କେବଳ ୪୬ କୋଟି ଟଙ୍କା କ୍ଷତି ହୋଇଥିବା ଏକ ସତ୍ୟପାଠରେ କୁହାଯାଇଛି। ଏହି ମାମଲାର ଶୁଣାଣି ମୁଖ୍ୟ ବିଚାରପତି ଟିବିଏନ ରାଧାକୃଷ୍ଣନ ଏବଂ ଜଷ୍ଟିସ ଏନ୍.ବାନାର୍ଜୀଙ୍କ ଖଣ୍ଡପୀଠ କରୁଛନ୍ତି। ସେହିଭଳି ମାଲଦା ଡିଭିଜନରେ ୨୪.୫ କୋଟି ଏବଂ ହାଓଡା ଡିଭିଜନରେ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ହୋଇଥିବା କୁହାଯାଇଛି। ସେହିଭଳି ଦକ୍ଷିଣପୂର୍ବ ରେଲୱେର ୧୨.୫ କୋଟି କ୍ଷତି ମଧ ଏଥିରେ ସାମିଲ ହୋଇଛି। ମାମଲାର ଆଗାମୀ ଶୁଣାଣି ମାସେ ପରେ ହେବ।

### ବିଓଆଇ ପକ୍ଷରୁ ହିନ୍ଦୀ ଦିବସ ପାଳିତ

**ନୂଆଦିଲ୍ଲୀ,୧୧-୧:** ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ୨ଠାରେ ଆଦର୍ଶ ରାଷ୍ଟ୍ର ନିର୍ମାଣରେ ନାଗରିକମାନଙ୍କର କର୍ତ୍ତବ୍ୟର ଭୂମିକା ଓ ମହତ୍ୱ ସମ୍ପର୍କିତ ଏକ ବକ୍ତୃତା ମଧ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଓପି ଚୌଧୁରୀ, ପଲ୍ଲବୀ ଶର୍ମା, ପ୍ରବନ୍ଧକ ରାଜଭାଷା ସୁଶ୍ରୀ ସୋନିଆ ସାୱନ୍ତ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। କୃତି ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ସ୍କୁଲକୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ହିନ୍ଦୀ ଅଧାପକ ସହଦେବ ମାଝିଙ୍କୁ ସମ୍ମାନୀତ ମଧ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଡ.ଏ.କେ. ଖଟୁଆ, ଉପପ୍ରଧାନ ଶିକ୍ଷକ ମୀନା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ସରକାରଙ୍କ ସାମ୍ନାରେ ୬ ବଡ଼ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୧-୧**

ଏବେ ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି। ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ସାଧାରଣ ବଜେଟ ଉପସ୍ଥାପନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ ଦ୍ୱାରା ସାଧାରଣ ଲୋକଙ୍କଠାରୁ ବଜେଟ ନେଇ ମତାମତ ମାଗିଛନ୍ତି। ପ୍ରଧାନମନ୍ତ୍ରୀ ଅର୍ଥନୀତିଜ୍ଞ ଏବଂ ଶିଳ୍ପ କ୍ୟାପଟେନଙ୍କୁ ମଧ ଭେଟିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆର୍ଥିକ ବିଶେଷଜ୍ଞ ଏବଂ ବ୍ୟାଙ୍କରଙ୍କ ସହ ଲଗାତର ଭାବେ ଆଲୋଚନା ଜାରି ରଖିଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଏବେ ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ରାଜକୋଷ ଖାଲି ହେଉଥିବାରୁ ସରକାର ଏହାକୁ ନେଇ ଚିନ୍ତାରେ ଅଛନ୍ତି। ରିଜର୍ଭ ବ୍ୟାଙ୍କଠାରୁ ୪୫ ହଜାର କୋଟି ଅନ୍ତରୀଣ ଲାଭାଂଶ ସରକାର ଆଶା ରଖିଥିବା ଶୁକ୍ରବାର ୨ ସରକାରୀ ଅଧିକାରୀ କହିଛନ୍ତି। ଏବେ ବେରୋଜଗାରୀ ହାର ସର୍ବୋଚ୍ଚ ସ୍ତରରେ ରହିଛି। ଏଭଳି ସ୍ଥଳେ ଆଗାମୀ ସାଧାରଣ ବଜେଟ ସରକାରଙ୍କ ଲାଗି ଚ୍ୟାଲେଞ୍ଜ ହେବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି।

୨୦୧୯-୨୦ର ସାଧାରଣ ବଜେଟ ଘୋଷଣା ପରେ ଅର୍ଥମନ୍ତ୍ରୀ ସୀତାରାମନ ଶିଳ୍ପଜଗତର ଦାବିକୁ ମାନିବା ସହ କର୍ପୋରେଟ ଟିକସ ହାର ୩୦%ରୁ ୨୨%କୁ କମାଇଦେଲେ। ଏହା ଦ୍ୱାରା ରାଜକୋଷ ଉପରେ ପ୍ରତିବର୍ଷ ୧.୫ ଲକ୍ଷ କୋଟି ଟଙ୍କାର ବୋଝ ପଡିବ। ଏଣୁ ଆଗାମୀ ବଜେଟରେ କର୍ପୋରେଟ ଟିକସ କ୍ଷେତ୍ରରେ ସରକାର କି ପ୍ରକାରର କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଏହାକୁ ଦେଖିଲେ ବଜେଟ ସରକାରଙ୍କ ଲାଗି ଚ୍ୟାଲେଞ୍ଜିଂ ହେବ ବୋଲି କୁହାଯାଉଛି। ସେହିଭଳି ଅତିଧନୀଙ୍କ ଉପରେ ଟିକସ ଲାଗୁ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ମାତ୍ର ପରେ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରି ନେଇଛନ୍ତି। ବିଦେଶୀ ନିବେଶକ ଶେୟାର ବଜାର ମୁହଁ ଫେରାଇବା ଆରମ୍ଭ କରିବାରୁ ସରକାର ଏହାକୁ ଦେଖି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଚାହିଁଲେ। ଏହି ନିଷ୍ପତ୍ତି ଦ୍ୱାରା ବିଦେଶୀ ନିବେଶକମାନେ ପୁଞ୍ଜି ବଜାରରୁ ନିବେଶ କରିଥିବା ସେମାନଙ୍କ ଅର୍ଥ ପ୍ରତ୍ୟାହାର କରି ନେଉଥିଲେ। ଏହାବାଦ ରାଜକୋଷକୁ ଏଥିରୁ ଆସିଥିବା ଅର୍ଥ ମଧ ହ୍ରାସ ହେବାର ସମ୍ଭାବନା ରହିଥିବାରୁ ସରକାର ଅତିଧନୀଙ୍କ ଉପରେ ଲାଗୁ ହେଉଥିବା ଟିକସ ନିଷ୍ପତ୍ତି ପ୍ରତ୍ୟାହାର କରି ନେଲେ।

ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ଲାଗି ଆଞ୍ଜେଲ ଟିକସକୁ ପ୍ରତ୍ୟାହାର କରାଯାଇଛି। ଏହାର ସୁବିଧା ନେବା ଲାଗି ଷ୍ଟାର୍ଟଅପଗୁଡ଼ିକୁ ଡିପିଆଇଆଇଟିରେ ପଞ୍ଜୀକରଣ କରିବାର ଆବଶ୍ୟକତା ରହିଛି। ଅପରପକ୍ଷରେ ସରକାର ସାମଗ୍ରୀ ଓ ସେବା ଟିକସରୁ ଯେତେ ପରିମାଣର ରାଜସ୍ୱ ଆଶା ରଖିଥିଲେ ତାହା ହାସଲ କରିବା ଏବେ କଷ୍ଟକର ହେଉଛି। କର୍ପୋରେଟ ଟିକସ ହ୍ରାସ ପରେ ରାଜସ୍ୱ ଅନେକ ମାତ୍ରାରେ କମିଛି। ସରକାର ମାସିକ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ପ୍ରତି ମାସରେ ଆଦାୟ କରିବା କଷ୍ଟକର ହେଉଛି। ଏଭଳି ବିଭିନ୍ନ କାରଣ ପାଇଁ ବିତ୍ତୀୟ ନିଅଣ୍ଟ ବଢିଯାଇଛି। ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବା ଲାଗି ସରକାରଙ୍କ ପ୍ରୟାସ ସତ୍ତ୍ୱେ ଏହା ବଜେଟ ଧାର୍ଯ୍ୟ ଲକ୍ଷ୍ୟ ଟପି ଚାଲିଛି। ଆଗାମୀ ବଜେଟରେ ଏହାକୁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ରଖିବା ଏକ ଚ୍ୟାଲେଞ୍ଜ।

ଚଳିତ ଆର୍ଥିକ ବର୍ଷରେ ସରକାର ୧୯.୬ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ ନେଇ ଲକ୍ଷ୍ୟ ରଖିଛନ୍ତି। ରାଜକୋଷ ଖାଲି ହେଉଥିବାରୁ ଏବେ ପାଣ୍ଠି ମିଳିବା କଷ୍ଟକର ହୋଇ ପଡୁଛି। ଏହାକୁ ଧାନରେ ରଖି ରିଜର୍ଭ ବ୍ୟାଙ୍କଠାରୁ ୪୫ ହଜାର କୋଟି ଟଙ୍କା ପାଇବା ଲାଗି ସରକାର ପୁଣି ଆଶା ରଖୁଛନ୍ତି। ପରିଶେଷରେ କହିବାକୁ ଗଲେ ମାନ୍ଦାବସ୍ଥା ଦେଇ ଗତି କରୁଥିବା ଅର୍ଥ ବ୍ୟବସ୍ଥାର ସମସ୍ୟାକୁ ଦୂର କରିବା ଏକ ବଡ ଚ୍ୟାଲେଞ୍ଜ। ଚାହିଦା କମିବା ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଆସିବାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଚାହିଦାକୁ ବଢାଇବା ଦିଗରେ ସରକାର ନିଜର ସମସ୍ତ ଉଦ୍ୟମ କରିବା ଆବଶ୍ୟକ ବୋଲି ବଜାର ବିଶେଷଜ୍ଞ କୁହନ୍ତି। ଟିକସ ସ୍ଲାବ୍ ହ୍ରାସ ଏବଂ ପରିବର୍ତ୍ତନ ସରକାର କରିପାରନ୍ତି ବୋଲି ଆଶା କରାଯାଉଛି।

**ଫେବୃୟାରୀ ପହିଲାରେ ସାଧାରଣ ବଜେଟ**

- ୬ ବର୍ଷର ସର୍ବନିମ୍ନ ସ୍ତରରେ ଜିଡିପି ଅଭିବୃଦ୍ଧି
- ଚିନ୍ତା ବଢ଼ାଉଛି ବିତ୍ତୀୟ ନିଅଣ୍ଟ, ରାଜକୋଷରେ ଅର୍ଥାଭାବ
- ରିଜର୍ଭ ବ୍ୟାଙ୍କଠାରୁ ମଗାଯାଇପାରେ ଅଧିକ ପୁଞ୍ଜି
- କର୍ପୋରେଟ ଟିକସ ହ୍ରାସ ଯୋଗୁ ୧.୫ ଲକ୍ଷ କୋଟି ରାଜସ୍ୱ ହ୍ରାସ
- ମାସିକ ଜିଏସ୍‌ଟି ଆଦାୟ ଲକ୍ଷ୍ୟ ପୂରଣ ହେଉନି
- ଚାହିଦା ବଢ଼ାଇବା ଦିଗରେ ଫୋକସ କରିବାକୁ ପରାମର୍ଶ
- ଆୟକରରେ ଆସିପାରେ ପରିବର୍ତ୍ତନ




# ୟୁପିଆଇ ପ୍ଲାଟ୍‌ଫର୍ମରେ ରେକରିଂ ପେମେଣ୍ଟ

**ନୂଆଦିଲ୍ଲୀ,୧୧-୧:** ୟୁପିଆଇ ପ୍ଲାଟଫର୍ମରେ ଗ୍ରାହକମାନେ ଏବେ ରେକରିଂ ପେମେଣ୍ଟ ସୁବିଧା ପାଇବେ। ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଏଭଳି ଏକ ସୁବିଧାର ଶୁଭାରମ୍ଭକୁ ଅନୁମତି ଦେଇଛି। ଏହି ସୁବିଧା ଦ୍ୱାରା ଉପଭୋକ୍ତା ଏବଂ ମର୍ଚ୍ଚାଣ୍ଟଙ୍କ ମଧ୍ୟରେ ସହମତି ଦ୍ୱାରା ମାସର ନିର୍ଦ୍ଧାରିତ ତାରିଖରେ ବକେୟା ରାଶି ଆପେ ଆପେ ଗ୍ରାହକଙ୍କ ଆକାଉଣ୍ଟରୁ କଟି ଯାଇଥାଏ। ବର୍ତ୍ତମାନ ଏହାର ଲିମିଟ୍ ୨୦୦୦ ଟଙ୍କା ରଖାଯାଇଛି।

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଗୁନିଆ, ଖୋର୍ଦ୍ଧା**

ପତ୍ର ସଂଖ୍ୟା ନଂ.୮୧ — ତା.୦୭।୦୧।୨୦୨୦ରିଖ

ଏତଦ୍ୱାରା ବେଗୁନିଆ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୧ ଏପ୍ରିଲ ୨୦୧୯ ରୁ ୩୦ ସେପ୍ଟେମ୍ବର ୨୦୧୯ ଆର୍ଥିକ ବର୍ଷର ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡିକର ଶତପ୍ରତିଶତ ମଷ୍ଟରରୋଲ ଯାଞ୍ଚ, ଅଣ କୁଶଳୀ ଶ୍ରମିକମାନଙ୍କ ନାମ ପଞ୍ଜୀକରଣ ଏବଂ ଜବ୍‌କାର୍ଡ ପ୍ରଦାନ ଇତ୍ୟାଦି ଓ ଜାତୀୟ ସାମାଜିକ ସହାୟତା କର୍ଯ୍ୟକ୍ରମର ଭତ୍ତା ଖାତା, ସମ୍ପର୍କରେ ପ୍ରତ୍ୟେକ ଗ୍ରାମପଞ୍ଚାୟତର କାର୍ଯ୍ୟାଳୟରେ ଗ୍ରାମସଭା ଅନୁଷ୍ଠିତ କରାଯିବା ପାଇଁ ସ୍ଥିର କରାଯାଇଛି। ଏଣୁ ଉକ୍ତ ଗ୍ରାମସଭାର ଧାର୍ଯ୍ୟ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| କ୍ର. ସଂ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ ତାରିଖ/ଜନ ଶୁଣାଣି | ଜନ ଶୁଣାଣି ସ୍ଥାନ | ସମୟ |
|---|---|---|---|---|---|
| ୧ | ପଙ୍ଗାରସିଂହ, ସିକୋ, ହଜ, ହିରାପୁର, ସିମୋର, ବୋତଲମା, ବଡବେରେଣା | ୧୪।୦୧।୨୦୨୦ | ୨୪।୦୧।୨୦୨୦ | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପୂର୍ବାହ୍ନ ୧୦ ଘଟିକା ଠାରୁ |
| ୨ | ବାଘମାରୀ, ପୋଡାଡ଼ିହ, ବେଗୁନିଆ, ଦେଉଳି, ଗୋବିନ୍ଦପୁର, ଶଗଡଭଙ୍ଗା, ଡିଙ୍ଗର | ୨୮।୦୧।୨୦୨୦ | ୦୭।୦୨।୨୦୨୦ | | |
| ୩ | ଦୁର୍ଗାପୁର, କଣ୍ଟାବାଡ, ସାରୁଅ, କୁଞ୍ଜୁରୀ ରାଧାକାନ୍ତପୁର, ରାଉତପଡା, ଗଡ଼ମାଣତୀର | ୧୧।୦୨।୨୦୨୦ | ୨୫।୦୨।୨୦୨୦ | | |

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେଗୁନିଆ

# ଓୟୋରୁ ୧୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଛଟେଇ




**ନୂଆଦିଲ୍ଲୀ,୧୧-୧**

ଓୟୋ ହୋଟେଲ୍ସ ଭାରତ ଏବଂ ଚାଇନାରେ ଥିବା ଏହାର ମୋଟ କର୍ମଚାରୀଙ୍କ ମଧ୍ୟରୁ ୧୦୦୦ କର୍ମଚାରୀଙ୍କୁ ଛଟେଇ କରିଛି। ସଫ୍ଟବ୍ୟାଙ୍କ ସହଯୋଗ ଦ୍ୱାରା ସଞ୍ଚାଳିତ ଏହି କମ୍ପାନୀ ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଛି। ପରଫରମାନ୍ସ ଭିତ୍ତିରେ କମ୍ପାନୀ ଚାଇନାରେ ୫% ଏବଂ ଭାରତରେ ୧୨% କର୍ମଚାରୀଙ୍କୁ ଛଟେଇ କରି ଦେଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ଚାଇନାରେ ଓୟୋର ୧୨ ହଜାର କର୍ମଚାରୀ କାମ କରୁଥିବା ବେଳେ ଭାରତରେ ୧୦ ହଜାର କର୍ମଚାରୀ କାମ କରୁଛନ୍ତି। ଆସନ୍ତା ୩ ମାସରେ କମ୍ପାନୀ ଆଉ ୧୨୦୦ କର୍ମଚାରୀଙ୍କୁ ଛଟେଇ କରିବ ବୋଲି କହିଛି। ପରଫରମାନ୍ସ ଭିତ୍ତିରେ କର୍ମଚାରୀଙ୍କୁ ଛଟେଇ କରାଯାଉଥିବା ଓୟୋ ପକ୍ଷରୁ ଲଗାତର ଭାବେ କୁହାଯାଉଛି। ଛଟେଇ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ଅଧିକାଂଶ ସେଲ୍‌ସ, ସପ୍ଲାଇ ଏବଂ ଅପରେଶନ ବିଭାଗର କର୍ମଚାରୀ ରହିଛନ୍ତି। ଛଟେଇ ହେଉଥିବା କର୍ମଚାରୀଙ୍କ ସ୍ଥାନ ପୂରଣ ହେବ କି ନାହିଁ ସେ ସମ୍ପର୍କରେ କମ୍ପାନୀ କୌଣସି ପ୍ରତିକ୍ରିୟା ରଖିନାହିଁ।

କମ୍ପାନୀର ଜଣେ ଅଧିକାରୀ କହିଛନ୍ତି ଯେ, ଟେକ୍ନିକାଲ ଡେଭଲପମେଣ୍ଟ ଯୋଗୁ କାମ ଏବେ କମିଛି। ଏଥି ଲାଗି କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଆଉ କେତେଜଣ କର୍ମଚାରୀଙ୍କୁ ଅନ୍ୟ ବିଭାଗକୁ ପଠାଯାଉଛି। ଓୟୋର ବ୍ୟବସାୟ ଧାରା ଉନ୍ନତ ରହି ଆସିଛି। ହେଲେ ଗତ କିଛି ମାସ ଧରି କମ୍ପାନୀ ବିରୋଧରେ କିଛି ଅଭିଯୋଗ ଆସିବା ପରେ ଏହା ଓୟୋର ବ୍ୟବସାୟକୁ ପ୍ରଭାବିତ କରିଛି। ଓୟୋ ସହ ଯୋଡି ହେଉଥିବା ହୋଟେଲ ମାଲିକଙ୍କ ବ୍ୟବହାର ଉନ୍ନତ ନ ଥିବା ଗ୍ରାହକ ଅଭିଯୋଗ କରିଛନ୍ତି। ସଫ୍ଟବ୍ୟାଙ୍କ ଓୟୋରେ ବଡ ପରିମାଣର ନିବେଶ କରିଥିବା ବେଳେ କମ୍ପାନୀ କ୍ଷତି ସହିଥିଲା।

**GOVERNMENT OF ODISHA**
**Directorate of Animal Husbandry and Veterinary Services Odisha, Mangalabag, CUTTACK - 753001**

**SHORT TENDER NOTICE**

No.M-59 :- The DIRECTOR, ANIMAL HUSBANDRY AND VETERINARY SERVICES, ODISHA, MANGALABAG, CUTTACK (herein after referred to as " DIRECTOR") invites sealed Short tender in the prescribed forms from the Manufacturers (the manufacturer should have valid Registration & Manufacturing License)/ Authorized Distributors / Authorized Dealers having valid registration for procurement of Livestock Ear Tags & Ear Tag Applicators for the financial year 2019-20 with F.O.R. destination at the DIRECTORATE OF AH & VS, ODISHA, MANGALABAG, CUTTACK-753001 as per specification / unit packing mentioned in detail Tender document which can be downloaded from Directorate Website http://odishaahvs.nic.in.

| | |
|---|---|
| Date of commencement for sale of Tender Papers | Dt.13.01.2020 (10.00 AM to 4.00 PM) |
| Last date & time for sale of Tender Papers | Dt. 24.01.2020 (Upto 2.00 P.M) |
| Last date & time for receipt of Tender (Technical bid and Price bid in separate sealed covers) | Dt. 24.01.2020 (Upto 4.00 P.M) |

Tenders submitted by Authorized Distributors / Authorized Dealers may also be considered, provided they are accompanied with the valid updated authorization letters from the concerned manufacturers along with valid manufacturing license of the manufacturer addressed to the **DIRECTOR OF ANIMAL HUSBANDRY AND VETERINARY SERVICES, MANGALABAG, ODISHA, CUTTACK-753001.**

06014/11/0016/1920 — Sd./- DIRECTOR, AH & VS, Odisha, Cuttack

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

DHARITRI Career appointment Every Wednesday and Saturday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

BUSINESS

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

EDUCATION

Management Systems Certification Services, Pune
Training & Placement facilities for Diploma (Mech.).
Send your Career details to
mscertificationservices@gmail.com

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

“ଭାରତରେ ହେବାକୁ ଥିବା ଏଫ୍ଆଇଏଚ୍ ପ୍ରୋ-ଲିଗ୍ ଦ୍ୱିତୀୟ ସଂସ୍କରଣରେ ଭାରତ ବିପକ୍ଷରେ ଆମ ଦଳକୁ ଲଢ଼େଇ କରିବାକୁ ପଡ଼ିବା -ମାକ୍ସ କାଲ୍ଡାସ, ନେଦରଲାଣ୍ଡ ହକି ଦଳ ମୁଖ୍ୟ କୋଚ୍



“ଯଦି ଫର୍ମ ଓ ଫିଟ୍ନେସ୍ ଅନୁମତି ଦିଏ ତେବେ ମୁଁ ୨୦୨୩ କ୍ରିକେଟ ବିଶ୍ୱକପ୍ ପର୍ଯ୍ୟନ୍ତ ଖେଳିବାକୁ ଚାହେଁ -ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆର ସୀମିତ ଓଭର ଅଧିନାୟକ



## ସଂକ୍ଷେପରେ

### ହାଇଦ୍ରାବାଦ ଏଫ୍ସି ମୁଖ୍ୟ କୋଚ୍ ବହିଷ୍କୃତ

**ହାଇଦ୍ରାବାଦ,୧୧।୧:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଦଳ ହାଇଦ୍ରାବାଦ୍ ଏଫ୍ସି ତା'ର ମୁଖ୍ୟ କୋଚ୍ ଫିଲ୍ ବ୍ରାଉନଙ୍କ ସହ ସମ୍ପର୍କ ଛିନ୍ନ କରିଛି। ଚଳିତ ସଂସ୍କରଣରେ ପଦାର୍ପଣ କରିଥିବା ହାଇଦ୍ରାବାଦ ଏଫ୍ସି ଦଳ ଏପର୍ଯ୍ୟନ୍ତ ୧୨ ମ୍ୟାଚ୍ ଖେଳି କେବଳ ଗୋଟିଏରେ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍ରେ ଚେନ୍ନାଇନ ଏଫ୍ସି ୩-୧ ଗୋଲରେ ହାଇଦ୍ରାବାଦକୁ



ହରାଇଥିଲା। ଏହି ପରାଜୟ ଯୋଗୁ ବ୍ରାଉନଙ୍କ ସହ କରାଯାଇଥିବା ଚୁକ୍ତି ଶେଷ କରିବାକୁ ଫ୍ରାଞ୍ଚାଇଜ ନିଷ୍ପତ୍ତି ନେଇଛି। ଦଳର ଡିଫେନ୍ସ ଭାଗରେ ଅତ୍ୟଧିକ ତ୍ରୁଟି ପରିଲକ୍ଷିତ ହେଉଛି। ଦଳ ଏପର୍ଯ୍ୟନ୍ତ ୧୨ମ୍ୟାଚ୍ରେ ୨୯ଗୋଲ ବରଣ କରିସାରିଛି। ଗୋଟିଏ ହେଲେ ମ୍ୟାଚ୍ରେ ଦଳ କ୍ଲିନ ଚିଟ୍ରେ ପାଇନାହିଁ। ଅର୍ଥାତ ଦଳକୁ ପ୍ରତ୍ୟେକ ମ୍ୟାଚ୍ରେ ଅତିକମ୍ରେ ହଳଦିଆ କାର୍ଡ ମିଳିଛି। ପଏଣ୍ଟ ଟେବୁଲର ନିମ୍ନରେ ଥିବା ହାଇଦ୍ରାବାଦ ନିକଟରେ ଏବେ ମାତ୍ର ୫ ପଏଣ୍ଟ ରହିଛି।

### ଉର୍ବଶୀଙ୍କୁ ହ୍ୱାଟ୍ସଆପ୍ରେ ବ୍ଲକ କଲେ ପନ୍ତ



ନୂଆଦିଲ୍ଲୀ,୧୧।୧:ଭାରତୀୟ କ୍ରିକେଟ ଦଳର ସଦସ୍ୟ ରିଷଭ ପନ୍ତ ଚଳିତବର୍ଷ ନିଜ ଗର୍ଲଫ୍ରେଣ୍ଡର ଫଟୋ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏହା ତାଙ୍କ ରିଲେଶନଶିପକୁ ନେଇ ଚାଲିଥିବା ସମସ୍ତ ଚର୍ଚ୍ଚାରେ ବ୍ରେକ ଲଗାଇଛି। ପୂର୍ବରୁ ପନ୍ତଙ୍କ ସହ ବଲିଉଡ ଅଭିନେତ୍ରୀ ଉର୍ବଶୀ ରଉତେଲାଙ୍କ ନାମ ଯୋଡ଼ା ଯାଇଥିଲା। କିନ୍ତୁ ଏବେ ପନ୍ତଙ୍କ ନିକଟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଉର୍ବଶୀଙ୍କୁ ପନ୍ତ ହ୍ୱାଟ୍ସଆପ୍ରେ ବ୍ଲକ କରି ଦେଇଛନ୍ତି। ପନ୍ତଙ୍କ ସହ ବାରମ୍ବାର ଯୋଗାଯୋଗ କରିବାକୁ ଉର୍ବଶୀ ଉଦ୍ୟମ କରିଥିଲେ। କିନ୍ତୁ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ଅଭିନେତ୍ରୀଙ୍କ ସହ ଯୋଗାଯୋଗରେ ରହିବାକୁ ଚାହୁଁ ନ ଥିଲେ। ଏଣୁ ତାଙ୍କୁ ବ୍ଲକ କରିଛନ୍ତି। ବଲିଉଡ ସୂତ୍ରରୁ ଉକ୍ତ ଖବରକୁ ଖଣ୍ଡନ କରାଯାଇଛି। କିନ୍ତୁ ଅଭିନେତ୍ରୀ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ ମନ୍ତବ୍ୟ ଦେଇ ନାହାନ୍ତି। ଉଲ୍ଲେଖଯୋଗ୍ୟ, ପନ୍ତଙ୍କ ପୂର୍ବରୁ ଉର୍ବଶୀଙ୍କ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ରିଲେଶନ ଥିଲା। ମାତ୍ର ଦୁହିଁଙ୍କ ମଧ୍ୟରୁ କେହି ଏଥିରେ ମୋହର ମାରି ନ ଥିଲେ। ହାର୍ଦ୍ଦିକ ଏବଂ ଅଭିନେତ୍ରୀ ନତାଶା ଷ୍ଟାନକୋବିକଙ୍କ ମଧ୍ୟରେ ନିର୍ବନ୍ଧ ସରିଯାଇଛି।

# ରଣଜୀ ଟ୍ରଫି: ଓଡ଼ିଶା ଅଗ୍ରଣୀ

**କଟକ ଅଫିସ,୧୧।୧**

ରୋହତକର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଶନିବାରଠାରୁ ଓଡ଼ିଶା-ହରିୟାଣା ରଣଜୀ ମ୍ୟାଚ୍ ଆରମ୍ଭ ହୋଇଛି। ଓଡ଼ିଶାର ପେସ୍ ବୋଲିଂ ଆଟାକ ପୁଣିଥରେ ଫଳପ୍ରଦ ହୋଇଛି। ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ୬ ଉଇକେଟ ସଫଳତା ଯୋଗୁ ହରିୟାଣା ପ୍ରଥମ ଇନିଂସରେ ୯୦ ରନରେ ଅଲଆଉଟ ହୋଇଯାଇଛି। ଜବାବରେ ଓଡ଼ିଶା ପ୍ରଥମ ଦିବସ ଖେଳ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ଉଇକେଟ ହରାଇ ୧୪୧ରନ କରିଛି। ପେସ୍ ବୋଲରଙ୍କୁ ସୁହାଉଥିବା ଏହି ପିଚ୍ରେ ଗୋଟିଏ ଦିନରେ ୧୫ଟି ଉଇକେଟର ପତନ ଘଟିଥିବା ବେଳେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା ବିଜୟ ଆଶାରେ ରହିଛି ।

ହରିୟାଣା ଅଧିନାୟକ ହର୍ଷଲ ପଟେଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଉଇକେଟରେ ୧୩ରନ ଯୋଡ଼ିବା ପରେ ଦଳ କ୍ରମାନ୍ୱୟରେ ଉଇକେଟ ହରାଇଥିଲା। ୪୩ ରନରେ ଦଳର ୬ଜଣ ଖେଳାଳି ପ୍ୟାଭିଲିୟନ ଫେରିଥିଲେ। ଓଡ଼ିଶାର ଯୁବ ପେସ୍ ତାରକା ରାଜେଶ ମହାନ୍ତି ହରିୟାଣାର ପ୍ରଥମ ଦୁଇଟି ଉଇକେଟ ଦଖଲ କରିବା ପରେ ସୂର୍ଯ୍ୟକାନ୍ତ ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ୍କୁ ଭୁଶୁଡ଼ାଇ ଦେଇଥିଲେ। ଶୁଭମ ରୋହିଲା ହରିୟାଣା ପକ୍ଷରୁ ସର୍ବାଧିକ ୨୦ରନ କରିଥିଲେ। ପ୍ରମୋଦ ଚାଣ୍ଡିଲା ୧୬ରନ, ଟିନୁ କୁଣ୍ଡୁ ୧୫ରନ, ଆଶିଷ ହୁଦା ୧୨ରନ, ଅଙ୍କିତ କୁମାର ୧୦ରନ କରିଥିଲେ। ୧୨ ଓଭର ବୋଲିଂ କରିଥିବା ସୂର୍ଯ୍ୟକାନ୍ତ ୩୬ ରନ ବ୍ୟୟରେ ୬ଟି ଉଇକେଟ ଦଖଲ କରିଥିଲେ । ରାଜେଶ ୨ଟି, ବସନ୍ତ ମହାନ୍ତି ଓ ପପୁ ରାୟଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୧୭ରନରେ ଓପନର ଦେବାଶିଷ ସାମନ୍ତରାୟଙ୍କୁ ହରାଇଥିଲା। ଦେବାଶିଷ ଅଜିତ ଚହଲଙ୍କ ଦ୍ୱାରା କ୍ଲିନ ବୋଲ୍ଡ ହୋଇଥିଲେ। ପରେ ୪୭ ରନରେ ୪ଟି ଉଇକେଟ ହରାଇ ଓଡ଼ିଶା ସଙ୍କଟରେ ପଡ଼ିଥିଲା। ଶାନ୍ତନୁ ମିଶ୍ର ୧୭ ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୨ରନ, ଗୋବିନ୍ଦ ପୋଦ୍ଦାର ୨ରନରେ ପ୍ୟାଭିଲିୟନ ଫେରିଥିଲେ। ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ରକ୍ଷଣାତ୍ମକ ବ୍ୟାଟିଂ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍ରେ ଅଭିଷେକ ରାଉତଙ୍କ ବଦଳରେ ରାଜେଶ ଧୁପରଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ୫ମ ଉଇକେଟ ଭାଗୀଦାରିରେ ରାଜେଶ ଧୁପରଙ୍କ ୪୬ ରନ ଓ ୬ଷ୍ଠ ଉଇକେଟରେ ଉଇକେଟ କିପର ସୁଜିତ ଲେଙ୍କାଙ୍କ ୪୮ରନର ଭାଗିଦାରୀ ସୃଷ୍ଟି କରି କୁଣ୍ଡୁଙ୍କ ବଲରେ ଆଉଟ ହୋଇଛନ୍ତି। ବିପ୍ଳବ ୪୫ ଓ ସୁଜିତ ୨୧ରନ କରି ଅପରାଜିତ ଅଛନ୍ତି। ହର୍ଷଲ ପଟେଲ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଆଶିଷ ହୁଦା, ଅଜିତ ଚହଲ ଓ ଟିନୁ କୁଣ୍ଡୁ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ ।

### ସୂର୍ଯ୍ୟକାନ୍ତଙ୍କୁ ୬ ଉଇକେଟ



## ଲୌରେସ ସ୍ପୋର୍ଟିଂ ମୁଭ୍ମେଣ୍ଟ ପୁରସ୍କାର ଦୌଡ଼ରେ ତେନ୍ଦୁଲକର

**ଲଣ୍ଡନ, ୧୧।୧ (ପି.ଟି.)**

ମର୍ଯ୍ୟାଦାପୂର୍ଣ୍ଣ ଲୌରେସ ସ୍ପୋର୍ଟିଂ ମୁଭ୍ମେଣ୍ଟ ୨୦୦୦-୨୦୨୦ ପୁରସ୍କାର ପାଇଁ ୨୦ଜଣିଆ ସଂକ୍ଷିପ୍ତ ତାଲିକାରେ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ନାମ ରହିଛି। ତେନ୍ଦୁଲକର ତାଙ୍କ କ୍ରିକେଟ କ୍ୟାରିୟରରେ ଅନେକ ରେକର୍ଡ ଓ ସଫଳତା ହାସଲ କରିଛନ୍ତି। ୬ଥର ପ୍ରଚେଷ୍ଟାରେ ତାଙ୍କ ଉପସ୍ଥିତିରେ ଭାରତ ୨୦୧୧ରେ ବିଶ୍ୱକପ୍ ସଫଳତା ହାସଲ କରିଥିଲା। ନିଜ ଜନ୍ମ ସହରରେ ଏହି ସଫଳତା ପରେ ତେନ୍ଦୁଲକରଙ୍କ ଆଖିରେ ଆନନ୍ଦାଶ୍ରୁ ଚାଲିଆସିଥିଲା। ସେତେବେଳେ ଭାରତୀୟ କ୍ରିକେଟ ଦଳ ବିଶେଷକରି ତେନ୍ଦୁଲକରଙ୍କ ଉପରେ ଭରସା କରି ବିଶ୍ୱକପ୍ ଅଭିଯାନ କରିଥିଲା। ତେନ୍ଦୁଲକରଙ୍କ ନାମ ସୁପାରିସକୁ ନେଇ ଲୌରେସ ଏକାଡେମୀର ଜଣେ ଅନ୍ୟତମ ସଦସ୍ୟ ତଥା ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ ଷ୍ଟିଭ୍ ୱ କ୍ରିକେଟ ପାଇଁ ଏକ ଚମତ୍କାର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି। ଲୌରେସ ପୁରସ୍କାର ପାଇଁ ନାମ ସୁପାରିସ ହେବା ସହଜ କଥା ନୁହେଁ। ୨୦୧୧ରେ ଭାରତୀୟ କ୍ରିକେଟ ଦଳ ଖୁବ୍ ଭଲ ପ୍ରଦର୍ଶନ କରିଥିଲା। ଆମେ ଯେତେବେଳେ ଲୌରେସ ସ୍ପୋର୍ଟ୍ସ ଟିମ୍ ଅଫ୍ ଇୟର (୨୦୦୨) ପୁରସ୍କାର ଜିତିଲୁ ସେ ସମୟର ଖୁସି ମୁହୂର୍ତ୍ତ ମୋର ମନେପଡ଼ିଯାଉଛି। ଅଷ୍ଟ୍ରେଲିଆ କ୍ରିକେଟ ପାଇଁ ଏହା ଏକ ସ୍ମରଣୀୟ ଦିନ ଥିଲା। ଲୌରେସ ସ୍ପୋର୍ଟିଂ ମୁଭ୍ମେଣ୍ଟ ୨୦୦୦-୨୦୨୦ର ଫାଉଣ୍ଡେଶନ ତରଫରୁ ସମ୍ମାନଜନକ ଲୌରେସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ପାଇଁ ସାଧାରଣ ଭୋଟ ବ୍ୟବସ୍ଥା କରାଯାଇଛି। ପୁରସ୍କାର ବିଜେତାଙ୍କୁ ବାଛିବା ଲାଗି ଖେଳପ୍ରେମୀମାନଙ୍କୁ ଭୋଟ ପ୍ରଦାନର ସୁଯୋଗ ଦିଆଯାଇଛି। ଜାନୁୟାରୀ ୧୦ ଓ ଫେବୃୟାରୀ ୧୬ ମଧ୍ୟରେ ଭୋଟ ଗ୍ରହଣ ହେବ। ଫେବୃୟାରୀ ୧୭ରେ ବର୍ଲିନରେ ଲୌରେସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଶୋ ବେଳେ ବିଜେତାଙ୍କ ନାମ ଘୋଷଣା କରାଯିବ।

# ଏଲିଟ୍ କ୍ଲବ୍ରେ ପୂଜାରା




**ରାଜକୋଟ,୧୧।୧(ପି.ଟି.)**

ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଏକ ବିରଳ ସଫଳତା ହାସଲ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୫୦ତମ ଶତକ ଅର୍ଜନ କରି ସେ ଏକ ଏଲିଟ୍ କ୍ଲବ୍ରେ ସାମିଲ ହୋଇଛନ୍ତି। କର୍ଣ୍ଣାଟକ ବିପକ୍ଷ ରଣଜୀ ଟ୍ରଫି ଗ୍ରୁପ୍ ବି' ମ୍ୟାଚ୍ରେ ସେ ସୌରାଷ୍ଟ୍ର ତରଫରୁ ପ୍ରତିନିଧିତ୍ୱ କରି ଶତକ ହାସଲ କରିବା ସହ କ୍ରିକେଟ ଅନ୍ୟତମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ପୂଜାରା ୨୩୮ଟି ବଲ୍ର ସମ୍ମୁଖୀନ ହୋଇ ୧୭ ଚୌକା ଓ ଗୋଟିଏ ଛକା ସହ ୧୬୨ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଏଥିସହିତ ସେ ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ନିଜର ପ୍ରସ୍ତୁତିକୁ ଆହୁରି ଶାଣିତ କରିଛନ୍ତି। ପୂଜାରାଙ୍କ ପୂର୍ବରୁ ଅନ୍ୟ ୮ ଜଣ ଖେଳାଳିମାନେ ମଧ୍ୟ ପ୍ରଥମ ଶ୍ରେଣୀ କ୍ରିକେଟରେ ୫୦ତମ ଶତକ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର ଓ ରାହୁଲ ଦ୍ରାବିଡ। ପୂଜାରା ମଧ୍ୟ ଏପର୍ଯ୍ୟନ୍ତ ୧୮ଟି ଟେଷ୍ଟ ଶତକ ହାସଲ କରିଛନ୍ତି। ସେ ବିଶ୍ୱ ଚତୁର୍ଥ ଆକ୍ଟିଭ ଖେଳାଳିଭାବେ ସର୍ବାଧିକ ପ୍ରଥମ ଶ୍ରେଣୀ ଶତକ ହାସଲ କରିବାରେ ପୂର୍ବତନ ଇଂଲଣ୍ଡ ଅଧିନାୟକ ଆଲିଷ୍ଟ କୁକ (୬୫), ପୂର୍ବତନ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ହାସିମ ଅମଲା (୫୨) ଓ ଭାରତ ୱାସିମ ଜାଫରଙ୍କ ପଛକୁ ରହିଛନ୍ତି। ପୂଜାରାଙ୍କ ଶତକ ବଳରେ ସୌରାଷ୍ଟ୍ର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୨ ଉଇକେଟ ହରାଇ ୨୯୬ ରନ ସଂଗ୍ରହ କରିଛି।

ବର୍ତ୍ତମାନ ଖେଳୁଥିବା କ୍ରିକେଟରଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୪୨, ବିରାଟ କୋହଲି ୩୪ ଓ ଅଜିଙ୍କ୍ୟ ରାହାନେ ୩୨ଟି ପ୍ରଥମ ଶ୍ରେଣୀ ଶତକ ହାସଲ କରି ପୂଜାରାଙ୍କ ପଛକୁ ରହିଛନ୍ତି। ପୂଜାରା ଏପର୍ଯ୍ୟନ୍ତ ୧୫ ହଜାରୁ ଉର୍ଦ୍ଧ ରନ ସଂଗ୍ରହ କରିସାରିଛନ୍ତି ଓ ସେ ୧୯୭ଟି ମ୍ୟାଚ୍ ଖେଳିଛନ୍ତି।

# ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତୀୟ ଦଳ ଘୋଷଣା ଆଜି

**ମୁମ୍ବାଇ,୧୧।୧(ପି.ଟି.)**

ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ରବିବାର ଭାରତୀୟ ଦଳ ଘୋଷଣା ହେବ। ୬ ସପ୍ତାହ ଧରି ଚାଲୁରହିବାକୁ ଥିବା ଏହି ଗସ୍ତରେ ଭାରତ ଓ ନ୍ୟୁଜିଲାଣ୍ଡ ୫ ଟି୨୦, ୩ଟି ଦିନିକିଆ ଓ ଦୁଇଟି ଟେଷ୍ଟ ମ୍ୟାଚ୍ରେ ପରସ୍ପରକୁ ଭେଟିବେ। ସୀମିତ ଓଭର ପାଇଁ ଘୋଷଣା ହେବାକୁ ଥିବା ଦଳକୁ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ରତ୍ୟାବର୍ତ୍ତନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୨୪ ତାରିଖରୁ ଏହି ଗସ୍ତ ଆରମ୍ଭ ହେବ। ନ୍ୟୁଜିଲାଣ୍ଡରେ ଧଳା ବଲ୍ରେ ଭାରତ ୮ଟି ମ୍ୟାଚ୍ ଖେଳିବ । ତେଣୁ ୧୫ ବଦଳରେ ଭାରତ ୧୬ କିମ୍ବା ୧୭ ଜଣିଆ ଦଳ ଘୋଷଣା କରିବା ଯଥେଷ୍ଟ ସମ୍ଭାବନା ରହିଛି। ସିନିୟର ଦଳ ସହିତ ଭାରତ ଏ ଦଳ ମଧ୍ୟ ନ୍ୟୁଜିଲାଣ୍ଡ ଗସ୍ତ କରିବ। ଫଳରେ ପରିସ୍ଥିତି ଅନୁଯାୟୀ ଯଦି ଆବଶ୍ୟକ ପଡେ ଚୟନକର୍ତ୍ତାଙ୍କୁ ଏକାଧିକ ବିକଳ୍ପ ମିଳିପାରିବ।

ଆଗକୁ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ କ୍ରିକେଟର ଏହି ସବୁଠାରୁ ଛୋଟ ଫର୍ମାଟ ପାଇଁ ଦଳ ଚୟନ ଉପରେ ମନୋନିବେଶ କରିବେ। ସଦ୍ୟ ସମାପ୍ତ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଭାରତ ୨-୦ରେ ବିଜୟୀ ହୋଇ ଭଲ ପ୍ରଦର୍ଶନ କରିଥିଲା। ପାଣ୍ଡ୍ୟା ଏବେ ଭାରତ ଏ ଦଳ ସହିତ ନ୍ୟୁଜିଲାଣ୍ଡରେ ରହିଛନ୍ତି ଓ



### ପାଣ୍ଡ୍ୟା ଫେରିବା ସମ୍ଭାବନା

ଦଳକୁ ଫେରିବା ଯଥେଷ୍ଟ ସମ୍ଭାବନା ରହିଛି। ତେବେ ତାଙ୍କୁ ଏହାପୂର୍ବରୁ କେତୋଟି ନ୍ୟୁଜିଲାଣ୍ଡ ବିପକ୍ଷ ଲିଷ୍ଟ ଏ ମ୍ୟାଚ୍ ଖେଳି ଫିଟ୍ନେସର ପ୍ରମାଣ ଦେବାକୁ ହେବ। ଏହାକୁ ବାଦ୍ ଦେଲେ ସେ ଦୁଇଟି ୱାର୍ମ- ଅପ୍ ଅଭ୍ୟାସ ମ୍ୟାଚ୍ ମଧ୍ୟ ଖେଳିବା କାର୍ଯ୍ୟକ୍ରମ ରହିଛି।

ଆସନ୍ତା ୨୬ ତାରିଖ ପୂର୍ବରୁ ଭାରତ ଏ' ୩ଟି ଲିଷ୍ଟ ଏ ମ୍ୟାଚ୍ ଖେଳିସାରିଥିବ। ପିଠିରେ ଅସ୍ତ୍ରୋପଚାର କରାଇଥିବା ପାଣ୍ଡ୍ୟା ୨୯ ତାରିଖରେ ଖେଳାଯିବାକୁ ଥିବା ତୃତୀୟ ଟି୨୦ରେ ଦଳରେ ସାମିଲ ହେବା ଯଥେଷ୍ଟ ସମ୍ଭାବନା ରହିଛି। ପାଣ୍ଡ୍ୟା ଟି୨୦ ଫର୍ମାଟ ପାଇଁ ଭାରତୀୟ ରଣନୀତିର ଏକ ଅଂଶ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି। ଟି୨୦ ପରେ ଦିନିକିଆ ଦଳ ମଧ୍ୟ ଘୋଷଣା ହେବ ଓ ଏହା ଟି୨୦ ଦଳର ଏକ ସମ୍ପ୍ରସାରିତ ଅଂଶ ହେବ ବୋଲି ଆଶା କରାଯାଉଛି।

ଦିନିକିଆ ଦଳରେ କେଦାର ଯାଦବଙ୍କ ସ୍ଥାନ ବିପଦରେ ଅଛି ବୋଲି କୁହାଯାଇପାରେ। ନ୍ୟୁଜିଲାଣ୍ଡରେ କେଦାରଙ୍କ ଟେକ୍ନିକର ଦୁର୍ବଳତା ପଦାରେ ପଡିଯିବ। ଗତକିଛିଦିନ ହେବ ମଧ୍ୟ ତାଙ୍କ ବୋଲିଂ ଆଶାନୁରୂପ ହୋଇପାରିନାହିଁ। ଟେକ୍ନିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଜିଙ୍କ୍ୟ ରାହାନେ ଦଳକୁ ଫେରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ବିସ୍ଫୋରକ ପାୱାର ହିଟିଂ ବ୍ୟାଟ୍ସମ୍ୟାନ ମୁମ୍ବାଇର ସୂର୍ଯ୍ୟକୁମାର ଯାଦବ ୫ କିମ୍ବା ୬ ନମ୍ବରରେ ଦିନିକିଆ ଦଳରେ ସ୍ଥାନ ପାଇବାର ସମ୍ଭାବନା ସୃଷ୍ଟି କରିଛନ୍ତି। ସୂର୍ଯ୍ୟ ଓ ସଞ୍ଜୁ ସାମସନ ଭାରତ ଏ ଦଳରେ ସ୍ଥାନ ପାଇଛନ୍ତି।

ଅପରପକ୍ଷରେ ଟେଷ୍ଟ ଦଳରେ ସେଭଳି ବଡ଼ ଧରଣର ପରିବର୍ତ୍ତନ ହେବ ବୋଲି ଆଶା କରାଯାଉ ନାହିଁ। ତେବେ ତୃତୀୟ ଓପନର ବିକଳ୍ପ ନେଇ ଚୟନକର୍ତ୍ତା ଆଲୋଚନା କରିବେ।

# ଅପେକ୍ଷା କରିବାରେ ସାମସନ୍ଙ୍କ ରେକର୍ଡ

**ପୁଣେ,୧୧।୧**

ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ଟି୨୦ରେ ଭାରତୀୟ ଦଳ ପାଇଁ ଖେଳିଥିଲେ। ପ୍ରଥମ ବଲରେ ଛକା ମାରି ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଘୋଷଣା କରିଥିଲେ। କିନ୍ତୁ ପରବର୍ତ୍ତୀ ବଲରେ ସେ ଏଲବିଡବ୍ଲ୍ୟୁ ଆଉଟ୍ ହୋଇ ନିରାଶ ହୋଇଥିଲେ। ସେ ଟି୨୦ ଫର୍ମାଟରେ ୩ ହଜାରରୁ ଉର୍ଦ୍ଧ୍ୱ ରନ୍ କରିଥିଲେ ମଧ୍ୟ କେବଳ ଦୁଇଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସାମସନ ୨୦୧୫ରେ ଜିମ୍ବାୱେ ବିପକ୍ଷରେ ଭାରତ ପାଇଁ ଟି୨୦ ପଦାର୍ପଣ କରିଥିଲେ। ଦୀର୍ଘ ୫ ବର୍ଷ ପରେ ଦ୍ୱିତୀୟ ମ୍ୟାଚ୍ରେ ଖେଳିବାକୁ ସୁଯୋଗ ପାଇଥିଲେ। ଏହି ସମୟରେ ଭାରତ ୭୩ଟି ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛି। ଯେକୌଣସି ଭାରତୀୟ ଖେଳାଳିଙ୍କ ପାଇଁ ଦୁଇ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ମଧ୍ୟରେ ଏହା ସର୍ବାଧିକ ବ୍ୟବଧାନ। ପୂର୍ବରୁ ଏହି ରେକର୍ଡ ଭାରତୀୟ ପେସର ଉମେଶ ଯାଦବଙ୍କ ନାମରେ ଥିଲା। ଉମେଶ ୨୦୧୨ରୁ ୨୦୧୫ ମଧ୍ୟରେ କୌଣସି ଅନ୍ତର୍ଜାତୀୟ ଟି୨୦ ଖେଳି ନ ଥିଲେ। ସେହି ସମୟ ମଧ୍ୟରେ ଭାରତ ୬୫ ଟି୨୦ ଖେଳିଥିଲା। ସାମସନ୍ ଗତ ୮ଟି ଟି୨୦ ମ୍ୟାଚ୍ରେ ଭାରତୀୟ ଦଳରେ ସାମିଲ ଥିଲେ। ହେଲେ ଚୂଡ଼ାନ୍ତ ଏକାଦଶରେ ପ୍ରଥମ ଥର ପାଇଁ ସୁଯୋଗ ଦିଆଯାଇଥିଲା।


ସଞ୍ଜୁ ସାମସନ

# ଦି ୱାଲ୍ଙ୍କୁ ୪୭

ନୂଆଦିଲ୍ଲୀ,୧୧।୧- ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ ଶନିବାର ୪୭ ବର୍ଷରେ ପାଦ ଦେଇଛନ୍ତି। 'ଦି ୱାଲ' ଭାବେ ଜଣାଶୁଣା ଦ୍ରାବିଡ୍ ଅନ୍ତର୍ଜାତୀୟ ସ୍ତରରେ ୧୬୪ ଟେଷ୍ଟ, ୩୪୪ ଦିନିକିଆ ଓ ଗୋଟିଏ ଟି୨୦ ଖେଳିଛନ୍ତି। ସେ ୨୦୧୨ ମାର୍ଚ୍ଚରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ୪୮ ଶତକ ସହ କ୍ୟାରିୟର ଶେଷ କରିଥିଲେ ଦ୍ରାବିଡ। ଏହି କିମ୍ବଦନ୍ତୀ ଖେଳାଳି ଏବେ ଜାତୀୟ କ୍ରିକେଟ ଏକାଡେମୀର ମୁଖ୍ୟ ଦାୟିତ୍ୱରେ ଥିବାବେଳେ ୧୯ ବର୍ଷରୁ କମ୍ ଓ ଭାରତ ଏ' ଦଳର କୋଚ୍ ପଦରେ ଆସୀନ। ଜନ୍ମଦିନ ଅବସରରେ ଆଇସିସିଠାରୁ ଆରମ୍ଭ କରି ପୂର୍ବତନ ଖେଳାଳିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟେଷ୍ଟ କ୍ରିକେଟରେ ସର୍ବାଧିକ ବଲ ଖେଳିଥିବା ତଥା ଟେଷ୍ଟ ଓ ଦିନିକିଆରେ ୧୦ ହଜାରରୁ ଅଧିକ ରନ୍ କରିଥିବା ଦ୍ରାବିଡଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭକାମନା ବୋଲି ଆଇସିସି ପକ୍ଷରୁ ଟୁଇଟ୍ କରାଯାଇଛି। ସେହିଭଳି ବିସିସିଆଇ ପକ୍ଷରୁ ଟୁଇଟ୍ରେ ଲେଖାଯାଇଛି, ଦ ୱାଲ ଦ୍ରାବିଡଙ୍କୁ ଜନ୍ମଦିନର ଶୁଭକାମନା। ଟେଷ୍ଟ କ୍ରିକେଟରେ ତାଙ୍କ ସଫଳତା ସଭିଙ୍କୁ ଜଣା। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆରେ ତାଙ୍କ ଇନିଂସ ସ୍ୱତନ୍ତ୍ର ଥିଲା। ରୟାଲ ଚ୍ୟାଲେଞ୍ଜର୍ସ ଟୁଇଟର ପୋଷ୍ଟରେ ଦେଶର କ୍ରିକେଟପ୍ରେମୀଙ୍କୁ ତୁମେ ଖେଳିଲାବେଳେ ଅନୁପ୍ରାଣିତ କରିବା ପାଇଁ ଧନ୍ୟବାଦ। ଦ ୱାଲଙ୍କୁ ଜନ୍ମଦିନର ଶୁଭେଚ୍ଛା। ତାଙ୍କ ଶୁଭେଚ୍ଛୁଙ୍କ ତାଲିକାରେ ଅଜିଙ୍କ୍ୟ ରାହାନେ, ଭିଭିଏସ୍ ଲକ୍ଷ୍ମଣ, ମହମ୍ମଦ କୈଫ, ବୀରେନ୍ଦ୍ର ସେହ୍ୱାଗ, ରିଦ୍ଧିମାନ ଶାହ ଓ ବିସିସିଆଇ ସାଧାରଣ ସମ୍ପାଦକ ଜୟ ଶାହା ମଧ୍ୟ ରହିଛନ୍ତି।



# ସଇନି, ଠାକୁର ବିକଳ୍ପ ସୃଷ୍ଟି କରିଛନ୍ତି

**ଭିଭିଏସ୍ ଲକ୍ଷ୍ମଣ**

ଯେମିତ ଆଶା କରାଯାଉଥିବା ଭାରତ ୨-୦ରେ ଶ୍ରୀଲଙ୍କାଙ୍କୁ ଟି୨୦ ସିରିଜରେ ପରାସ୍ତ କରି ପୂରା ଢଙ୍ଗରେ ନୂଆବର୍ଷରେ ଅଭିଯାନ ଆରମ୍ଭ କରିଛି। ବିଜୟ ଅପେକ୍ଷା ବିଜୟ ହାସଲ କରିବା ନେଇ ଦଳର କୌଶଳ ଟିମ୍ ମ୍ୟାନେଜମେଣ୍ଟକୁ ଅଧିକ ଖୁସି କରିଥିବ।

ଖାସ୍ କରି ବୋଲିଂ ବିଭାଗର ପ୍ରଦର୍ଶନ ମୋତେ ପ୍ରଭାବିତ କରିଛି। ପ୍ରତ୍ୟାବର୍ତ୍ତନରେ ଯଶପ୍ରୀତ ବୁମ୍ରା ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ନବଦୀପ ସଇନି ଦମ୍ଦାର ପ୍ରଦର୍ଶନ କରିଛନ୍ତି ଓ ସେ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହେବାକୁ ହକ୍ଦାର ବୋଲି କୁହାଯାଇପାରେ। ଇନ୍ଦୋର ଓ ପୁଣେରେ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପେସ ସହିତ ପ୍ରତି ମ୍ୟାଚ୍ରେ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ସକ୍ଷମ ହୋଇଛନ୍ତି। ଠିକ୍ ସ୍ଥାନରେ ସେ ୟର୍କର ପକାଉଛନ୍ତି। ସେହିପରି ସେ ଏକାଧିକ ସ୍ଲୋ ବଲ୍ ପକାଇ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଚକ୍ମା ଦେଇଛନ୍ତି। ସ୍ୱିଡ୍ ସାଙ୍ଗକୁ ତାଙ୍କ ଦିଗ ବେଶ୍ ଚମତ୍କାର ଥିଲା ଓ ଭାରତୀୟ କ୍ରିକେଟ ପାଇଁ ଏହା ଶୁଭ ଲକ୍ଷଣ।

ଧଳା ବଲରେ ଦମ୍ଦାର ପ୍ରଦର୍ଶନ କରି ଶାର୍ଦ୍ଦୁଳ ଠାକୁର ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କୁ ଭୁବନେଶ୍ୱର କୁମାର ଓ ଦୀପକ ଚହରଙ୍କ କାର୍ବନ କପି ବୋଲି କୁହାଯାଇପାରେ। ବଲ୍ ସୁଇଙ୍ଗ୍ କରିବା ସହ ସେ ନିମ୍ନକ୍ରମରେ ଦ୍ରୁତ ବ୍ୟାଟିଂ ମଧ୍ୟ କରିବାର କ୍ଷମତା ରଖୁଛନ୍ତି।

ତେବେ ଦ୍ରୁତ ବୋଲିଂରେ ଯଦି ଆଗଧାଡିର ଦ୍ରୁତ ବୋଲର କୌଣସି କାରଣରୁ ନ ଖେଳି ପାରନ୍ତି ତା'ହେଲେ ଭାରତ ପାଇଁ ବ୍ୟାକ୍ଅପ୍ ବୋଲରଙ୍କୁ ନେଇ ଗତ କେତେମାସ ହେବ ପ୍ରଶ୍ନ ସୃଷ୍ଟି ହୋଇଛି। ଆଗକୁ ଟି୨୦ ବିଶ୍ୱକପ୍ ଖେଳାଯିବା କାର୍ଯ୍ୟକ୍ରମ ରହିଥିବାରୁ ଏଭଳି ପ୍ରଶ୍ନ ଉଠିବା ମଧ୍ୟ ସ୍ୱାଭାବିକ। ଏବେ ଏହି ପ୍ରଶ୍ନର ଉତ୍ତର ହେଉଛି ସଇନି ଓ ଠାକୁର। ଦ୍ରୁତ ବୋଲିଂରେ ସଇନି ଓ ଠାକୁର ଏବେ ବିକଳ୍ପ ସୃଷ୍ଟି କରିପାରିଛନ୍ତି। ଗତ ମ୍ୟାଚ୍ରେ ଅଧିନାୟକ ବିରାଟ କୋହଲି ବେଞ୍ଚ୍ରେ ବସିଥିବା ଖେଳାଳିଙ୍କୁ ସୁଯୋଗ ଦେବା ଏକ ବଡ଼ କଥା। ମନୀଷ ପାଣ୍ଡେ ଓ ସଞ୍ଜୁ ସାମସନଙ୍କୁ ସୁଯୋଗ ପାଇବାର ହକ୍ ମଧ୍ୟ ରଖୁଥିଲେ। ମନୀଷ ସୁଯୋଗର ସଦ୍ବ୍ୟବହାର କରିଛନ୍ତି। ମିଡଲଅର୍ଡର ବିପର୍ଯ୍ୟୟ ପରେ ମାନୀଷ ଭଲ ବୁଝାମଣା ରକ୍ଷା କରି ଇନିଂସ ସମ୍ଭାଳିବାରେ ସକ୍ଷମ ହୋଇଥିଲେ। ମନୀଷ ଜଣେ ପାରମ୍ପରିକ ବ୍ୟାଟ୍ସମ୍ୟାନ। ସେ ତାଙ୍କର ସବଳତା ବିଷୟରେ ଭଲ ଭାବରେ ଜାଣିଛନ୍ତି। ସୀମିତ ଓଭର କ୍ରିକେଟରେ ସେ ଦଳ ପାଇଁ ଏକ ବଡ଼ ସମ୍ପତ୍ତି ହୋଇଛନ୍ତି। ସେହିପରି ଅର୍ଦ୍ଧଶତକ ହାସଲ କରି ଶିଖର ଧାୱନ ପୁଣି ଥରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଏହା ଚୟନକର୍ତ୍ତାଙ୍କୁ ବେଶ୍ ଖୁସ୍ କରିଥିବ। ଦ୍ୱିତୀୟ ଟି୨୦ରେ ସେ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିଥିଲେ। ଆଗକୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଥିବାରୁ ସଦ୍ୟ ସମାପ୍ତ ଶ୍ରୀଲଙ୍କା ବିପକ୍ଷ ସିରିଜ ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଶ୍ରୀଲଙ୍କା ଦଳ ଅନଭିଜ୍ଞ ହୋଇଥିଲେ ମଧ୍ୟ ଦଳରେ ଏକାଧିକ ପ୍ରତିଭାସମ୍ପର୍ନ୍ନ ଖେଳାଳି ରହିଛନ୍ତି। ତେଣୁ ଆଗାମୀ ଦୁଇଟି ସିରିଜ ପାଇଁ ପ୍ରସ୍ତୁତିରେ ଭାରତକୁ ଏହି ସିରିଜ ବେଶ୍ ସହାୟ ହେବ। **(ଗେମ୍ ପ୍ଲାନ)**

SEAGRAM'S
ROYAL STAG
MEGA MUSIC CDs

ଯଦି କ୍ରିକେଟ ଟେଷ୍ଟ ମ୍ୟାଚ ଚାରିଦିନିଆ ବିଶିଷ୍ଟ କରାଯାଏ ତେବେ ଫାଷ୍ଟ ବୋଲରଙ୍କ ଇଞ୍ଜୁରି ରିସ୍କ ଥାଏ।
**–ମିସ୍‌ବା ଉଲ୍ ହକ୍, ପାକିସ୍ତାନ ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା**



ଅଷ୍ଟ୍ରେଲିଆରେ ଭାରତ ଓ ଆୟୋଜକ ଦେଶ ମଧ୍ୟରେ ଦିବାରାତ୍ର ଟେଷ୍ଟ ମ୍ୟାଚ ଖେଳାଗଲେ ଦୁଇ ଦଳ ପାଇଁ ଏକ ଚ୍ୟାଲେଞ୍ଜ ହେବ।**–ଷ୍ଟିଭ ୱ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର**



## ସଂକ୍ଷେପରେ

### ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧ (ସ୍ପୋର୍ଟ୍ସ ବ୍ୟୁରୋ)- ମହାଲେଖାଗାର କାର୍ଯ୍ୟାଳୟ ସୌଖିନ ବ୍ୟାଡ୍‌ମିଣ୍ଟନ ଖେଳାଳି କ୍ରୀଡ଼ାସଂଘ ଆନୁକୂଲ୍ୟରେ ନ୍ୟୁ ଏଜି ରେସିଡେଣ୍ଟ ଆସୋସିଏଶନର ସହଯୋଗରେ ଚତୁର୍ଥ ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ସୌଖିନ ବ୍ୟାଡ୍‌ମିଣ୍ଟନ ଖେଳାଳି କ୍ରୀଡ଼ାସଂଘର ସଭାପତି ପ୍ରଭାତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବତନ କର୍ପୋରେଟର ପୁଷ୍ପାଞ୍ଜଳୀ ଦାସ, ନ୍ୟୁ ଏଜି କଲୋନୀର ସଭାପତି ଶରତ କୁମାର ମହାପାତ୍ର, ସଂପାଦକ ବିରଞ୍ଚିନାରାୟଣ ସାହୁ, ବ୍ୟାଡମିଣ୍ଟନ ଖେଳାଳି ରଞ୍ଜିତ କୁମାର, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଡବଲ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ୬୧ଟି ଯୋଡ଼ି ଅଂଶଗ୍ରହଣ କରିଛନ୍ତି।

### ତମାଣ୍ଡୋ କପ୍ ସେମିରେ ଏକେ କ୍ଲବ

ଭୁବନେଶ୍ୱର, ୧୧।୧(ସ୍ପୋର୍ଟ୍ସ ବ୍ୟୁରୋ)- ଶିବ ଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଚାଲିଥିବା ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୨୬ତମ ସଂସ୍କରଣ ସେମିଫାଇନାଲରେ ଏ.କେ. କ୍ଲବ (ଅନୁଗୋଳ) ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଏକେ କ୍ଲବ ୩-୦ ଟାଇବ୍ରେକର ଗୋଲରେ ଫୁଲବାଣୀ ଫୁଟ୍‌ବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚ୍‌ର ଉଭୟାର୍ଦ୍ଧ ଗୋଲଶୂନ୍ୟ ରହିବାରୁ ଫଳାଫଳ ପାଇଁ ରେଫରି ଟାଇବ୍ରେକରର ସହାୟତା ନେଇଥିଲେ। ଏଥିରେ ଅନୁଗୋଳ ଏକେ କ୍ଲବ ପକ୍ଷରୁ ସଚିନ ଏକ୍କା, କେର୍‌କେଟ୍ ତିର୍କୀ ଓ ବେତାଲ ଲାଖୁଆ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଦିଗ୍‌ବିଜୟ ଦାସ, ଲକ୍ଷ୍ମୀ ପ୍ରସାଦ ନାଇଡୁ, ଚନ୍ଦ୍ରକାନ୍ତ ବାରିକ, ଅବିନାଶ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ବିଜୟୀ ଏକେ କ୍ଲବର ଗୋଲକିପର ଜନସନ ବୋଷଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଜମେଶ୍ୱର ଦାସ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରବିବାର ସଂଘର୍ଷ କ୍ଲବ (ଭୁବନେଶ୍ୱର) ଓ ଏକେ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ।



ଓଡ଼ିଶା ଏଫ୍‌ସି-ମୁମ୍ବାଇ ସିଟି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।



ବିଜୟ ପରେ ଖୁସି ମନାଉଛନ୍ତି ଓଡ଼ିଶା ଏଫ୍‌ସି ଖେଳାଳି।

# କଳିଙ୍ଗରେ ଓଡ଼ିଶା ଏଫ୍‌ସିର ହ୍ୟାଟ୍ରିକ ବିଜୟ

**ଇଣ୍ଡିଆନ ସୁପର ଲିଗ୍**

ଭୁବନେଶ୍ୱର,୧୧।୧(ସ୍ପୋର୍ଟ୍ସ ବ୍ୟୁରୋ)

ହୋମ୍ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଦମ୍‌ଦାର ପ୍ରଦର୍ଶନ ଜାରିରଖି କ୍ରମାଗତ ୩ଟି ମ୍ୟାଚ୍‌ରେ ବାଜି ମାରି ହ୍ୟାଟ୍ରିକ ବିଜୟ ହାସଲ କରିଛି। ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଶନିବାର ଶକ୍ତିଶାଳୀ ମୁମ୍ବାଇ ସିଟି ୨-୦ ଗୋଲ ପରାସ୍ତ କରିଛି। ଏଥିସହିତ ମୁମ୍ବାଇକୁ ହଟାଇ ଓଡ଼ିଶା ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଏହାପୂର୍ବରୁ ଓଡ଼ିଶା କଳିଙ୍ଗ ଷ୍ଟାଡିୟମରେ ଗତ ୨୭ ତାରିଖରେ ଜାମ୍‌ସେଦପୁର ଏଫ୍‌ସିକୁ ୨-୧ ଗୋଲରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଚେନ୍ନାଇନ ଏଫ୍‌ସିକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଏହି ବିଜୟ ସହ ଓଡ଼ିଶା ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ୍ ଖେଳି ୫ ବିଜୟ, ୪ ପରାଜୟ ଓ ୩ ଡ୍ର ସହ ମୋଟ ୧୮ ପଏଣ୍ଟ ପାଇ ଗୋଟିଏ ସ୍ଥାନ ଉପରକୁ ଉଠି ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ମୁମ୍ବାଇ ୧୨ଟି ମ୍ୟାଚ୍ ଖେଳି ୪ଟି ଲେଖାଏ ବିଜୟ, ପରାଜୟ ଏବଂ ଡ୍ର ସହ ୧୬ ପଏଣ୍ଟ ପାଇ ଗୋଟିଏ ସ୍ଥାନ ତଳକୁ ଖସି ପଞ୍ଚମ ସ୍ଥାନରେ ରହିଛି।

ପ୍ରଥମାର୍ଦ୍ଧରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା ଓ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଓଡ଼ିଶା ତରଫରୁ ପୁଣିଥରେ ଆଡ୍ରିଆନ ସାଣ୍ଟାନା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲେ। ୪୭ତମ ମିନିଟ୍‌ରେ ସାଣ୍ଟାନା ପ୍ରଥମ ଗୋଲ ନେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ଏହାପରେ ସ୍ପାନିଶ ଖେଳାଳି ଜିସ୍କୋ ହେର୍ନାଣ୍ଡିଜ୍ ୭୪ ତମ ମିନିଟ୍‌ରେ ଆଉ ଏକ ଗୋଲ ଦେଇ ଘରୋଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଓଡ଼ିଶା ପ୍ରଭାବ ବିସ୍ତାର କରି ଖେଳିଥିଲା। ଓଡ଼ିଶା ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା ଓ ମୁମ୍ବାଇକୁ ସୁଯୋଗ ଦେଇ ନ ଥିଲା। ମୁମ୍ବାଇର ଆଟକ ମଧ୍ୟ ସେତେଟା ପ୍ରଭାବୀ ନ ଥିଲା। ଡିଫେନ୍ସରେ ମୁମ୍ବାଇର ଦୁର୍ବଳତା ପଦାରେ ପଡିଥିଲା। ଘରୋଇ ଦଳର ପ୍ରଦର୍ଶନରେ ଅପେକ୍ଷାକୃତ ଅଧିକ ସନ୍ତୁଳନ ଥିଲା ଓ ଡିଫେନ୍ସ ପ୍ରତିପକ୍ଷ ଦଳକୁ ସୁଯୋଗ ଦେଇ ନ ଥିଲା। ଫଳରେ ଶେଷରେ ଓଡ଼ିଶା ସହଜରେ ବିଜୟ ହାସଲ କରି ନେଇଥିଲା। ଦଳର ପ୍ରଦର୍ଶନରେ ଓଡ଼ିଶା କୋଚ୍ ଜୋସେଫ୍ ଗାମ୍ବାଓ ସନ୍ତୋଷ ପ୍ରକଟ କରିଛନ୍ତି। ଦଳ ଶ୍ରେଷ୍ଠ-୪ ରେ ସ୍ଥାନ ହାସଲ କରିଥିବାରୁ ଗାମ୍ବାଓ ଖୁସି ଜାହିର କରିଛନ୍ତି।

**ଶ୍ରେଷ୍ଠ-୪ରେ ଓଡ଼ିଶା**

| ଦଳ | ମ୍ୟାଚ୍ | ବିଜୟ | ଡ୍ର | ପରାଜୟ | ପଏଣ୍ଟ |
|---|---|---|---|---|---|
| ଗୋଆ | ୧୨ | ୭ | ୩ | ୨ | ୨୪ |
| ବେଙ୍ଗାଲୁରୁ | ୧୨ | ୬ | ୪ | ୨ | ୨୨ |
| ଏଟିକେ | ୧୧ | ୬ | ୩ | ୨ | ୨୧ |
| ଓଡ଼ିଶା | ୧୨ | ୫ | ୩ | ୪ | ୧୮ |
| ମୁମ୍ବାଇ ସିଟି | ୧୨ | ୪ | ୪ | ୪ | ୧୬ |
| ଜାମସେଦପୁର | ୧୧ | ୩ | ୪ | ୪ | ୧୩ |
| ଚେନ୍ନାଇନ | ୧୧ | ୩ | ୩ | ୫ | ୧୨ |
| କେରଳ ବ୍ଲାଷ୍ଟର୍ସ | ୧୧ | ୨ | ୫ | ୪ | ୧୧ |
| ନର୍ଥଇଷ୍ଟ ୟୁନାଇଟେଡ | ୧୦ | ୨ | ୫ | ୩ | ୧୧ |
| ହାଇଦ୍ରାବାଦ | ୧୨ | ୧ | ୨ | ୯ | ୫ |

## ଓପିଟିସିଏଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଭୁବନେଶ୍ୱର, ୧୧।୧ (ବ୍ୟୁରୋ)

ଓପିଟିସିଏଲ୍‌ର ଷୋଡ଼ଶ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ରେଲୱେ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କୃଷି ସଚିବ ତଥା ଓପିଟିସିଏଲ୍‌ର ଅଧ୍ୟକ୍ଷ ସୌରଭ ଗର୍ଗ ଯୋଗ ଦେଇ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଖେଳାଳିମାନେ ଯେପରି ଶୃଙ୍ଖଳା ଓ ନିଷ୍ଠାର ସହିତ ଖେଳିଥାନ୍ତି ସେପରି ଭାବେ ରାଜ୍ୟବାସୀଙ୍କୁ ଉତ୍କୃଷ୍ଟ ବିଦ୍ୟୁତ ସେବା ଯୋଗାଇବା ପାଇଁ ପ୍ରତ୍ୟେକ କର୍ମଚାରୀ ତତ୍ପର ହେବା ଉଚିତ ବୋଲି ଗର୍ଗ କହିଥିଲେ। ସମ୍ମାନୀତ ଅତିଥି ଭାବେ ଗ୍ରୀଡ଼କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ଈଶ୍ୱର ପାଟିଲ ଓ ବରିଷ୍ଠ ମହାପ୍ରବନ୍ଧକମାନେ ଉପସ୍ଥିତ ଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ, ୫୦ ବର୍ଷରୁ କମ୍ ମହିଳା ଏବଂ ପୁରୁଷ, ଏପରି ତିନୋଟି ବର୍ଗରେ ୧୪୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଭାଗ ନେଇଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ବର୍ଗରେ ସ୍ମୃତି ରଞ୍ଜନ ତ୍ରିପାଠୀ, ୫୦ ବର୍ଷରୁ କମ୍ ପୁରୁଷ ବର୍ଗରେ ସତ୍ୟନାରାୟଣ ପ୍ରଧାନ ଏବଂ ମହିଳା ବର୍ଗରେ କରିସ୍ମା ପ୍ରଧାନ ଚାମ୍ପିୟନ ହୋଇଥିଲେ। ମାନବ ସମ୍ବଳ ମହା ପ୍ରବନ୍ଧକ ଚନ୍ଦ୍ରଶେଖର ପ୍ରଧାନଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଉତ୍ସବଟି ଅନୁଷ୍ଠିତ ହୋଇଥିଲା।

# ଆନ୍ନାମଲାଇ- ଜିଏନ୍‌ଡିୟୁ ଅମୃତସର ଫାଇନାଲ

**ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ଫୁଟବଲ**

ଭୁବନେଶ୍ୱର,୧୧।୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଫୁଟବଲ (ପଶ୍ଚିମ) ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ରବିବାର ଖେଳାଯିବ। ଏହି ଟୁର୍ନାମେଣ୍ଟରେ ୧୬ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଆନ୍ନାମଲାଇ ଓ ଜିଏନ୍‌ଡିୟୁ ଅମୃତସର ସକାଳ ୧୦ଟାରେ ମୁହାଁମୁହିଁ ହେବେ। ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଅମୃତସର ୨-୦ ଗୋଲରେ ଗୋଆ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଆନ୍ନାମଲାଇ ୩-୦ ଗୋଲରେ ଏମ୍.ଡି.ୟୁ. ରୋହତକ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲକୁ ଉଠିଥିଲା। ସେହିପରି ହାର୍ଡଲାଇନ୍ ମ୍ୟାଚ୍‌ରେ ଗୋଆ ଓ ରୋହତକ ରବିବାର ସକାଳ ୮ଟାରେ ପରସ୍ପରକୁ ଭେଟିବେ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ୮ଟି ଦଳ ପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଖେଳିବା ପାଇଁ କ୍ୱାଲିଫାଏ କରିଛନ୍ତି। ଏହି ଦଳଗୁଡିକ ହେଲା ଅମୃତସର, ଚଣ୍ଡିଗଡର ପଞ୍ଜାବ ୟୁନିଭର୍ସିଟି, କାଲିକଟ, ଗୋଆ, ଆନ୍ନାମଲାଇ, ଏଲ.ଏନ.ଆଇ.ପି.ଇ ଗ୍ୱାଲିୟର, ମଦୁରାଇ କାମରାଜ ଓ ରୋହତକ ବିଶ୍ୱବିଦ୍ୟାଳୟ।




ସର୍ବଭାରତୀୟ ଆନ୍ତଃବିଶ୍ୱ ବିଦ୍ୟାଳୟ ଜୋନ ଫୁଟବଲ: ଫାଇନାଲରେ ପ୍ରବେଶ କରିଥିବା ଦୁଇ ଦଳ।




ଶନିବାର ମୁମ୍ବାଇଠାରେ ପ୍ରାକ୍ଟିସ ସେସନ ଅବସରରେ ଅଷ୍ଟ୍ରେଲୀୟ କ୍ରିକେଟର ଷ୍ଟିଭ୍ ସ୍ମିଥ୍।

## ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ
# ସହିଦ ସ୍ପୋର୍ଟିଂ-ପାରାମାଉଣ୍ଟ ଏ' ଫାଇନାଲ ଆଜି

**ଭୁବନେଶ୍ୱର, ୧୧।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ସିଦ୍ଧାନ୍ତ ମେମୋରିଆଲ ୧୩ ବର୍ଷରୁ କମ୍ କ୍ରିକେଟ୍ ଲିଗ୍‌ର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ସହିଦ୍ ସ୍ପୋର୍ଟିଂ ଓ ପାରାମାଉଣ୍ଟ-ଏ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଶନିବାର ଅନୁଷ୍ଠିତ ୨ୟ ସେମିଫାଇନାଲ ମୁକାବିଲାରେ ପାରାମାଉଣ୍ଟ-ଏ ୭୭ ରନରେ ବିବିସିଏକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ-ଏ ୨୯.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୪ ରନ କରିଥିଲା। ଦଳ ପକ୍ଷରୁ ତୁଷାର ସେନ ଗୁପ୍ତା ୩୦, ସ୍ୱାଗତ ସୌରଭ ମିଶ୍ର ୧୮, ପ୍ରତ୍ୟୁଷ ପ୍ରକାଶ ସାହୁ ୧୧ ରନ କରିଥିଲେ। ପ୍ରତିପକ୍ଷ ବୋଲର ଶିଶିର ପଟ୍ଟନାୟକ ଓ ବିଶ୍ୱଜିତ୍ ପ୍ରଧାନ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ବିବିସିଏ ୧୮ ଓଭରରେ ମାତ୍ର ୩୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଦୁର୍ଗା ପ୍ରସାଦ ମଲିକ ୩ ଏବଂ ପ୍ରତ୍ୟୁଷ ଓ ସୟଦ ଟଫେଲ ଅହମ୍ମଦ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ପ୍ରତ୍ୟୁଷ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ସ୍ୱାଗତ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ।



ଅତିଥି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

ଅଶୋକ କୁମାର ପାତ୍ର ଓ ଦେବୀଦତ୍ତ ଦେବଶର୍ମା ଅତିଥିଭାବେ ଉପସ୍ଥିତ ରହିଥିଲେ। ମ୍ୟାଚ୍‌କୁ ଚଣ୍ଡୀ ପ୍ରସନ୍ନ ମହାପାତ୍ର ଓ ସୁଶାନ୍ତ ଦାଶ ପରିଚାଳନା କରିଥିଲେ।

# ପ୍ରିୟଙ୍କା, ଯତୀନ, ଅସମିଙ୍କ ସ୍ୱର୍ଣ୍ଣ ଅଭିଯାନ ଜାରି

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ଗୁଆହାଟୀ,୧୧।୧(ପି.ଟି.)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥଲେଟିକ ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ମହାରାଷ୍ଟ୍ର ଜିମ୍ନାଷ୍ଟ ଅସ୍‌ମି ଅଙ୍କୁଶ ବଡାଡେ ଓ ଉତ୍ତରପ୍ରଦେଶର ଯତୀନ କୁମାର କାନୋଜିଆ ଦମ୍‌ଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ଅଭିଯାନ ଜାରି ରଖିଛନ୍ତି। ଶନିବାର ଏହି ଦୁଇ ଖେଳାଳି ବ୍ୟକ୍ତିଗତ ଭାବେ ୩ଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ପ୍ରଥମ ଦିବସରେ ଷ୍ଟାର ପରଫର୍ମର ଥିଲେ ତ୍ରିପୁରାର ପ୍ରିୟଙ୍କା ଦାସଗୁପ୍ତା। ସେ ମୋଟ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରି ଏପର୍ଯ୍ୟନ୍ତ ସଫଳତମ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଆଥଲେଟିକ ପ୍ରତିଯୋଗିତା ଆରମ୍ଭ ହେବା ମାତ୍ରେ ୪ଟି ମିଟ୍ ରେକର୍ଡ ସୃଷ୍ଟି ହୋଇଥିଲା ଓ ଏହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା।

ମଧ୍ୟପ୍ରଦେଶର ଅର୍ଜୁନ ୱାସ୍‌କାଲ ୧୭ ବର୍ଷରୁ କମ ୩୦୦୦ମି ରେସ୍‌ର ବିଜୟୀ ହୋଇଥିଲେ। ୧୭ ବର୍ଷରୁ କମ୍ ଜାଭେଲିନ ଥ୍ରୋ'ରେ ବିବେକ କୁମାର ବାଜି ମାରିଥିଲେ। ସକାଳେ ସେ ୧୮ଟିରୁ ୭ଟି ପଦକ ଜିତିଥିଲେ। ସେହିପରି ୨୧ ବର୍ଷରୁ କମ୍ ୫୦୦୦ ମି. ରେସ୍‌ରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଗତଥରର ଚାମ୍ପିୟନ ଅଜିତ କୁମାର ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବେଳେ ସୁନୀଲ ଦୱାର ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ଅଜିତ୍ ଏକ ସେକେଣ୍ଡର ୧୦୦ ଭାଗରୁ ଭାଗେ କମ୍ ସମୟ ନେଇ ବାଜି ମାରିଥିଲେ। ସେ ମୋଟ ଉପରେ ୧୪: ୩୯.୯୯ ସେକେଣ୍ଡ ସମୟ ନେଇ ନୂଆ ମିଟ୍ ରେକର୍ଡ କରିଛନ୍ତି। ୨୧ ବର୍ଷରୁ କମ୍ ୫୦୦୦ମି. ବାଳିକା ରେସ୍‌ରେ ଉତ୍ତରାଖଣ୍ଡର ଅଙ୍କିତା ୧୬: ୩୮.୭୫ ସମୟ ନେଇ ନୂଆ ମିଟ୍ ରେକର୍ଡ କରିବା ସହ ସ୍ୱର୍ଣ୍ଣ ହାତେଇଛନ୍ତି। ଭୋଗେଶ୍ୱରୀ



ପ୍ରିୟଙ୍କା ଦାସଗୁପ୍ତା

ଫୁଲକାନାନି ଇନ୍‌ଡୋର ଷ୍ଟାଡ଼ିୟମରେ ଯତୀନ କୁମାର କାନୋଜିଆ ପାରାଲାଲ ବାର୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଗୁରୁବାର ବାଳକ ୧୭ ବର୍ଷରୁ କମ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ୩ଟି ସ୍ୱର୍ଣ୍ଣ ସହ ସେ ପ୍ରତିଯୋଗିତାରେ ୫ଟି ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି।

ମହାରାଷ୍ଟ୍ରର ଅସମି ଅଙ୍କୁଶ ବଡାଡେ ବାଳିକା ୧୭ ବର୍ଷରୁ କମ୍ ରିଦ୍ମିକ୍ ଜିମ୍ନାଷ୍ଟିକ୍ସରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେ ବଲ୍ ଓ ରୋପ୍ ରୁଟିନ୍‌ରେ ୩ଟି ଯାକ ଇଭେଣ୍ଟରେ ସ୍ୱର୍ଣ୍ଣ ହାସଲ କରିଛନ୍ତି। ସେହିପରି ଆସାମର ଉପାସା ତାଲୁକଦାର ଓ ମହାରାଷ୍ଟ୍ରର ଶ୍ରେୟା ପ୍ରବୀନ ଭଙ୍ଗାଲେ ଏହି ଇଭେଣ୍ଟରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଜାନୁୟାରୀ ୧୨/୨୦୨୦ Bhubaneswar, Sunday, January 12/2020

## ସଂକ୍ଷେପରେ

### ‘ଅବସର ପରେ ହିଁ ସମାଜ ପାଇଁ ଅନେକ କିଛି କରିହୁଏ’

**ଯାଜପୁର ଟାଉନ,୧୧।୧(ଡିଏନଏ):** ସରକାରୀ ହେଉ କି ବେସରକାରୀ ସଂସ୍ଥାରୁ ଚାକିରିରୁ ଅବସର ନେବା ପରେ ଜୀବନର ଶେଷ ସମୟ ଉପନୀତ ହୋଇଛି ବୋଲି ଯେଉଁମାନେ ଭାବିଥାନ୍ତି ତାହା ଏକ ବିରାଟ ଅଜ୍ଞତା ବୋଲି ଯାଜପୁର ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକରେ ମତପ୍ରକାଶ ପାଇଛି। ଅବସର ପରେ ଜୀବନ ପାଇଁ ଏକ ଲମ୍ବା ଅବଧି ପଡିଥାଏ। ବିଶେଷ କରି ସମାଜ ପାଇଁ ଅନେକ କିଛି କରିବାର ଏହି ସମୟରେ ହିଁ ଅପୂର୍ବ ସୁଯୋଗ ହୋଇଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସଂଘର ସଭାପତି ଅବସରପ୍ରାପ୍ତ ପ୍ରଶାସକ ଗୋଲଖ ପ୍ରସାଦ ସାହୁଙ୍କ ଅଧକ୍ଷତା କ୍ରମେ ଆହୂତ ବୈଠକରେ ସମ୍ପାଦକ ଅକ୍ଷୟ କୁମାର ବିଶ୍ୱାଳ ବିବରଣୀ ପାଠ କରି ସଂଘର ଆଗାମୀ କାର୍ଯ୍ୟକ୍ରମ, ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ସୂଚନା ରଖିଥିଲେ। ପୂର୍ବତନ ପୋଲିସ ପ୍ରଶାସକ ଗଦାଧର ରାଉତ, ନୃସିଂହ ମହାନ୍ତି, ଗୋବିନ୍ଦ ସ୍ୱାଇଁ, ମହେନ୍ଦ୍ର ଦାସ, ଶରତ ଚନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ରଖି ସଂଘ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମଗୁଡିକ ହାତକୁ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ମହାନ୍ତି, ଅଜିତ ସାମନ୍ତ, କେଶବ ନାୟକ, ଶଶି ଭୂଷଣ ନନ୍ଦ, ଅକ୍ଷୟ ମିଶ୍ର, ନିର୍ମଳ ମହାନ୍ତି, ନନ୍ଦ ସାମନ୍ତ, ଦେବେନ୍ଦ୍ର ନାଥ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅପେରା ଦେଖିବାକୁ ଯାଇଥିବା ଯୁବକଙ୍କୁ ହତ୍ୟା ଉଦ୍ୟମ
#### ୧୪ ଜଣଙ୍କ ନାଁରେ ମାମଲା

**ବନ୍ତ,୧୧।୧(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବନ୍ତ ବଜାରଠାରେ ଚାଲିଥିବା ଅପେରା ଦେଖିବାକୁ ଯାଇଥିବା ଜଣେ ଯୁବକଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବନ୍ତ ଥାନାରେ ୧୪ ଜଣଙ୍କ ନାଁରେ ମାମଲା(ନଂ.୨/୨୦) ରୁଜୁ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଆକ୍ରମଣରେ ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ହେଲେ ଟିଲୋ ବଡ଼ସାହି ଗ୍ରାମର ଅବିନାଶ ସ୍ୱାଇଁ। ଅଭିଯୋଗ ଅନୁଯାୟୀ, ଅବିନାଶ ଶୁକ୍ରବାର ରାତିରେ ଅପେରା ଦେଖିବାକୁ ଯାଇଥିଲେ। ନାଟକ ମଝିରେ ସେ ବାହାରକୁ ଆସିଥିଲେ। ଯାତ୍ରା ଟେଣ୍ଟ ବାହାରେ କେତେଜଣ ଯୁବକ ମିଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ଓଲଟିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର

- ୧୨ଘଣ୍ଟା ଧରି ୧୬ନଂ. ଜାତୀୟ ରାଜପଥ ଅଚଳ
- ନାକେଦମ୍ ହେଲେ ୪ ଦମକଳ ବାହିନୀ

**ଚଣ୍ଡିଖୋଲ,୧୧।୧(ଡ଼ି.ଏନ.ଏ)**

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନର ପ୍ରଥମ ଦିନରେ ବେପାରୁଆ ଗାଡ଼ି ଚାଳନା ପାଇଁ ଯାଜପୁର ଜିଲା ବଡ଼ଚଣା ଥାନା ୧୬ନଂ ଜାତୀୟ ରାଜପଥର କଡ଼େଇ ଛକ ନିକଟରେ ଏକ ଗ୍ୟାସ ଟ୍ୟାଙ୍କର ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଆହତ ହୋଇଥିବାବେଳେ ୧୨ଘଣ୍ଟା ଧରି ଜାତୀୟ ରାଜପଥ ଅଚଳ ହୋଇପଡ଼ିଥିଲା। ଜିଜେ-୧୨ଏଟି-୯୦୨୦ ନମ୍ବର ବିଶିଷ୍ଟ ଟ୍ୟାଙ୍କର କଟକରୁ କଲିକତା ଅଭିମୁଖେ ଗ୍ୟାସ ବୋଝେଇ କରି ଯାଉଥିବାବେଳେ ଶନିବାର ଭୋର ୪ଟା ୩୦ରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ପୋଲିସ କଡ଼େଇ ଛକ ନିକଟରେ ଥିବା ସମସ୍ତ ଦୋକାନକୁ ବନ୍ଦ କରିବା ସହିତ ୬ଲେନ୍ ବିଶିଷ୍ଟ ରାଜପଥର ଗୋଟିଏ ପାର୍ଶ୍ୱ ରାସ୍ତାକୁ ନାକାବନ୍ଦୀ କରିଦେଇଥିଲା।

ଗ୍ୟାସ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଖବର ଦେବା ସହ ବଡ଼ଚଣା ଥାନାକୁ ଖବର ଦେଇଥିଲେ। ଚଣ୍ଡିଖୋଲ ଓ କଟକର ୪ଟି ଦମକଳ ଗାଡ଼ି ଓ ୨ଟି ୱାଇଡ଼ିଆ ପମ୍ପ ସହାୟତାରେ ୧୧ଜଣ ଅଗ୍ନିଶମ କର୍ମଚାରୀ ଦୀର୍ଘ ୧୨ଘଣ୍ଟା ଉଦ୍ୟମ କରିବା ପରେ ଗ୍ୟାସ ନିର୍ଗତକୁ ଆୟତ କରିପାରିଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ମେଶିନ ସାହାଯ୍ୟରେ ଅନ୍ୟ ଏକ ଗ୍ୟାସ ଟ୍ୟାଙ୍କରରେ ଭର୍ତ୍ତି କରିବା ପରେ ସନ୍ଧ୍ୟା ୫ଟାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏଥିରେ କଟକ ଡେପୁଟି ଫାୟାର ଅଫିସର ପିକେ ବାବୁ, ଆସିଷ୍ଟାଣ୍ଟ ଫାୟାର ଅଫିସର ଅବନୀ ଦାସ, ଯାଜପୁର ଆସିଷ୍ଟାଣ୍ଟ ଫାୟାର ଅଫିସର ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ଓ ଚଣ୍ଡିଖୋଲ ଫାୟାର ଅଫିସର ପ୍ରଭାକର ସାହୁଙ୍କ ନେତୃତ୍ୱରେ ପରିସ୍ଥିତିକୁ ଆୟତ୍ତ କରାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଡ୍ରାଇଭର ଆହତ ହୋଇଥିଲାବେଳେ ତାଙ୍କ କୌଣସି ପରିଚୟ ମିଳିନାହିଁ। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରାଯିବ ବୋଲି ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି।


ଦୁର୍ଘଟଣାଗ୍ରସ୍ତ ଗ୍ୟାସ୍ ବୋଝେଇ ଟ୍ୟାଙ୍କର।

## ଜରୀ, ବାଙ୍ଗରାରେ ଅଗ୍ନିକାଣ୍ଡ
# ଜଳିଗଲା ୯ ବଖରା


ଅଗ୍ନିକାଣ୍ଡରେ ଘର ପୋଡ଼ି ପାଉଁଶ ହୋଇଯାଇଛି।

**ସିଂହପୁର,୧୧।୧(ଡିଏନଏ)**

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଜରୀ ଓ ବାଙ୍ଗରାରେ ଭୟାବହ ଅଗ୍ନିକାଣ୍ଡ ଘଟି ୯ ବଖରା ଜଳି ପାଉଁଶ ହୋଇଯାଇଛି। ଜରୀ ପଞ୍ଚାୟତର ମାଳି ଦଣ୍ଡସାହିରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ଅନିମା ମଲିକ, ସୁରଥ ମଲିକ, ସଂଜୁଲତା ମଲିକ, ସଂଜୟ ମଲିକଙ୍କର ୫ ବଖରା ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଘରେ ଥିବା ଆସବାବପତ୍ର ଉଦ୍ଧାର ହୋଇପାରି ନ ଥିଲା। ଦମକଳ ବାହିନୀ ପହଞ୍ଚିବା ବେଳକୁ ସବୁ ଜଳି ପାଉଁଶ ହୋଇଯାଇଥିଲା। ବିପନ୍ନ ପରିବାର ଶୀତ ଦିନରେ ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। ତୁରନ୍ତ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ସ୍ୱପ୍ନା ମଞ୍ଜରୀ ଲେଙ୍କା, ସମିତିସଭ୍ୟା ଭୁବନାନନ୍ଦ ସାମଲ ଦାବି କରିଛନ୍ତି। ସେହିପରି ବାଙ୍ଗରା ପଞ୍ଚାୟତ ବିଲ ସାହିରେ ଶନିବାର ସକାଳେ ଅଗ୍ନିକାଣ୍ଡରେ ସଖୀ ଜେନା, ଶିଶିର ଜେନା, ଅରୁଣ ଜେନା, ତ୍ରିଲୋଚନ ଜେନାଙ୍କ ଚାରି ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ କରିବା ପୂର୍ବରୁ ସମସ୍ତ ଜିନିଷ ପୋଡ଼ିଯାଇଥିଲା। ଖବର ପାଇ ବିଞ୍ଝାରପୁର ତହସିଲଦାର, ପଞ୍ଚାୟତ ସମିତି ଅଧକ୍ଷ ନନ୍ଦ କିଶୋର ସାମଲ, ସରପଞ୍ଚ ଆଶାଲତା ନାୟକ, ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ ପ୍ରମୁଖ ପହଞ୍ଚି ବିପନ୍ନ ପରିବାରକୁ ଭେଟିଥିଲେ। ଅଧକ୍ଷ ସାମଲ ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦନା କରିଥିଲେ। ପଞ୍ଚାୟତ ତରଫରୁ ପୋଷାକ ଓ ଦୁଇଦିନର ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଏହି ବିପନ୍ନ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଇଟିବିପିର ଆଇଜି ହେଲେ ଯାଜପୁରର ସୁଧାଂଶୁ ମିଶ୍ର

**ଯାଜପୁର ଅଫିସ,୧୧।୧**


ସୁଧାଂଶୁ ମିଶ୍ର

ଆଇଟିବିପି(ଇଣ୍ଡୋ ଟାଇବେଟନ ବର୍ଡର ପୋଲିସ) ଇଷ୍ଟର୍ନ ଫ୍ରଣ୍ଟିଅରର ଆଇଜି ଭାବେ ପ୍ରଥମ ଥର ଯାଜପୁର ମାଟିର ସନ୍ତାନଭାବେ ସୁଧାଂଶୁ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୁଧାଂଶୁ ଲକ୍ଷ୍ନୌସ୍ଥିତ ମୁଖ୍ୟାଳୟଠାରେ ସଂଜୀବ ରଇନାଙ୍କଠାରୁ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ୧୯୬୧ରେ ବଡ଼ଚଣାରେ ଜନ୍ମଗ୍ରହଣ କରିଥିବା ସୁଧାଂଶୁ ୧୯୮୬ ବ୍ୟାଚର ଭାରତୀୟ ତିବ୍ବତ ସୀମା ପୋଲିସ ବିଭାଗର କ୍ୟାଡର ଅଧିକାରୀ ଅଟନ୍ତି। ବିଭିନ୍ନ ସମୟରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଅନ୍ୟାନ୍ୟ ଭିଭିଆଇପିଙ୍କ ଇଣ୍ଟରନାଲ ସିକ୍ୟୁରୀଟି ଦାୟିତ୍ୱ ଗ୍ରହଣ କରି ସେ ସୁଚାରୁରୂପେ ପାଳନ କରି ଆସିଛନ୍ତି। ବାରାକୋରମ ପାସଠାରୁ ଅରୁଣାଚଳପ୍ରଦେଶ ପର୍ଯ୍ୟନ୍ତ ୩୪୮୮ କିଲୋମିଟର ଏବଂ ୧୮୭୦୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଭାରତ ଚୀନ ସୀମାରେ ଦେଶର ରକ୍ଷା କରିବା ଭଳି କଠିନ କାର୍ଯ୍ୟକୁ ମଧ୍ୟ ସେ ସୁଚାରୁରୂପେ ତୁଲାଇଛନ୍ତି। ଗଙ୍ଗା ନଦୀକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ସେ ‘ଗଙ୍ଗା ଏକ ଖୋଜ’ ନାମରେ ନୌକା ଚାଳନା କରି ଗିନିସ ବୁକ ଅଫ ୱାର୍ଲଡ଼ ରେକର୍ଡ କରିଥିଲେ। ଭାରତ ଚୀନ ସୀମାରେ ଶତ୍ରୁ ଦମନ, ନକ୍ସଲ ନିପାତ କରିବା ଏବଂ ଲୋକ କଲ୍ୟାଣ ସେବା କରିବାରେ ସେ ସିଦ୍ଧହସ୍ତ ଥିବାରୁ ଏବଂ ଓଡ଼ିଆ ଭାବରେ ସର୍ବଦା ନିଜ ମାତୃଭୂମିକୁ ଭଲ ପାଉଥିବାରୁ କେନ୍ଦ୍ର ସରକାରଙ୍କୁ ଓଡ଼ିଶାରେ ଆଇଟିବିପି ଖୋଲିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଫଳରେ ତାଙ୍କର ଉଦ୍ୟମରେ ଖୋର୍ଦ୍ଧାଠାରେ ଆଇଟିବିପି ସେକ୍ଟର ହେଡକ୍ୱାର୍ଟର ଖୋଲିଥିଲା। ଯେଉଁଥିରେ ତିନି ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ ଚାକିରୀ ସୁଯୋଗ ପାଇଛନ୍ତି। ଯାଜପୁର ଜିଲା ବଡ଼ଚଣା ଯେମାଦେଇପୁର ଶାସନର ପ୍ରଥମ ଓଡ଼ିଆ ଭାବରେ ସେ ମସୁରୀ ସ୍ଥିତ ଆଇଟିବିପିର ମଧ୍ୟ ଡ଼ାଇରେକ୍ଟର ଭାବେ କାର୍ଯ୍ୟ କରିଆସିଛନ୍ତି। ବର୍ତ୍ତମାନ ଲକ୍ଷ୍ନୌସ୍ଥିତ ଆଇଟିବିପିରେ ଆଇଜି ଭାବେ କାର୍ଯ୍ୟ ଆରମ୍ଭ କରିବା ଜଣାପଡିବା ପରେ ଜିଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ଦୈନିକ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ଛୁଟୁଛି। ରୋଟାରୀ କ୍ଲବ ଯାଜପୁର ରୋଡ, ବ୍ୟାସନଗର ପ୍ରେସ ଫୋରମ ସମେତ ଅନେକ ଶୁଭେଚ୍ଛୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ
# ଜେଲ ଗଲେ ପୂର୍ବତନ ପୁରୁଷ ବନ୍ଧୁ

**କୋରେଇ,୧୧।୧(ସ୍ୱ.ପ୍ର):** କୋରେଇ ଥାନା ପକ୍ଷରୁ ଶନିବାର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ବଡପଦନା ଗ୍ରାମର ରବୀନ୍ଦ୍ର ଖଟୁଆ (୪୪) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, କୋରେଇ ଥାନା ଶିତଳଗୋବିନ୍ଦପୁରର ଜଣେ ମହିଳାଙ୍କ ଅଭିଯୋଗ ମୁତବକ ବିବାହ ପୂର୍ବରୁ ତାଙ୍କର ଜଣେ ପୁରୁଷ ବନ୍ଧୁ ଥିଲେ। ମାତ୍ର ସେ ତାଙ୍କୁ ଧୋକା ଦେଇ ପ୍ରଥମେ ବିବାହ କରିଯିବାରୁ ଯୁବତୀ ଜଣକ ଶିତଳଗୋବିନ୍ଦପୁର ଗ୍ରାମରେ ବିବାହ କରିଯାଇଥିଲେ। ହେଲେ ତାଙ୍କ ସ୍ୱାମୀ ବିଦେଶରେ ରହୁଥିବା ଖବର ପାଇ ପୁରୁଷ ବନ୍ଧୁ ଶୀତଳଗୋବିନ୍ଦପୁର ଆସି ତାଙ୍କ ସହ ପୁନଃ ସମ୍ପର୍କ ରକ୍ଷା କରିବାକୁ ବାଧ କରିଥିଲେ। ମାତ୍ର କବିତା ରାଜି ନ ହେବାରୁ ସେ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ କବିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮/୨୦) ରୁଜୁ କରି ତଦନ୍ତ କରିବା ପରେ ରବୀନ୍ଦ୍ରଙ୍କୁ ଗିରଫ କରିଥିଲା। ଏହାପରେ ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଯାଜପୁରରୋଡ ଉପକାରଗାରକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

## ଘେରିବନ୍ଧ ସୁରକ୍ଷା ଫାଟକ ଉପାଡ଼ିଦେଲେ ଦୁର୍ବୃତ୍ତ

**ବରୀ,୧୧।୧(ସ୍ୱ.ପ୍ର)**

ବ୍ରାହ୍ମଣୀ -ବିରୁପା- କେଲୁଅ- ନଦୀର ବନ୍ୟା ନିୟନ୍ତ୍ରଣ ପାଇଁ ୮୪ କି.ମି ପର୍ଯ୍ୟନ୍ତ ଘେରି ବନ୍ଧ ନିର୍ମାଣ କରାଯାଇଛି। ଏହି ଘେରିବନ୍ଧ ନିର୍ମାଣ ପାଇଁ ଜଳ ସମ୍ପଦ ବିଭାଗ ୭୨କୋଟି ଟଙ୍କା ଖର୍ଚ୍ଚ କରିସାରିଛି। ଏହି ବନ୍ଧ ସୁରକ୍ଷିତ ରହିବା ପାଇଁ ବରୀ ବ୍ଲକର ବିରୂପା ନଦୀର ମହାକାଳପଡା ଗ୍ରାମ ନିକଟରେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ଗୋଟିଏ ଗେଟ୍ ନିର୍ମାଣ ହୋଇଛି। ଗମ୍ଭରୁ ମହାକାଳପଡା ଗ୍ରାମ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ ରହିବାକୁ ବିଭାଗ ପକ୍ଷରୁ ଏହି ଗେଟ୍ ନିର୍ମାଣ ହୋଇଛି। ୩୦ ଟନ୍‌ରୁ ଅଧିକ ଭାରିଯାନ ଏହି ବନ୍ଧ ଦେଇ ଯାଇପାରିବ ନାହିଁ ବୋଲି ଜଳସମ୍ପଦ ବିଭାଗ ସୂଚନା ଦେଇଛି। ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ଗେଟ୍‌କୁ ଓପାଡି ଫିଙ୍ଗି ଦେଇଥିବା ବରୀ ଥାନାରେ ଶନିବାର ଜଳ ସମ୍ପଦ ବିଭାଗ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଅଭିଯୋଗ ରତ୍ନଗିରି ଜଳସମ୍ପଦ ସେକ୍ସନର କନିଷ୍ଠ ଯନ୍ତ୍ରୀ ଶିବାନନ୍ଦ ପାଣିଗ୍ରାହୀ କରିଥିବା ଜଣାପଡିଛି। ଏନେଇ ବରୀ ପୋଲିସ ତଦନ୍ତ ଆରମ୍ଭ କରିଛି। ଜଣାଯାଇଛି ଯେ, ଜଳସମ୍ପଦ ବିଭାଗ ନିର୍ମାଣ କରିଥିବା ଏହି ଗେଟ୍‌କୁ ୩ଥର ଓପାଡି ଫୋପାଡି ଦିଆଗଲାଣି। ଏନେଇ ବରୀ ଥାନାରେ ଅଭିଯୋଗ ମଧ୍ୟ କରାଯାଇଛି। ମହାକାଳପଡା ଗ୍ରାମ ନିକଟରେ ବିରୂପା ନଦୀରୁ ବାଲି ଉଠାଣ ପାଇଁ ଏକ ଘାଟ ରହିଛି। ଏହି ଘାଟରୁ ଦୈନିକ ଟ୍ରାକ୍ଟର, ମିନି ଟ୍ରକ ମାଧ୍ୟମରେ ବାଲି ଉଠାଇବାର ନିୟମ ରହିଥିଲାବେଳେ ହାଇୱା ଦ୍ୱାରା ବାଲି ଉଠାଣ ହେଉଥିବା ଅଭିଯୋଗ ହୋଇଛି। ବାଲି ଘାଟରୁ ବାଲି ଉଠାଉଥିବା ଏହି ବାଲି ବେପାରୀମାନେ ଜଳସମ୍ପଦ ବିଭାଗର ଗେଟ୍‌କୁ ଓପାଡି ଦେଇଥିବା ମହାକାଳ ଗ୍ରାମବାସୀଙ୍କ ପକ୍ଷରୁ ଜଳ ସମ୍ପଦ ବିଭାଗ ନିକଟରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ଶିବାନନ୍ଦ ପାଣିଗ୍ରାହୀଙ୍କୁ ପଚାରିବାରୁ ଗେଟ୍‌କୁ ଓପାଡି ଦେଇଥିବା ନେଇ ଅଭିଯୋଗ ଥାନାରେ ହୋଇଛି। ଏହିଭଳି ୩ଥର ଓପାଡା ଗଲାଣି ଏ ବାବଦରେ ଜଳସମ୍ପଦ ବିଭାଗ ୭୫ ହଜାର ଟଙ୍କା ଖର୍ଚ୍ଚ କରିସାରିଲାଣି। ଭାରିଯାନ ଯାତାୟାତ କରିବା ଦ୍ୱାରା ନଦୀ ବନ୍ଧ ଦୁର୍ବଳ ହୋଇପଡୁଛି ବୋଲି ପାଣିଗ୍ରାହୀ କହିଛନ୍ତି।

- ରାଜ୍ୟସ୍ତରୀୟ ଚକାଆଖି କ୍ରିକେଟ

## ସେମିରେ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର

**ଧର୍ମଶାଳା,୧୧।୧(ଡିଏନ୍ଏ)**

ଧର୍ମଶାଳା ବ୍ଲକ ରାମଚନ୍ଦ୍ରପୁରସ୍ଥିତ ଚକାଆଖି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ୨୬ତମ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚରେ ୟୁ ଆଣ୍ଡ ମି ବାଲେଶ୍ୱରକୁ ୫୩ ରନରେ ପରାସ୍ତ କରି ପ୍ରଗତୀ ଭୁବନେଶ୍ୱର ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଗତୀ ସ୍ପୋର୍ଟିଂ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ ୟୁ ଆଣ୍ଡ ମି ବାଲେଶ୍ୱର ୨୨.୫ ଓଭରରେ ସମସ୍ତ ୱିକେଟ ହରାଇ ୯୨ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ରଘୁନାଥ ମଲ୍ଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଖେଳକୁ ରମେଶ ମହାରଣା ଓ ଚ୍ୟାଉକାନ୍ତ ଦ୍ୱିବେଦୀ ପରିଚାଳନା କରିଥିଲେ। ରବିବାର ରାଇଜିଂ ଷ୍ଟୁଡେଣ୍ଟ ସହିତ ଫ୍ରେଣ୍ଡସ କ୍ଲବ ତାଳଚେର ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।









## ଉତ୍କଳମଣିଙ୍କୁ ଅସମ୍ମାନ କରି ଭୁଲ୍ ମାଗିଲେ ଯୁବକ

**କୋରେଇ,୧୧।୧(ସ୍ୱ.ପ୍ର)**

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରିବା ପରେ ଶନିବାର ପ୍ରତିମୂର୍ତ୍ତିରେ ଫୁଲମାଳ ପକାଇ ଭୁଲ ମାଗିଛନ୍ତି ଜଣେ ଯୁବକ। ପ୍ରକାଶ ଯେ, ଗତ ଡିସେମ୍ବର ୨୫ରେ କୋରେଇ ବ୍ଲକ ସାଦକପୁରସ୍ଥିତ କୋରେଇ ନୋଡାଲ ସ୍କୁଲରେ କିଛି ଯୁବକ ସଫେଇ କାର୍ଯ୍ୟକ୍ରମ କରୁଥିଲେ। ସଫେଇ ସମୟରେ ସେକ୍ ଡାନିଙ୍କ ପୁଅ ସେକ୍ ଟୁଟୁ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିକୁ ଚାପୁଡା ଉଠାଇଥିବାର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଯାହାକୁ ବିଭିନ୍ନ ସଂଗଠନ ପକ୍ଷରୁ ନିନ୍ଦା କରାଯିବା ସହିତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରଶାସନ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଏନେଇ ବିରୋଧ ହେବା ପରେ ଶନିବାର ସାଦକପୁର ସରପଞ୍ଚ ରଶ୍ମିରେଖା ଗାହାଣଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିସରରେ ଏକ ଅନୁଶୋଚନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସେକ୍ ଟୁଟୁ ଭୁଲ ମାଗିବା ସହିତ ମୂର୍ତ୍ତି ସଫେଇ କରିବାକୁ ଉଦ୍ୟମ କରୁଥିବାବେଳେ କେହି ଦୁର୍ବୃତ୍ତ ଏପରି ଫଟୋ ଉଠାଇ ଭାଇରାଲ କରିଥିବା କହିଥିଲେ। ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ଥିବା ସହିତ ସେଭଳି ମହାପୁରୁଷଙ୍କ ପ୍ରତି ପ୍ରତ୍ୟେକ ଧର୍ମ ଓ ଗର୍ବର ଲୋକଙ୍କ ମନରେ ମଧ୍ୟ ସମ୍ମାନ ରହିଛି ବୋଲି ପ୍ରକାଶ କରିଥିଲେ। ତେଣୁ ତାଙ୍କୁ ଅସମ୍ମାନ କରିବା ଭଳି କୌଣସି କାର୍ଯ୍ୟ ସେ କରି ନ ଥିବା କହିଥିବାବେଳେ ସୋସିଆଲ ମିଡିଆରେ କିଛି ନ୍ୟସ୍ତସ୍ୱାର୍ଥ ଲୋକ ଏହାକୁ ଅତିରଞ୍ଜିତ କରି ପ୍ରକାଶ କରିଥିବା କହିଥିଲେ। କୋରେଇର ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ସେକ୍ ଇଦ୍ରିଶ ମହମ୍ମଦ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତି ସମସ୍ତଙ୍କ ମନରେ ସମ୍ମାନ ଥିବା କହିଥିବାବେଳେ ଏନେଇ ଅଧିକ ଅପପ୍ରଚାର ବନ୍ଦ କରିବାକୁ ନିବେଦନ କରିଥିଲେ।


ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠିତ ଅନୁଶୋଚନା ସଭା।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅପରିଣାମଦର୍ଶୀତାର ଫଳ ସର୍ବଦା ବିଷମୟ ହୋଇଥାଏ।
- ସେନେକା



## ସଂକ୍ଷେପରେ

### ଯାଜପୁର ସରକାରୀ ବାଳିକା ହାଇସ୍କୁଲ
## ୫୬ବର୍ଷ ପରେ ପାଳନ ହେବ ସୁବର୍ଣ୍ଣ ଜୟନ୍ତୀ

ଯାଜପୁର ଟାଉନ,୧୧।୧(ଡିଏନଏ): ଯାଜପୁର ସହରର ବହୁ ପୁରାତନ ସରକାରୀ ବାଳିକା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ଏପ୍ରିଲ ୪ ଓ ୫ ତାରିଖ ଅନୁଷ୍ଠିତ ହେବ ବୋଲି ପୁରାତନ ଛାତ୍ରୀ ସଂସଦର ସମ୍ପାଦିକା ସଂଯୁକ୍ତା ମହାପାତ୍ର ଓ ଆବାହିକା ସ୍ୱାତୀ ବେହୁରିଆ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୧୯୬୩ ମସିହାରେ ପ୍ରତିଷ୍ଠା କରାଯାଇଥିବା ଏହି ଶିକ୍ଷାନୁଷ୍ଠାନଟି ୨୦୧୩ରେ ୫୦ ବର୍ଷ ପୂରଣ କରିଥିବାବେଳେ ଗତ କିଛିବର୍ଷ ହେଲା ବିଭିନ୍ନ ସମସ୍ୟା ପାଇଁ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇ ପାରିନାହିଁ। ସମ୍ପାଦିକା ମହାପାତ୍ର କହିଛନ୍ତି ଯେ, ମହିଳାଙ୍କର ଏକ ପ୍ରମୁଖ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଏହି ଶିକ୍ଷାନୁଷ୍ଠାନଟିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସାମାନ୍ୟ ବିଳମ୍ବ ହେଲେ ମଧ ଏକ ନିଆରା ଢଙ୍ଗରେ ଓ ସମସ୍ତ ପୂର୍ବତନ ଛାତ୍ରୀ ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସାମିଲ କରାଯାଇ ପାଳନ କରାଯିବ। ଉତ୍ସବର ବିପୁଳ ସଫଳତା ପାଇଁ ବିଧାୟକ ପ୍ରଣବ ପ୍ରକାଶ ଦାସ ଇତି ମଧ୍ୟରେ ପୁରାତନ ଛାତ୍ରୀ ସଂସଦର କର୍ମକର୍ତ୍ତାଙ୍କୁ ଡାକି ବୈଠକ ଆୟୋଜନ କରିସାରିଛନ୍ତି। କାର୍ଯ୍ୟକ୍ରମରେ କେବଳ ମହିଳାମାନେ ଅତିଥିଭାବେ ଯୋଗଦେବେ ବୋଲି ବେହୁରିଆ ସୂଚନା ଦେଇଛନ୍ତି। ରାଜ୍ୟ ତଥା ଦେଶରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ମହିଳାମାନେ ଉପରୋକ୍ତ ୨ଦିନ ଯାକର ଉତ୍ସବରେ ଅତିଥିଭାବେ ଯୋଗଦେବେ। ପୁରାତନ ଛାତ୍ରୀ ଓ ବର୍ତ୍ତମାନର ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ଥିବାବେଳେ ବନ୍ଧୁମିଳନ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ। ସମସ୍ତ ପୁରାତନ ଛାତ୍ରୀ ଯେଭଳି ଏହି ଉତ୍ସବରେ ଯୋଗଦେବେ ସେଥିପାଇଁ ସେମାନଙ୍କ ସହିତ ଯୋଗାଯୋଗ ପ୍ରକ୍ରିୟା ଆରମ୍ଭ ହୋଇଛି। ଉତ୍ସବର ସଫଳତା ପାଇଁ ଚଳିତ ମାସ ଶେଷ ସପ୍ତାହରେ ବିଧାୟକ ଦାସଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ସମ୍ପାଦିକା ମହାପାତ୍ର କହିଛନ୍ତି। ଏହି ଉତ୍ସବକୁ ଶତପ୍ରତିଶତ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

## ସୁରଭି ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ

ସିଂହପୁର,୧୧।୧(ଡିଏନଏ): ସୁରଭି, ବିଂଝାରପୁର ପକ୍ଷରୁ ସିଂହପୁର ଓ କଣ୍ଟିପୁର ଗ୍ରାମର ଗରିବ ତଥା ଅସହାୟ ବ୍ୟକ୍ତି ବିଶେଷଙ୍କୁ ଶୀତର ପ୍ରକୋପକୁ ଦୃଷ୍ଟିରେ ରଖି କମ୍ବଳ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ନିର୍ମଳ ଚନ୍ଦ୍ର ମଲିକ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସହକାର୍ଯ୍ୟବାହ ଅମୀୟ ସାମଲଙ୍କ ପରିଚାଳନାରେ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୪୦ଜଣ ଗରିବଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

## ବାର୍ଷିକ କ୍ରୀଡା ଉଦ୍‌ଯାପିତ

ଜେନାପୁର,୧୧।୧(ଡ଼ିଏନଏ): ଧର୍ମଶାଳା ବ୍ଳକ ବଳରାମପୁରସ୍ଥିତ ମୁକୁନ୍ଦ ପାତ୍ର ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଶନିବାର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ସାହୁ, ସମ୍ମାନିତ ବକ୍ତା ଭାବେ ଅଧାପକ ଅରୁଣ କୁମାର ନାୟକ, ଅଭିମନ୍ୟୁ ସାହୁ, ପ୍ରଦୀପ୍ତ କୁମାର ମିଶ୍ର, ରଞ୍ଜନ କୁମାର ଦାଶ ବକ୍ତବ୍ୟ ରଖିଥିଲେ। ବାର୍ଷିକ କ୍ରୀଡ଼ାର ଉପଦେଷ୍ଟା ସୁଶାନ୍ତ କୁମାର ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ। କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଛାତ୍ରଙ୍କ ତରଫରୁ ବଳରାମ ସାହୁ ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଓ ଛାତ୍ରୀଙ୍କ ତରଫରୁ ଗଙ୍ଗୋତ୍ରୀ ସ୍ୱାଇଁ ଦ୍ୱିତୀୟ ବର୍ଷ କଳା ଚାମ୍ପିୟନ ଟ୍ରଫି ପାଇଥିଲେ। ମୁଖ୍ୟ ଅତିଥି ଉଭୟ ଚାମ୍ପିୟନଙ୍କୁ ୨୦୦୦ ଟଙ୍କା ଲେଖାଏଁ ନିଜ ତରଫରୁ ପୁରସ୍କାର ଦେଇଥିଲେ। ୩ଦିନ ବ୍ୟାପୀ ଚାଲିଥିବା ଏହି ଉତ୍ସବରେ ବିଦ୍ୟାଳୟର ଅଧାପିକାଅଧାପକ ସହଯୋଗ କରିଥିଲେ। ଉଚ୍ଚ ମାଧମିକ ବିଦ୍ୟାଳୟର ଖେଳ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।

### କୋରେଇ, ରସୁଲପୁର, ଦଶରଥପୁର ବ୍ଲକରେ ବ୍ୟାପକ ହେରାଫେରି
# ଏଲ୍‌ଏଫ୍‌ଏର ଖୋଳତାଡ଼, ୪ ଦୁର୍ନୀତିଖୋରଙ୍କୁ ସରଚାର୍ଜ

ଯାଜପୁର ଅଫିସ,୧୧।୧

ଯାଜପୁର ଜିଲା କୋରେଇ, ରସୁଲପୁର ଓ ଦଶରଥପୁର ବ୍ଲକର ୪ଜଣ ଦୁର୍ନୀତିଖୋର ଅଧିକାରୀଙ୍କ ନାମରେ ଓଡ଼ିଶା ଲୋକାଲ ଫଣ୍ଡ ଅଡିଟ ଆଇନ-୧୯୪୮, ଧାରା ୯(୩) ଅନୁଯାୟୀ ସରଚାର୍ଜ ପ୍ରୋସିଡିଂ ହୋଇଛି। ଏଥିରେ ୮ଜଣ ଗ୍ରାମ ପଞ୍ଚାୟତ ସମ୍ପାଦକ ଓ ଜଣେ କନିଷ୍ଠ ଯନ୍ତ୍ରୀ ଅଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାର ଗ୍ରାମ ପଞ୍ଚାୟତର ବିଭିନ୍ନ ଉନ୍ନୟନ ଓ ଲୋକହିତକର ଯୋଜନାରେ କୋଟିକୋଟି ଟଙ୍କା ହେରଫେର ହୋଇଥିବା ଅଡିଟ ରିପୋର୍ଟରେ ଧରାପଡିଥିଲା। ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅନୁଦାନକୁ ସମୁଦାୟ ୩୩ଜଣ ସରପଞ୍ଚ, ସମ୍ପାଦକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଓ ଜିଏଲଡବ୍ଲ୍ୟୁ ଲୁଟିଥିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଏହାପରେ ରାଜ୍ୟ ଏଲ୍‌ଏଫ୍‌ଏ ନିର୍ଦ୍ଦେଶାଳୟରୁ ୨୦୧୬ରୁ ୨୦୧୮ ମଧ୍ୟରେ ୩୩ଜଣ ସମ୍ପୃକ୍ତ ଦୁର୍ନୀତିଖୋର ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ, ସରଚାର୍ଜ (ଅଧିଭାର) ଆଦି ଜାରି କରାଯାଇଛି। ଏହାପରେ ଅଧିକ ତଦନ୍ତ କରି ୯ଜଣଙ୍କ ନାମରେ ସରଚାର୍ଜ ପ୍ରୋସିଡିଂ ଉପରେ ରିକଭରି ପୋଜିସନ ଦାଖଲ କରିବାକୁ ଏଲଏଫଏ ନିର୍ଦ୍ଦେଶାଳୟର ଲୋକାଲ ଆକାଉଣ୍ଟ ବିଭାଗର ସହକାରୀ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।

## ସରପଞ୍ଚ, ଯନ୍ତ୍ରୀଙ୍କ ରହିଛି ସମ୍ପୃକ୍ତି

କୋରେଇ ବ୍ଲକ ସମେତ ରସୁଲପୁର ଓ ଦଶରଥପୁର ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନାରେ ବ୍ୟାପକ ହେରାଫେରି ହୋଇଥିବା ଅଡିଟ ରିପୋର୍ଟରେ ଧରାପଡିଥିଲା। ଏନେଇ ୩୩ଟି ମାମଲା ରୁଜୁ ହୋଇ ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ, ସମ୍ପାଦକ, ବିଡିଓ, ଜିଏଲଡବ୍ଲ୍ୟୁ ପ୍ରମୁଖଙ୍କ ସମ୍ପୃକ୍ତି ରହିଥିଲା। ଏହାପରେ ୪ଜଣ ଦୁର୍ନୀତିଖୋର ଅଧିକାରୀଙ୍କ ନାମରେ ସରଚାର୍ଜ ପ୍ରୋସିଡିଂ ଉପରେ ରିକଭରି ପୋଜିସନ ଦାଖଲ କରିବାକୁ କୁହାଯାଇଛି। ଏଥିରେ କୋରେଇ ବ୍ଲକ ପାଣିକୋଇଲି ପଞ୍ଚାୟତର ତତ୍କାଳୀନ ସମ୍ପାଦକ ଶଙ୍କର୍ଷଣ ବେହେରାଙ୍କ ନାମରେ ୩ଟି ମାମଲା, କନ୍ତର ପଞ୍ଚାୟତର ତତ୍କାଳୀନ ସମ୍ପାଦକ ଚିତ୍ତରଞ୍ଜନ ରାଉତଙ୍କ ନାମରେ ୪ଟି ଏବଂ ରସୁଲପୁର ବ୍ଲକ ଓଡିଶ ପଞ୍ଚାୟତର ତତ୍କାଳୀନ ସମ୍ପାଦକ ଅଭିମନ୍ୟୁ ନାୟକ ଓ ଦଶରଥପୁର ବ୍ଲକ ଗ୍ରାମନାଳିପୁର ପଞ୍ଚାୟତ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ରାହାସବିହାରୀ ଜେନା ରହିଛନ୍ତି। ଏହା ପୂର୍ବରୁ ରାଜ୍ୟ ଏଲ୍‌ଏଫ୍‌ଏ ନିର୍ଦ୍ଦେଶାଳୟରୁ ଉପରୋକ୍ତ ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ ସହ ଅର୍ଥ ତୋଷରପାତର ଅସୁଲି ସମ୍ପର୍କରେ ନୋଟିସ ଜାରି ହୋଇଥିଲା। ଏହି ଅଧିକାରୀଙ୍କୁ ୨୦୧୬ରେ ୨୪ଟି, ୨୦୧୭ରେ ୬ ଓ ୨୦୧୮ରେ ୩ଟି କାରଣ ଦର୍ଶାଅ ନୋଟିସ ହୋଇଥିଲା। ଏହି ମର୍ମରେ ଏଲ୍‌ଏଫ୍‌ଏର ସହକାରୀ ନିର୍ଦ୍ଦେଶକ ଯାଜପୁର ଏଲଏଫଏର ଜିଲା ଅଡିଟ ଅଫିସରଙ୍କୁ ବର୍ତ୍ତମାନର ସରଚାର୍ଜ ପ୍ରୋସିଡିଂର ରିକୋଭରି ପଜିସନ ଦାଖଲ କରିବା ପୂର୍ବରୁ ଜିଲାପାଳଙ୍କ ଅନୁମତି ନେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାସହ ଅଡିଟ ରିପୋର୍ଟର ପାରା ଅନୁଯାୟୀ ମତାମତ ଦେବାକୁ ପରାମର୍ଶ ଦିଆଯାଇଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡୋତ୍ସବ

ରତ୍ନଗିରି,୧୧।୧(ଡିଏନ୍‌ଏ)

ବରୀ ବ୍ଲକ ରଜାତୋଟାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୯ତମ ବାର୍ଷିକ କ୍ରୀଡୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହିଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଜ୍ଞାନ ରଞ୍ଜନ ଧଳ, ମୁଖ୍ୟବକ୍ତାଭାବେ ଗଣମାଧ୍ୟମ ପ୍ରତିନିଧି ପ୍ରତାପ କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ କବୟିତ୍ରୀ ସବିତା ନାୟକ ଯୋଗଦେଇ ଆଧୁନିକ ସମାଜରେ ଖାଲି ଛାତ୍ରୀଛାତ୍ର ନୁହେଁ, ବରଂ ପ୍ରତି ମଣିଷ ପାଇଁ ଶାରୀରିକ ପରିଶ୍ରମ ଆବଶ୍ୟକ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନ ସଭାପତି ମଦନମୋହନ ପତି ସଭାରେ ଅଧକ୍ଷତା କରିଥିବାବେଳେ ପ୍ରତିଷ୍ଠାତା ଅଧାପକ ପ୍ରଭାତ କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ସୁଶାନ୍ତ କୁମାର ସାମଲଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ‘ବିବେକାନନ୍ଦଙ୍କ ବାଣୀ ପଥଭ୍ରଷ୍ଟ ଯୁବ ସମାଜକୁ ଠିକ୍ ମାର୍ଗ ଦେଖାଇବ’



ବିଶ୍ୱ ଯୁବ ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

ରସୁଲପୁର,୧୧।୧(ଡିଏନଏ)

ଯୁବଗୋଷ୍ଠୀଙ୍କ କାର୍ଯ୍ୟଶୈଳୀ, ଦକ୍ଷତା, ଚିନ୍ତାଧାରା ଠିକ୍ ମାର୍ଗରେ ପରିଚାଳିତ ହୋଇପାରିଲେ ସମାଜ ଆଗକୁ ବଢିବାର ବାଟ ଫିଟି ପାରିବ। ଏବେ ସମାଜରେ ମୂଲ୍ୟବୋଧ ଚିନ୍ତାଧାରାର ଅବକ୍ଷୟ ଘଟୁଥିବା ପରିଲକ୍ଷିତ ହେଉଛି। ଏଥିପାଇଁ ପଥଭ୍ରଷ୍ଟ ଯୁବ ସମାଜକୁ ଦାୟୀ କରାଯାଇପାରେ। ସେମାନଙ୍କୁ ଠିକ୍ ମାର୍ଗରେ ପରିଚାଳିତ କରିବାକୁ ହେଲେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ପାଥେୟ କରିବାକୁ ହେବ। ସ୍ୱାମୀଙ୍କ ବାଣୀ ଉଶୃଙ୍ଖଳ ଯୁବ ସମାଜ ପାଇଁ ସଂଜୀବନି ସଦୃଶ ବୋଲି ଆଜି ଯାଜପୁର ଜିଲା ରସୁଲପୁର ବ୍ଲକ ଅଧିନସ୍ଥ ଅଗ୍ରଣୀ କେଲଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ(ମୁଗୁପାଳ କଲେଜ)ରେ ଆୟୋଜିତ ବିଶ୍ୱ ଯୁବ ଦିବସ ସମାରୋହରେ ମତ ପ୍ରକାଶ ପାଇଛି। ଏହି ଅବସରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଜିଲାସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତ ଓ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଥଭ୍ରଷ୍ଟ ଯୁବସମାଜ ପାଇଁ ବିବେକାନନ୍ଦ ହିଁ ଏକମାତ୍ର ଆଶାର ଆଲୋକ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାଛଡା ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅଧାପକ ସିଦ୍ଧାର୍ଥ ଶଙ୍କର ରଥ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ସୁସ୍ମିତା ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧାପକ ଶିବ ଚରଣ ମାଝୀ, ସୁକାନ୍ତ ପାଣି, ସୁରେନ୍ଦ୍ର କୁମାର କୁଅଁର, ପ୍ରଦୀପ କୁମାର ପହି, ସୁରେଶ ଚନ୍ଦ୍ର ଦାସ, ବିନୋଦ ବିହାରୀ ସାହୁ, ପ୍ରଦୀପ କୁମାର ବଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

### ମୁଗୁପାଳ କଲେଜରେ ବିଶ୍ୱ ଯୁବ ଦିବସ ସମାରୋହ

## ଦେୟମୁକ୍ତ ହେଲା କୃତ୍ରିମ ପ୍ରଜନନ

ବିଞ୍ଝାରପୁର,୧୧।୧(ଡି.ଏନ.ଏ)

ସରକାରଙ୍କ ପକ୍ଷରୁ ପ୍ରାଣୀଧନ କେନ୍ଦ୍ରରେ କରାଯାଉଥିବା କୃତ୍ରିମ ପ୍ରଜନନ ଦେୟମୁକ୍ତ କରାଯାଇଛି। ଗୋ-ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଏନଏଆଇପି ଯୋଜନାରେ ସମସ୍ତ ଗୋପାଳକଙ୍କ ପାଇଁ ଜର୍ସି, ହରିୟାନା, ସାହିୱାଲ, ଗିର, ବିଞ୍ଝାରପୁର ପ୍ରଜାତିର ଉନ୍ନତ ଷଣ୍ଢର ଶୁକ୍ରାଣୁ ରୋପଣ କରି କୃତ୍ରିମ ପ୍ରଜନନ ବିନାଦେୟରେ କରାଯିବାର ସୁବିଧା ରହିଛି। ବିଞ୍ଝାରପୁର ବ୍ଲକର ୧୦ଟି କ୍ଲଷ୍ଟର ଗ୍ରାମରେ ଗତ ତିନି ମାସ ହେଲା ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲାବେଳେ ଏହି ସୁବିଧା ଆସନ୍ତା ୧୬ରୁ ବ୍ଲକର ସମସ୍ତ ଗୋପାଳକ ପାଇପାରିବେ। ପୂର୍ବରୁ କୃତ୍ରିମ ପ୍ରଜନନ ରୋପଣ ପାଇଁ ସରକାରଙ୍କୁ ୪୦ଟଙ୍କା ଦେୟ ଦେବାକୁ ପଡୁଥିଲା। ତେବେ ଗ୍ରାମାଞ୍ଚଳର ଗୋପାଳକମାନେ ଗାଉଁଲି ଷଣ୍ଢଙ୍କ ଦ୍ୱାରା ପ୍ରଜନନ ନ କରାଇ ସରକାରୀ ଯୋଜନାରେ ମାଗଣାରେ କୃତ୍ରିମ ପ୍ରଜନନ ରୋପଣ କରାଇ ଉନ୍ନତ କିସମର ପ୍ରାଣୀଧନ ଉତ୍ପାଦନ କରି ଲାଭବାନ ହୋଇପାରିବେ ବୋଲି ପ୍ରାଣୀଧନ ଚିକିତ୍ସାଧିକାରୀ ତପନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ୨୯ରୁ ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ଯାଜପୁର ଟାଉନ,୧୧।୧(ଡିଏନଏ)

ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆସନ୍ତା ୨୯ ତାରିଖରୁ ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ସ୍ଥାନୀୟ ବାଳାଶ୍ରମ ପଡ଼ିଆଠାରେ ଅନୁଷ୍ଠିତ ହେବ। ଫେବୃୟାରୀ ୭ ତାରିଖ ଏହି ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ଏହି ଟୁର୍ନାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦ଟି ଟିମ୍ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟ ବିଜେତାଙ୍କୁ ୫୦ହଜାର ନଗଦ ରାଶି ଓ ରନର୍ସଅପ୍‌କୁ ୩୦ ହଜାର ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଏଥିଲାଗି ଯାଜପୁର ଡାକବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଖବରଦାତା ସମ୍ମିଳନୀରେ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଅଧକ୍ଷ ଭବପ୍ରସାଦ ଦାସ, ଜିଲା କ୍ରିକେଟ୍ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ପ୍ରଧାପକ ବଟକୃଷ୍ଣ ମହାପାତ୍ର, ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଅୟସକାନ୍ତ ଧଳ, ଧର୍ମେନ୍ଦ୍ର ସାହୁ, ଶ୍ରୀଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଝାଡଖଣ୍ଡ ସ୍ପୋର୍ଟିଂ, ଛତିଶଗଡ଼ ଫରେଷ୍ଟ, ରାଇଜିଂ ଯୁଥକ୍ଲବ୍ ରାଉରକେଲା, ରାଞ୍ଚି ରେଲୱେ, ୟୁନିୟନ ସ୍ପୋର୍ଟିଂ କଟକଙ୍କ ସମେତ ଯାଜପୁର ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବ୍, ଇଲେଭେନ୍ ଷ୍ଟାର୍, ଭଦ୍ରକର ୟୁନିକ୍ ଏକାଦଶ ଓ ଚରମ୍ପା ଏକାଡ଼େମୀ ଭଦ୍ରକ ଟିମ୍ ପ୍ରତିଯୋଗିତାରେ ଭାଗ ନେବେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆୟୋଜକ କମିଟି ସଦସ୍ୟ।

### ସୌରିକ ଯୁବ ମହୋତ୍ସବ ୪ର୍ଥ ଦିବସ
# ‘ମହିଳାଙ୍କ ସଶକ୍ତୀକରଣ ମହୋତ୍ସବର ଅନ୍ୟତମ ଲକ୍ଷ୍ୟ’



କାଳିଆପାଣି,୧୧।୧(ଡିଏନଏ)

ସୌରିକ ଅଞ୍ଚଳର ମହିଳାଙ୍କ ସଶକ୍ତୀକରଣ ଏହି ଯୁବ ମହୋତ୍ସବର ଅନ୍ୟତମ ଲକ୍ଷ୍ୟ ବୋଲି ଶନିବାର ୪ର୍ଥ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ପ୍ରକାଶ କରିଛନ୍ତି। ସୌରିକ ଅଞ୍ଚଳର ୧୦ଟି ପଞ୍ଚାୟତରେ ୮ଶହରୁ ଊର୍ଦ୍ଧ୍ୱ ସ୍ୱଂୟ ସହାୟକ ଗୋଷ୍ଠୀ ସରକାରଙ୍କ ପୃଷ୍ଠପୋଷକତାରେ ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ଯୋଜନା ସାମିଲ ହୋଇଛନ୍ତି। ଏହାବାଦ ସେହି ଅଞ୍ଚଳର ସମସ୍ତ ଗୋଷ୍ଠୀର ୧୦ହଜାରରୁ ଊର୍ଦ୍ଧ୍ୱ ମହିଳା ଆତ୍ମନିର୍ଭରଶୀଳ ହେବା ସହ ବ୍ୟକ୍ତିଗତସ୍ତରରେ କିପରି ସ୍ୱଳ୍ପ ଓ ମଧ୍ୟମ କୁଟୀର ଶିଳ୍ପ ଯୋଜନାରେ ସାମିଲ ହୋଇ ଅଧିକ ରୋଜଗାରକ୍ଷମ ହୋଇପାରିବେ ସେଥିପାଇଁ ଏହି ଯୁବ ମହୋତ୍ସବ ମାଧମରେ ସେମାନଙ୍କୁ ପ୍ରଶିକ୍ଷଣ ଏବଂ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରାଯାଇଥିଲା ବୋଲି ବିଧାୟକ ଘଡେଇ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବିଧାୟକ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ମହୋତ୍ସବର ସମ୍ପାଦକ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧିର, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ଯୁବ ନେତା ପ୍ରଭାତ ପ୍ରଧାନ, ସରପଞ୍ଚ ସବିତା ମହାନ୍ତ, କଳ୍ପନା ଜେନା, ସମିତି ସଭ୍ୟା ସଂଗୀତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କଣ୍ଠଶିଳ୍ପୀ ଦୀପ୍ତିରେଖା

## ମହିଳା ସଶକ୍ତୀକରଣ ପ୍ରଶିକ୍ଷଣ

ସୌରିକ ଯୁବ ମହୋତ୍ସବ ୪ର୍ଥ ଦିବସରେ ଦିନ ତମାମ ମହିଳାଙ୍କ ପାଇଁ ବିଭିନ୍ନ ପ୍ରଶିକ୍ଷଣ ଓ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ କାଳିଆପାଣି, କଂସ, ଚିଙ୍ଗୁଡିପାଳ, ଗାଁସୋଳ, କାଙ୍କଡପାଳ, କୁହିକା, ପିମ୍ପୁଡିଆ, ଦୁଧୁଯୋରୀ, ବନ୍ଧଗାଁ, ଲେମ୍ବୋ ପ୍ରଭୃତି ୧୦ଟି ପଞ୍ଚାୟତରୁ ୭୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୮ଶହରୁ ଊର୍ଦ୍ଧ୍ୱ ମହିଳା ଭାଗ ନେଇଥିଲେ। ଏସ୍‌ଏଚ୍‌ଜି ଗୋଷ୍ଠୀ ମାଧମରେ ବିଭିନ୍ନ ପ୍ରକଳ୍ପ ହାତକୁ ନେଇ କିପରି ଅଧିକ ରୋଜଗାରକ୍ଷମ ହୋଇପାରିବେ ସେ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି କୃଷି ଏବଂ ସ୍ୱଳ୍ପ ଓ ମଧ୍ୟମ ଶିଳ୍ପ ଜରିଆରେ ଜଣେ ଜଣେ କିପରି ମହିଳା ଉଦ୍ୟୋଗୀ ହୋଇପାରିବେ ସେ ସମ୍ପର୍କରେ ମଧ ତାଲିମଦାତାଙ୍କଠାରୁ ଉପାଦେୟ ପରାମର୍ଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ନାରାୟଣ ଧିର ଯୁବ ମହୋତ୍ସବ ସମ୍ପର୍କରେ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବାବେଳେ ବାଲେଶ୍ୱର ଆଲୋଏଜର ଖଣି ମହାପ୍ରବନ୍ଧକ ତାରିଣୀ ପ୍ରସାଦ ମହାନ୍ତି, ଲୋକ ସମ୍ପର୍କ ଅଧିକାରୀ ପାର୍ଥ ସାରଥି ମୁଦୁଲୀ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ବାଲେଶ୍ୱର ଆଲଏଜ ପକ୍ଷରୁ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟଙ୍କୁ ପରିବେଶ ଅନୁକୂଳ ବ୍ୟାଗ ପ୍ରଦାନ କରାଯାଇଥିଲା। କୃଷି ପରମର୍ଶଦାତା ବାବୁନୀ ସାହୁ, ଓରମାସର ଜିଲା ସଂଯୋଜକ ବିକାଶ ରାଉତ, ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ପ୍ରବନ୍ଧକ ଦୀପାବାଳା ଜେନା, ଜ୍ୟୋତ୍ସ୍ନା ମହାରଣା ପ୍ରମୁଖ ପ୍ରଶିକ୍ଷଣ ଓ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ।

## ମନ୍ତ୍ରମୁଗ୍ଧ କଲା କଳାକାରଙ୍କ ନୃତ୍ୟଗୀତ

ସୌରିକ ଯୁବ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ମନୋରଞ୍ଜନ କାର୍ଯ୍ୟକ୍ରମରେ ଓଲିଉଡ କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ କମାଲ ଦେଖିବାକୁ ମିଳିଥିଲା। ଅନୁଭବ ମହାନ୍ତିଙ୍କ ଚଳଚ୍ଚିତ୍ରର ‘ହାଏ ତୋ ପ୍ରେମ ଗଜଲ ଗଜଲ’ ଗୀତରେ ଦୀପ୍ତିରେଖା ଦର୍ଶକଙ୍କୁ ମତୁଆଲା କରିଥିଲେ। ଦିପ୍ତୀରେଖା ବହୁ ସୁପରହିଟ ଗୀତ ପରିବେଷଣ କରି ଶିତୁଆ ସନ୍ଧ୍ୟାକୁ ରଙ୍ଗୀନ କରିଦେଇଥିଲେ। ସେହିପରି ସତ୍ୟଜିତ ପ୍ରଧାନ ଓ ଜେସିକାଙ୍କ ବହୁ ମନଛୁଆଁ ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବ୍ୟାସଶ୍ରୀ କଳାନିକେତନର କୁନିକୁନି କାଳାକାର ଆରଏନ୍ ତେଜସ୍ୱିନୀ ରାଉତ, ଇନସି ମିଶ୍ରଙ୍କ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ହାସ୍ୟ ଅଭିନେତା ବାଇଧର ମାଝୀଙ୍କ ବ୍ୟଙ୍ଗ କବିତା ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗଇଥିଲା। ଓଲିଉଡର ଅଭିନେତ୍ରୀ ଦେବିକା କଳା ଅଭିନୟ ବେଶ ଚିତାକର୍ଷକ ଥିଲା। ଓଡ଼ିଶୀ ନୃତ୍ୟ, ଦେଶାତ୍ମବୋଧକ ଓ ଆଧୁନିକ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।



## ମୀନାବାଜାରରେ ଭିଡ଼

ଓଡିଶା ଖଣି ନିଗମ ଖେଳ ପଡିଆରେ ଚାଲିଥିବା ଯୁବ ମହୋତ୍ସବର ମୀନା ବଜାରରେ ବହୁ ସଂଖ୍ୟକ ଷ୍ଟଲ ଖୋଲାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଓରମାସ, ସ୍ୱଂୟ ସହାୟକ ଗୋଷ୍ଠୀ, ଖଣି କର୍ତ୍ତୃପକ୍ଷ, ରାଜ୍ୟର ବିଭିନ୍ନ ସ୍ଥାନର ବ୍ୟବସାୟୀଙ୍କ ସହିତ ସ୍ଥାନୀୟ ବ୍ୟବସାୟୀଙ୍କ ପକ୍ଷରୁ ଖୋଲା ଯାଇଥିବା ବହୁ ସଂଖ୍ୟକ ଷ୍ଟଲରେ ଲୋକଙ୍କ ଭିଡ ଜମୁଥିବା ଦେଖିବାକୁ ମିଳୁଛି। ଖଣି ଅଞ୍ଚଳରେ ହସ୍ତତନ୍ତ ସହିତ କୁଟୀର ଶିଳ୍ପର ବହୁ ସାମଗ୍ରୀ ଉପଲବ୍ଧ ହେଉଥିବାରୁ ମହିଳାମାନେ ଅଧିକ ପରିମାଣ କ୍ରୟ କରୁଥିବା ଦେଖିବାକୁ ମିଳିଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୨ ତାରିଖ (ରବିବାର)**

- ମହର୍ଷି ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ
  **ସ୍ଥାନ:** ମହର୍ଷି ବିଦ୍ୟାଳୟ, ନୟାଗଡ଼
  ସମୟ: ଅପରାହ୍ନ ୩ଟା ୩୦ ମିନିଟ
- ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ
  **ସ୍ଥାନ:** କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡ଼ା
  ସମୟ: ପୂର୍ବାହ୍ନ ୧୦ଟା

**୧୩ ତାରିଖ (ସୋମବାର)**

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ:** ବ୍ଲକ କାର୍ଯ୍ୟାଳୟ ପରିସର, ରଣପୁର ସମୟ: ପୂର୍ବାହ୍ନ ୧୧ଟା
- ଇଟାମାଟି କପ ଟୁର୍ନାମେଣ୍ଟ ୨୦୨୦ ଉଦ୍‌ଘାଟନ
  **ସ୍ଥାନ:** ବାମନ ଅବକାଶ ଉଚ୍ଚ ବିଦ୍ୟାଳୟ, ଇଟାମାଟି
  ସମୟ: ଅପରାହ୍ନ ୩ଟା

**୧୪ ତାରିଖ (ମଙ୍ଗଳବାର)**

- ନୀଳମାଧବ ଜୀଉଙ୍କ ମନ୍ଦିରରେ ନବାଙ୍କ ବେଢ଼ା
  **ସ୍ଥାନ:** ନୀଳମାଧବ ପୀଠ, କଣ୍ଟିଲୋ
  ସମୟ: ରାତ୍ର ୯ଟା

# ଭୂଇଁଆଣୀ ପୀଠରେ ମକରଯାତ୍ରା ଆରମ୍ଭ

**ନୟାଗଡ଼ ଅଫିସ,୧୧।୧**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସୋଲପଟା ପଞ୍ଚାୟତର କାନକଟା (ପଥରା) ଗ୍ରାମସ୍ଥିତ ଭୂଇଁଆଣୀ ପୀଠରେ ଶନିବାରଠାରୁ ଆରମ୍ଭ ହେଉଛି ମକର ଯାତ୍ରା। ଏହି ଯାତ୍ରା ୫ ଦିନ ଧରି ଚାଲିବ। ଏଥିସହ ଶକ୍ତି ଯଜ୍ଞ ମଧ୍ୟ ଆରମ୍ଭ ହୋଇଛି। ବୁଧବାର ଅର୍ଥାତ୍ ମକର ସଂକ୍ରାନ୍ତିରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯିବା ସହ ଯାତ୍ରା ଉଦ୍‌ଯାପିତ ହେବ। ଭୂଇଁଆଣୀ ଯାତ୍ରା କମିଟି ପକ୍ଷରୁ ଆୟୋଜିତ ଏହି ଯାତ୍ରାରେ ପ୍ରତି ବର୍ଷ ଭଳି ପ୍ରଥମ ଦିନରୁ ଲୋକମାନଙ୍କ ଭିଡ଼ ଦେଖିବାକୁ ମିଳିଲାଣି। ଯାତ୍ରା ଓ ଶକ୍ତି ଯଜ୍ଞର ଯୁଗଳ ବନ୍ଧୀରେ ହୋଇଥିବା ଏହି ଯାତ୍ରା ସ୍ୱତନ୍ତ୍ର। ଏହି ଅବସରରେ ଅପେରା ପରିବେଷଣ କରାଯିବ। ମାଗଣାରେ ରାତ୍ରିରେ ଦର୍ଶକମାନେ ଅପେରା ଦେଖିବା ସହିତ ଖୋଲିଥିବା ମିନାବଜାର ମଧ୍ୟ ବୁଲି ଦେଖିବେ।

ନୟାଗଡ଼ ସହରଠାରୁ ୭ କିଲୋମିଟର ଦୂରରେ ରହିଛି ଏହି ପୀଠ। ନୟାଗଡ଼ରୁ ରାଜ୍ୟ ରାଜପଥ-୨୧ରେ ଓଡ଼ଗାଁକୁ ଯିବା ବାଟରେ ସୋଲପଟାଠାରୁ ଡାହାଣ ଦିଗକୁ ଢୋଲପଥର ରାସ୍ତାରେ ୧ କିଲୋମିଟର ଗଲା ପରେ ପଡ଼େ ଏହି ପୀଠ। ଗହୀର ଭିତରେ ମା'ଙ୍କ ଆସ୍ଥାନ। ପ୍ରବାଦ ଅଛି, ପଥରା ଗହୀର ଭିତରେ ଅତୀତରେ ଗଢି ଉଠିଥିଲା ଏକ ଜନଜାତି ସଭ୍ୟତା। ଏହିଠାରେ ବସବାସ କରୁଥିଲେ ଜନଜାତି ସମ୍ପ୍ରଦାୟର ଲୋକମାନେ।



ମା' ଭୂଇଁଆଣୀଙ୍କ ପୀଠ।

- ୫ ଦିନ ଧରି ଚାଲିବ
- ରାତ୍ରରେ ଅପେରା ଦେଖିବେ ଦର୍ଶକ
- ଖୋଲିଛି ମିନାବଜାର

ଓଡିଶାର ପର୍ବପର୍ବାଣିଗୁଡିକ କୃଷିଭିତ୍ତିକ ହୋଇଥିବାରୁ ସେ ସମୟରେ ଅଧିବାସୀମାନେ ଜଳ, ଜମି, ଜଙ୍ଗଲର ସୁରକ୍ଷା ପାଇଁ ମା' ଭୂଇଆଁଣୀଙ୍କର ଆରାଧନା କରୁଥିଲେ। ଲୋକମାନେ ମାଆଙ୍କୁ ଭଗବତୀ ରାଣୀ ବୋଲି ଡାକୁଥିଲେ ବର୍ତ୍ତମାନ ଏହା ଭୂଇଁଆଣୀ ନାମରେ ପରିଚିତ। ଅଞ୍ଚଳର ବାସିନ୍ଦା ଏବେ ବି ପ୍ରଥମ ଶସ୍ୟ ମା'ଙ୍କୁ ଅର୍ପଣ କରିଥାନ୍ତି। ଏହାର ଗ୍ରାମଦେବତୀ ମା' ଭୂଇଁଆଣୀଙ୍କ ପୂଜକ ଥିଲେ ଜାନୀ ସମ୍ପ୍ରଦାୟର ବ୍ୟକ୍ତି। ସେମାନେ କାହିଁ କେଉଁ କାଳରୁ ବଂଶାନୁକ୍ରମିକ ଭାବେ ମା'ଙ୍କର ପୂଜା କରି ଆସୁଛନ୍ତି। ଜାନୀ ସାଧାରଣ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି। କିମ୍ବଦନ୍ତୀ ଅନୁସାରେ, ସେଠାକାର ଆଦିବାସୀମାନେ ପୂଜା ପାର୍ବଣକୁ ବହୁ ଧୁମ୍‌ଧାମରେ ପାଳନ କରୁଥିଲେ। ମା'ଙ୍କ ଆସ୍ଥାନସ୍ଥଳୀରେ ତିନି ମୂର୍ତ୍ତି ଦେଖାଯାଆନ୍ତି। ମଝିରେ ମାଆ ଏବଂ ଉଭୟପାର୍ଶ୍ୱରେ ଦୁଇ ଭଉଣୀ ଶୂଳିଆ ଓ ଡୋଇମଣୀ ବୋଲି କେହି କେହି କହିଥାନ୍ତି। ଆନୁମାନିକ ୨୬ ବର୍ଷ ତଳୁ ଏଠାରେ ଏକ ଶକ୍ତିଯଜ୍ଞର ଆୟୋଜନ କରାଯାଉଛି। ମା'ଙ୍କ କରୁଣା ଲଭିଥିବା ପ୍ରାୟ ୨୦ ଖଣ୍ଡ ଗ୍ରାମର ଯୁବକ ଏଠାରେ ଏକତ୍ରିତ ହୋଇ ଶକ୍ତି ଯଜ୍ଞର ଆୟୋଜନ କରିଥାନ୍ତି। ସେହିଭଳି ୫ ରାତି ଧରି ପଡ଼ିଆରେ ଯାତ୍ରା ଅନୁଷ୍ଠିତ ହୁଏ। ଦର୍ଶକମାନେ ମାଗଣାରେ ଖୋଲା ପଡ଼ିଆରେ ଯାତ୍ରା ଦେଖିଥାନ୍ତି। ପ୍ରତି ବର୍ଷ ମକର ସଂକ୍ରାନ୍ତିର ପାଞ୍ଚ ଦିନ ପୂର୍ବରୁ ଏଠାରେ ଯଜ୍ଞ ଅନୁଷ୍ଠିତ ହୁଏ। ମକର ସଂକ୍ରାନ୍ତିଦିନ ପୂର୍ଣ୍ଣାହୁତି ସମ୍ପନ୍ନ ହୁଏ। ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଶକ୍ତିଯଜ୍ଞରେ ମା'ଙ୍କ ଅପୂର୍ବ ବେଶର ଦର୍ଶନ କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ ଏହି ପୀଠର ଉନ୍ନତି ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳିଛି।

■ ଅବକାରୀ ବିଭାଗର ଚଢ଼ାଉ

# ପୋଚ ନଷ୍ଟ, ୮ଶହ ଲିଟର ଦେଶୀମଦ ଜବତ

**ଖଣ୍ଡପଡ଼ା, ୧୧।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହର ଉପକଣ୍ଠ ଗୋଳାପୋଖରୀ ଗ୍ରାମ ନିକଟରେ ଦୀର୍ଘମାସ ଧରି ଚାଲିଥିବା ଦେଶୀମଦ ଭାଟି ଉପରେ ଅବକାରୀ ବିଭାଗ କର୍ମଚାରୀ ଶନିବାର ଅଚାନକ ଚଢାଉ କରି ୮ଶହ ଲିଟର ଦେଶୀମଦ ଜବତ କରିଛନ୍ତି। ଏହାସହ ଉକ୍ତ ସ୍ଥାନରେ ମହଜୁଦ ଥିବା ୮ହଜାରରୁ ଉର୍ଦ୍ଧ୍ୱ ଲିଟର ପୋଚ ନଷ୍ଟ କରାଯାଇଥିବା ଖଣ୍ଡପଡା ଅବକାରୀ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସେଠାରୁ କର୍ମଚାରୀମାନେ ବହୁ ମଦରନ୍ଧା ସାମଗ୍ରୀ ମଧ୍ୟ ଜବତ କରିଛନ୍ତି। ଅବକାରୀ ଡିଏସ୍‌ପି ପ୍ରଦୀପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋବାଇଲ ଇନ୍ସପେକ୍ଟର ପବିତ୍ର ମୋହନ ମାଝି, ଇନ୍ସପେକ୍ଟର କୁମର ଚନ୍ଦ୍ର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପରିଡା, ଶରତ କୁମାର ପରିଡା, ପ୍ରକାଶ ଚନ୍ଦ୍ର ମଲ୍ଲିକ, ଦେବୀ ପ୍ରସାଦ ପାଣି, ପ୍ରଶାନ୍ତ କୁମାର ସେଠୀ, ସୁଦୀପ୍ତ କୁମାର ଦାଶ, ପ୍ରତ୍ୟୁଷ ରଞ୍ଜନ ଦେହୁରି ଓ ଶୁଭଶ୍ରୀ ପାଣିଗ୍ରାହୀ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ତେବେ ଚଢାଉ ପୂର୍ବରୁ କୌଣସି ସୂତ୍ରରୁ ସୂଚନା ପାଇ ଏହି କାରବାରରେ ସମ୍ପୃକ୍ତ ଥିବା ମଦ ବେପାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।



ଜବତ ହୋଇଥିବା ଦେଶୀମଦ ଓ ମଦରନ୍ଧା ସାମଗ୍ରୀ।

## ପୁଷ୍ୟାଭିଷେକରେ ଭଜନ ସମାରୋହ

**ଖଣ୍ଡପଡ଼ା,୧୧।୧(ସ୍ୱ.ପ୍ର.)**

ଶ୍ରୀ ନୀଳମାଧବ ଜୀଉଙ୍କ ପୁଷ୍ୟାଭିଷେକ ଅବସରରେ ପୂଜକ ସମାଜ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ରାଶ ମଣ୍ଡପରେ ୩୩ ତମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପୂଜକ ସମାଜର ସଭାପତି ରାଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥସାରଥୀ ହାଁସଦା ମୁଖ୍ୟଅତିଥି ଓ ସଞ୍ଜୟ କୁମାର ସାମନ୍ତରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂଜକ ସମାଜର ସମ୍ପାଦକ ହୃଷୀକେଶ ମିଶ୍ର ଠାକୁରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭୁବନେଶ୍ୱର ସାଇ ଅର୍ପଣ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ବସନ୍ତ ପାତ୍ର, ବବୁଲ, ଭାରତୀ, ବିକେଏସ କ୍ରୀଷ୍ଣା ଓ ଲୋନୀ ପ୍ରମୁଖଙ୍କ ଭଜନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧିରଖିଥିଲା।

■ ତରବାଲୋ ନୀଳକଣ୍ଠପ୍ରସାଦ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ

# ଉତ୍ତମ ଛାତ୍ରୀଛାତ୍ର ହେବାକୁ ପରାମର୍ଶ




ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ଭାପୁର,୧୧।୧(ଡି.ଏନ.ଏ.)**

ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତର ତରବାଲୋ ନୀଳକଣ୍ଠପ୍ରସାଦ ଉଚ୍ଚ ବିଦ୍ୟାଳୟର ୨ ଦିନିଆ ରଜତ ଜୟନ୍ତୀ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଏହା ରବିବାର ଉଦ୍‌ଯାପିତ ହେବ। ରଜତ ଜୟନ୍ତୀ ଉତ୍ସବର ସଭାପତି ତଥା ସ୍ଥାନୀୟ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ଉତ୍ସବକୁ ଉଦ୍‌ଘାଟନ କରି ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଛାତ୍ର ସହ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ମୋ ବିଦ୍ୟାଳୟ ଯୋଜନାରେ ସାମିଲ ହୋଇ ବିଦ୍ୟାଳୟ ଉନ୍ନତିରେ ସହଯୋଗ କରିବାକୁ ପୁରାତନ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା, ବିଡିଓ ଅନ୍ତର୍ଯ୍ୟାମୀ ଦାସ, ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ସମିତିସଭ୍ୟାଙ୍କ ପ୍ରତିନିଧି ଶିବପ୍ରସାଦ ପ୍ରଧାନ, ଶିକ୍ଷା କମିଟିର ସଭାପତି ଅଲେଖ ବାରିକ, ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥି ପରିଚୟପତ୍ର ପ୍ରଦାନ କରିଥିଲେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବୀରକିଶୋର ପ୍ରଧାନ। ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଶିଶିର ପାତ୍ର ବିବରଣୀ ପାଠ କରିଥିଲେ। ଦୀର୍ଘ ବର୍ଷ ହେଲା ତରବାଲୋ ଓ ନୀଳକଣ୍ଠପ୍ରସାଦ ଗ୍ରାମ ମଧ୍ୟରେ ଥିବା ବିବାଦ ୨ ଦିନ ତଳେ ସମାଧାନ ହୋଇଥିବାରୁ ଉଭୟ ଗ୍ରାମର ଶହ ଶହ ଛାତ୍ରାଭିଭାବକ, ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଏହି ସଭାରେ ଯୋଗ ଦେଇଥିଲେ। ୨୫ ବର୍ଷ ତଳେ ସ୍ଥାପିତ ଏହି ବିଦ୍ୟାଳୟର ପ୍ରାଚୀର ନିର୍ମାଣ ପାଇଁ ୬ଲକ୍ଷ ଓ ଗୋଟିଏ ଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବିଧାୟକ ମଞ୍ଜୁର କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାରେ ସହଯୋଗ କରିଥିବା ଗ୍ରାମର ବରିଷ୍ଠମାନଙ୍କୁ ସମ୍ମାନିତ କରାଯାଇଥିଲା।

# ସିଂଘାପଡ଼ାରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ

**ଖଣ୍ଡପଡ଼ା,୧୧।୧(ସ୍ୱ.ପ୍ର.)**

ବିଜେଡିର ପଞ୍ଚାୟତସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଖଣ୍ଡପଡା ବ୍ଲକ ସିଂଘାପଡା ଗ୍ରାମ ରାଜାବଗିଚା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଂଘାପଡା ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଶତାଧିକ ସଂଗଠକ, କର୍ମୀ ଯୋଗଦେଇଥିଲେ। ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ସିଂଘାପଡା ପଞ୍ଚାୟତର ବିଜେଡି ସଭାପତି ଭାବେ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କୁ ଚୟନ କରାଯାଇଥିଲା। ସେହିପରି ବୈଠକରେ ଏକ ୧୬ ଜଣିଆ କମିଟି ଗଠନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ସୁବଳ ଚନ୍ଦ୍ର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ଆନନ୍ଦଚନ୍ଦ୍ର ସାହୁ, ଶେଷଦେବ ପଣ୍ଡା, ପ୍ରସନ୍ନ ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ଦିନରେ ପଞ୍ଚାୟତରେ ବିଜେଡି ସଂଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।



ବୈଠକରେ ଯୋଗ ଦେଇଥିବା ଦଳୀୟ ନେତା ଓ କର୍ମୀ।

## ଘରଚଟିଆ ସୁରକ୍ଷା ଓ ସଂରକ୍ଷଣ ଅଭିଯାନ

**ନୟାଗଡ଼ ଅଫିସ,୧୧।୧**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ା ନିକଟସ୍ଥ ତଲାରୀବନ୍ଧ ପ୍ରାଥମିକ ବିଦ୍ୟାଳୟରେ ଘରଚଟିଆ ସୁରକ୍ଷା ଓ ସଂରକ୍ଷଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗ୍ରୀନ ଆର୍ଥ ଓ ନୟାଗଡ ବନଖଣ୍ଡର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପଞ୍ଚରିଡା ବନାଞ୍ଚଳ ଅଧିକାରୀ ଅର୍ଚ୍ଚନା ଗମାଙ୍ଗୋ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଗ୍ରୀନ ଆର୍ଥର ସଭାପତି ଇଂ. ଆଦିତ୍ୟ କୁମାର ଦାଶ, ସଦସ୍ୟ ପବିତ୍ର କୁମାର ବେହେରା, ବନପାଳ ସୂର୍ଯ୍ୟକାନ୍ତ ମହାରଣା, ବନରକ୍ଷୀ ମୀନକେତନ ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଘରଚଟିଆ ସଂରକ୍ଷଣ କରାଯିବା ସହିତ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବର୍ଜନ, ପରିବେଶ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇଥିଲେ। ଛାତ୍ରୀଛାତ୍ରମାନେ ଘରଚଟିଆର ସୁରକ୍ଷା ନେବା ସହିତ ନିଜ ଘରେ କାର୍ଡ଼ବୋର୍ଡ଼ରେ ବସା ତିଆରି କରି ଲଗାଇବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

■ ଓଡ଼ଗାଁ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୩ୟ ସନ୍ଧ୍ୟା

# ଦର୍ଶକଙ୍କ ମନ ମୋହିଲା ଶ୍ରୀକୃଷ୍ଣ ବାଲ୍ୟଲୀଳା

**ଓଡ଼ଗାଁ,୧୧।୧(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମହୋତ୍ସବ ପଡିଆରେ ଅନୁଷ୍ଠିତ ୮ମ ଓଡ଼ଗାଁ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା-୨୦୨୦ର ଶନିବାର ୩ୟ ସନ୍ଧ୍ୟାରେ ହଜାର ହଜାର ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ମୁକ୍ତାକାଶ ରଙ୍ଗ ମଞ୍ଚରେ ସ୍ଥାନୀୟ ୧୨ ସ୍କୁଲର କୁନି କୁନି କଳାକାରମାନଙ୍କ ନୃତ୍ୟାଭିନୟ ଢେର ସମୟ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏପରିସ୍ଥଳେ ଭୁବନେଶ୍ୱର ନୃତ୍ୟାର୍ଚ୍ଚନା ଓଡିଶୀ ଗ୍ରୁପ ଦ୍ୱାରା ପରିବେଷିତ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଅତୀବ ମନୋମୁଗ୍ଧକର ହୋଇଥିଲା। ଏହା ସହିତ ବ୍ରହ୍ମପୁରରୁ ଆସିଥିବା କୁନି ପିଲାଙ୍କ ସାମୁହିକ ସ୍କେଟିଂ ଖୁବ୍ ଆନନ୍ଦଦାୟକ ଥିଲା। ସ୍ଥାନୀୟ ସରସ୍ୱତୀ ଡ୍ୟାନ୍ସ ଗ୍ରୁପ, ଶିଳ୍ପିକା ଭୁବନେଶ୍ୱର ଓ ରଘୁରାଜପୁରର ଗୋଟିପୁଅ ନୃତ୍ୟ ଶିଶୁଆ ସନ୍ଧ୍ୟାକୁ ମନୋରଞ୍ଜନ ଖୋରାକ ଯୋଗାଇଥିଲା। ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ପ୍ରଫୁଲ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ୩ୟ ଦିବସୀୟ ମହୋତ୍ସବ ସଭାରେ ରଣପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅତିରିକ୍ତ ସଚିବ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମାନସ ରଞ୍ଜନ ଦେବତା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଗୟାଧର ପରିଡା ଉପାଧ୍ୟକ୍ଷ ଭାପୁର ବ୍ଲକ, ଶ୍ରୀନିବାସ ସୁବୁଦ୍ଧି ପରିଚାଳନା ନିର୍ଦ୍ଦେଶକ ଶ୍ରୀପଲ୍ଲିଟେକ୍‌ନିକ୍, ବରିଷ୍ଠ ନାଗରିକ ବସନ୍ତ କୁମାର ମିଶ୍ର ଓ ରମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଓଡ଼ଗାଁ ମହୋତ୍ସବର ଏତାଦୃଶ ସାଜସଜ୍ଜା ଓ ଆୟୋଜନକୁ ଭୂୟସୀ ପ୍ରଂଶସା କରିବା ଆଳରେ ଏହା ଓଡ଼ଗାଁ ବଦଳରେ ଓଡିଶା ମହୋତ୍ସବ ବୋଲି କହିଥିଲେ।




ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳାର ଝଲକ।

# ପରମେଶ୍ୱର ମେମୋରିଆଲ କ୍ରିକେଟ: ସେମିରେ ସିକୋ

**ନିରାକାରପୁର,୧୧।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଛଣଗିରୀ ପଞ୍ଚାୟତ ରମାବିଲସ୍ଥିତ ବାବା ନୀଳେକଣ୍ଠେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଧୂବଚରଣ ପଡିଆରେ ସପ୍ତମ ପରମେଶ୍ୱର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ଶନିବାର ୩ୟ ଲିଗ୍ ମ୍ୟାଚ୍‌ରେ ଏମ୍‌ଏସ୍‌ସିସି ଓଳସିଂହକୁ ୭ ଉଇକେଟରେ ହରାଇ ହଣ୍ଟର ଏକ୍ସଆଇ କ୍ରିକେଟ କ୍ଲବ୍ ସିକୋ ସେମିଫାଇନାଲରେ ପ୍ରବେଶ କରିଛି। ଓଳସିଂହ କ୍ରିକେଟ କ୍ଲବ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୧୦ ଉଇକେଟ ବିନିମୟରେ ୮୫ ରନ୍ ସଂଗ୍ରହ କରିଥିଲା। ଜବାବରେ ସିକୋ ଦଳ ୯.୨ ଓଭରରେ ୩ ଉଇକେଟ ହରାଇ ୮୬ ରନ କରି ବିଜୟୀ ହୋଇଛି।

**ଭାରତୀୟ ସାଂଖ୍ୟକୀୟ ସଂସ୍ଥାନ**
STATISTICAL INDIAN INSTITUTE
UNITY IN DIVERSITY
୨୦୩, ବି.ଟି. ରୋଡ୍, କୋଲକାତା-୭୦୦୧୦୮
150 YEARS OF CELEBRATING THE MAHATMA
**ନାମଲେଖା ବିଜ୍ଞପ୍ତି**
ଅଧିବେଶନ ୨୦୨୦-୨୧

ଭାରତୀୟ ସାଂଖ୍ୟକୀୟ ସଂସ୍ଥାନ ଦ୍ୱାରା ବିଭିନ୍ନ ଡିଗ୍ରୀ/ଡିପ୍ଲୋମା କାର୍ଯ୍ୟକ୍ରମ ଏବଂ ଗବେଷଣା ଫେଲୋଶିପ୍ ନିମନ୍ତେ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି:
ବିସ୍ତୃତ ନାମଲେଖା ବିଜ୍ଞପ୍ତି ତଥା ବିବରଣ ପତ୍ରିକା ୨୦୨୦-୨୧ ଆନୁଷ୍ଠାନିକ ନାମଲେଖା ୱେବ୍‌ସାଇଟ୍ http://www.isical.ac.in/~admission ରେ ଉପଲବ୍ଧ।
ପ୍ରତ୍ୟେକ କାର୍ଯ୍ୟକ୍ରମର ବିଷୟ ପରିସର, ଅବଧି, ଯୋଗ୍ୟତା, ଷ୍ଟାଇପେଣ୍ଡ/ଫେଲୋଶିପ୍, ଦରଖାସ୍ତ ଦେୟ ଇତ୍ୟାଦି ବିବରଣ ପତ୍ରିକା ୨୦୨୦-୨୧ରେ ଉପଲବ୍ଧ।
ପ୍ରାର୍ଥୀମାନେ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଆନୁଷ୍ଠାନିକ ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ।

| | |
|---|---|
| ଅନ୍-ଲାଇନ୍ ଆବେଦନ ଆରମ୍ଭ | ୦୭ ଫେବୃୟାରୀ, ୨୦୨୦ |
| ଅନ୍-ଲାଇନ୍ ଆବେଦନ ସମାପ୍ତ | ୦୮ ମାର୍ଚ୍ଚ, ୨୦୨୦ |
| ଆଇଏସ୍‌ଆଇ ନାମଲେଖା ପରୀକ୍ଷା | ୧୦ ମେ, ୨୦୨୦ |

davp 39103/11/0005/1920

**ଏସ୍.ଇ. ରେଳପଥ ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ସେଣ୍ଟ୍ରାଲ-୧୯-୨୦-୪୩, (୨) ସିକେପି-ଇଷ୍ଟ-୧୯-୨୦-୫୬, (୩) ସିକେପି-ଇଷ୍ଟ-୧୯-୨୦-୫୮। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ.), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫର୍‌କୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଇଏମ୍‌ଡି** ଏହି ଅନୁଯାୟୀ ହେବ: (୧) ଏଡିଇଏନ୍/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ କିମି ୪୪୭.୬୧୮ଠାରେ ବ୍ରିଜ୍ ନଂ.୯୭, କିମି ୪୪୮.୩୪୮ଠାରେ ବ୍ରିଜ୍ ନଂ. ୯୮ର ବିଦ୍ୟମାନ ବ୍ରିଜ୍ ସ୍ଲାବ୍ ଗୁଡ଼ିକୁ ପ୍ରିକାଷ୍ଟ ଆର୍.ସି.ସି. ବ୍ରିଜ୍ ସ୍ଲାବ୍‌ରେ ବଦଳାଇବା, ₹୩୪,୬୫,୪୫୪.୪୦, ₹୬୯,୩୦୦/-। (୨) ଏଡିଇଏନ୍/।/ଟାଟା ଅଧୀନରେ ଟାଟାନଗର-ବାଦାମପାହାଡ଼ ମଧ୍ୟରେ କିମି ୩୧୫/୮-୯ଠାରେ ବ୍ରିଜ୍ ନଂ.୨୭ର ଆରସିସି ଜ୍ୟାକେଟିଂ, ₹୨,୩୮,୯୫,୬୨୯.୯୦, ₹୨,୬୯,୫୦୦/-। (୩) ଏଡିଇଏନ୍(II)/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ୪୭ ଗୋଟି ପାଇଁ ଥ୍ରୋ ଟର୍ନଆଉଟ୍ ନବୀକରଣ (ଟିଡବ୍ଲ୍ୟୁଏସ୍ + ଡବ୍ଲ୍ୟୁସିଏମ୍‌ଏସ୍‌ସି), ₹୫୬,୧୫,୮୯୦.୫୪, ₹୧,୧୨,୩୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୩,୦୦୦/-, କ୍ର.ସଂ. ୨ ପାଇଁ ₹୧୦,୦୦୦/- ଏବଂ କ୍ର.ସଂ. ୩ ପାଇଁ ₹୫,୦୦୦/-। **ଖୋଲାଯିବା ତାରିଖ:** କ୍ର.ସଂ. ୧ରୁ ୩ ପାଇଁ ତା୦୩।୦୨।୨୦୨୦ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। PR-1228

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-ART-ARME-19-20-29
**କାର୍ଯ୍ୟର ନାମ :** ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ 09 ସଂଖ୍ୟକ BG କୋଚ୍ (ଅର୍ଥାତ୍ 04 ଷ୍ଟାଫ୍ ଭ୍ୟାନ୍, 03 ଉପକରଣ ଭ୍ୟାନ୍ ଏବଂ 02 ମେଡ଼ିକାଲ ଭ୍ୟାନ) ଗୁଡ଼ିକୁ ART / ARME କୋଚ୍‌ରେ ପରିବର୍ତ୍ତନ ନିମନ୍ତେ କଳଙ୍କି ମରାମତି, ଗଠନ ସମ୍ବନ୍ଧୀୟ ରୂପାନ୍ତରଣ ଏବଂ ବିଭାଜନ କାର୍ଯ୍ୟ।
**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 26,22,981.50, **EMD (ଟଙ୍କାରେ):** ₹ 52,500.00, **ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) :** ₹ 3,600.00, **କାର୍ଯ୍ୟ ସମାପ୍ତିର ଅବଧି :** 6 ମାସ।
**ବିଡ୍ ଆରମ୍ଭ ହେବା ତାରିଖ :** ତା 14.01.2020 ରିଖ,
**ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ :** ତା 28.01.2020 ରିଖ 1500 ଘଟିକା।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଡ଼େପୁଟି ଚିଫ୍ ମେକାନିକାଲ୍ ଇଞ୍ଜିନିୟର (P), ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର
PR-641/K/19-20

**ଏସ୍.ଇ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ ଏବଂ ଇ.ଏମ୍.ଡି.: (୧) ଏମ୍‌ଇସିଏଚ୍‌ସିକେପି-୧୯-୨୦-୪୬, ତାରିଖ: ୦୯।୦୧।୨୦୨୦।** ଏଡିଏମ୍‌ଇ/ବିଏନ୍‌ଡିଏମ୍‌ଙ୍କ ବ୍ୟବହାର ପାଇଁ ଡ୍ରାଇଭର ସହିତ ଗୋଟିଏ ସଡ଼କ ବାହନ (ଟାଟା ସୁମୋ ଗ୍ରାଣ୍ଡେ, ସ୍କୋର୍ପିଓ କିମ୍ବା ସମାନ ଧରଣ) ଭଡ଼ା ସୂତ୍ରରେ ନେବା, ୨ ବର୍ଷ ଅବଧି ପାଇଁ ଚବିଶ ଘଣ୍ଟିଆ ଖୋଲା ଟେଣ୍ଡର ମାଧ୍ୟମରେ। ₹୯,୪୬,୯୯୭/-, ₹୧୮,୯୦୦/-। **(୨) ଏମ୍‌ଇସିଏଚ୍‌ସିକେପି-୧୯-୨୦-୪୪, ତାରିଖ: ୦୭।୦୧।୨୦୨୦।** ୧ ବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ ସି ଆଣ୍ଡ ଡବ୍ଲ୍ୟୁ/ଡିପିଏସ୍‌ଠାରେ ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ ଏବଂ ହାଉସ୍-କିପିଂ। ₹୬୦,୬୧,୪୫୮/-, ₹୧,୨୧,୨୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୨,୦୦୦/- ଓ କ୍ର.ସଂ. ୨ ପାଇଁ ₹୫,୦୦୦/-। **ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଏମ୍‌ଇ/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ତା୩୧।୦୧।୨୦୨୦ରିଖ ୧୫.୦୦ ଘଟିକା ଏବଂ କ୍ର.ସଂ. ୨ ପାଇଁ ତା୨୯।୦୧।୨୦୨୦ରିଖ ୧୫.୦୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1245)

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2020001, ତା: 07.01.2020
**କାର୍ଯ୍ୟର ନାମ :** ଶାଳଗାଁ ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧିତ ଢ଼େଙ୍କାନାଳ ଷ୍ଟେସନ (ସହିତ) ଠାରୁ ବୁଢ଼ାପଙ୍କ ଷ୍ଟେସନ (ବ୍ୟତୀତ) ପର୍ଯ୍ୟନ୍ତ ଟ୍ରାକ୍ କୁ ଯୋଡ଼ିବା, ପଏଣ୍ଟ ଓ କ୍ରସିଙ୍ଗ୍‌ର ସନ୍ନିବେଶନ ଏବଂ ବିଛାଇବା, ରେଳର ଫ୍ଲାସ୍ ବଟ୍ ଏବଂ ଆଲୁମିନୋ ଥର୍ମିଟ୍ (AT) ୱେଲ୍ଡ଼ିଂ, P.Way ସାମଗ୍ରୀ ଗୁଡ଼ିକର ପରିବହନ, ବାଲାଷ୍ଟ୍‌କୁ ଗୋଟିଏ ସ୍ଥାନରୁ ହଟାଇ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ନେବା ଏବଂ ବିଛାଇବା କାର୍ଯ୍ୟ ଭଳି P.Way ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଅନୁମାନିକ ମୂଲ୍ୟ (ଟଙ୍କାରେ) :** 4106.94ଲକ୍ଷ, **EMD :** ₹ 22,03,500.00, **ଟେଣ୍ଡର କାଗଜପତ୍ରର ମୂଲ୍ୟ :** ₹ 11,800.00, **କାର୍ଯ୍ୟ ସମାପ୍ତିର ଅବଧି:** 18(ଅଠର)ମାସ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 07.02.2020ର 1200 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-107/CC/19-20

**ପ୍ରକୃତ ପ୍ରେମର ଆରମ୍ଭ,**
**ଏଚ୍.ଆଇ.ଭି.ର ଏକ ପରୀକ୍ଷା ସହିତ**




ଏହି ପରୀକ୍ଷା ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ବିନାମୂଲ୍ୟରେ ଉପଲବ୍ଧ।
ଅସୁରକ୍ଷିତ ଯୌନ ସଂପର୍କରୁ ଦୂରେଇ ରୁହନ୍ତୁ
ଏଚ୍.ଆଇ.ଭି. ସଂକ୍ରମିତ ଛୁଂଚି ବ୍ୟବହାର କରନ୍ତୁ ନାହିଁ
ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତି ନିୟମିତ ଔଷଧ ସେବନ କରି ସୁସ୍ଥ ରୁହନ୍ତୁ
ଅଧିକ ଜାଣିବା ପାଇଁ ଦେୟମୁକ୍ତ ଟେଲିଫୋନ ନମ୍ବର 1097 ରେ ଯୋଗାଯୋଗ କରନ୍ତୁ
ୱେବସାଇଟ- www.osacs.nic.in
OSACS ଓଡ଼ିଶା ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତି (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା ସରକାର)
DSPL - 223
10009/13/0003/1920

## ସଂକ୍ଷେପରେ

### ୧୬୧ ଛାତ୍ରୀଛାତ୍ର ଦେଲେ ନବୋଦୟ ପରୀକ୍ଷା

**ଗଣିଆ,୧୧।୧(ଡି.ଏନ୍.ଏ.):** ଗଣିଆ ବ୍ଲକ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ଶନିବାର ଜବାହର ନବୋଦୟ ବିଦ୍ୟାଳୟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ପାଇଁ ବ୍ଲକର ୧୮୦ ଛାତ୍ରୀଛାତ୍ର ଆବେଦନ କରିଥିବା ବେଳେ ୧୬୧ଜଣ ପରୀକ୍ଷାରେ ଉପସ୍ଥିତ ଥିଲେ। କୌଣସି କାରଣ ବଶତଃ ୧୯ଜଣ ଅନୁପସ୍ଥିତ ଥିବା ପରୀକ୍ଷାକେନ୍ଦ୍ର ତରଫରୁ ସୂଚନା ମିଳିଛି । ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାଶ, ଅତିରିକ୍ତ ତହସିଲଦାର ଅଯୋଧ୍ୟାକାନ୍ତ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଧାନୀ ବୃନ୍ଦାବନ ମହାପାତ୍ର ଉପସ୍ଥିତ ରହି ପରୀକ୍ଷା ପରିଚାଳନା କରିଥିଲେ। ନୟାଗଡସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷକ ହରିରଞ୍ଜନ ପ୍ରସାଦ ଅବଜର୍ଭର ଭାବେ ଉପସ୍ଥିତ ରହିଥିବା ବେଳେ ଗଣିଆ ବିଡିଓ ମାନସ ରଞ୍ଜନ ସାମଲ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ । ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

### କେଏସ୍‌ବି ପବ୍ଲିକ ସ୍କୁଲର ବିଜ୍ଞାନମେଳା
# ୧୪୨ରୁ ୧୨ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

**ନୟାଗଡ଼ ଅଫିସ,୧୧।୧-** ନୟାଗଡ଼ ଜିଲା ଶରଣକୁଳସ୍ଥିତ କେଏସ୍‌ବି ପବ୍ଲିକ ସ୍କୁଲର ୧୯ତମ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ମନୋରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପଞ୍ଚରିଡ଼ା ବନାଞ୍ଚଳ ଅଧିକାରୀ ଅର୍ଚ୍ଚନା ଗମାଙ୍ଗୋ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଶଙ୍ଖେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଁଇ ଚରଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁ, ବିଭୂତି ଭୂଷଣ ମିଶ୍ର, ସିଆରସିସି ଗୋଦାବରୀ ବସନ୍ତିଆ, ବିଦ୍ୟାଳୟ ସମ୍ପାଦକ ପ୍ରଶାନ୍ତ ଦାଶ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବିଜ୍ଞାନର ସୁବିନିଯୋଗ ଦେଶର ପ୍ରତିଟି ବ୍ୟକ୍ତିର ଆର୍ଥିକ, ମାନସିକ ଓ ସାମାଜିକ ବିକାଶରେ ସହାୟ ହୋଇଥିବା ବେଳେ ଏହାର ଅପବ୍ୟବହାର ସମଗ୍ର ବିଶ୍ୱକୁ ବିକଳାଙ୍ଗ କରିଦେଇପାରେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବିଦ୍ୟାଳୟ ଅଧକ୍ଷ ନୀଳମାଧବ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ୧୪୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ୧୨ଟି ପ୍ରକଳ୍ପ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ ଉତ୍ତୀର୍ଣ୍ଣ ହୋଇଥିଲା। ବରିଷ୍ଠ ବିଭାଗରେ କୃଷ୍ଣଚନ୍ଦ୍ର ପାଲ, ଆକାଶ ବେହେରା, ଓମ୍‌ପ୍ରକାଶ ସାହୁ, ପ୍ରଭୁ ପ୍ରୀତମ, କନିଷ୍ଠ ବିଭାଗରେ ଏସ୍ ସାଇଶଙ୍କର, ଆୟୁଷ ଅୟସକାନ୍ତ ଲେଙ୍କା, ଆରିୟନ୍ ଅୟସକାନ୍ତ ଲେଙ୍କା, ସ୍ୱାଗତିକା ସାହୁ, ତପନ ସ୍ୱାଇଁ, ସର୍ବ କନିଷ୍ଠ ବିଭାଗରେ ଓଁକାର ସାହୁ, ସ୍ମାରକୀ ସୁମନ ତ୍ରିପାଠୀ, ଆଶୁତୋଷ ଜେନାଙ୍କ ପ୍ରକଳ୍ପ କୃତିତ୍ୱ ଅର୍ଜନ କରିଥିଲା। ଅତିଥିମାନେ ମନୋନୀତ ହୋଇଥିବା ପ୍ରକଳ୍ପର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ରବୀନ୍ଦ୍ର କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### କଣ୍ଟିଲୋର ହସ୍ତଶିଳ୍ପ
# ମିଳୁନି ବିଭାଗୀୟ ସ୍ୱୀକୃତି

**ଖଣ୍ଡପଡ଼ା,୧୧।୧(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ କ୍ଷେତ୍ର ଏକଦା କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିଲା । ମାତ୍ର ସମ୍ପ୍ରତି କଞ୍ଚାମାଲ ଅଭାବ ସାଙ୍ଗକୁ ଉତ୍ପାଦିତ ସାମଗ୍ରୀର ବଜାର ଚାହିଦା ହ୍ରାସ ପାଉଥିବାରୁ କଂସା ପିତ୍ତଳ କାରିଗର ନିଜର କୌଳିକ ବୃତ୍ତି ହରାଇ ପରିବାର ପ୍ରତିପୋଷଣ ପାଇଁ ବାହାରକୁ ଚାଲିଯାଉଛନ୍ତି। ତଥାପି ଅଞ୍ଚଳର କେତେକ କାରିଗର ଏହି ଶିଳ୍ପକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି। ଏମାନଙ୍କ ଦ୍ୱାରା ତମ୍ବା ଓ ପିତ୍ତଳ ଚଦର(ସିଟ୍)ରେ ପ୍ରସ୍ତୁତ ସୌଖୀନ ସାମଗ୍ରୀ ରାଜ୍ୟ ତଥା ରାଜ୍ୟ ବାହାରେ ଏପରି କି ଦେଶ ବିଦେଶରେ ଆଦୃତି ଲାଭ କରିଛି। ହେଲେ ରାଜ୍ୟ ଶିଳ୍ପ ବିଭାଗର ସ୍ୱୀକୃତି ମିଳି ନ ଥିବାରୁ ଏହି ଶିଳ୍ପର ବିକାଶ ହୋଇପାରୁନି, ଯାହା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା କେତେକ କାରିଗର କ୍ଷୋଭର ସହ ପ୍ରକାଶ କରିଛନ୍ତି।

କଣ୍ଟିଲୋ ଅଞ୍ଚଳର କାରିଗର ଅଖିଳ କୁମାର ମହାପାତ୍ର, ଗୋକୁଳାନନ୍ଦ ମହାରଣା, ସରୋଜ କୁମାର ମହାରଣା, ମାୟାଧର ସାହୁ, ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖଙ୍କ କହିବା କଥା ଅକ୍ଳାନ୍ତ ପରିଶ୍ରମ କରି ଯେଉଁ ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦନ କରୁଛୁ ତାହା ସରକାରଙ୍କ ଦୃଷ୍ଟିକୁ ଆସିବାର ଆବଶ୍ୟକତା ରହିଛି। ସେହିପରି କାରିଗରମାନଙ୍କ ଶାଳଘର, ସ୍ୱାସ୍ଥ୍ୟ ବୀମା ଯୋଜନା ଓ କାରିଗର ପରିବାରର ପିଲାମାନଙ୍କ ଶିକ୍ଷାର ବିକାଶ ଉପରେ ଶିଳ୍ପ ବିଭାଗ ଦୃଷ୍ଟି ଦେବା ଦରକାର। ନିଖିଳ ଉତ୍କଳ କଂସାରି ସମାଜ ଓଡିଶାର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, କଣ୍ଟିଲୋ ନାରାୟଣୀ ଲୌହଉର ଧାତୁଶିଳ୍ପ ସମବାୟ ସମିତି ସମ୍ପାଦକ ଶରତ ଚନ୍ଦ୍ର ମହାରଣା ଓ ନୟାଗଡ଼ ଜିଲା ଶିଳ୍ପୀ ମହାସଂଘ ସଭାପତି ତଥା ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃର ସଭାପତି ଦଣ୍ଡପାଣି ସାହୁ ପ୍ରମୁଖ ଦର୍ଶାଇଥିଲେ, କଣ୍ଟିଲୋକୁ ଶିଳ୍ପ ବିଭାଗର ଅଧିକାରୀମାନେ ପରିଦର୍ଶନରେ ଆସୁଥିବାବେଳେ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସେମାନଙ୍କୁ ଦେଖାଯାଇଥାଏ। ଏହି ସବୁ ଚଦର(ସିଟ୍) ମୁଖ୍ୟତଃ କଟକ ମହାଜନମାନେ କୋଲକାତାରୁ କ୍ରୟ କରି ସମଗ୍ର ରାଜ୍ୟର କାରିଗରମାନଙ୍କୁ ଯୋଗାଇଥାନ୍ତି। ବାରମ୍ବାର ଦାବି ପରେ ଶିଳ୍ପ ବିଭାଗ ପକ୍ଷରୁ କଣ୍ଟିଲୋରେ ଏକ ର' ମେଟେରିଆଲ ବ୍ୟାଙ୍କ ପ୍ରତିଷ୍ଠା କରାଯାଇ କିଛି ପରିମାଣରେ ପିତଳ ଓ ତମ୍ବା ସିଟ୍ କାରିଗରମାନଙ୍କୁ ଯୋଗାଇବା ବ୍ୟବସ୍ଥା କରାଯାଇଛି । ମାତ୍ର ଏହି ଚଦର ମୂଲ୍ୟ ବଜାର ଦରଠାରୁ ଅଧିକ ହେଉଥିବା କାରିଗରମାନେ ଅଭିଯୋଗ କରିଛନ୍ତି। ଏହା ହସ୍ତଶିଳ୍ପ



### କାରିଗରଙ୍କ ପାଇଁ ସୃଷ୍ଟି କରୁଛି ସମସ୍ୟା

ସାମଗ୍ରୀ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇ ନ ଥିବାରୁ ବିଭିନ୍ନ ସମୟରେ ନିର୍ଦ୍ଦେଶକ ହସ୍ତଶିଳ୍ପ ଓ କୁଟୀରଶିଳ୍ପ, ଓଡିଶା ଓ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ସେମାନେ ଉକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅପରପକ୍ଷେ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ପକ୍ଷରୁ ଅନୁଷ୍ଠିତ ହେଉଥିବା ଗୁରୁ-ଶିଷ୍ୟ ପରମ୍ପରା ତାଲିମ କାର୍ଯ୍ୟକ୍ରମରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି । ଅନେକ ଯୁବକ କେବଳ ଷ୍ଟାଇପେଣ୍ଟ ଅର୍ଥ ପାଇଁ ସେମାନଙ୍କ ନାମ ତାଲିକାଭୁକ୍ତ କରାଇ କାଗଜପତ୍ରରେ ତାଲିମ ପାଇଥିବା ଦର୍ଶାଉଛନ୍ତି। ଫଳରେ ସରକାରଙ୍କ ଅର୍ଥ ଶ୍ରାଦ୍ଧ ହେବା ସାର ହେଉଛି। ଏହି ନୂତନ ପଦ୍ଧତିରେ ନିର୍ମିତ ସାମଗ୍ରୀ ଉପରେ ଏକ ତାଲିମ କାର୍ଯ୍ୟକ୍ରମ କରାଯାଇ ନୂତନ ଯୁବ କାରିଗର ସୃଷ୍ଟି କରାଗଲେ ଏ ଶିଳ୍ପର ବିକାଶ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି । ସୂଚନାଯୋଗ୍ୟ ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ପରିଚାଳନା ନିର୍ଦ୍ଦେଶିକା ଗାୟତ୍ରୀ ପଟ୍ଟନାୟକଙ୍କ କଣ୍ଟିଲୋ ଗସ୍ତ ସମୟରେ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହାସହ ଶିଳ୍ପ ବିଭାଗ ଦ୍ୱାରା ଏହି ହସ୍ତଶିଳ୍ପର ବିକାଶ ଓ ଉନ୍ନତି ଦିଗରେ ସେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଓ କାରିଗରମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘବର୍ଷ ପରେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ କାରିଗରମାନେ ସନ୍ଦିହାନ ହୋଇପଡିଛନ୍ତି।

# ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ନୟାଗଡ଼ ଅଫିସ,୧୧।୧**

ନୟାଗଡ଼ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଉପଜିଲାପାଳ ତଥା ଆରଟିଓ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଏସ୍‌ପି ଶଶିଭୂଷଣ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ , ଡିଏଫଓ ଧନରାଜ ଏଚଡି ଅତିଥିଭାବେ ଯୋଗ ଦେଇଥିଲେ। ସପ୍ତାହବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ସେହିଭଳି ସଡକ ସୁରକ୍ଷା ବାର୍ତ୍ତା ଦେବାପାଇଁ ଦୁଇଟି ଗାଡ଼ିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ଦୁଇଟି ଗାଡ଼ି ଜିଲାର ବିଭିନ୍ନ ସ୍ଥାନରେ ବୁଲି ଲୋକମାନଙ୍କୁ ସଡ଼କ ସୁରକ୍ଷା ନିୟମ ବିଷୟରେ ସଚେତନତା କରାଇବ । ଏହି ଅବସରରେ ରାସ୍ତାରେ ଯାଉଥିବା ଚାଳକମାନଙ୍କୁ ସଡ଼କ ସୁରକ୍ଷା ନିୟମ ବିଷୟରେ ସଚେତନତା କରାଯାଇଥିଲା। ଯେଉଁ ବାଇକ ଚାଳକମାନେ ହେଲମେଟ ଓ କାର ଚାଳକମାନେ ସିଟ୍ ବେଲଟ ପିନ୍ଧିଥିଲେ ସେମାନଙ୍କୁ ଫୁଲ ପ୍ରଦାନ କରାଯାଇଥିଲା। ସେହିଭଳି ସଡ଼କ ସୁରକ୍ଷା ନିୟମ ଭଙ୍ଗ କରିଥିବା ୧୦୦ ଜଣ ଚାଳକମାନଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିଲା। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।



ଉଦ୍‌ଘାଟିତ ହୋଇଥିବା ସଡ଼କ ସୁରକ୍ଷା ସଚେତନତା ଗାଡ଼ି।

### ■ ଯୁବ ମହୋତ୍ସବ ମହକ ଉଦ୍‌ଘାଟିତ
# ଯବାନଙ୍କ ଉଦ୍ଦେଶ୍ୟରେ ବିଶାଳ ତ୍ରିରଙ୍ଗା



ତ୍ରିରଙ୍ଗା ପତାକା ଶୋଭାଯାତ୍ରାରେ ନିଆଯାଉଛି।

**ଦଶପଲ୍ଲା,୧୧।୧(ଡି.ଏନ୍.ଏ.)**

ଦଶପଲ୍ଲା ସୀତାରାମ ୟୁଥ୍ କ୍ଲବ ଆନୁକୂଲ୍ୟରେ ୩ ଦିନ ବ୍ୟାପୀ ଯୁବ ମହୋତ୍ସବ ମହକ ଶନିବାର ଉଦ୍‌ଘାଟିତ ହୋଇଛି। ଆରାଧ୍ୟ ଦେବତା ମହାବୀରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ଏକ ଶୋଭାଯାତ୍ରାରେ ବିଶାଳ ତ୍ରିରଙ୍ଗା ପତାକା ଦେଶର ଯବାନଙ୍କ ଉଦ୍ଦେଶ୍ୟରେ ନିଆଯାଇଥିଲା। ଆନୁଷ୍ଠାନିକ ଭାବେ ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା ପତାକା ଦେଖାଇ ତ୍ରିରଙ୍ଗା ଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଶୋଭାଯାତ୍ରା ନଗର ପରିକ୍ରମା କରି ମହକ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଅନୁଷ୍ଠାନର ସଭାପତି ସୁଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ରୂପେ ସାମାଜିକ କର୍ମୀ ପ୍ରମୋଦ କୁମାର ପୃଷ୍ଟି, ସନ୍ତୋଷ କୁମାର ସାହୁ, ଉପଦେଷ୍ଟା ବେଣୁଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ଏନ୍‌ଏସି ଚେୟାରମ୍ୟାନ ବବିତା ସାହୁ, ନୂଆଗାଁ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଉପଦେଷ୍ଟା ଉପେନ୍ଦ୍ର କୁମାର ସାହୁ, ସାହିତ୍ୟିକ ହାଡ଼ିବନ୍ଧୁ ମହାକୁଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ସୁଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସମ୍ପାଦକ ମନୋରଞ୍ଜନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯୁବଶକ୍ତି ଦେଶ ଗଠନରେ ଆଗେଇ ନେବାକୁ ଆହ୍ୱାନ କରିଥିଲେ। ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର, ସଙ୍ଗୀତ ପ୍ରତିଯୋଗିତା ସହ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପୂର୍ବାହ୍ନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରାତିରେ ଭଏସ୍ ଅଫ୍ ନୟାଗଡ଼, ବୋଲଗଡ଼ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ଗଡ଼ମେକର ସଂସ୍ଥାର କଳାକାରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

### ଗୋଳାପୋଖରୀ ଫୁଟ୍‌ବଲ: ଭୁବନେଶ୍ୱର ଫାଇନାଲରେ

**ଭାପୁର,୧୧।୧(ଡି.ଏନ୍.ଏ.)**

ଭାପୁର ବ୍ଲକ ଗୋଳାପୋଖରୀ ଆଞ୍ଚଳିକ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୫ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବଜରଙ୍ଗବାଲି ସ୍ପୋର୍ଟସ କ୍ଲବ ଘାଟିକିଆ ଭୁବନେଶ୍ୱର ୧-୦ ଗୋଲରେ ଅହମ୍ମଦିଆ ଆଥ୍‌ଲେଟିକ ଆସୋସିଏଶନ କେରଙ୍ଗ, ଖୋର୍ଦ୍ଧାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଖେଳ ପ୍ରଥମାର୍ଦ୍ଧର ୧୫ ମିନିଟ୍‌ରେ ଭୁବନେଶ୍ୱର ଦଳର ୧୧ ନମ୍ବର ଖେଳାଳି ଅୟନ ମିସ୍ତ୍ରୀ ଏକ ଚିତ୍ତାକର୍ଷକ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଉଭୟପକ୍ଷ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ କୌଣସି ଗୋଲ ହୋଇପାରି ନ ଥିଲା। ଖେଳ ପରିଚାଳନା କରିଥିଲେ ରବିନାରାୟଣ ରଣା ଓ ଲାଇନରେ ସହଯୋଗ କରିଥିଲେ ସୁଶାନ୍ତ କୁମାର ମିଶ୍ର, ଲକ୍ଷ୍ମୀଧର ଚୌଧୁରୀ ଓ ଉଲ୍ଲାସ ଚନ୍ଦ୍ର ପରିଡ଼ା। ଅତିଥି ଭାବେ ସମାଜସେବୀ ବେଣୁଧର ପ୍ରଧାନ, ଶତ୍ରୁଘନ ପଣ୍ଡା ଓ ଜଗନ୍ନାଥ ବାରିକ ଯୋଗ ଦେଇଥିଲେ। ରବିବାର ଫାଇନାଲ ଖେଳ ବଜରଙ୍ଗବାଲି ସ୍ପୋର୍ଟସ କ୍ଲବ ଘାଟିକିଆ ଭୁବନେଶ୍ୱର ଓ ସତ୍ୟନାରାୟଣ ଯୁବକ ସଂଘ ଚନ୍ଦ୍ରପୁଟ ବାଲୁଗାଁ ମଧ୍ୟରେ ଆୟୋଜିତ ହେବ।

# ରାସ୍ତାରେ କୁଢ଼ କୁଢ଼ ଆବର୍ଜନା

**ଖଣ୍ଡପଡ଼ା, ୧୧।୧(ସ୍ୱ.ପ୍ର.)**

ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତ ସ୍ତରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ଖଣ୍ଡପଡା ବ୍ଲକ ଖଳିସାହି ପଞ୍ଚାୟତରେ ସଚେତନତା ଅଭାବରୁ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଦିଗହରା ହୋଇପଡିଛି। ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହେଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଉକ୍ତ ରାସ୍ତା ଦେଇ ଯାତାୟାତ କଲାବେଳେ ଜନସାଧାରଣ ନାକରେ ହାତଦେବାକୁ ବାଧ୍ୟ ହେଉଛନ୍ତି । ପ୍ରତ୍ୟହ ଶତାଧିକ ଛାତ୍ରୀଛାତ୍ର ପଢିବା ନିମନ୍ତେ ବିଦ୍ୟାଳୟକୁ ଆସୁଥିବା ବେଳେ ଏଭଳି ପରିବେଶକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ବିଦ୍ୟାଳୟ ସମ୍ମୁଖ ରାସ୍ତାପାର୍ଶ୍ୱରେ ବିଭିନ୍ନ ଉଠାଦୋକାନୀ, ମାଛମାଂସ ବ୍ୟବସାୟୀ ଅଦରକାରୀ ସାମଗ୍ରୀ ଫିଙ୍ଗିଦେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ସ୍ଥାନୀୟ ପ୍ରଶାସନ, ପଞ୍ଚାୟତ କର୍ତ୍ତୃପକ୍ଷ ଓ ଗାଁ କଲ୍ୟାଣ ସମିତି ସଦସ୍ୟାମାନେ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



ବିଦ୍ୟାଳୟ ନିକଟ ରାସ୍ତାପାର୍ଶ୍ୱରେ ଆବର୍ଜନା।

# ପି.ଏନ୍. କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

**ଖୋର୍ଦ୍ଧା ଅଫିସ,୧୧।୧**

ଖୋର୍ଦ୍ଧାସ୍ଥିତ ପି.ଏନ. କଲେଜର ୫୭ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ କ୍ରୀଡା, ରାଜନୀତି, ଅର୍ଥନୀତି କ୍ଷେତ୍ରରେ ଖୋର୍ଦ୍ଧା ଗରିମା ବଜାୟ ରଖିଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଖେଳୁଆଡ ମନୋଭାବ ରହିଲେ ସେମାନେ ଆଗେଇ ପାରିବେ।

# ଜିଲା ସଦର ମହକୁମାରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ

**ଖୋର୍ଦ୍ଧା ଅଫିସ,୧୧।୧**

ଖୋର୍ଦ୍ଧା ସହରରେ ଟ୍ରାଫିକ କ୍ଷେତ୍ରରେ ଅବ୍ୟବସ୍ଥିତ ହୋଇ ରହିଛି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଚଣ୍ଡିଚୁଆସ୍ଥିତ ଟ୍ରାଫିକକୁ ଏହାର ଉଦାହରଣ ନିଆ ଯାଇ ପାରେ। ଏଠାର ଟ୍ରାଫିକ ପୋଷ୍ଟ ନାହିଁ। ଯେଉଁ ଅସ୍ଥାୟୀ ଟ୍ରାଫିକ ପୋଷ୍ଟ କରାଯାଇଛି ତାହା ଅଧିକାଂଶ ସମୟ ସ୍ଥାନ ବଦଳାଇ ଦିଆଯାଉଛି। କୌଣସି ଗାଡି ବାଜି ଗଲେ ଘୁଞ୍ଚ ଯାଉଛି। ରାତିରେ ନିଶାଗ୍ରସ୍ତ ବ୍ୟକ୍ତି ଏହାକୁ ଘୁଞ୍ଚାଇ ଦେଉଥିବା ଜଣାପଡିଛି। ଏହି ଟ୍ରାଫିକର ରାସ୍ତା ଅଣଓସାରିଆ ହୋଇ ରହିଛି। ନୂଆ ବସଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ପ୍ରାୟ ୨ କିମି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ୨ ବର୍ଷରୁ ଉର୍ଦ୍ଧ୍ୱ ହେଲା ଚାଲିଛି। କାମ ଶେଷ ହୋଇପାରୁନି। ପୁଣି ଟ୍ରାଫିକ ପୋଷ୍ଟଟିଏ ନାହିଁ। ଏଠାରେ ଯାନବାହନ ଭିଡ ହୋଇ ଅଧିକାଂଶ ସମୟ ଟ୍ରାଫିକ ଜାମ୍ ହେଉଛି। ହେଲେ ପ୍ରତିକାର ବ୍ୟବସ୍ଥା ନିଆଯାଉନାହିଁ। ପୁଣି ନିକଟରେ ରହିଛି ଏସ୍‌ଡିଏ ସ୍କୁଲ। ସବୁ ସମୟରେ ଛାତ୍ରୀଛାତ୍ର ସ୍କୁଲ ଆଗରେ ଭିଡ ଜମାଇବା ଦ୍ୱାରା ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ରହିଛି।

# ଦଶପଲ୍ଲା କପ୍ ଫୁଟ୍‌ବଲ: ଭୁବନେଶ୍ୱର ବିଜୟୀ

**ଦଶପଲ୍ଲା,୧୧।୧(ଡି.ଏନ୍.ଏ.)**

ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ସ୍ୱୋଟିସ୍ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶନିବାର ତୃତୀୟ ଦିବସ ଖେଳ ସଂଘର୍ଷ କ୍ଲବ ଭୁବନେଶ୍ୱର ଏବଂ ବିଡ଼ାନାସୀ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁହେଁ ଦୁହିଁଙ୍କୁ ୨ଟି ଗୋଲ ଦେବାରୁ ଖେଳ ସମାନ ସ୍ଥିତିରେ ରହିଥିଲା। ପରେ ଟ୍ରାଇବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ସଂଘର୍ଷ କ୍ଲବ ଭୁବନେଶ୍ୱର ୪-୨ରେ ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟଅତିଥି ରୂପେ ଦଶପଲ୍ଲା ତହସିଲଦାର ପ୍ରମୋଦ



ଅତିଥିଙ୍କ ସହ ଖେଳାଳିମାନେ।

କୁମାର ଦଳବେହେରା ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି କୁଞ୍ଜବିହାରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଖେଳରେ ଶ୍ରେଷ୍ଠ ଦର୍ଶକ ରୂପେ ବାରପୁରିକିଆ ଗ୍ରାମର ଆର୍ତ୍ତବନ୍ଧୁ ଚୌଧୁରୀଙ୍କୁ ଘୋଷଣା କରାଯାଇଥିଲା। ରବିବାର ଖେଳ ସଂଘର୍ଷ କ୍ଲବ ଭୁବନେଶ୍ୱର ଏବଂ ୟୁନାଇଟେଡ କ୍ଲବ ଚରମ୍ପା ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ରଙ୍କ ସୂତ୍ରରୁ ପ୍ରକାଶ।

### ■ ପର୍ଯ୍ୟଟନ କ୍ଷେତ୍ର ଅତ୍ରି: ପାଦୁକ ସ୍ନାନକୁ ଗୁଆ ଖୋଜା ନିଆରା
# ଭକ୍ତିର ସହ ମାନସିକ କଲେ ହୁଏ ପୂରଣ

**ଖୋର୍ଦ୍ଧା ଅଫିସ,୧୧।୧**

ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅତ୍ରି ଅନ୍ୟତମ। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଖୋର୍ଦ୍ଧାଠାରୁ ୧୦ କିମି ଦୂରରେ ବାଘମାରୀ ରହିଛି। ବାଘମାରୀଠାରୁ ୨ କିମି ଦୂରରେ ୧୦ ଏକର ପରିମିତ ସ୍ଥାନରେ ଅତ୍ରି ରହିଛି। ଅତ୍ରିର ମୁଖ୍ୟକୁଣ୍ଡରୁ ଗନ୍ଧକ ଯୁକ୍ତ ପାଣି ବାହାରୁଛି। ସେଠାରୁ ପାର୍ଶ୍ୱରେ ନିର୍ମିତ ୪ କୁଣ୍ଡକୁ ଏହି ଉଷ୍ମ ଜଳ ପ୍ରବାହିତ ହେଉଛି। ଉକ୍ତ ୪ କୁଣ୍ଡରେ ସ୍ନାନ କରିବାର ସୁବିଧା ରହିଛି। ତେବେ ଅତ୍ରିରେ ପାଦୁକ ସ୍ନାନ ସହ ଗୁଆ ଖୋଜା ନିଆରା। ଏହାକୁ ଭକ୍ତିର ସହ କଲେ ମନସ୍କାମନା ପୂରଣ ହୁଏ ବୋଲି ଆବହମାନ କାଳରୁ ବିଶ୍ୱାସ ରହିଛି। ଏହି ଅବସରରେ ଜାନୁୟାରୀର ମାସାନ୍ତ ଓ ମକର ସଂକ୍ରାନ୍ତିରେ ଭିଡ ଜମେ ହଟ୍ଟକେଶ୍ୱର ଓ ଅତ୍ରି ପୀଠରେ। ମାସାନ୍ତର ଅପରାହ୍ନରେ ହଟ୍ଟକେଶ୍ୱର ମନ୍ଦିରରେ ମନୋସ୍କାମନା ପୂରଣ ପାଇଁ ପ୍ରବେଶ କରିବାକୁ ପଡେ। ରାତିରେ ପହିଲିବର ପାଦୁକ ବାହାରିଲେ ଏହି ପାଣିରେ ସ୍ନାନ କରି ଉଷ୍ମ ପ୍ରସ୍ରବଣ ଯିବାକୁ ପଡେ। ମକର





ସଂକ୍ରାନ୍ତି ଭୋରରୁ ଅତ୍ରି ଉଷ୍ମ ପ୍ରସ୍ରବଣ ଦହଲ(ମାନସିକ କୁଣ୍ଡ)ରେ ଅପୁତ୍ରକ ମହିଳାମାନେ ଗୁଆ ଖୋଜିଥାନ୍ତି। ଗୁଆ ପାଇବା ପରେ ଉଷ୍ମ ପ୍ରସ୍ରବଣରେ ସ୍ନାନ କରି ପୁନର୍ବାର ଫେରି ହଟ୍ଟକେଶ୍ୱରଙ୍କ ଦର୍ଶନ କରି ମନୋସ୍କାମନା ପୂର୍ଣ୍ଣ କରିବାକୁ ପ୍ରାର୍ଥନା କରନ୍ତି। ଅନ୍ୟପକ୍ଷେ ମକର ସଂକ୍ରାନ୍ତିରେ ଶୋଭାଯାତ୍ରାରେ ହଟ୍ଟକେଶ୍ୱର ଉଷ୍ମ ପ୍ରସ୍ରବଣକୁ ଆସି ଆବାଳ ବୃଦ୍ଧବନିତାକୁ ଦର୍ଶନ ଦିଅନ୍ତି। ଏ ଅବସରରେ ମାନସିକ କୁଣ୍ଡକୁ ସ୍ୱତନ୍ତ୍ର ଭାବେ ବାରିକେଟ କରାଯାଇଛି।

### ପୁରୀ ଗଜପତିଙ୍କ ଖଞ୍ଜା ମକର ଚାଉଳ

ମକର ଚାଉଳ ପୁରୀ ଗଜପତିଙ୍କ ଖଞ୍ଜା। ଏହି ଜମି ଖାଉଥିବା ହଳଦୀପଦାର ଭକ୍ତ ମକର ସଂକ୍ରାନ୍ତିର ଅପରାହ୍ନ ୩ ଟାରେ ମକର ଚାଉଳ ଭୋଗ କରିବାକୁ ଦେଇଥାନ୍ତି। ମକର ପ୍ରସ୍ତୁତି ପରେ ଠାକୁରଙ୍କ ପାଖରେ ଲାଗି ହୁଏ। ପରେ ୨୫ ପ୍ରତିଶତ ଭୋଗ ମନ୍ଦିରରେ ରୁହେ। ଯାହାକି ଭକ୍ତମାନେ ସେବନ କରନ୍ତି। ଅବଶିଷ୍ଟ ୭୫ ପ୍ରତିଶତ ମକର ଚାଉଳକୁ ହଳଦୀପଦା ଭକ୍ତ ସେବନ କରିବା ସହ ଘରକୁ ନେଇଥାନ୍ତି ବୋଲି କୁହନ୍ତି ଠାକୁରଙ୍କ ସେବାସୀ ବ୍ରହ୍ମଚାରୀ ମହାପାତ୍ର।

### ମକରମେଳା, ମହୋତ୍ସବ ପାଇଁ ଚାଲିଛି ପ୍ରସ୍ତୁତି

ଶୀତୁଆ ସକାଳ ପର୍ଯ୍ୟଟକଙ୍କ ପାଇଁ ଆଣି ଦେଇଛି ଅପୂର୍ବ ସୁଯୋଗ। ପର୍ଯ୍ୟଟକ ଉଷ୍ମ ପ୍ରସ୍ରବଣରେ ସ୍ନାନ କରି ଶୀତୁଆ ସକାଳର ମଜା ଉଠାଉଛନ୍ତି। ଅତ୍ରିରେ ସ୍ନାନ ପରେ ପର୍ଯ୍ୟଟକମାନେ ନିକଟରେ ଥିବା ପ୍ରସିଦ୍ଧ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ଦର୍ଶନ କରି ପୁଣ୍ୟ ଅର୍ଜନ କରୁଛନ୍ତି। ଏଭଳିସ୍ଥଳେ ଜାନୁୟାରୀ ୧୫ରେ ମକର ମେଳା ଓ ମକର ମହୋତ୍ସବ। ଏଥିପାଇଁ ଅତ୍ରି ଉଷ୍ମ ପ୍ରସ୍ରବଣ ସଜେଇ ହେଉଛି। ଏହା ପରିସରରେ ମୋରମ ପଡୁଛି। ପରିତ୍ୟକ୍ତ ହୋଇ ରହିଥିବା ପାନ୍ଥଶାଳା ଓ ଶୌଚାଳୟର ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଛି। ମହୋତ୍ସବ ଓ ମେଳା ଉଦ୍ଦେଶ୍ୟରେ ଟେଣ୍ଟ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହେଉଛି। ଦୋକାନ ବଜାର ପଡିବା ଆରମ୍ଭ ହେଲାଣି।